ॐ असतो मा सद्गमय ।
तमसो मा ज्योतिर्गमय ।
मृत्योर्माऽमृतं गमय ॥
ॐ शान्तिः शान्तिः शान्तिः ॥

तथास्तु

From the non-being to true being,
from the darkness to the Light,
from death to Immortality.
Om. Peace ! Peace ! Peace !

[Brihadaranyaka Upanishad (I.3.28)]

***"So be it"***

Sri Aurobindo

# RADHA'S PRAYER

O Thou whom at first sight I knew for the Lord of my being and my God, receive my offering.

Thine are all my thoughts, all my emotions, all the sentiments of my heart, all my sensations, all the movements of my life, each cell of my body, each drop of my blood. I am absolutely and altogether Thine, Thine without reserve. What Thou wilt of me, that I shall be. Whether Thou choosest for me life or death, happiness or sorrow, pleasure or suffering, all that comes to me from Thee will be welcome. Each one of Thy gifts will be always for me a gift divine bringing with it the supreme Felicity.

13 January 1932 The Mother



# ରାଧାଙ୍କ ପ୍ରାର୍ଥନା

ତୁମେ, ପ୍ରଥମ ଦର୍ଶନରେହିଁ ଯାହାଙ୍କୁ ମୁଁ ମୋ ସତ୍ତାର ପ୍ରଭୁ ଓ ମୋର ଈଶ୍ୱର ବୋଲି ଜାଣିଲି, ଗ୍ରହଣ କର ମୋର ଅର୍ଘ୍ୟ ।

ମୋର ଯାବତୀୟ ଭାବନା, ମୋର ଯାବତୀୟ ଆବେଗ, ମୋ ହୃଦୟର ଯାବତୀୟ ଭାବାନୁଭବ, ମୋର ଯାବତୀୟ ସଂବେଦ, ମୋ ଜୀବନର ଯାବତୀୟ ଗତିବିଧି, ମୋ ଶରୀରର ପ୍ରତ୍ୟେକ କୋଷ, ରକ୍ତର ପ୍ରତି ବିନ୍ଦୁହିଁ ତୁମର । ମୁଁ ଚୂଡ଼ାନ୍ତ ଏବଂ ସମଗ୍ରଭାବେ ତୁମର, ନିଃସର୍ତ୍ତରେ ତୁମର । ମୁଁ ଯାହା ହେବା ତୁମେ ଚାହିଁବ, ମୁଁ ତାହାହିଁ ହେବି । ତୁମେ ମୋ' ପାଇଁ ଜୀବନ ବା ମୃତ୍ୟୁ, ସୁଖ ବା ଦୁଃଖ, ଆମୋଦ ବା ବେଦନା, ତୁମେ ମୋ ପାଇଁ ଯାହା ବାଛିବ, ତୁମ ପାଖରୁ ଯାହା ଆସିବ, ତାହା ହେବ ସ୍ୱାଗତ । ତୁମର ପ୍ରତ୍ୟେକ ଉପହାର ସର୍ବଦା ମୋ ପାଇଁ ହେବ ଦିବ୍ୟ ଉପହାର – ଯାହା ନିଜ ସାଥିରେ ଆଣିଥିବ ପରମ ସୁଖାନୁଭବ ।

୧୩ ଜାନୁଆରୀ ୧୯୩୨ — ଶ୍ରୀମା



# ଯଥାର୍ଥ ମନୋଭାବ

## ଶ୍ରୀମା

### ସବୁକିଛି ଦେଇଦିଅ

ତୁମେ ଯେତିକି ଯେତିକି ନିଜକୁ ଭଗବାନଙ୍କୁ ଦେଇ ଚାଲିଥିବ, ସେତିକି ସେତିକି ସେ ତୁମ ପାଖେ ପାଖେ ରହିଥିବେ । ତୁମେ ନିଜକୁ ସଂପୂର୍ଣ୍ଣ ଓ ସମଗ୍ରଭାବେ, ଈଶ୍ୱରଙ୍କୁ ଦେଇଦେଲେ ଈଶ୍ୱର ମଧ ତୁମ ପାଖେ ସଂପୂର୍ଣ୍ଣଭାବେ, ସର୍ବଦା ପ୍ରତିଟି ମୁହୂର୍ତ୍ତରେ ରହିଥିବେ । ରହିଥିବେ ତୁମର ପାଖାପାଖି ତୁମର ପ୍ରତିଟି ଭାବନା, ଚିନ୍ତା ଭିତରେ – ତୁମର ସମସ୍ତ ଆବଶ୍ୟକତା ଭିତରେ, ଏବଂ ତୁମର ଏପରି କିଛି ଆସ୍ପୃହା ନଥିବ, ଯାହାର ପ୍ରତ୍ୟୁତ୍ତର ସେ ସଙ୍ଗେ ସଙ୍ଗେ ଦେଉ ନଥିବେ; ତୁମେ ମଧ ଈଶ୍ୱରଙ୍କ ସହିତ ଏକ ସଂପୂର୍ଣ୍ଣ, ଅବିରତ ଏକାତ୍ମତା ଅନୁଭବ କରିବ ଓ ତାଙ୍କର ଖୁବ୍ ନୈକଟ୍ୟ ଅନୁଭବ କରିବ । ସତେକି ତୁମେ ତାଙ୍କୁ ସର୍ବଦା ବହନ କରିଚାଲିଛ... ସତେକି ଈଶ୍ୱର ସବୁସମୟରେ ତୁମ ପାଖରେହିଁ ରହିଛନ୍ତି; ତୁମେ ଚାଲିଲେ ସେ ତୁମ ସଙ୍ଗେ ଚାଲୁଛନ୍ତି, ତୁମେ ଶୋଇଲେ ସେ ତୁମ ସହିତ ଶୋଉଛନ୍ତି, ତୁମେ ଖାଇଲେ ସେ ତୁମ ସହ ଖାଉଛନ୍ତି, ତୁମେ ଭାବିଲେ ସେ ତୁମ ସହ ଭାବୁଛନ୍ତି, ତୁମେ ଭଲ ପାଇଲେ ସେ ତୁମର ପ୍ରେମ ରୂପେ ତୁମ ସହ ରହିଛନ୍ତି । କିନ୍ତୁ ଏଥିପାଇଁ ତୁମେ ନିଜକୁ ସମ୍ପୂର୍ଣ୍ଣଭାବେ ତାଙ୍କୁ ଅର୍ପଣ କରିଦେବ, ସମଗ୍ରଭାବେ, ଏକାନ୍ତଭାବେ, କୌଣସି କୁଣ୍ଠା ନ ରଖି, କିଛି ନିଜ ପାଇଁ ନ ରଖି, କିଛି ଜାବୁଡ଼ି ନ ଧରି, ସବୁ କିଛି ତାଙ୍କୁ ଦେଇ ଦେବାକୁ ହେବ ।... ଯଦି ତୁମେ ତାଙ୍କୁ ସବୁ ସବୁକିଛି ଦେଇଦିଅ, ଯଦି ତୁମେ ତୁମର ବୋଲି ଆଉ କିଛି ନ ରଖ, ସେ ନିଶ୍ଚୟ ସର୍ବଦା ସଂପୂର୍ଣ୍ଣଭାବେ ତୁମ ସହିତ ରହିଥିବେ ତୁମର ସମସ୍ତ କର୍ମରେ, ତୁମର ସମସ୍ତ ଭାବନାରେ, ତୁମର ସମସ୍ତ ଅନୁଭବରେ, ସବୁବେଳେ, ସବୁ ମୁହୂର୍ତ୍ତରେ ରହିଥିବେ । କିନ୍ତୁ ଏଥିପାଇଁ ତୁମେ ନିଜକୁ ଓ ତୁମର ସବୁକିଛିକୁ ତାଙ୍କ ପାଖେ ନିଃଶେଷରେ ସମର୍ପି ଦେବାକୁ ହେବ, କିଛି ବୋଲି କିଛି ରଖିବାକୁ ହେବ ନାହିଁ; ଯଦି କିଛି ରଖ ତେବେ ତାହା ପଥରଟିଏ ପରି ତୁମର ଓ ଈଶ୍ୱରଙ୍କ ଭିତରେ କାନ୍ଥଟିଏ ହୋଇ ବ୍ୟବଧାନ ସୃଷ୍ଟି କରିବ ।

### ନିଜ ସଂକଳ୍ପକୁ ବି ଉପହାର ଦିଅ

ପ୍ରତି ମୁହୂର୍ତ୍ତରେ ତୁମେ ଯାହା ଇଚ୍ଛା କରୁଛ ବା ସଂକଳ୍ପ କରୁଛ ତାକୁ ଏକ ଆସ୍ପୃହାରେ ପରିଣତ କରି ଈଶ୍ୱରଙ୍କୁ ଉପହାର ସ୍ୱରୂପ ଅର୍ପଣ କରିଦିଅ – ତୁମର ଆସ୍ପୃହାଟି ଖାଲି ''ହେ ପ୍ରଭୁ, ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ'', ଏତିକି ହେବ ନାହିଁ କିନ୍ତୁ ଖୁବ୍ ସରଳ ଭାବେ ଏହିପରି ହେବା ଉଚିତ, ''ହେ ଈଶ୍ୱର ! ମୋର ଯେଉଁ କାର୍ଯ୍ୟ ଯେପରି ଭାବେ କରିବା କଥା, ମୁଁ ଯେପରି ତାହା ମୋର ସମସ୍ତ ସାମର୍ଥ୍ୟ ଦେଇ ଉତ୍ତମ ରୂପେ ସଂପାଦନ କରେ, ସେଥିପାଇଁ ମୋତେ କୃପା କର ।''

ପ୍ରତି ମୁହୂର୍ତ୍ତରେ ତୁମେ ହୁଏତ ଜାଣି ନ ଥାଇପାର ଯେ ସର୍ବୋତ୍ତମ କାର୍ଯ୍ୟଟି କ'ଣ ଓ ତାହାକୁ କିପରି କରାଯାଏ, କିନ୍ତୁ ଯେଉଁ ସର୍ବୋତ୍ତମ କର୍ତ୍ତବ୍ୟଟି କରାଯାଇପାରେ ତାହା ହେଲା, ତୁମର ଇଚ୍ଛାକୁ ଭଗବାନଙ୍କ ବିଚାର ପାଖରେ ଛାଡ଼ିଦେବା । ତୁମେ ଦେଖିବ ଯେ ଏହା ଦ୍ୱାରା ଚମତ୍କାର ଫଳ ମିଳୁଛି । ସଚେତନଭାବେ, ନିଷ୍ଠାପରଭାବେ ଓ ଧୈର୍ଯ୍ୟର ସହିତ ଏଥିପାଇଁ ପ୍ରୟାସ କର ଏବଂ ତୁମେ ଦେଖିବ, ଏହା ଦ୍ୱାରା କି ବିରାଟ ଉପଲବ୍ଧି ହେଉଛି । କଥାଟି ଏତିକି ଓ ଏଇଆ, ନୁହେଁ କି ? ତୁମେ ତୁମର ସମସ୍ତ ଆତ୍ମଶକ୍ତି ଓ ତୁମର ସମସ୍ତ ସଂକଳ୍ପଶକ୍ତି ନେଇ କାର୍ଯ୍ୟ କର; ପ୍ରତିଟି ମୁହୂର୍ତ୍ତରେ ଯାହା ସର୍ବାଧିକ ସମ୍ଭବ ତାହା କର, ଯାହା ସର୍ବୋତ୍କୃଷ୍ଟ ତାହା କର । ଅନ୍ୟମାନେ କ'ଣ କରୁଛନ୍ତି, ସେଥିରେ ତୁମର କିଛି ଯାଏ ଆସେ ନାହିଁ – ଏହା ଏପରି କଥା ଯେ, ମୁଁ ତୁମକୁ ବାରଂବାର ଏଇ ଗୋଟିକ କଥା କହିବା ସମ୍ଭବ ହେବ ନାହିଁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# କରୁଣା-ସ୍ପନ୍ଦିତ କେତୋଟି କାହାଣୀ

ଶ୍ରୀମାଙ୍କୁ ଏକ ଭାରତୀୟ କାହାଣୀ ଖୁବ୍ ଭଲ ଲାଗିଥିଲା : ତା'ର ବିଷୟବସ୍ତୁଟି ଏହିପରି : କୌଣସି ଏକ ଗାଁରେ ଏକାକିନୀ ରହିଥାଏ ଅତ୍ୟନ୍ତ ଦରିଦ୍ର ବୁଢ଼ୀଟିଏ ।

ଥରେ ରାତିରେ କେହି ଜଣେ ତା'ର ଟିକି କୁଡ଼ିଆର ତାଟିକବାଟ ବାଡ଼େଇଲା । ବୁଢ଼ୀ କବାଟ ଖୋଲିଦେଲା । ଜଣେ କ୍ଲାନ୍ତ ପଥିକ ରାତିକ ପାଇଁ ଆଶ୍ରୟ ଏବଂ କିଛି ଆହାର ଚାହୁଁଥିଲା ।

ବୁଢ଼ୀ ନିଷ୍କପଟରେ କହିଲା, ''ଶୀତ ରାତିରେ ତୁମକୁ ଉଷୁମ ଦେବାଭଳି ମୋର କମ୍ବଳ ଖଣ୍ଡିଏ ମଧ୍ୟ ନାହିଁ । ଚୁଲିରେ ନିଆଁ ନାହିଁ । ଆଜି ଜଣେ ମୋତେ ଗୋଟିଏ ପାଚିଲା ଆମ୍ବ ଦାନ କରିଥିଲେ । ଅଧା ଖାଇ ଅଧା ସାଇତି ରଖିଛି । ଆହାର ଭାବେ ତୁମକୁ ସେତିକି ଦେଇ ପାରେଁ ।

ସେ ପଥିକ ସ୍ୱୟଂ ଶିବ । ବୁଢ଼ୀଟି ତା'ର ଶେଷ ସଞ୍ଚୟ ଅଧାଖିଆ ଆମ୍ବଟି ତାଙ୍କୁ ଦେଇଦେବାକୁ ପ୍ରସ୍ତୁତ ଥିଲା – ନିଜକୁ ବଞ୍ଚିତ କରି । ଏହାହିଁ ପ୍ରକୃତ ଉପହାର; ପ୍ରକୃତ ଦାନ । କହିବା ବାହୁଲ୍ୟ ଶିବଙ୍କ କରୁଣାରେ ବୁଢ଼ୀର ଚେତନାରେ ଉଦ୍‌ଭାସିତ ହେଲା ଅମାପ, ଅମୂଲ୍ୟ ଐଶ୍ୱର୍ଯ୍ୟ ।

ଜଣକର ପ୍ରଚୁର ଧନସମ୍ପଦ ଥିବ ଏବଂ ସେ ତହିଁରୁ ଯତ୍‌କିଞ୍ଚିତ୍ ସମାଜକୁ ବା ଭଗବାନଙ୍କୁ ଅର୍ପଣ କରିବ – ସେଭଳି ଦାନର ଆଧ୍ୟାତ୍ମିକ ମୂଲ୍ୟ ନାହିଁ କିଂବା ଯଦି ଥାଏ, ତାହା ସାମାନ୍ୟ । ଯେଉଁଠି ଜଣେ ନିଜର ଉଦାରତା ବା ସ୍ୱତଃସ୍ଫୂର୍ତ୍ତ ଶୁଭେଚ୍ଛା ଦ୍ୱାରା ଅନୁପ୍ରାଣିତ ହୋଇ, ନିଜ ସ୍ୱାର୍ଥ ପ୍ରତି ବୀତସ୍ପୃହ ରହି ତ୍ୟାଗ ସ୍ୱୀକାର କରେ, ତାହାହିଁ ପ୍ରତିପାଦିତ କରେ ତା'ର ମହତ୍ତ୍ୱ ।

ଏ ଗଳ୍ପ ବିଶେଷାଙ୍କରେ ପରିବେଷିତ ଗଳ୍ପଗୁଚ୍ଛ ଭିତରୁ ବେଶ୍ କେତେଗୁଡ଼ିଏ ଗଳ୍ପର ମର୍ମବସ୍ତୁ ଏହି ପର୍ଯ୍ୟାୟର ତ୍ୟାଗ । କେଉଁ ଗଳ୍ପରେ ତାହା ଆପଣାର ସ୍ୱାଚ୍ଛନ୍ଦ୍ୟ ଓ ନିରାପତ୍ତା ତ୍ୟାଗର ଦୃଷ୍ଟାନ୍ତ ରୂପେ ଚିତ୍ରିତ ହୋଇଛି ତ ଅନ୍ୟ କେଉଁ ଗଳ୍ପରେ ତାହା ଆଉ କାହାକୁ ସାନ୍ତ୍ୱନା ଦେବା ନିମନ୍ତେ ଆପଣାର ସବୁଠାରୁ ପ୍ରିୟ ବସ୍ତୁକୁ ଉପହାର ରୂପେ ଦେଇଦେବାର ଦୃଷ୍ଟାନ୍ତ ରୂପେ ଉପସ୍ଥାପିତ ହୋଇଛି । ଖାଲି ସ୍ଥୂଳ ଐଶ୍ୱର୍ଯ୍ୟହିଁ ଏକମାତ୍ର ଦାନ ନୁହେଁ, ଅନ୍ୟ ପାଇଁ ଉତ୍ସର୍ଗିତ ଶୁଭେଚ୍ଛା, ସହାନୁଭୂତି ଓ କରୁଣା ମଧ୍ୟ ସୂକ୍ଷ୍ମଦାନ, ପବିତ୍ର ଉପହାର ।

ପ୍ରକୃତ ତ୍ୟାଗ ଉନ୍ନତ ଚେତନାର ସଙ୍କେତ । ସୃଜନଶୀଳ ସାହିତ୍ୟ ମାଧ୍ୟମରେ ସେହି ସଙ୍କେତ ଆମମାନଙ୍କର ଚେତନାରେ ନିହିତ ମହତ୍ତର ମାନବିକତାକୁ ସ୍ପର୍ଶକରେ । ଆମେ ଅଭିଭୂତ, ପୁଲକିତ ଅନୁଭବ କରୁ ।

ଆଶା, 'ନବପ୍ରକାଶ'ର ଏ ପ୍ରୟାସ ସାର୍ଥକ ହେବ; ପତ୍ରିକାର ସହସ୍ର ସହସ୍ର ପାଠକଙ୍କୁ ଏହା ଅନୁପ୍ରାଣିତ କରିବ ।

❑❑❑

# ଦାତା

## ଶ୍ରୀମା

ରାଜା ରନ୍ତିଦେବ ଅରଣ୍ୟକୁ ଯାଇ ସେଠାରେ ଜଣେ ସନ୍ନ୍ୟାସୀ ପରି ଜୀବନଯାପନ କଲେ । ଆପଣାର ସକଳ ସମ୍ପତ୍ତିକୁ ସେ ଦରିଦ୍ରମାନଙ୍କ ଲାଗି ଦାନକରି ଦେଇଥିଲେ ଏବଂ ଅରଣ୍ୟର ନିର୍ଜନ ନିବାସଟିରେ ଏକ ସରଳ ଜୀବନଯାପନ କରୁଥିଲେ । ଯେତିକି ନିତାନ୍ତ ଆବଶ୍ୟକ, ସିଏ ଏବଂ ତାଙ୍କର ପରିବାରବର୍ଗ ସେତିକିରେ ଚଳି ଯାଉଥିଲେ ।

ଦିନେ ସେ ଅଠଚାଳିଶ ଘଣ୍ଟା ଉପବାସ କରିବା ପରେ, ତାଙ୍କ ଲାଗି ତଣ୍ଡୁଳ, କ୍ଷୀର ଓ ଶର୍କରା ଦେଇ ଏକ ସାଧାରଣ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା ।

ସେତିକିବେଳେ ଜଣେ ଦରିଦ୍ର ବ୍ରାହ୍ମଣ ତାଙ୍କ କୁଟୀରର ଦ୍ୱାରଦେଶରେ ଆସି ପହଞ୍ଚିଲେ ଏବଂ ଖାଦ୍ୟ ମାଗିଲେ । ରନ୍ତିଦେବ ତାଙ୍କ ଖାଦ୍ୟରୁ ଅର୍ଦ୍ଧାଂଶ ବ୍ରାହ୍ମଣକୁ ଦାନ କଲେ । ତା'ପରେ ଜଣେ ଶୂଦ୍ର ମଧ୍ୟ ସେହିପରି ଅନ୍ନଭିକ୍ଷା କରି ସେଠାରେ ଆସି ପହଞ୍ଚିଲେ ଏବଂ ରନ୍ତିଦେବ ତାଙ୍କୁ ଆପଣା ଅବଶିଷ୍ଟ ଖାଦ୍ୟର ଅର୍ଦ୍ଧାଂଶ ଦାନ କରି ଦେଇଥିଲେ ।

ତା'ପରେ ସେ ଗୋଟିଏ କୁକୁର ଭୋ ଭୋ ହୋଇ ଭୁକୁଥିବାର ଶୁଣି ପାରିଲେ । କୁକୁରଟି ଖାଇବାକୁ ନପାଇ କଷ୍ଟ ପାଉଥିବା ପରି ବୋଧ ହେଉଥିଲା । ରନ୍ତିଦେବ ତାଙ୍କ ନିଜ ଲାଗି ବଳିଥିବା ଖାଦ୍ୟକୁ କୁକୁରକୁ ଦାନ କରିଦେଲେ । ସବାଶେଷରେ ଜଣେ ମେହେନ୍ତର ଆସି ସନ୍ନ୍ୟାସୀଙ୍କର ଦ୍ୱାର ଦେଶରେ ଉପସ୍ଥିତ ହେଲେ ଏବଂ ସାହାଯ୍ୟ ପ୍ରାର୍ଥନା କଲେ; ରନ୍ତିଦେବ ତାଙ୍କୁ କ୍ଷୀର ଓ ଶର୍କରାତକ ଦାନ କରିଦେଲେ ଏବଂ ଆପେ ଉପବାସକୁ ଅବିଚ୍ଛିନ୍ନ ରଖିଲେ ।

ତା'ପରେ ଚାରିଜଣ ଦେବତା ଆସି ସେଠାରେ ପହଞ୍ଚି କହିଲେ :

''ରନ୍ତିଦେବ, ଆପଣ ଆମମାନଙ୍କୁ ଅନ୍ନଦାନ କରିଛନ୍ତି, ଆମେମାନେହିଁ ବ୍ରାହ୍ମଣ, ଶୂଦ୍ର, କୁକୁର ଏବଂ ଦରିଦ୍ର ଅସବର୍ଣ୍ଣ ହୋଇ ଆପଣଙ୍କ ଦ୍ୱାରକୁ ଆସିଥିଲୁ । ଆପଣ ଆମକୁ ଅନେକ ଦୟା ଦେଖାଇଲେ ଓ ଆପଣଙ୍କର ଏହି ଶ୍ରଦ୍ଧାମୟ ବିଚାର ସକାଶେ ଆମେ ଆପଣଙ୍କୁ ପ୍ରଶଂସା କରୁଛୁ ।''

ଯାହାର ହୃଦୟରେ ଦୟା ଥାଏ, ସିଏ ସବୁ ମଣିଷ ଏବଂ ଏପରିକି ପଶୁଙ୍କୁ ବି ଗୋଟିଏ ପରିବାରର ଅନ୍ତର୍ଭୁକ୍ତ ବୋଲି ବିଚାର କରିଥାଏ, — ଗୋଟିଏ ମନୁଷ୍ୟଜାତିର ଅନ୍ତର୍ଭୁକ୍ତ ବୋଲି ବିଚାର କରିଥାଏ ।

*

ପ୍ରାୟ ସବୁଦିନ କ'ଣ ଆମର ଏପରି ଅନେକ ଲୋକଙ୍କ ସହିତ ସାକ୍ଷାତ୍ ହୁଏ ନାହିଁ, ଯେଉଁମାନେ କି ଆମ ତୁଳନାରେ ଅନେକ କମ୍ ଜାଣିଥା'ନ୍ତି ? ସେମାନଙ୍କୁ ଆମେ ଇଚ୍ଛା କଲେ ଖାଦ୍ୟ, ବସ୍ତ୍ର, ବ୍ୟାୟାମ, କର୍ମ ଓ ଅବସର ବିଷୟରେ ଅନେକ କଥା କହି ପାରନ୍ତେ ଓ ତଦ୍ଦ୍ୱାରା ସେମାନଙ୍କର ଅନେକ ଉପକାର ହୁଅନ୍ତା ।

ଭୋକିଲା ମଣିଷକୁ ଖାଦ୍ୟ ଆଣିଦେବା ଆମର ଯେତିକି କର୍ତ୍ତବ୍ୟ, ସେହି ଲୋକମାନଙ୍କୁ ଜ୍ଞାନ ଦାନ କରିବା ମଧ୍ୟ ସେହିପରି ଆମର କର୍ତ୍ତବ୍ୟ ।

ଜଣେ ଅଜ୍ଞ ମଣିଷ ନିଜର ଅନେକ କ୍ଷତି କରିଥାଏ, ତା'ର ଚତୁର୍ଦ୍ଦିଗରେ ବାସ କରୁଥିବା ଅନ୍ୟ ମଣିଷଙ୍କର ମଧ୍ୟ କ୍ଷତି କରେ । ସେହି ଖରାପ ବଇଁଶୀ ବଜାଳି ଯେପରି ବ୍ରାହ୍ମଣ-ଲାଗି କେତେ ଦୁଃଖର କାରଣ ହେଲା, ଠିକ୍ ସେହିପରି । ସେକଥା କିପରି ଘଟିଲା, ତାହା ତୁମେମାନେ କେବେ ଶୁଣିଛ କି ?

ଦିନେ ଗୋଟିଏ ବ୍ରାହ୍ମଣ ଗ୍ରାମର ପଥ ଦେଇ ଚାଲି ଯାଉଥିବା ସମୟରେ ପାଖରେ ଥିବା ଗୋଟିଏ ଅଶ୍ୱତ୍ଥ ଗଛରୁ ଗୋଟିଏ କଣ୍ଠସ୍ୱର ଭାସି ଆସୁଥିବାର ଶୁଣିପାରି ଭାରି ଆଶ୍ଚର୍ଯ୍ୟ ହୋଇଯାଇଥିଲା । ସେହି କଣ୍ଠ ସ୍ୱରଟି ତାକୁ କେତେଥର ଡାକି କହିଲା ଯେ ସେ ପୋଖରୀରେ ଯାଇ ଗାଧୋଇବ ନାହିଁ, ତା'ର ସନ୍ଧ୍ୟା ଉପାସନା କରିବ ନାହିଁ, ଆହାର ଗ୍ରହଣ କରିବ ନାହିଁ ଓ ସେଠାରୁ ମଧ୍ୟ ଅନ୍ୟତ୍ର ଯିବ ନାହିଁ ।

ତେଣୁ ବ୍ରାହ୍ମଣଟି ଚିତ୍କାର କରି ଉତ୍ତର ଦେଲା, ''ଏସବୁ କରି ତ ମୁଁ କାହାରି କୌଣସି କ୍ଷତି କରୁ ନାହିଁ, — ତୁ କିଏ ମୋତେ ସେହିସବୁ କାର୍ଯ୍ୟକୁ ବନ୍ଦ କରିବା ପାଇଁ କହିବାକୁ ?''

ଅଶ୍ୱତ୍ଥ ଗଛ ଭିତରୁ ସେହି କଣ୍ଠଟି ଉତ୍ତର ଦେଇ କହିଲା :

''ମୁଁ ହେଉଛି ଗୋଟିଏ ବ୍ରହ୍ମରାକ୍ଷସ । ଆର ଜନ୍ମରେ ମୁଁ ଜଣେ ବ୍ରାହ୍ମଣ ଥିଲି, ସଙ୍ଗୀତ ବିଦ୍ୟାରେ ଅତି ପାରଙ୍ଗମ ଥିଲି ମାତ୍ର ମୋର ବିଦ୍ୟାଟିକୁ ଅନ୍ୟ କାହାରିକୁ ଶିଖାଇବା ଲାଗି ଆଦୌ

ଇଚ୍ଛୁକ ନ ଥିଲି । ମୋ ବିଦ୍ୟାଟିକୁ ମୁଁ କେବଳ ଆପଣା ପାଖରେ ରଖିବାକୁହିଁ ଇଚ୍ଛା କରୁଥିଲି । ବର୍ତ୍ତମାନ ସେହି ଅପରାଧ ଫଳରେ ମୁଁ ଗୋଟିଏ ବ୍ରହ୍ମରାକ୍ଷସରେ ପରିଣତ ହୋଇଛି ଓ ପ୍ରତ୍ୟେକ ଦିନ ଜଣେ ବଂଶୀବାଦକର ବଂଶୀ ଶୁଣିବାକୁ ବାଧ ହେଉଛି । ସିଏ ଯେ କେଡ଼େ ଖରାପ ଭାବରେ ବଂଶୀ ବଜାଉଛି, ସେକଥା ମୁଁ ତୁମକୁ କ'ଣ କହିବି ? ତାକୁ ଶୁଣିବା ପ୍ରକୃତରେ ଏକ ବଡ଼ ଭୟଙ୍କର କଥା, ଅନେକ ସମୟରେ ମୁଁ ଭାବେ ଯେ ସେ ସଙ୍ଗେ ସଙ୍ଗେ ଏଇ ଗଛ ଭିତରୁ ବାହାରକୁ ବାହାରି ଆସିବ, ତା' ହାତରୁ ବଇଁଶୀଟିକୁ ଛଡ଼ାଇ ନେଇଯିବି ଓ କିପରି ବଂଶୀ ବଜାଇବାକୁ ହୁଏ, ଆଙ୍ଗୁଠିଗୁଡ଼ାକୁ କେଉଁଠାରେ ରଖିବାକୁ ହୁଏ ଏବଂ କିପରି ନିଃଶ୍ୱାସ ନେବାକୁ ହୁଏ ଇତ୍ୟାଦି ସବୁକଥା ତାକୁ ଶିଖାଇଦେବି । ମାତ୍ର ସେକଥା ମୁଁ କେବେ କହିପାରୁ ନାହିଁ ଏବଂ ତା'ର ସେହି ଭୟଙ୍କର ବାଦନଟିକୁ ଶୁଣିବାକୁ ବାଧ ହେବାରେ ଲାଗିଛି ।...''

ବର୍ତ୍ତମାନ ମୁଁ ତୁମମାନଙ୍କୁ ସେହି ଗଳ୍ପଟିର ବାକୀ ଅଂଶଟିକୁ ଆଉ କହିପାରିବି ନାହିଁ । କେବଳ ଏତିକିମାତ୍ର କହିବି ଯେ, ତା'ର ସେହି ଦଣ୍ଡଭୋଗରୁ ତାକୁ ନିଷ୍କୃତି ଦେବା ଲାଗି ବ୍ରାହ୍ମଣକୁ ସୌଭାଗ୍ୟବଶତଃ କୌଣସି ଏକ ଉପାୟ ଅବଶେଷରେ ମିଳିଥିଲା । ମାତ୍ର, ଆମ ଚତୁର୍ଦ୍ଦିଗରେ ରହିଥିବା ଲୋକମାନଙ୍କର ଖରାପ କାର୍ଯ୍ୟ, ଖରାପ କଳା ଓ ଖରାପ ସଙ୍ଗୀତ ହେତୁ ଆମକୁ ଯେ କେତେ ଦୁର୍ଦ୍ଦଶାରେ ଆସି ପଡ଼ିବାକୁ ହୁଏ, ତୁମେମାନେ ଏହି ଗଳ୍ପଟିରୁ ସେକଥା ନିଶ୍ଚୟ ହୃଦୟଙ୍ଗମ କରିପାରୁଥିବ ।

*

ଯଦି କୌଣସି ବ୍ୟକ୍ତିକୁ ଭୋକ କରୁଛି, ତେବେ ତା'ର ସେହି ଦୁଃଖଟିକୁ ଦୂର କରିବା ଲାଗି ଠିକ୍ କେଉଁ ଜିନିଷର ପ୍ରୟୋଜନ ରହିଛି ? ତା'ର ଖାଦ୍ୟ ଲାଗିହିଁ ପ୍ରୟୋଜନ ରହିଛି । ଯଦି କାହାକୁ ଶୋଷ କରୁଛି, ତେବେ କେଉଁ ପଦାର୍ଥଟି ଦ୍ୱାରା ତାହାର ସେହି ଦୁଃଖଟିର ନିରାକରଣ ହୋଇପାରିବ ? ଜଳ ଦ୍ୱାରାହିଁ ତାହା ସମ୍ଭବ ହେବ । ଯଦି କେଉଁ ମଣିଷ ଅଜ୍ଞାନ ହୋଇ ରହିଛି, ତେବେ ତାକୁ କିପରି ଭାବରେ ସାହାଯ୍ୟ କରାଯାଇପାରିବ ? ତାହାକୁ ଜ୍ଞାନ ଦାନ କରିବା ଦ୍ୱାରା ।

ଭୋକିଲା ମଣିଷକୁ ଖାଦ୍ୟ ଦେବା, ତୃଷାର୍ତ୍ତକୁ ଜଳ ଦେବା ଏବଂ ଅଜ୍ଞାନକୁ ଜ୍ଞାନ ଦେବା,– ଏହାହିଁ ସମୁଚିତ କର୍ତ୍ତବ୍ୟ ।

ପଣ୍ଡୁଙ୍କର ପାଞ୍ଚପୁତ୍ର ପାଣ୍ଡବମାନେ ଥରେ ଏପରି ଗୋଟିଏ ସ୍ଥାନରେ ବାସ କରୁଥିଲେ, ଯାହାକି ହଠାତ୍ ଅନାଇ ଦେଲାବେଳକୁ ଗୋଟିଏ ଭାରି ସୁନ୍ଦର ଓ ଆରାମଦାୟକ ସ୍ଥାନ ବୋଲି ମନେ ହେଉଥିଲା । ମାତ୍ର ପୁରୋଚନ ନାମକ ସେମାନଙ୍କର ଜଣେ ଶତ୍ରୁ ସେହି ସ୍ଥାନଟିକୁ ତିଆରି କରିଥିଲା । ପୁରୋଚନ ସେହି ଗୃହର ଚଟାଣ, କାନ୍ଥ ଓ ଛାତଗୁଡ଼ିକୁ ଜଉ ଦେଇ ନିର୍ମାଣ କରିଥିଲା । ତା'ର ମତଲବ ଥିଲା ଯେ ଦିନେ ରାତିରେ ପାଣ୍ଡବମାନେ ସେହି ଘରେ ଶୋଇଥିବା ସମୟରେ ସେ ସେଥିରେ ଯାଇ ନିଆଁ ଲଗାଇଦେବ । ତେବେ ଯାଇ ସେ ଘୃଣା କରୁଥିବା ରାଜକୁମାରମାନେ ଏକାବେଳେକେ ବିନଷ୍ଟ ହୋଇଯାଇପାରିବେ ।

ସିଏ ପ୍ରକୃତରେ ଏତେବେଶୀ ଖଳ ପ୍ରକୃତିର ଥିଲା ଯିଏକି ନିଜର ମନ୍ଦ ଅଭିପ୍ରାୟଟିକୁ ଚରିତାର୍ଥ କରିବା ସକାଶେ କେଡ଼େ କୌଶଳରେ ଘରଟିକୁ ତିଆରି କରିଥିଲା ଏବଂ ଚତୁର ଭାବରେ ଷଡ଼ଯନ୍ତ୍ରଟିକୁ କରିଥିଲା ।

ଥରେ ଜଣେ ଭାରି ଅଭିଜ୍ଞ ସୁଡ଼ଙ୍ଗ ଖୋଳାଳି ସେଠାରେ ଆସି ପହଞ୍ଚିଲା ଓ ରାଜକୁମାରମାନଙ୍କୁ ଗୋପନରେ ଡାକି କହିଲା :

'ଆପଣମାନଙ୍କର ଜଣେ ବନ୍ଧୁ ଆପଣମାନଙ୍କୁ କିଛି ସାହାଯ୍ୟ କରିବା ଲାଗି ମୋତେ ଏଠାକୁ ପଠାଇଛନ୍ତି । ସୁଡ଼ଙ୍ଗ ଖୋଳିବା ହେଉଛି ମୋର କାର୍ଯ୍ୟ । ମୋତେ କୁହନ୍ତୁ ମୁଁ କିପରି ଆପଣମାନଙ୍କୁ ସାହାଯ୍ୟ କରିପାରିବି । ମୁଁ ନିଶ୍ଚିତ ଭାବରେ ଜାଣିଛି ଯେ ଆପଣମାନଙ୍କର ଶତ୍ରୁ ପୁରୋଚନ ଆପଣମାନଙ୍କୁ ଏହି ଘର ଭିତରେ ଜିଅନ୍ତା ନିଆଁରେ ପୋଡ଼ି ମାରିଦେବ ।'

ଏକଥା ଶୁଣି ଜ୍ୟେଷ୍ଠତମ ପାଣ୍ଡବ ତାକୁ କହିଲେ :

''ତେବେ ଆପଣ ଆପଣଙ୍କର ସୁଡ଼ଙ୍ଗ ଖୋଳିବାର କୌଶଳକୁ କାମରେ ଲଗାଇ ଆମ ଲାଗି ମାଟି ତଳେ ଗୋଟିଏ ସୁଡ଼ଙ୍ଗ ଖୋଳି ଦିଅନ୍ତୁ, ଯେପରିକି ବାହାରେ ଫାଟକରେ ଜଗୁଆଳିମାନେ ଜଗି ରହିଥିଲେ ମଧ ଆମେ ଏଠୁ ଖସି ଅନ୍ୟତ୍ର ଚାଲିଯାଇ ପାରିବୁ । କାରଣ ଆପଣଙ୍କ ଦକ୍ଷତା ଦ୍ୱାରା ଆପଣଙ୍କ ଯନ୍ତ୍ରରେ ଖୋଳା ହୋଇଥିବା ଗୁପ୍ତ ପଥଟିରେ ଆମେ ଏହି ଘର ଭିତରୁ ବାହାରି ଚାଲି ଯାଇପାରିବୁ ।''

ପ୍ରାସାଦ ଚଟାଣର ଠିକ୍ ମଝି ସ୍ଥାନରେ ସୁଡ଼ଙ୍ଗ ଖୋଳାଳି ଖୋଳିବାକୁ ଆରମ୍ଭ କଲା । ସେହି ଗାତ ଉପରେ ପକାଇ ରଖିବା ଲାଗି ପାଣ୍ଡବମାନେ କାଠପଟା ଯୋଗାଡ଼ କରି

ଆଣିଲେ । କାଠପଟାଗୁଡ଼ିକୁ ସେମାନେ ଗାଲିଚା ଦେଇ ଘୋଡ଼ାଇ ରଖିଲେ । ପୁରୋଚନ ସେହି ଘର ଭିତରକୁ ଆସୁଥିବାବେଳେ ସେମାନେ ଗାତ ମୁହଁଟିକୁ ସେହିପରି ଘୋଡ଼ାଇ ରଖୁଥିଲେ । ତେଣୁ ପ୍ରବଞ୍ଚକକୁ ବେଶ୍ ପ୍ରବଞ୍ଚନା କରିଥିଲେ ।

ବାହାରି ଯିବାର ସମ୍ପୂର୍ଣ୍ଣ ପଥଟି ପ୍ରସ୍ତୁତ ବୋଲି ଅବଶେଷରେ ରାଜକୁମାରମାନଙ୍କୁ ସମ୍ବାଦ ଦିଆଗଲା । ସେହି ପଥଟି ଘର ଭିତରୁ ଏକାବେଳେକେ ଜଙ୍ଗଲ ଭିତରର ଗୋଟିଏ ମନୋରମ ସ୍ଥାନ ଯାଏଁ ପଡ଼ିଥିଲା ।

ଦିନେ ରାଜକୁମାରମାନେ ସେହି ଘରଟିରେ ନିଆଁ ଲଗାଇ ଦେଇଥିଲେ ଏବଂ ତା'ପରେ ସେମାନେ ଜନନୀ କୁନ୍ତୀଙ୍କ ସହିତ ମାଟିତଳେ ଖୋଳା ହୋଇଥିବା ବାଟଟି ଦେଇ ବାହାରକୁ ପଳାଇଯାଇ ପାରିଥିଲେ । ବାଟଟି ଅନ୍ଧାରୁଆ ହୋଇଥିଲେ ମଧ୍ୟ ନିରାପଦ ଅବଶ୍ୟ ଥିଲା । ତା'ର ଅନ୍ୟ ଭାଇମାନେ ଯଥେଷ୍ଟ ବେଗରେ ବାହାରି ଯାଇପାରୁ ନ ଥିବାର ଦେଖି ଭୀମ ମାଆଙ୍କୁ ନେଇ କାନ୍ଧ ଉପରେ ବସାଇଲା, ନିଜର ଦୁଇ ଭାଇଙ୍କୁ ନିଜର ପିଚା ଉପରେ ବସାଇଲା ଏବଂ ଅନ୍ୟ ଦୁଇଭାଇଙ୍କୁ କାଖ କରିନେଲା । ନିଜ ଉପରେ ଏହି ସବୁଯାକ ବୋଝକୁ ଲଦି ସେ ପବନ ବେଗରେ ଧାଇଁ ଯିବାକୁ ଲାଗିଲା ଏବଂ ସମସ୍ତଙ୍କୁ ସେହି ଭୀଷଣ ଅଗ୍ନିର କବଳରୁ ରକ୍ଷା କରିଥିଲା ।

ଦକ୍ଷ ସୁଡ଼ଙ୍ଗ-ଖୋଳାଳିର କୌଶଳଟି ଯୋଗୁଁ ପୁରୋଚନର ସବୁ ଷଡ଼ଯନ୍ତ୍ର ମାଟି ହୋଇଗଲା । ଆପଣା ଲାଗି କୌଣସି ଧନସମ୍ପଦର ଅନୁସନ୍ଧାନ କରି ସୁଡ଼ଙ୍ଗ ଖୋଳାଳି ସୁଡ଼ଙ୍ଗଟିକୁ ମୋଟେ ଖୋଳି ନ ଥିଲା । ସିଏ ଅନ୍ୟମାନଙ୍କ ସକାଶେ ତାହା କରିଥିଲା । ଆପଣାର ଜ୍ଞାନକୁ ସେ ଅନ୍ୟମାନଙ୍କ କାମରେ ଆଣି ଲଗାଇଲା, ଆପଣାର ବିଜ୍ଞାନଟିକୁ ସେ ଅନ୍ୟମାନଙ୍କର ଉପକାର ଲାଗି ପ୍ରୟୋଗ କରିଥିଲା ।

ପୃଥିବୀର ଉନ୍ନତତମ ଜାତିକୁ ମଧ୍ୟ କଦାପି ଯାବତୀୟ ବିଦ୍ୟା ଜଣା ନ ଥାଏ । ତେଣୁ ଆମକୁ ପରସ୍ପରଠାରୁ ମଧ୍ୟ ଶିକ୍ଷା କରିବାକୁହିଁ ପଡ଼ିବ; ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିଠାରୁ ଶିଖିବ । ଗୋଟିଏ ଜାତି ଆଉ ଗୋଟିଏ ଜାତିଠାରୁ ଶିଖିବ । ପୃଥିବୀର ଗୋଟିଏ ଅଂଶ ଆଉ ଗୋଟିଏ ଅଂଶଠାରୁ ଶିକ୍ଷା କରିବ । ତେଣୁ ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ବ୍ୟକ୍ତି ଯାହାକିଛି ଜାଣିଛି, ସିଏ ତାହାକୁ ଖୁସି ହୋଇ ଅନ୍ୟମାନଙ୍କୁ ଶିକ୍ଷା ଦେବ ।

ପୃଥିବୀର ପାଶ୍ଚାତ୍ୟ ଜାତିମାନେ ପ୍ରାଚ୍ୟ ଜଗତକୁ ଆପଣାର ବିଜ୍ଞାନ, ଯନ୍ତ୍ରବିଦ୍ୟା ଏବଂ ଅର୍ଥନୀତି ପ୍ରଭୃତିର ଯାବତୀୟ ଜ୍ଞାନକୁ ବହନ କରି ଆଣିବେ ।

ଇତିହାସର ଆବହମାନ କାଳରୁହିଁ ପ୍ରାଚ୍ୟ ଭୂଖଣ୍ଡର ଜାତିମାନେ ପାଶ୍ଚାତ୍ୟ ଜଗତକୁ ଆପଣାର ଦର୍ଶନବିଦ୍ୟା ଦାନ କରି ଆସିଛନ୍ତି, ଆପଣାର ନୀତିଶାସ୍ତ୍ରୀୟ ଜ୍ଞାନକୁ ମଧ୍ୟ ଦେଇ ଆସିଛନ୍ତି । ଏହିପରି ଭାବରେ ବେଦରେ ଯେଉଁ ଜ୍ଞାନ ରହିଛି, ଯଥାର୍ଥ ମାର୍ଗ ବିଷୟରେ ବୁଦ୍ଧଦେବ ଯେଉଁସବୁ ଶିକ୍ଷା ଦେଇ ଯାଇଛନ୍ତି ଏବଂ ଏହି ଦେଶର ଅନ୍ୟ ଯାବତୀୟ ପବିତ୍ର ଗ୍ରନ୍ଥରେ ଯେଉଁସବୁ ଜ୍ଞାନ ରହିଛି, ଭାରତବର୍ଷ ଅନ୍ୟ ଦେଶଗୁଡ଼ିକୁ ସେହି ଜ୍ଞାନକୁ ବିତରଣ କରି ଆସିଛି ।

ଜଣେ ସାନ ପିଲା ମଧ୍ୟ ଜ୍ଞାନ ଦାନ କରିବାକୁ ଅବଶ୍ୟ ସମର୍ଥ ହେବ । ଗୋଟିଏ ପିଲା ଆଉ ଗୋଟିଏ ପିଲାକୁ ଅକ୍ଷରଗୁଡ଼ିକୁ ଶିଖାଇ ଦେଇପାରିବ, ସରଳ ପାଟିଗଣିତ କରିବା ଶିଖାଇ ଦେଇ ପାରିବ । ତାକୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ବାହାର କରି ଶିଖାଇ ଦେଇପାରିବ । ଗୋଟିଏ ଗଣ୍ଠି ପକାଇ ଶିଖାଇ ଦେଇପାରିବ, କୌଣସି ଏକ ଖେଳ ଶିଖାଇ ଦେଇପାରିବ, ଗୋଟିଏ ମଞ୍ଜି ଲଗାଇବା ବି ଶିଖାଇ ଦେଇପାରିବ ।

ଆମେ ସମସ୍ତେ କିଛି ନା କିଛି ଦେବାକୁ ଅବଶ୍ୟ ସମର୍ଥ ହେବା । କୌଣସି ଏକ ପବିତ୍ର ଗ୍ରନ୍ଥରେ ଲିଖିତ ଅଛି, ''ଗ୍ରହଣ କରିବା ଅପେକ୍ଷା ଦେବାରେହିଁ ଅଧିକ ଶ୍ରେୟଃ ରହିଛି ।''

(ମାତୃ ରଚନାବଳୀ ୨ୟ ଖଣ୍ଡ, ପୃ. ୩୫୩)

❑❑❑

# ଶେଷ ବସନ୍ତର ଚିଠି

## ମନୋଜ ଦାସ

ଛୋଟ ସହରଟିଏ, ଅପେକ୍ଷାକୃତ ଜନବିରଳ । ପଶ୍ଚିମପ୍ରାନ୍ତରେ କେତୋଟି ଆଧୁନିକ ଧରଣର ଘର – ଆକାଶ ରଙ୍ଗର, ବିସ୍କୁଟ୍ ରଙ୍ଗର, କଦବା ସବୁଜ ଅଙ୍ଗୁର ଭଳି ଟହଟହ ସ୍ୱଚ୍ଛ ଓ ଲୋଭନୀୟ ।

ଏଇ କଲୋନୀର ଶେଷ ପ୍ରାନ୍ତରେ ଯେଉଁ ଦୁଇ ମହଲା ଘରଟି, ସଯତ୍ନବର୍ଦ୍ଧିତ ଫଳପୁଷ୍ପର ଗଛଲତା ଗହନରୁ ସେଇଟା ଦୂରକୁ ଦେଖାଯାଏ ଗୋଟାଏ ନୀଡ଼ ଭଳି ।

ନୀଡ଼ ଭିତରୁ ଯିମିତି ବିହଙ୍ଗ ଶାବକଟିଏ ଆଖି ଟେଲି ଅନାଏ, ଠିକ୍ ସିମିତି ଦ୍ୱିତଳର ବାରନ୍ଦାରେ କେତୋଟି ପତ୍ରପୁଷ୍ପୋଚ୍ଛଳ ଟବ୍ ଭିତରୁ ଟିକି ଝିଅଟିଏ ରେଲିଂ ଉପରେ ଭରା ଦେଇ ଅନାଇ ରହିଥାଏ ରାଜପଥର ଦୃଶ୍ୟମାନ ସୀମା ପର୍ଯ୍ୟନ୍ତ ।

ସେ ପଥରେ ଦୈନିକ ଯାଏ କେତେ ଯାନବାହନ, କେତେ କିସମର । କିନ୍ତୁ ଟିକି ଝିଅଟିର ନିର୍ନିମେଷ ଦୃଷ୍ଟିକୁ ନିମିଷକ ପାଇଁ ମଧ ସେମାନଙ୍କର ଝଲକଝଲକ ଗତିଶୀଳ ଦ୍ୟୁତି ଚମକାଇ ଦେଇପାରେ ନାହିଁ । ସେ ପଥରେ ଯାଏ ଡ୍ରମ ପିଟି ପିଟି, ସୁଲଳିତ ବଂଶୀ ବଜାଇ ବଜାଇ, ସିନେମାର ମଞ୍ଚର ବିଜ୍ଞାପନ ଗାଡ଼ି । ଦୈନିକ ସାଢ଼େ ଦଶଟାରେ ଦୁଇଟି ସାଇକେଲରେ ଲଗାଲଗି ହୋଇ କୌଣସି ଅଫିସ ଉଦ୍ଦେଶ୍ୟରେ ଯୁବକଟିଏ, ଯୁବତୀଟିଏ ଯାଉଁ ଯାଉଁ ଏପରି ଆଚରଣ କରୁଥାଆନ୍ତି ଯେ, ସେଥିରେ ତଳେ ଫାଟକ ଆଗରେ ଟୁଲ୍ ପକାଇ ବସି ନିଶ ଆଉଁଶାଆଉଁଶି କରି ମହାକାଳ ଅତିକ୍ରମ କରି ଚାଲିଥିବା ଦରୁଆନଟି କୃତ୍ରିମ ଭାବରେ କାଶି ଉଠେ, କଦାଚିତ୍ ଫେରିବାଲା କିଶୋରଟିଏ ହୁଇସିଲ୍ ମାରିଦିଏ । ସେ ପଥରେ ପୁଣି ଜଣେ ଜଟାଜୂଟଧାରୀ, ବିଭୂତି-ବିମଣ୍ଡିତ ନିରାସକ୍ତ ପୁରୁଷ ବଶୀକରଣ, ଗ୍ରହଶାନ୍ତି ଇତ୍ୟାଦିର ସ୍ୱପ୍ନଲବ୍ଧ ଅବ୍ୟର୍ଥ କବଚ, ଚେରମୂଳି ଇତ୍ୟାଦି ଧରି ବିଦଗ୍ଧ ମାନବତାର ସେବାର୍ଥେ ପ୍ରାୟଶଃ ଯିବା ଆସିବା କରନ୍ତି । ଟିକି ଝିଅଟିର ସୁଦୂରପ୍ରସାରୀ ଦୃଷ୍ଟି କିନ୍ତୁ କେଉଁଥିରେ ହେଲେ ବି ଚହଲିଯାଏ ନାହିଁ ।

ପଥର ବିପରୀତ ଦିଗରେ, ଅଦୂରର ଯେଉଁ କ୍ଷୁଦ୍ର ହୋଟେଲର ଦୁଇ ମହଲାରେ ଏକମାତ୍ର କୋଠରିଟି ଭଡ଼ା ନେଇ ମୁଁ ରହିଥାଏ, ସେଠାରୁ ସେଇ ଟିକି ଝିଅଟିକୁ ଦୀର୍ଘ ସମୟ ଧରି ଅବଲୋକନ କରିବାଟା ମୋର ନିଃସଙ୍ଗ ଜୀବନର ଏକ ପ୍ରୀତିକର ଅଭ୍ୟାସରେ ପରିଣତ ହୋଇଯାଇଥିଲା । ସରକାରୀ କଲେଜରୁ ଅବସର ଗ୍ରହଣ କରିବା ପରେହିଁ ମୁଁ ସେଠାକୁ ସମ୍ପ୍ରତି ଏକ ପ୍ରାଇଭେଟ ସାନ୍ଧ୍ୟ କଲେଜର ଅଧ୍ୟାପକ ରୂପେ ନିଯୁକ୍ତି ପାଇ ଆସିଥିଲି । ଉଇଲିୟମ ଲାଙ୍ଗଲାଣ୍ଡଙ୍କଠାରୁ ଜନ୍ ଏଲିଆଟ୍‌ଙ୍କ ପର୍ଯ୍ୟନ୍ତ ବହୁ ପ୍ରସ୍ତୁତି ଜୀବନବ୍ୟାପୀ କରିଛି । ଅତଏବ ମଝେ ମଝେ ପିଲାଙ୍କର ଖାତା ସଂଶୋଧନ କରିବା ଛଡ଼ା ଏଣିକି ପଢ଼ାପଢ଼ି କରିବାର ବା ଆଉ କିଛି କରିବାର ପ୍ରବୃତ୍ତି ନଥିଲା ।

ଦିବସବ୍ୟାପୀ ଅନେକ ଅଳସ ମୁହୂର୍ତ୍ତ ଧରି ମୁଁ ମୋ କୋଠରିର ବାତାୟନ ଭିତରୁ ଝିଅଟିକୁ ଅନାଇ ରହୁଥିଲି । ମଝେ ମଝେ ପରିବାରର ପରିଚାରିକା ଭଳି ବୋଧ ହେଉଥିବା ଜଣେ ମହିଳା ଆସି ତାକୁ ସସ୍ନେହରେ ଭିତରକୁ ଡାକି ନେଉଥିଲେ । କିନ୍ତୁ ସକାଳ ପ୍ରାୟ ଆଠଟା ପରେ ଓ ଉପରଓଳି ତିନିଟା ପରେ ଝିଅଟି ପ୍ରତିଥର ଦୁଇ, ତିନି ଘଣ୍ଟା ଲେଖାଏଁ ସେଇଠି ଯେପରି ନିଶ୍ଚୟ ନିଶ୍ଚଳ ହୋଇ ରହିବ, ସେଥିପାଇଁ କିଏ ଯେପରି ତାକୁ ମନ୍ତ୍ରମୋହିତ କରି ଦେଇଥିଲା । ଥରେ ଥରେ ତା'ର ସେଇ ଏକାନ୍ତ କମନୀୟ ବଦନକୁ ଟିକିଏ ଅଧିକ ନିରୀକ୍ଷଣ କରି ଦେଖିବା ସକାଶେ ମୋର ଇଚ୍ଛା ପ୍ରବଳ ହେଲେ ମୁଁ ମୋର କୋଠରି ସମ୍ମୁଖର କ୍ଷୁଦ୍ର ବାରନ୍ଦାକୁ ବାହାରି ଆସୁଥିଲି ।

ଝିଅଟି ମୋ ଆଡ଼କୁ ମଝେ ମଝେ ଅନାଉଥାଏ । ଦୂରତ୍ୱ ତଥା ମୋର ବାର୍ଦ୍ଧକ୍ୟପୀଡ଼ିତ ଦୃଷ୍ଟିର ମଳିନତା ସତ୍ତ୍ୱେ ମୁଁ ଦେଖୁଥିଲି, ବରଂ କୁହାଯାଇପାରେ ଯେ ଅନୁଭବ କରୁଥିଲି, ଝିଅଟିର ନୟନଯୁଗଳ ବଡ଼ ଉଦାସ । ତଥାପି ସେହି ଔଦାସ୍ୟ ତଳେ ଚାପି ହୋଇ ରହିଥିଲା ଯେଉଁ ସ୍ୱାଭାବିକ ସ୍ଫୂର୍ତ୍ତିର ସ୍ଫୁଲିଙ୍ଗ, ତାହା ଥରେ ଥରେ ଯିମିତି ତା'ର ପରିପାର୍ଶ୍ୱକୁ ଝଲସାଇ ଦେଉଥିଲା – ଥରେ ଥରେ, ଯେତେବେଳେ ଛୋଟ ପକ୍ଷୀଟିଏ ଫୁଲକୁଣ୍ଡସବୁ ଭିତର ଦେଇ ଡେଇଁ ଡେଇଁ ତା' ସମ୍ମୁଖକୁ ଚାଲି ଆସୁଥିଲା, ଅଥବା ଯେତେବେଳେ ପାର୍ଶ୍ୱବର୍ତ୍ତୀ ଘରର ପାଳିତ ପାତି ମାଙ୍କଡ଼ଟି ଜଞ୍ଜିରରୁ କୌଣସି ପ୍ରକାରେ ମୁକୁଳି ଆସି ସେହି ବାରନ୍ଦାରେ ବସୁଥିଲା ଓ ସେ ରୂପ ଦର୍ଶନେ ଶଙ୍ଖୀ ବିଲେଇଟିଏ କ୍ରମାଗତ ଭାବରେ ଫୁଲିବାକୁ ଲାଗୁଥିଲା ।

କିନ୍ତୁ ସେ ସ୍ଫୁଲିଙ୍ଗର ସ୍ଫୁରଣ ହେଉଥିଲା ମୁହୂର୍ତ୍ତକ ସକାଶେ । ମୁଁ ଯେତେ ଆଗ୍ରହରେ ଝିଅଟିର ଆଚରଣରେ ଏଇ ବିରଳ ବ୍ୟତିକ୍ରମକୁ ଅପେକ୍ଷା କରୁଥାଏ ନା କାହିଁକି, ମୋ ଉପରେ ଆଖି ପଡ଼ିଲେ ସେ ପୁଣି ତା'ର ବିଷଣ୍ଣ ଏକାଗ୍ରତା ଭିତରେ ନିମଜ୍ଜିତ ହୋଇଯାଏ; ଲେଉଟିଯାଏ ଏକ ସୁଦୂର ପୃଥିବୀକୁ, ଯା'ର ଏକମାତ୍ର ବାସିନ୍ଦା ସେ ନିଜେ । ଛାତ୍ର ଅବସ୍ଥାରେ, ତଥା ଅଧ୍ୟାପକ ଜୀବନର ପ୍ରଥମ ପର୍ଯ୍ୟାୟରେ, ମୁଁ ବରଂ ବିଭିନ୍ନ ସୌଖୀନ ଅଭିନୟ ଅନୁଷ୍ଠାନରେ ସର୍ବଦା ହାସ୍ୟ-ରସାତ୍ମକ ଭୂମିକାରେ ଅବତୀର୍ଣ୍ଣ ହେଉଥିଲି । ଅନ୍ୟ ଭିତରେ ମଜା ଉଦ୍ରେକ କରିବାଟା ଥିଲା ଦୁର୍ଭାଗ୍ୟ ବା ସୌଭାଗ୍ୟକ୍ରମେ ମୋ ଚେହେରାର ଜନ୍ମଗତ ବିଶେଷତ୍ୱ । ଅଥଚ ଝିଅଟି ମୋତେ ଦେଖି କିପରି ପାତିମାଙ୍କଡ଼ ସାନ୍ନିଧ୍ୟରୁ ଲାଭ କରିଥିବା ପ୍ରସନ୍ନତା ଟିକକ ହରାଇ ଦେଇପାରେ, ତାହା ମୋତେ କେବଳ ବିସ୍ମିତ ନୁହେଁ, ହତାଶ ମଧ୍ୟ କରୁଥିଲା । ଭାବୁଥିଲି, ବାର୍ଦ୍ଧକ୍ୟ ବୋଧହୁଏ ମୋ ଚେହେରାରେ ଆଣି ଦେଇଛି ଅନାହୂତ ଗାମ୍ଭୀର୍ଯ୍ୟ ।

ଦିନ ସାଢ଼େ ଦଶରୁ ଏଗାରଟା ଭିତରେ ସାଇକେଲ ଚଢ଼ି, ଖାକି ପରିଚ୍ଛଦରେ ରାଜପଥର ବଙ୍କିମ ସୀମାରେ ଯେଉଁ ବ୍ୟକ୍ତିଟି ଆବିର୍ଭୂତ ହୁଏ, ତାକୁହିଁ ଦୁଇ ତିନି ଘଣ୍ଟା ଧରି ଝିଅଟି ଅପେକ୍ଷା କରିଥାଏ । ପୋଷ୍ଟମ୍ୟାନଟି ବିଭିନ୍ନ ଘର ଆଗରେ ଦ୍ୱିଚକ୍ରରୁ ଅବତରଣ କରି ଚିଠି ବଣ୍ଟାବଣ୍ଟି କରି ଯେତେବେଳେ ସେଇ ଦୁଇ ମହଲା ପାଖକୁ ଆସେ, ସେତେବେଳେ ଝିଅଟି ପ୍ରାୟ ଶ୍ୱାସରୁଦ୍ଧ ଉତ୍କଣ୍ଠା ନେଇ ବାରନ୍ଦାର ଲୁହାବାଡ଼ ଉପରୁ ଝୁଲିପଡ଼ି ପ୍ରଶ୍ନ କରେ, ''ମୋ ପାଇଁ ଚିଠି ଅଛି ? ମୋ ନାମ ରୀନା !'' ପୋଷ୍ଟମ୍ୟାନଟି ଈଷତ୍ ହସି ନାସ୍ତିସୂଚକ ହାତ ହଲାଇ ଚାଲିଯାଏ । ତା'ପରେ ଯେଉଁ ଦୀର୍ଘନିଃଶ୍ୱାସ ଛାଡ଼ି ଝିଅଟି ତା'ର ଗତିପଥକୁ କେଇ ମୁହୂର୍ତ୍ତ ଅନାଇ ରହି ଘର ଭିତରକୁ ଧୀରେ ଧୀରେ ଅପସରିଯାଏ, ସେ ଦୃଶ୍ୟ ମୋତେ ବି କିମିତି ଉଦାସ କରିଦିଏ, ଯଦିଓ ଟିକି ଝିଅଟି କାହାଠୁଁ ଚିଠିର ଅପେକ୍ଷା କରି ରହିଛି, ସେ ବିଷୟରେ ମୁଁ କିଛିହିଁ ଜାଣେନା । ସେ ଭିତରକୁ ଚାଲିଯିବାକୁ ଉଦ୍ୟତ ହେଲେ ମୁଁ ବି ମୋ କୋଠରି ଭିତରକୁ ଚାଲିଆସୁଥିଲି ।

ଉତ୍କଣ୍ଠିତ ପ୍ରତୀକ୍ଷା ଓ ଅବଶେଷରେ ହତାଶ ଦୀର୍ଘନିଃଶ୍ୱାସର ଏଇ ଏକହିଁ ଦୃଶ୍ୟ ପୁନରାୟ ଅପରାହ୍ଣରେ ଦେଖିବାକୁ ପଡୁଥିଲା । ପ୍ରାୟ ତିନିଟା ବେଳଠୁଁ ଝିଅଟି ଆସି ଛିଡ଼ା ହୋଇ ରହୁଥିଲା – ସାଢ଼େ ଚାରିଟା ବେଳକୁ ପୋଷ୍ଟମ୍ୟାନ ସେ ଅଞ୍ଚଳ ପରିକ୍ରମା ଶେଷ କରି ଚାଲିଯିବା ପରେ ସେ ଘର ଭିତରକୁ ପଶିଯାଉଥିଲା – ଆଉ ମୁଁ ବି ଚାଲି ଆସୁଥିଲି । ହଁ– ବାରନ୍ଦାରେ ଦୀର୍ଘ ସମୟ ଛିଡ଼ାହୋଇ ରାଜପଥକୁ ଅନାଇବା ମୋର ବି କ୍ରମେ ଏକ ନିୟମିତ ଅଭ୍ୟାସରେ ପରିଣତ ହୋଇଯାଇଥିଲା । କହିବା ବାହୁଲ୍ୟ, ଚିଠି ପାଇଁ ମୋର ଅପେକ୍ଷା ନଥିଲା, ସେ ସବୁ ଆସୁଥିଲା କଲେଜ ଠିକଣାରେ । ଏଇ ଅଭ୍ୟାସ ପଛରେ ରହିଥିଲା ଟିକି ଝିଅଟିକୁ ବାରଂବାର ଦେଖିବାର ସୁତୀବ୍ର ଆକାଙ୍‌କ୍ଷା । ଝିଅଟି ମଧ୍ୟ କ୍ରମେ ଅଧିକରୁ ଅଧିକ ସମୟ ମୋ ଆଡ଼କୁ ଅନାଇ ରହିବାରେ ଅଭ୍ୟସ୍ତ ହୋଇପଡ଼ିଥିଲା । ଥରେ ଥରେ ମନେହେଉଥିଲା, ଯିମିତି ସେ ମୋତେ କିଛି ପଚାରିବାକୁ ଚାହେଁ, ଅଥଚ ତା'ର ସହଜାତ ସମ୍ଭ୍ରମବୋଧ ତାକୁ ବାଧାଦେଉଛି । ସେ ଯାହାହେଉ, କ୍ରମେ ବୟସ ଓ ଅପରିଚୟର ସମସ୍ତ ବ୍ୟବଧାନ ସତ୍ତ୍ୱେ ଆମେ ଦୁହେଁ ପରସ୍ପର ଘନିଷ୍ଠ ହୋଇଉଠିଥିଲୁଁ ବୋଲି ମୋର ହୃଦ୍‌ବୋଧ ହେଉଥିଲା । ଆମ ଭିତରେ ଯିମିତି ଗଢ଼ିଉଠୁଥିଲା ଏକ ନିର୍ବାକ୍ ମମତା ଓ ସହାନୁଭୂତିର ବନ୍ଧନ ।

ବେଶ୍ କିଛି ଦିନ ଏହିପରି ଗଡ଼ିଚାଲିଯିବା ଉତ୍ତାରୁ ଦିନକର ନିସ୍ତବ୍ଧ ଅପରାହ୍ଣରେ ମୋର କୋଠରିର ଦ୍ୱାର ସେ ପଟେ ଜଣେ କେହି ମୃଦୁ ସଙ୍କେତ ଦେବାରୁ ମୁଁ କବାଟ ଖୋଲିଦେଇ ଦେଖେ ତ ସେହି ସମ୍ମୁଖସ୍ଥ ଦ୍ୱିତଳ ହର୍ମ୍ୟର ଅତିକାୟ ଦରୁଆନଟି ସସଙ୍କୋଚ ଦଣ୍ଡାୟମାନ । ତା' ମୁହଁରେ ସପ୍ରତିଭ ସ୍ମିତହାସ ଦେଖି ମୁଁ ଅନୁଭବ କଲି, ଲୋକଟିର ହିଂସ୍ରଦର୍ଶନ ନିଶ ହଳକହିଁ ତା'ର ସମୁଦାୟ ଚରିତ୍ର ନୁହେଁ । ମୁଁ ତାକୁ ଭିତରକୁ ଡାକିନେଲି । ସେ ମୋ ହାତକୁ ଖଣ୍ଡିଏ ଲଫାଫା ବଢ଼ାଇଦେଲା । ତହିଁ ଉପରେ ଠିକଣା ଲେଖାଥିଲା, ''ରୀନା, କେଆର ଅଫ୍...'' ଇତ୍ୟାଦି । ମୁଁ ଜିଜ୍ଞାସୁ ନୟନରେ ଦରୁଆନ ଆଡ଼କୁ ଅନାଇଲେ ସୁଦ୍ଧା ନୀରବ ସ୍ମିତହସ ବ୍ୟତିରେକେ ଆଉ କିଛି ସାହାଯ୍ୟ ତାହାଠାରୁ ଆପାତତଃ ପାଇଲି ନାହିଁ । ଲଫାଫାଟି ଖୋଲାଥିଲା । ତହିଁ ମଧ୍ୟରୁ ନୀଳରଙ୍ଗର କାଗଜଟି ବାହାର କରି ଅଗତ୍ୟା ପଢ଼ିବାକୁ ଲାଗିଲି ।

ଛୋଟ ଚିଠିଟିଏ ଲେଖା ହୋଇଛି ଦୂରାନ୍ତର ଏକ ହସ୍‌ପିଟାଲରୁ । ବୁଝିଲି ରୀନା ନିକଟକୁ ପ୍ରବାସରୁ ତା'ର ଜନନୀ ଲେଖିଛନ୍ତି :

''ରୀନା,

ତୁ ଯଦି ମୋର ଏ ଚିଠି ଖଣ୍ଡିକ ପଢ଼ିପାରିବୁ, ତେବେ

ମୋର ଲେଖି ଶିଖିଥିବା ସାର୍ଥକ ହେବ ବୋଲି ଜାଣିବି । ତୁ ମୋ ପାଇଁ କେତେ ମନ ଖରାପ କରୁଥିବୁ । ଏଠାରେ ମୋତେ ଆଉ ବେଶିଦିନ ରହିବାକୁ ପଡ଼ିବ ନାହିଁ ବୋଲି ଡାକ୍ତରମାନେ କହୁଛନ୍ତି । ତେବେ ଯେତିକି ଦିନ ରହିବି, ତୁ ସୁନାପିଲାଟି, ମୋତେ ମୋଟେ ଝୁରିହେବୁ ନାହିଁ ।

ତୁ ଫୁଲ ତୋଳିବାକୁ କେତେ ଭଲପାଉ । ତୁ ଫୁଲକୁ ଭଲପାଉ ବୋଲି ମୁଁ ଫୁଲକୁ ଭଲପାଉଥିଲି । ଏଠାରେ ମୋ ଶେଯକଡ଼ର ଝରକା ସେପଟେ ସୁନ୍ଦର ବଗିଚାଟିଏ ଅଛି । ଆଜି ବଗିଚାଟି ଭାରି ଭଲ ଦେଖାଯାଉଛି । ବୋଧହୁଏ ବସନ୍ତ ରତୁ ଆସିଗଲାଣି । ଆମ ବଗିଚାରେ କେତେ ଫୁଲ ଫୁଟିଥିବ । ତୁ ଏଥର ଆୟା ସହିତ ଫୁଲ ତୋଳିବୁ । ଆଗାମୀ ବସନ୍ତ ବେଳକୁ ପୁଣି ମୁଁ କାଖରେ ଧରି ତୋତେ ବଗିଚାଯାକ ବୁଲାଇବି । ଉଚ୍ଚ ଡାଳମାନଙ୍କୁ ହାତ ବଢ଼ାଇ ତୁ ଫୁଲ ତୋଳିବୁ ।

ମୁଁ ସବୁବେଳେ ତୋ କଥା ଭାବୁଛି । ତୋର ଯେଉଁ କେତେଖଣ୍ଡି ଫୋଟୋ ମୋ ନିକଟରେ ଥିଲା, ସେଗୁଡ଼ିକ ତ ସବୁବେଳେ ଦେଖୁଛି । କିନ୍ତୁ ତୋ ବାପା ଲେଖିଥିଲେ, ତୁ କୁଆଡ଼େ ଅଭିମାନରେ ଆଉ ଫୋଟୋ ଉଠାଇବାକୁ ଦେଉ ନାହୁଁ ! ସୁନାପିଲାଟି, ତୋର ଆଉ କେତେଖଣ୍ଡି ନୂଆ ଫୋଟୋ ଯିମିତି ମୁଁ ଅତିଶୀଘ୍ର ପାଏ । ବଦଳରେ ମୁଁ ତୋ ପାଖକୁ ପ୍ରତି ସାତ ଦିନରେ ଖଣ୍ଡିଏ ଖଣ୍ଡିଏ ଚିଠି ଲେଖୁଥିବି । ଅଭିମାନ କରିବୁ ନାହିଁ ... ।''

ଚିଠିଟିର ତାରିଖରୁ ବୁଝିଲି, ତାହା ପ୍ରାୟ ତିନି ମାସ ତଳେ ଲେଖାହୋଇଛି । ପ୍ରତିଶ୍ରୁତି ଅନୁସାରେ ସେ ଚିଠିର ପରବର୍ତ୍ତୀ ଏଗାର ଖଣ୍ଡି ଚିଠିରୁ ଖଣ୍ଡିଏ ମଧ୍ୟ ଯେ ରୀନାର ହସ୍ତଗତ ହୋଇ ନାହିଁ, ତାହାର ସାକ୍ଷୀ ମୁଁ ସ୍ୱୟଂ ।

ପଢ଼ିସାରି ଦରୁଆନ ମୁହଁକୁ ଅନାଇଲି । ସେହି ଦାନବଜାତୀୟ ମଣିଷଟିର ଆଖି ସେତେବେଳେ ଅଶ୍ରୁସଜଳ । ମୋର ବୁଝିବାକୁ ଅସୁବିଧା ହେଲା ନାହିଁ – ରୀନା ତା'ର ଜନନୀଠାରୁ ଆଉ କେବେ ବି ଚିଠି ପାଇବ ନାହିଁ । ଡାକ୍ତରମାନେ ଠିକ୍ କହିଥିଲେ – ରୀନାର ଜନନୀଙ୍କୁ ବେଶୀ ଦିନ ସେ ଆରୋଗ୍ୟ ନିକେତନରେ ରହିବାକୁ ପଡ଼ି ନ ଥିଲା । ରୀନାର ପିତା ବିଭବଶାଳୀ ବ୍ୟବସାୟୀ । କିନ୍ତୁ ବିତ୍ତଲବ୍ଧ ସମସ୍ତ ଆୟୋଜନ ଚିଠି ପାଇଁ ରୀନାର ବ୍ୟାକୁଳ ପ୍ରତୀକ୍ଷାକୁ ପ୍ରତିହତ କରିପାରି ନାହିଁ ।

ସବୁ ବୁଝିଲି; କିନ୍ତୁ ବୁଝିପାରିଲି ନାହିଁ ମୋ ପାଖକୁ ବା କାହିଁକି ସେ ଦରୁଆନଟି ଚିଠି ଖଣ୍ଡିକ ନେଇ ଆସିଛି, କିଏ ପଠାଇଛି । ପ୍ରକୃତିସ୍ଥ ହୋଇ ଦରୁଆନ ମୋତେ ବୁଝାଇଦେଲା । ରୀନା ସବୁଦିନେ ମୋତେ ମୋ ବସାର ବାରନ୍ଦାରେ ତାହାରି ଭଳି ପ୍ରତୀକ୍ଷାରତ ଥିବାର ଦେଖେ – ଏବଂ ଏକଥା ମଧ୍ୟ ଦେଖେ ଯେ ମୋ ମା' ପାଖରୁ ମୋ ନିକଟକୁ କେବେ ଚିଠି ଆସେ ନାହିଁ । ସେ ମୋ ପାଇଁ ବଡ଼ ଦୁଃଖ ପାଏ । କିନ୍ତୁ କ'ଣ ବା କରିବ ? ଶେଷକୁ ତା' ମାଆ ପାଖରୁ ପାଇଥିବା ଏକମାତ୍ର ଚିଠିଟି ସେ ମୋତେ ଦେଇଦେବା ନିମନ୍ତେ ସିଦ୍ଧାନ୍ତ କରିଥିଲା ।

ଅର୍ଦ୍ଧଶତାବ୍ଦୀ ତଳେ ମୁଁ ମୋର ମା'କୁ ହରାଇଥିଲି । ବୟସ ଓ ଅଭିଜ୍ଞତାର ପାଷାଣ ସ୍ତୂପ ଭିତରେ ପୋତି ହୋଇପଡ଼ିଥିବା ସେହି ବେଦନା ତଥା କୈଶୋର କାଳର କଳ୍ପନାରେ, ସ୍ୱପ୍ନରେ ତାକୁ ଫେରିପାଇବାର କେତେ କେତେ ବିଗତ କ୍ଷଣିକ ପୁଲକ – ସେସବୁର ସମନ୍ୱୟପ୍ରସୂତ ଏକ ଶିହରଣ ବିଦ୍ୟୁତ୍ ଭଳି ମୋ ଭିତରେ ଚମକିଗଲା ।

ଅଜ୍ଞାତସାରରେ ଚିତ୍କାର କରିଉଠିଲି, ''ରୀନା ! ଟିକି ମାଆଟି ମୋର !'' ❑

ଥରେ ଥରେ ଏମିତି ମନେ ହୋଇପାରେ ଯେ ଯେଉଁସବୁ ଘଟଣା ମୋଟେ ଘଟି ନାହିଁ, ବାସ୍ତବରେ ସେହିସବୁହିଁ ଗୁରୁତ୍ୱପୂର୍ଣ୍ଣ । ସେସବୁ ତୁଳନାରେ ଅନେକ ଐତିହାସିକ କୃତି ମଳିନ ଓ ଅର୍ଥହୀନ ଦିଶେ ।

– ଶ୍ରୀଅରବିନ୍ଦ

ପିଲାଙ୍କ ବିଶ୍ୱସାହିତ୍ୟ :

# ସୁଖୀ ରାଜକୁମାର

(**Oscar Wilde**ଙ୍କର **'Happy Prince'** *ଗଳ୍ପର ମର୍ମାନୁବାଦ ସରଳ ଓଡ଼ିଆ ଭାଷାରେ ଲିଖିତ ଏହି ଗଳ୍ପଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ଥିବା ଅନେକ ଚରିତ୍ର କାଳ୍ପନିକ କିନ୍ତୁ ଶିକ୍ଷାପ୍ରଦ ।*)

ୟୁରୋପର ଏକ ବିରାଟ ନଗରୀ । ନଗରୀର କେନ୍ଦ୍ରସ୍ଥଳରେ ଗୋଟିଏ ସ୍ତମ୍ଭ । ସ୍ତମ୍ଭର ଶୀର୍ଷରେ ଏକ ସୁଦୃଶ୍ୟ ମୂର୍ତ୍ତି । ମୂର୍ତ୍ତିର ଦେହସାରା ସୁନାର ଆବରଣ । ଆଖି ଦୁଇଟି ହୀରାଠାରୁ ଆହୁରି ମୂଲ୍ୟବାନ୍ ଏବଂ ଉଜ୍ଜ୍ୱଳ ଧାତୁ ନୀଳକାନ୍ତ ମଣି (Sapphire) ରେ ଗଢ଼ା । ମୂର୍ତ୍ତିର ଖଣ୍ଡାବେଣ୍ଟଟି ଆହୁରି ଏକ ମୂଲ୍ୟବାନ୍ ଧାତୁ ମାଣିକ୍ୟ (Ruby)ରେ ଗଢ଼ା । ବହୁ ବର୍ଷ ତଳର ଏହି ମୂର୍ତ୍ତିଟିକୁ ଯେ କେହି ଲୋକ ଦେଖିଲେ ମୁଗ୍ଧ ହୋଇଯାଏ । ମୂର୍ତ୍ତିକୁ କେନ୍ଦ୍ରକରି ଯେଉଁ ବ୍ୟକ୍ତିମାନେ ନିଜର ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି, ସେଥିରୁ ସେମାନଙ୍କର ନିଜ ନିଜର ବ୍ୟକ୍ତିତ୍ୱ ପ୍ରକାଶିତ ହୋଇଥାଏ । ଧରାଯାଉ ଜଣେ ରାଜନୀତିଜ୍ଞ ଯେତେବେଳେ ତାଙ୍କର ସହକର୍ମୀମାନଙ୍କ ସହିତ ସେ ବାଟରେ ଯାଉଥା'ନ୍ତି, ସେ କହିଲେ ଯେ ମୂର୍ତ୍ତିଟି ଗୋଟିଏ ବଣ କୁକୁଡ଼ା ଛନ୍ ଛନ୍ ହେଲା ଭଳି ଦେଖାଯାଉଛି – କିନ୍ତୁ ବଣ କୁକୁଡ଼ା ଭଳି ଉପଯୋଗୀ ନୁହେଁ । ଅଥବା ମାଆଟିଏ ତା'ର ଅବୁଝା ପୁଅକୁ ନେଇ ସେ ବାଟରେ ଗଲାବେଳେ କହେ ଯେ, ''ସୁଖୀ ରାଜକୁମାର କେତେବେଳେ ହେଲେ ଅଝଟ ହୁଏ ନାହିଁ । ତୋ' ଭଳି ସେ କେବେ ଜହ୍ନମାମୁଙ୍କୁ ଧରିବାକୁ ଜିଦ୍ ଧରେ ନାହିଁ । ମୋଟେ ଅଝଟ ହେଉ ନ ଥିବାରୁ ତାକୁ ଲୋକେ ସୁଖୀ ରାଜକୁମାର ଆଖ୍ୟା ଦେଇଛନ୍ତି ।'' ସାଙ୍ଗେ ସାଙ୍ଗେ ପିଲାଟିର କାନ୍ଦ ବନ୍ଦ ହୋଇଯାଏ ।

ସ୍ୱାଲୋ (ଚାତକ) ଏକ ଅଦ୍‌ଭୁତ ଯାଯାବର ପକ୍ଷୀ । ଖରାଦିନେ ଗ୍ରୀଷ୍ମରେ ଅତିଷ୍ଠ ହୋଇ ସେଇ ଧରଣର ପକ୍ଷିକୁଳ ଶୀତପ୍ରଧାନ ଦେଶ ଇଉରୋପକୁ ଚାଲିଆସନ୍ତି ଏବଂ ପୁଣି ଗ୍ରୀଷ୍ମକାଳ ସରୁ ସରୁ ଇଜିପ୍ଟ୍‌କୁ ଚାଲିଯାଆନ୍ତି । ଇଜିପ୍ଟ୍ ପ୍ରତି ସେମାନଙ୍କର ପ୍ରବଳ ମୋହ । ଗ୍ରୀଷ୍ମକାଳକୁ ଛାଡ଼ିଦେଲେ ପ୍ରାୟ ସର୍ବଦା ନୀଳନଦୀର ଉପତ୍ୟକାରେହିଁ ରହନ୍ତି । ସେମାନେ ଦଳବଦ୍ଧ ହୋଇ ଯିବା-ଆସିବା କରିଥା'ନ୍ତି । ଏକଦା ବହୁତ ସ୍ୱାଲୋ ପକ୍ଷୀ ଶରତକାଳ ଆସୁ ଆସୁ ଉକ୍ତ ସହରରୁ ଫେରିଯିବା ସତ୍ତ୍ୱେ ଗୋଟିଏ କିଶୋର ପକ୍ଷୀ ଏକ ଅଦ୍ଭୁତ ପ୍ରେମରେ ଲିପ୍ତ ହୋଇ ଏକାକୀ ରହିଗଲା । ଏକ ସୁନ୍ଦର ସୌଖୀନ ନଦୀରେ ରହୁଥିବା କ୍ଷୁଦ୍ର ଚାରାକୁ ମନେ ମନେ ଭଲ ପାଉଥିଲା ବିଚାରା କିଶୋର ପକ୍ଷୀଟି । ଯେତେବେଳେ ପକ୍ଷୀଟି ବୁଝିଲା ଯେ ଏଭଳି ପ୍ରେମ ଅବାନ୍ତର ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଛି ହୁଏତ । ତେଣୁ ଶରତ ଋତୁ ଯାଇ ହେମନ୍ତ ଋତୁରେ ମଧ୍ୟ ଚଢ଼େଇଟି ଏକାକୀ ଏକ ହତାଶ ପରିସ୍ଥିତିରେ ଶୀତପ୍ରଧାନ ସହରରେ ରହିଯାଇଛି । ଚଢ଼େଇଟି ଦୁଃଖ ଏବଂ ଅଶାନ୍ତି ଅନୁଭବ କରୁଛି । ସେଦିନ ସଂଧ୍ୟାରେ ସେ ଠିକ୍ କଲା କୌଣସି ଏକ ନିରାପଦ ସ୍ଥାନରେ ବିଶ୍ରାମ ନେଇ ତା' ପରଦିନ ସକାଳୁ ତା'ର ବାସସ୍ଥଳୀ ଇଜିପ୍ଟ୍ ଉଦ୍ଦେଶ୍ୟରେ ବାହାରିବ । ମୂର୍ତ୍ତିଟିକୁ ଦେଖି ତା'ର ଦୁଇପାଦ ମଧ୍ୟରେ ବିଶ୍ରାମ ନେବାକୁ ସ୍ଥିର କଲା । ସେ ଅଳ୍ପ ସମୟ ସେଠାରେ ବିଶ୍ରାମ ନେଇ ଆଖି ପଡ଼ିଯାଇଛି କି ନାହିଁ ଟୋପାଏ ପାଣି ତା' ଉପରେ ପଡ଼ିଲା । ଆଶ୍ଚର୍ଯ୍ୟ ! ଆକାଶରେ ମେଘ ନାହିଁ – ବର୍ଷାଦିନ ବହୁତ ଆଗରୁ ଚାଲିଯାଇଛି – କିନ୍ତୁ ଏ କ'ଣ ? ଚାହୁଁ ଚାହୁଁ ଆହୁରି ଏକ ଟୋପା ଉଷୁମ ପାଣି । ପୁଣି ଆହୁରି ଟୋପାଏ । ବିରକ୍ତ ହୋଇ ଚଢ଼େଇଟି ଭାବିଲା ଏଇ ସ୍ଥାନଟି ତା' ପାଇଁ ନିରାପଦ ନୁହେଁ । ସେ ଅନ୍ୟ କୌଣସି ସ୍ଥାନରେ ବିଶ୍ରାମ ନେବ । ଡେଣା ମେଲାଇ ଉଡ଼ିଯିବାକୁ ଚେଷ୍ଟା କରିବା ସମୟରେ ଲକ୍ଷ୍ୟ କଲା ମୂର୍ତ୍ତିର ଆଖିରୁ ଲୁହ ଝରୁଛି । ତେଣୁ ସେ ଭାବିଲା ମୂର୍ତ୍ତିର କାନ୍ଧ ଉପରେ ବସି ଭଲକରି ଲକ୍ଷ୍ୟ କରିବ ।

ମୂର୍ତ୍ତିର କାନ୍ଧ ଉପରେ ବସୁ ବସୁ ମୂର୍ତ୍ତିଠାରୁ କଥା ଶୁଣିବାକୁ ପାଇଲା : ବହୁ ବର୍ଷ ପୂର୍ବେ ଏହି ସହରରେ ଜଣେ ରାଜା ଥିଲେ । ରାଜାଙ୍କର ଏକମାତ୍ର ସନ୍ତାନ ଏହି ରାଜକୁମାର । ଅତି ସୁଖରେ ଦିନ କାଟୁଥିଲା । ଦିନସାରା ଖେଳକୁଦ ଏବଂ ସଂଧ୍ୟାସାରା ନାଚଗୀତ । ଲୋକେ ତାକୁ 'ସୁଖୀ ରାଜକୁମାର' ଆଖ୍ୟା ଦେଇଥିଲେ । ଦୁଃଖ କ'ଣ ସେ ଜାଣି ନାହିଁ, ଦେଖି ନାହିଁ । ତା'ର ଯେତେବେଳେ ଅକାଳ ମୃତ୍ୟୁ ହେଲା, ରାଜା ଏବଂ ମନ୍ତ୍ରିପରିଷଦ ଠିକ୍ କଲେ, ଯେହେତୁ ଯୁବରାଜ

ପ୍ରଜାମାନଙ୍କର କୌଣସି ଦୁଃଖ ଦେଖି ନାହିଁ, ତେଣୁ ତା’ ପାଇଁ ସହରର କେନ୍ଦ୍ରସ୍ଥଳରେ ଗୋଟିଏ ବହୁତ ଉଚ୍ଚ ସ୍ତମ୍ଭ କରି ତା’ ଉପରେ ସୁଖୀ ରାଜକୁମାର ନାମରେ ମୂର୍ତ୍ତିଟିଏ ସ୍ଥାପନ କରାଯିବା ଯଥାର୍ଥ ହେବ । ବର୍ତ୍ତମାନ ଏହି ମୂର୍ତ୍ତିଟି ଦେଖିପାରୁଛି, ସହରର ମଧ୍ୟଭାଗରେ ଏକ ଅଭାବନୀୟ ଦୃଶ୍ୟ : ଏକ ବିଧବା ବୁଢ଼ୀ କୌଣସି ଗୋଟିଏ ରୂପବତୀ ନାରୀର ପୋଷାକରେ ବିଭିନ୍ନ କାରୁକାର୍ଯ୍ୟ କରିବାରେ ବ୍ୟସ୍ତ ଅଛି । ଘରର ଗୋଟିଏ ସ୍ଥାନରେ ପୁଅଟି ତା’ର ରୋଗରେ ପଡ଼ି ଯନ୍ତ୍ରଣା ଭୋଗୁଛି – ଛଟପଟ ହୋଇ କମଳାଟିଏ ଖାଇବାକୁ ମାଗୁଛି – କିନ୍ତୁ ତା’ର ଗରିବ ମାଆଟି ଖାଲି ନଦୀର ଜଳ ଦେଇ ପୁଅଟିକୁ ବଞ୍ଚାଇ ରଖିଛି । ଏଣେ ସେହି ସମ୍ଭ୍ରାନ୍ତ ନାରୀଟି କେବଳ ବିରକ୍ତ ହେଉଛି, ପୋଷାକ ତିଆରି ହେବା କାହିଁକି ଏତେ ଡେରି ହେଉଛି – ସେ ଯେଉଁ ଉତ୍ସବ ଦିନ ପୋଷାକଟି ପିନ୍ଧି ନାଚିବା କଥା, ସେଦିନ ପାଖେଇ ଆସିଲାଣି ।

ଏହି ଦୁଃଖ ଦେଖି ମୂର୍ତ୍ତିଟି କାନ୍ଦୁଛି । ମୂର୍ତ୍ତି ଅତି ନମ୍ର ଭାବରେ ଚଢ଼େଇଟିକୁ ଅନୁରୋଧ କଲା ତା’ର ଖଣ୍ଡାର ହାତମୁଠାରେ ଥିବା ଏହି ବହୁମୂଲ୍ୟ ମାଣିକ୍ୟ ଖଣ୍ଡିକ ଯଦି ଚଢ଼େଇ ନେଇ ସେଇ ଘରେ ପହଞ୍ଚାଇ ଦିଅନ୍ତା ତେବେ ମାଆ ଓ ପୁଅଙ୍କର ଦୁଃଖ ଲାଘବ ହୁଅନ୍ତା । ମୂର୍ତ୍ତିର ଅନୁରୋଧ ଏତେ ହୃଦୟସ୍ପର୍ଶୀ ଥିଲା ଯେ ଚଢ଼େଇଟି ତାହା ଏଡ଼ାଇ ପାରିଲା ନାହିଁ – ଯଦିଓ ସେ ଇଜିପ୍ଟ୍ ଯିବା ପାଇଁ ବ୍ୟାକୁଳ ହେଲାଣି । ଚଢ଼େଇ ସେୟାହିଁ କଲା । ତା’ର ତୀକ୍ଷ୍ଣ ଥଣ୍ଟରେ ସେହି ମାଣିକ୍ୟ ଖଣ୍ଡିକ ତାଡ଼ିନେଇ ସେଇ ଘରେ ପହଞ୍ଚାଇ ଦେଲା । ବର୍ତ୍ତମାନ ମାଣିକ୍ୟ ଖଣ୍ଡିକ ଦେଖି ମାଆ ବହୁତ ଖୁସି ହୋଇଗଲା ଏବଂ ସାଙ୍ଗେ ସାଙ୍ଗେ ଯାଇ ପୁଅ ପାଇଁ ଔଷଧ ଏବଂ ଖାଦ୍ୟ ଆଣି ମନଦେଇ କାମରେ ଲାଗିଗଲା ।

ବିଚରା ଟିକି ଚଢ଼େଇଟି ଭାବିଥିଲା ଏହି କାମଟି ସରିବା ପରେ ତାକୁ ଛୁଟି ମିଳିଯିବ ଏବଂ ସକାଳୁ ସକାଳୁ ସେ ତା’ର ପ୍ରିୟ ମାତୃଭୂମି ଅଭିମୁଖେ ବାହାରି ଯିବ । କିନ୍ତୁ ବାହାରିଲା ବେଳକୁ ମୂର୍ତ୍ତି ପୁଣି କାନ୍ଦିବାର ଦେଖାଗଲା – ସେ ସେହି ଉଚ୍ଚ ସ୍ତମ୍ଭଠାରୁ ଆହୁରି ଏକ କରୁଣ ଦୃଶ୍ୟ ଦେଖିବାକୁ ପାଉଛି । ସହରର ଗୋଟିଏ ସ୍ଥାନରେ ବାଳିକାଟିଏ ଜଣେ ବ୍ୟବସାୟୀ ନିକଟରେ କାମ କରୁଛି । ଦିଆଶିଲି କାଠିରେ ଦାରୁ ଖଞ୍ଜୁଛି । ତା ହାତରୁ ଦାରୁସବୁ ଖସି ପଡୁଛି । କାମଟି ଠିକ୍ ଭାବରେ କରିପାରୁ ନ ଥିବାରୁ ମାଲିକ ପଇସା ଦେବ ନାହିଁ ଏବଂ ବିନା ପଇସାରେ ଘରକୁ ଗଲେ ତା’ର ନିଷ୍ଠୁର ବାପ ତା’କୁ ମାଡ଼ ଦେବ – ଏଥିପାଇଁ ପିଲାଟି କାନ୍ଦୁଛି । ସୁଖୀ ରାଜକୁମାର ଜୀବନ୍ତ ଅବସ୍ଥାରେ ପ୍ରଜାମାନଙ୍କର କୌଣସି ଦୁଃଖ ଦେଖି ନ ଥିଲା – ଏବେ ସେସବୁ ଦେଖିବାକୁ ପଡୁଛି । ମୂର୍ତ୍ତି ଅତି ଭଦ୍ରଭାବରେ ଅନୁନୟ ହୋଇ ସ୍ୱାଲୋ ଚଢ଼େଇକୁ କହିଲା, ଯଦି ଚଢ଼େଇଟି ମୂର୍ତ୍ତିର ଆଖିଟିଏ ତାଡ଼ିନେଇ ସେଇ ଝିଅ ନିକଟରେ ପହଞ୍ଚାଇ ଦିଅନ୍ତା ତେବେ ତା’ର ଦୁଃଖ ଯାଆନ୍ତା । ଇତି ମଧ୍ୟରେ ଚଢ଼େଇଟି ମୂର୍ତ୍ତିକୁ ବହୁତ ଶ୍ରଦ୍ଧା କରି ବସିଲାଣି – ତେଣୁ ସେ ମୂର୍ତ୍ତିଟିର ସୁନ୍ଦର ଆଖିଟିକୁ ତାଡ଼ିବା ଭଳି ଏକ ବୀଭତ୍ସ କାର୍ଯ୍ୟ କରିବାକୁ ଅମଙ୍ଗ ହେଲା – କିନ୍ତୁ ମୂର୍ତ୍ତିର ଭଦ୍ରୋଚିତ, ହୃଦୟସ୍ପର୍ଶୀ ବ୍ୟବହାର ଏବଂ ଭାଷା ତାକୁ ଏକ ଅପୂର୍ବ ଆନନ୍ଦ ଦେଉଛି । ତେଣୁ ସୁଖୀ ରାଜକୁମାରର ଅନୁରୋଧ ସହଜେ ମନାକରି ହେଉ ନାହିଁ । ଚଢ଼େଇଟି ବାଧ୍ୟ ହୋଇ ମୂର୍ତ୍ତିର ଆଖିଟିଏ ତାଡ଼ିନେଇ ସେହି ଇନ୍ଦ୍ରନୀଳମଣି ଖଣ୍ଡିକ ନେଇ ବାଳିକା ନିକଟରେ ପହଞ୍ଚାଇ ଦେଲା । ବାଳିକା ସେହି ମଣିଟିକୁ ତା’ର ବାପାକୁ ଦେଲା । ଏହି ଅପୂର୍ବ ମଣି ଦେଖି ବାପ ଅତ୍ୟନ୍ତ ଖୁସୀ ଏବଂ ମୁଗ୍ଧ ହୋଇଗଲା । ଏଣେ ବିଚରା ଚଢ଼େଇଟି ସୁଖୀ ରାଜକୁମାରର ଦୟା ଏବଂ ଦରଦୀ ବ୍ୟବହାରରେ ଅଧିକରୁ ଅଧିକ ଅଭିଭୂତ ହୋଇ ଯାଉଛି । ଏବେ ସ୍ୱାଲୋ କେବଳ ତା’ର ପ୍ରିୟ ମାତୃଭୂମି ଇଜିପ୍ଟ୍ କଥା ମନେ ପକାଇବାରେ ଲାଗିଛି । ତା’ର ସାଙ୍ଗସାଥୀ, ପରିବାର ଏବଂ ସେଠାକାର ଦୃଶ୍ୟସବୁ ତା’ର ମନେ ପଡ଼ିଯାଉଛି । ସେ ଘରକୁ ଫେରିବା ପାଇଁ ବ୍ୟାକୁଳ । ଏଣେ ମୂର୍ତ୍ତିର ଅପୂର୍ବ ସ୍ନେହ ତା’ର ଟିକି ମନ ଭିତରେ ଖୁବ୍ ଆଲୋଡ଼ନ ସୃଷ୍ଟି କରୁଛି । ତା’ ପରଦିନ ସକାଳୁ ଚଢ଼େଇଟି ପୁଣି ମୂର୍ତ୍ତିର କାନ୍ଦ ଦେଖିବାକୁ ପାଇଲା । କାରଣ ପଚାରିବାରେ ଶୁଣିଲା ଯେ ସହରର କେନ୍ଦ୍ରସ୍ଥଳରେ ଜଣେ ଯୁବଲେଖକ କୌଣସି ସାହିତ୍ୟ ସୃଷ୍ଟି କରିବାରେ ବ୍ୟସ୍ତ କିନ୍ତୁ ତା’ ପାଖରେ ପଇସା ନାହିଁ – ଅତି ଦରିଦ୍ର ଅବସ୍ଥାରେ, ଖାଦ୍ୟପେୟର ଅଭାବରେ ଏବଂ ବାସସ୍ଥାନର ଅତ୍ୟନ୍ତ ଦୁର୍ବିଷହ ପରିବେଶରେ ସେ ଲେଖିବାକୁ କୌଣସି ପ୍ରେରଣା ପାଉ ନାହିଁ । ତେଣୁ ଆଉ ଗୋଟିଏ ଦିନ ରହି ଚଢ଼େଇ ଯଦି ମୂର୍ତ୍ତିକୁ ସାହାଯ୍ୟ କରିପାରନ୍ତା ତେବେ ଯୁବ ଲେଖକର ଦୁଃଖ ଲାଘବ ହୁଅନ୍ତା । ଚଢ଼େଇଟି ଏଭଳି ଅନୁରୋଧରେ ଆଚମ୍ବିତ ହୋଇଗଲା – ମୂର୍ତ୍ତି ଚାହିଁଲା ଯେ ଟିକି ଚଢ଼େଇଟି ଯଦି ତା’ର ଟିକି ଥଣ୍ଟରେ ସୁଖୀ ରାଜକୁମାରର ଆଉ ଗୋଟିଏ ଆଖିର ମଣିଟିକୁ ନେଇ ସେଇ

ଲେଖକକୁ ଦେଇ ଦିଅନ୍ତା ତେବେ ଯାଇ ତା'ର ଦୁଃଖ ଯାଆନ୍ତା । ଏହା ଏକ ବିଚିତ୍ର ଅନୁରୋଧ ! ମୂର୍ତ୍ତିଟି ତା'ର ଅବଶିଷ୍ଟ ଏକମାତ୍ର ଆଖି ଦେଇ ସମ୍ପୂର୍ଣ୍ଣ ଅନ୍ଧ ହୋଇ ମଧ୍ୟ ପରୋପକାର କରିବାକୁ ଚାହୁଁଛି । ଚଢ଼େଇ ଏହି ନିର୍ମମ କାର୍ଯ୍ୟ କରିବାକୁ ମୋଟେ ଚାହୁଁ ନ ଥିଲେ ମଧ୍ୟ ଏଭଳି ଏକ ଆଦର୍ଶ ଏବଂ ମହାନୁଭବ ବ୍ୟକ୍ତିର ଅନୁରୋଧ ଏଡ଼ାଇ ଦେବା ତା' ପକ୍ଷରେ ସହଜ ହେଲା ନାହିଁ । ତେଣୁ ସ୍ୱାଲୋ ବାଧ୍ୟ ହୋଇ ତା'ର ଇଚ୍ଛା ବିରୋଧରେ ଏହି କାର୍ଯ୍ୟଟି କରିବାକୁ ଲାଗିଲା । ଏତେଗୁଡ଼ାଏ କଷ୍ଟକର କାର୍ଯ୍ୟ ପରେ ତା'ର ଥଣ୍ଡା ବର୍ତ୍ତମାନ ଦୁର୍ବଳ ହୋଇ ଗଲାଣି । ଏଣେ ଶୀତରେ ତା'ର ଦେହ ଥରୁଛି, ଖାଇବା ପିଇବାର କୌଣସି ଠିକଣା ନାହିଁ । ତା'ର ସାଙ୍ଗସାଥୀ, ମା'ବାପା ମନେ ପଡ଼ୁଛନ୍ତି । ତା'ର ମାତୃଭୂମି କେତେ ମନୋରମ ! ଯିବାକୁ ବହୁତ ଦିନ ଲାଗିବ । ଏସବୁ ସତ୍ତ୍ୱେ ରାଜକୁମାରର ବିନମ୍ର, ଭଦ୍ର ବ୍ୟବହାର ଏବଂ ସୁମହତ ମନୋଭାବ ତାକୁ ବାନ୍ଧି ରଖିଲା । ବହୁ କଷ୍ଟରେ ସେ ସୁଖୀ ରାଜକୁମାରର ଦ୍ୱିତୀୟ ଆଖିଟି ତାଡ଼ିନେଇ ଯୁବ ଲେଖକର ଟେବୁଲ ଉପରେ ଥୋଇ ଦେଲା । ଲେଖକର ଆନନ୍ଦ କହିଲେ ନ ସରେ । ସେ ସାଙ୍ଗେ ସାଙ୍ଗେ ଉତ୍‌ଫୁଲ୍ଲ ହୋଇ ଉଠିଲା ଏବଂ ସେ ନୀଳକାନ୍ତ ମଣିକୁ ବଜାରରେ ବିକି ଖୁସିରେ ଲେଖା ଲେଖି କରିବାର ଆୟୋଜନ କଲା ।

ଅନ୍ଧ ମୂର୍ତ୍ତିଟି ଏତେଗୁଡ଼ିଏ କଷ୍ଟସାଧ୍ୟ କାର୍ଯ୍ୟରେ ପକ୍ଷୀଟିକୁ ନିୟୋଜିତ କରିଥିବା ଯୋଗୁଁ ଟିକିଏ ଦୁଃଖ କଲା । ଅତି ଆଦରର ସହିତ ତା'ର କାନ୍ଧରେ ବସିବାକୁ ଆହ୍ୱାନ କଲା ଏବଂ ଚଢ଼େଇକୁ ତା'ର ମାତୃଭୂମି ବିଷୟରେ ବଖାଣିବାକୁ ଅନୁରୋଧ କଲା । ବର୍ତ୍ତମାନ ସ୍ୱାଲୋ ଚଢ଼େଇଟି ଅତି ହୃଦୟସ୍ପର୍ଶୀ ଭାଷାରେ ଇଜିପ୍ଟ୍‌ର ଅପରୂପ ଐଶ୍ୱର୍ଯ୍ୟ ବିଷୟରେ ବଖାଣିବାକୁ ଲାଗିଲା । ଇଜିପ୍ଟ୍‌ର ପ୍ରାକୃତିକ ବିଭବ, ନୈସର୍ଗିକ ପ୍ରାଚୀନ ପରମ୍ପରା, ଏବଂ ଏହି କମ୍ ଗ୍ରୀଷ୍ମ ହେଉଥିବା ସମୟରେ ଜୀବଜନ୍ତୁଙ୍କର ଉଲ୍ଲାସ ବିଷୟରେ ବର୍ଣ୍ଣନା କଲା । ସେସବୁ ଘଟଣା ଶୀତ ପ୍ରଧାନ ଦେଶର ଯୁବରାଜକୁ ପରୀ ରାଇଜର କାହାଣୀ ଭଳି ସୁଖକର ଲାଗୁଥାଏ । ଶୁଣିବାକୁ ଖୁବ୍ ଉତ୍ସାହ ଆସୁଥାଏ । କିନ୍ତୁ ରାଜକୁମାରର ସବୁଠାରୁ ବେଶୀ ଆଗ୍ରହ ମଣିଷର ଦୁଃଖ ଶୁଣିବାରେ । ସେ ଏସବୁ ଧୈର୍ଯ୍ୟର ସହ ଶୁଣିସାରି ଅତ୍ୟନ୍ତ ଭଦ୍ର ଭାବରେ ସ୍ୱାଲୋକୁ କହିଲା ଯେ ଯଦିଓ ଏସବୁ ଘଟଣା ଏବଂ ବର୍ଣ୍ଣନା ତାକୁ ମଧୁର ଲାଗୁଛି, ମଣିଷର ଦୁଃଖଠାରୁ କୌଣସି ବିଷୟ ଅଧିକ ମୁଗ୍ଧକର ଏବଂ ହୃଦୟସ୍ପର୍ଶୀ ନୁହେଁ । ଆଖି ଦିଓଟି ହରେଇବା ପରେ ସେ ସହରର କୌଣସି ଦୈନ୍ୟ ଅବସ୍ଥା ଦେଖିପାରୁ ନାହିଁ । ଯଦି ସ୍ୱାଲୋ ଚଢ଼େଇଟି ମୂର୍ତ୍ତିର କାନ୍ଧ ଉପରେ ବସି ସହରର କୌଣସି ଦୁଃଖଦାୟକ ଘଟଣା ବର୍ଣ୍ଣନା କରନ୍ତା ସେ ବହୁତ ଆଗ୍ରହର ସହିତ ଶୁଣନ୍ତା । ଟିକି ଚଢ଼େଇଟି ଇତି ମଧ୍ୟରେ ରାଜକୁମାରକୁ ଏତେ ଶ୍ରଦ୍ଧା କଲାଣି ଯେ ସେ ସଙ୍ଗେ ସଙ୍ଗେ ତା' କଥା ମାନି କଥାର ମୋଡ଼ ବଦଳାଇ ଦେଲା ।

ଚଢ଼େଇ ମୁହଁ ବୁଲାଇ ସହରର ଚତୁଃପାର୍ଶ୍ୱକୁ ଚାହିଁଲା ଏବଂ ଅଳ୍ପଦୂରରେ ଫୁଟ୍‌ପାଥ୍‌ରେ ଦେଖୁଥିବା ଗୋଟିଏ ଦୃଶ୍ୟ ସୁଖୀ ରାଜକୁମାରକୁ ଜଣାଇଲା । ତାହା ଏକ ଦାରୁଣ ଦୁଃଖଦାୟକ ଦୃଶ୍ୟ : ଛୋଟ ଛୋଟ ଅନାଥ ଶିଶୁମାନେ ଭିକ୍ଷା ମାଗୁଛନ୍ତି, ପଥିକମାନଙ୍କର ଘୃଣା ଏବଂ ଛି-ଛାକରର ଶିକାର ହେଉଛନ୍ତି, ନିଜ ନିଜ ଭିତରେ ଗାଳିଗୁଲଜ ଏବଂ ପିଟାପିଟି ହେଉଛନ୍ତି । ଦାରିଦ୍ର୍ୟର ଏକ ଅଭାବନୀୟ ଦୃଶ୍ୟ । ଯେପରିକି କୌଣସି ବ୍ୟକ୍ତି କିଂବା ଅନୁଷ୍ଠାନ ସେମାନଙ୍କର କିଛି ବି ଯତ୍ନ ନେଉ ନାହିଁ । ଏ କଥା ଶୁଣୁଶୁଣୁ ତା'ର ଅନ୍ଧ ଆଖି ଦୁଇଟିରେ ଲୁହ ଭର୍ତ୍ତି ହୋଇଗଲା । କିନ୍ତୁ ତା' ନିକଟରେ ତ ଆଉ କୌଣସି ମୂଲ୍ୟବାନ୍ ପଥର ନାହିଁ । ହେଲେ ତା'ର ଦେହସାରା ସୁନାର ଆବରଣ ରହିଛି ଏବଂ ଜୀବନ୍ତ ମଣିଷମାନେ ସବୁବେଳେ ଭାବନ୍ତି ସୁନାହିଁ ସେମାନଙ୍କୁ ସୁଖୀ ରଖିପାରିବ । ତେଣୁ ମୂର୍ତ୍ତି ଚଢ଼େଇଟିକୁ ଭଦ୍ର ଏବଂ ନମ୍ର ଭାବରେ ତା'ର ଶେଷ ଅନୁରୋଧ କଲା ଯେ ଚଢ଼େଇଟି କଷ୍ଟ କରି ମୂର୍ତ୍ତିର ସାରା ଦେହରୁ ସୁନାଛାଉଣି ସବୁ ଖୋଳିନେଇ ପିଲାମାନଙ୍କ ନିକଟରେ ବିଛାଇ ଦେଉ । ବିଚାରା ଶ୍ରାନ୍ତ, କ୍ଳାନ୍ତ ଚଢ଼େଇଟିକୁ ବହୁତ କଷ୍ଟ ହେଲେ ସୁଦ୍ଧା ସେ ତା'ର ଅନିଚ୍ଛା ପ୍ରକାଶ କରି ପାରିଲା ନାହିଁ । ଏତେ ବଡ଼ ମହତ୍ ଏବଂ ଆଦର୍ଶ ବ୍ୟକ୍ତି ନିକଟରେ ସେ ଛାର ପକ୍ଷୀଟିଏ ହୋଇ କିଭଳି ମନା କରିଦେବ ? ସାଙ୍ଗେ ସାଙ୍ଗେ ସ୍ୱାଲୋ ସେହି କାମରେ ଲାଗିପଡ଼ିଲା ଏବଂ ତା'ର ଦୁର୍ବଳ ଦେହ ଏବଂ ଯନ୍ତ୍ରଣା ପାଉଥିବା ଥଣ୍ଡ ସତ୍ତ୍ୱେ ଟିକିଟିକି ସୁନା ଖଣ୍ଡ ସବୁ ଛିଣ୍ଡାଇ ନେଇ ଭିକାରି ଅନାଥ ପିଲାଙ୍କ ଆଗରେ ବିଛାଇ ଦେଲା । ପିଲାଙ୍କର ଆନନ୍ଦ କହିଲେ ନ ସରେ । ସେମାନେ ଅତି ଖୁସିରେ ସୁନାଖଣ୍ଡ ସବୁ ନେଇ ବଜାରରେ ବିକ୍ରି କରି ଖାଇପିଇ ଆନନ୍ଦରେ ସମୟ କଟାଇଲେ ।

ଏସବୁ କାମ ଶେଷ ହେଲାବେଳକୁ ମୂର୍ତ୍ତିର ଦେହରେ ଆଉ କୌଣସି ମୂଲ୍ୟବାନ୍ ଧାତୁ କିଂବା ରତ୍ନପଥର ନାହିଁ । ସେ ଅତ୍ୟନ୍ତ ଅସୁନ୍ଦର ଦେଖା ଯାଉଥାଏ । ସ୍ୱାଲୋ ଦେହରେ ଅସହ୍ୟ

ଯନ୍ତ୍ରଣା । ସୁଖୀ ରାଜକୁମାର ଅତ୍ୟନ୍ତ ଭଦ୍ର ଭାବରେ ଚଢ଼େଇଟିକୁ ଧନ୍ୟବାଦ ଜଣାଇ ତା'ଠାରୁ ବିଦାୟ ନେଇ ସେ ତା'ର ପ୍ରିୟ ଜନ୍ମଭୂମିକୁ ଯିବାକୁ ଉପଦେଶ ଦେଲା । ଚଢ଼େଇ ବହୁତ ସମ୍ମାନ ଦେଖାଇ ମୂର୍ତ୍ତିର ହାତକୁ ଚୁମ୍ବନ ଦେବାକୁ ଉଦ୍ୟତ ହୁଅନ୍ତେ ମୂର୍ତ୍ତି କହିଲା, ସେମାନେ ପରସ୍ପରକୁ ସ୍ନେହ କରୁଥିବା ହେତୁ ସୁଖୀ ରାଜକୁମାରଙ୍କୁ ସମ୍ମାନ ଦେଖାଇ ହାତରେ ଚୁମ୍ବନ ନ ଦେଇ ଓଠରେ ଚୁମ୍ବନ ଦେବା ଉଚିତ । କାରଣ ସେମାନେ ଦୁଇଜଣ ବନ୍ଧୁ ହୋଇ ସାରିଲେଣି । ଏ କଥାଟି ଚଢ଼େଇଟିକୁ ବହୁତ ଭଲ ଲାଗିଲା – ତା'କୁ ପକ୍ଷିଜନ୍ମରୁ ମୋକ୍ଷଲାଭ କଲାଭଳି ମନେହେଲା । ସେ ଓଠରେ ଚୁମ୍ବନ ଦେଲା ସତ, କିନ୍ତୁ ଏସବୁ କାର୍ଯ୍ୟ ଶେଷ ହେଲା ବେଳକୁ ତା'ର ପ୍ରାଣବାୟୁ ବହୁତ କ୍ଷୀଣ ହୋଇଯାଇଥିଲା । ସେ ସାଙ୍ଗେ ସାଙ୍ଗେ ମୂର୍ତ୍ତିର ପାଦତଳକୁ ଟଳି ପଡ଼ି ଶେଷ ନିଃଶ୍ୱାସ ତ୍ୟାଗ କଲା । ମୂର୍ତ୍ତିଟି ଚଢ଼େଇର ଏପରି ଅବସ୍ଥା ଆଶା କରି ନ ଥିଲା ଏବଂ ଚଢ଼େଇର ଏହି ଅପୂର୍ବ ତ୍ୟାଗ କଥା ଅନୁଭବ କରୁକରୁ ତା'ର ହୃଦୟ ଏକ ବିରାଟ ଧକ୍କା ପାଇ ସେଥିରେ ଗୋଟିଏ ବିରାଟ ଫାଟ ହୋଇଗଲା ।

ସକାଳୁ ଦଳେ ପ୍ରଭାବଶାଳୀ ରାଜନୀତିଜ୍ଞ ସେହି ବାଟରେ ଯାଉଥିଲେ । ସେମାନେ ଏହି ଅସୁନ୍ଦର ମୂର୍ତ୍ତି ଏବଂ ମଲା ଚଢ଼େଇକୁ ଦେଖି ବିରକ୍ତ ହେଲେ । ସେମାନେ ସ୍ଥିର କଲେ, ଚାରିଆଡ଼େ ଘୋଷଣା କରିଦେବେ ଯେ ଚଢ଼େଇମାନେ ଯେ କୌଣସି ସ୍ଥାନରେ ନ ମରି ଉପଯୁକ୍ତ ସ୍ଥାନରେ ମରିବା ଉଚିତ । ମଲା ଚଢ଼େଇଟିକୁ ଏକ ଅଳିଆଗଦାରେ ଫିଙ୍ଗି ଦିଆଗଲା ଏବଂ ସ୍ଥିରହେଲା ମୂର୍ତ୍ତିକୁ ସେଠାରୁ ନେଇ ତରଳେଇ ସେଥିରେ ସେଇ ସ୍ତମ୍ଭ ଉପରେ ଜଣେ ପ୍ରଭାବଶାଳୀ ରାଜନୀତିଜ୍ଞଙ୍କର ମୂର୍ତ୍ତିସ୍ଥାପନ କରାଯିବ । ପ୍ରତ୍ୟେକେ ଚାହିଁଲେ ନିଜ ନିଜର ମୂର୍ତ୍ତି ସେଠାରେ ସ୍ଥାପନ କରିବା ପାଇଁ । ଯେତେବେଳେ ମୂର୍ତ୍ତିର ଅବଶିଷ୍ଟାଂଶକୁ ତରଳାଇବା ପାଇଁ କାରଖାନାକୁ ନିଆଗଲା, ତା'ର ସବୁ ଅଂଶ ତରଳିଗଲେ ମଧ୍ୟ ହୃଦୟଟି ତରଳିଲା ନାହିଁ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ ସାଧାରଣ ଧାତୁରେ ନିର୍ମିତ ଉକ୍ତ ଫଟା ଛାତିଟା କିପରି ମୋଟେ ତରଳୁ ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ଫଟା ଛାତିଟା ତରଳିଲା ନାହିଁ । ଶେଷରେ ବିରକ୍ତ ହୋଇ ସେଇଟାକୁ ଅଳିଆ ଗଦାରେ (ଯେଉଁଠି ମଲା ଚଢ଼େଇଟି ପଡ଼ିଥିଲା) ଫୋପାଡ଼ି ଦିଆଗଲା ।

ଏଣେ ଈଶ୍ୱର କିନ୍ତୁ ଏସବୁ କଥା ଉପରେ ଦୃଷ୍ଟି ରଖିଥା'ନ୍ତି । ସେ ତାଙ୍କର ଜଣେ ଦୂତକୁ ଆଦେଶ ଦେଲେ ପୃଥିବୀର ସବୁଠାରୁ ମୂଲ୍ୟବାନ୍ ଦୁଇଟି ଜିନିଷ ବାଛି ଆଣିବା ପାଇଁ । ଦୂତଟି ବହୁତ ବୁଲି ବୁଲି ଶେଷରେ ଏହି ଦୁଇଟି ପଦାର୍ଥ ଈଶ୍ୱରଙ୍କ ନିକଟରେ ପହଞ୍ଚାଇଲା – ମଲା ଚଢ଼େଇ ଏବଂ ସୁଖୀ ରାଜକୁମାରର ଫଟା ହୃଦୟ । ଏହା ଦେଖି ଈଶ୍ୱର ଅତ୍ୟନ୍ତ ଖୁସି ହେଲେ ଏବଂ ପ୍ରକାଶ କଲେ ଯେ ଠିକ୍ ଭାବରେ ମୂଲ୍ୟବାନ୍ ପଦାର୍ଥ ଦୁଇଟି ବଛାଯାଇଛି । ସଙ୍ଗେ ସଙ୍ଗେ ଈଶ୍ୱର ଆଦେଶ ଦେଲେ ତାଙ୍କର ପାରିଜାତ ବଗିଚାରେ ଚଢ଼େଇଟି ଅମର ରହି ସଦାସର୍ବଦା ତା'ର ସୁଲଳିତ କଣ୍ଠରେ ଗୀତ ଗାଇବ ଏବଂ ସୁଖୀ ରାଜକୁମାର ତାଙ୍କ ସ୍ୱର୍ଣ୍ଣଭବନରେ ଚିରନ୍ତନ ଜଣାଣ ଗାଇବ । ପରମ ପ୍ରଭୁଙ୍କର ଆଦେଶକୁ କିଏ ବା ଅମାନ୍ୟ କରିବ ! ତେଣୁ ସଙ୍ଗେ ସଙ୍ଗେ ଏସବୁର ବ୍ୟବସ୍ଥା କରାଗଲା ।

– ଅନୁସୃଜନ ଓ ଉପସ୍ଥାପନା : **ରଙ୍ଗନାଥ ହୋତା** ❑

ତୁମ ପଡ଼ୋଶୀ ମଧ୍ୟସ୍ଥ ଭଗବାନ୍, ତୁମ ମଧ୍ୟସ୍ଥ ଭଗବାନ୍, ତୁମ ଦେଶ ଓ ତୁମ ଶତ୍ରୁଦେଶ ମଧ୍ୟସ୍ଥ ଭଗବାନ୍, ମାନବଜାତି ମଧ୍ୟସ୍ଥ ଭଗବାନ୍, ବୃକ୍ଷ, ପ୍ରସ୍ତର ତଥା ପ୍ରାଣୀମାନଙ୍କ ମଧ୍ୟସ୍ଥ ଭଗବାନ୍, ଜଗତ୍ ତଥା ଜଗତ୍ ବାହାର ସ୍ଥିତ ଭଗବାନଙ୍କ ଲାଗି ଜୀବନ ଧାରଣ କର, ତାହାହିଁ ହେଉଛି ମୁକ୍ତିର ସିଧା ସଳଖ ପଥ ।

– ଶ୍ରୀଅରବିନ୍ଦ

# ଶେଷ ପତରଟି

**(The Last Leaf)**

## ଓ ହେନ୍‌ରୀ

ୱାଶିଂଟନ ଛକର ପଶ୍ଚିମକୁ ଛୋଟ ଜିଲ୍ଲାଟିଏ । ସେପଟକୁ ଯାଇଥିବା ରାସ୍ତାଗୁଡ଼ାକ ଅଜବ ପ୍ରକାରର । ସଡ଼କଗୁଡ଼ାକ ଛନ୍ଦାଛନ୍ଦି ହୋଇ କ୍ରମଶଃ ସରୁ ହୋଇଯାଇଛି । ଦେଖିଲେ ମନେହୁଏ ସତେ ଯେମିତି ସଡ଼କଗୁଡ଼ାକ ପାଗଳ ହୋଇ ଯାଇଛନ୍ତି । ଏହି ସଡ଼କଗୁଡ଼ାକୁ ଲୋକେ 'କାଜ' ବା ଭସା ରାସ୍ତା ବୋଲି କହନ୍ତି । କାଜଗୁଡ଼ାକ ବିଭିନ୍ନ ପରିମାଣର କୋଣରେ ଅଙ୍କାବଙ୍କା ହୋଇ ଲମ୍ବି ଯାଇଥାଏ । ଗୋଟିଏ ଗୋଟିଏ ରାସ୍ତା ଏକାଧିକବାର ଆଉ ଗୋଟିଏ ରାସ୍ତାକୁ କାଟିଥିବାର ଦେଖାଯାଏ । ଥରେ ଜଣେ ଚିତ୍ରଶିଳ୍ପୀ ଏ ପ୍ରକାର ରାସ୍ତାର ଫାଇଦା ଉଠେଇ ସୁଯୋଗର ଉଜ୍ଜ୍ୱଳ ସମ୍ଭାବନା ଆବିଷ୍କାର କଲେ । ଧରାଯାଉ ରଙ୍ଗ, ତୂଳି, କାଗଜ ବା କାନ୍‌ଭାସ ଇତ୍ୟାଦିର ବାକିଆ ପାଉଣା ପାଇଁ ଦୋକାନର ଗୁମାସ୍ତା ଏପଟ ରାସ୍ତାଦେଇ ଆସି ହୁଏତ ଦେଖିବ ଯେ ସେ ଯେଉଁଠାରୁ ବାହାରିଥିଲା ସେଇ ଜାଗାରେ ପହଞ୍ଚିଯାଇଛି । ମାତ୍ର ସାହୁକାରର ବାକି ଖାତାରେ ଛଦାମଟିଏ ବି ଅସୁଲ ପଡ଼ି ନାହିଁ ।

ସେଇଥିପାଇଁ ବୋଧେ ଚିତ୍ରଶିଳ୍ପୀମାନେ ଉତ୍ତରାବାୟୁ ସନ୍ଧାନରେ ଆସି ଦିନ କେତେଟାରେ ଜମିଗଲେ ଏହି ମନୋରମ ତଥା ପ୍ରାଚୀନ ଗ୍ରୀନ୍‌ୱିଚ୍ ବସ୍ତିରେ । ଆହୁରି ମଧ୍ୟ ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ପାଶ୍ଚାତ୍ୟ ରୁଚି ସମ୍ପନ୍ନ କୋଣାକାର ଅଟ୍ଟାଳିକା ଥିଲା ଏକ ଆକର୍ଷଣ । ଘର ଭଡ଼ା ବି ଶସ୍ତା । ଏଠାରେ ପହଞ୍ଚିଗଲା ପରେ ଛ' ନମ୍ବର ଗଳିର ବଜାରରୁ ଅନେକ ମୂଲଚାଲ ପରେ ଆମଦାନୀ ହୋଇଯାଏ ରସ ମଗ୍ ଆଉ ବାସନକୁସନ ଇତ୍ୟାଦି । ଏହିପରି ଭାବରେ ଗଢ଼ି ଉଠିଛି ଏ ବସ୍ତି ।

ବେଶ୍ ଉଚ୍ଚା ତିନିମହଲା ଇଟା କୋଠାଟିର ଉପର ମହଲାରେ ଥିଲା ସୁ' ଆଉ ଝନ୍‌ସିଙ୍କ ଷ୍ଟୁଡ଼ିଓଟି । ଜୋଆନା, ଝନ୍‌ସି ନାମରେହିଁ ପରିଚିତ ଥିଲା । ଦୁହିଙ୍କ ମଧ୍ୟରୁ ଜଣେ ଆସିଥିଲା ମେଇନେ ପ୍ରଦେଶରୁ । ଅନ୍ୟ ଜଣକ କାଲିଫର୍ଣ୍ଣିଆ ପ୍ରଦେଶରୁ ଆସିଥିଲା । ଦୁହିଙ୍କର ସାକ୍ଷାତ୍ ହୋଇଥିଲା ଆଠ ନମ୍ବର ଗଳିରେ ଥିବା ଡେଲ୍‌ମୋନିକୋ ରେଷ୍ଟୋରାଁରେ । କଳା, ଚିକୋର ସାଲାଡ଼ ଖାଇବା ତଥା ଏକା ରଙ୍ଗର ଲମ୍ବା ପାଦ୍ରି ଜାମା ପିନ୍ଧିବାରେ ଦୁହିଙ୍କର ରୁଚି ସମାନ ଥିଲା । ଆଉ ସେଇଥିରୁ ଜନ୍ମନେଲା ବର୍ତ୍ତମାନର ଏ ଷ୍ଟୁଡ଼ିଓଟି ।

ଇଏ ଥିଲା ମେ ମାସର ଘଟଣା । ନଭେମ୍ବର ମାସରେ ଗୋଟାଏ ଅଦେଖା, ଅଜଣା ଅତିଥିର ଆବିର୍ଭାବ ହେଲା ବସ୍ତିମାନଙ୍କରେ । ତାକୁ ଡାକ୍ତରମାନେ କହିଲେ 'ନିମୋନିଆ' ଅର୍ଥାତ୍ ସନ୍ନିପାତର ହିମ ଅଙ୍ଗୁଳି ସ୍ପର୍ଶକଲା ବସ୍ତିମାନଙ୍କରେ ଏଠି ଜଣକୁ ତ ସେଠି ଜଣକୁ । ପୂର୍ବପଟ ଆଡ଼କୁ ହତ୍ୟାକାରୀର ଧ୍ୱଂସଲୀଳା ଚାଲିଲା ନିର୍ଦ୍ଦୟ ଭାବରେ । ଗୋଟେ ଦୁଇଟା ହିସାବରେ ନୁହେଁ, କୋଡ଼ି ହିସାବରେ ଖାଇଗଲା । ମାତ୍ର ତା' ପାଦ ଜଟିଳ, ଅଣଓସାରିଆ ତଥା ଖସଡ଼ା ବାଟଦେଇ ଏ ବସ୍ତିକୁ ଧୀରେ ଧୀରେ ପଡୁଥିଲା ।

ସନ୍ନିପାତ ମହାଶୟଙ୍କୁ ଆପଣ କେତେବେଳେ ହେଲେ ବୃଦ୍ଧ ସୈନିକ ବୋଲି କହିବେ ନାହିଁ । କାଲିଫର୍ଣ୍ଣିଆର ପଶ୍ଚିମ ବାୟୁ ପ୍ରଭାବରେ ରକ୍ତହୀନତା ରୋଗ ଥିବା ବିଚାରୀ ଝିଅ ପିଲାଟି ଉପରେ ଏଇ ବୁଢ଼ା ମାଙ୍କଡ଼ର ରଙ୍ଗାହାତର କ୍ଷଣସ୍ଥାୟୀ ଖେଳ ଏତେ ସରଳ ନଥିଲା । ସେ ଧରି ପକେଇଲା ଝନ୍‌ସିକୁ । ନିଜେ ରଙ୍ଗ କରିଥିବା ଖଟଟି ଉପରେ ପଡ଼ି ରହିଥିଲା ସେ । କଡ଼ ଲେଉଟେଇ ହେଉ ନଥିଲା । ଖଟଟିରେ ପଡ଼ି ପଡ଼ି ପାଶ୍ଚାତ୍ୟ ଢଙ୍ଗରେ ନିର୍ମିତ ଝରକା ଦେଇ ଚାହିଁ ରହିଥିଲା ବାହାରକୁ, ଆରପଟ ଇଟା ନିର୍ମିତ ଅଟ୍ଟାଳିକା ପଛ ପଟକୁ ।

ସକାଳୁ ସକାଳୁ ପାକଲା ବାଳୁବାଳୁଆ ଭୂଲତାକୁ ଟେକି ବ୍ୟସ୍ତ ଡାକ୍ତର, ସୁ'କୁ ବାହାରକୁ ଡାକି ଆଣିଲେ । ଧରିଥିବା ଥର୍ମୋମିଟରଟିକୁ ଝାଡୁ ଝାଡୁ କହିଲେ, ''ତା' ଅବସ୍ଥାକୁ କୁହାଯାଇପାରେ ଦଶ ଭାଗରୁ ଏକ ଭାଗ । ଅର୍ଥାତ୍ ବଞ୍ଚିବାର ଆଶା ସେତିକି । ପାଖେ ପାଖେ ରହି ସେବା କରୁଥିବା ଲୋକ ଔଷଧ ପୁସ୍ତକକୁ ସେହି କାରଣରୁ ହେୟ ମଣନ୍ତି । କାହିଁକି ଜାଣ ? ତୁମର ଏଇ ଝିଅଟି ପୂରା ଧରିନେଇଛି ଯେ ସେ ଆଉ ଭଲ ହେବ ନାହିଁ । ତା' ମନ ଭିତରେ କିଛି ଗୋଟାଏ ଦୁଶ୍ଚିନ୍ତା ଅଛି କି ?''

''ତା'ର ? ହଁ, ସେ ନେପଲ୍‌ସ ଉପସାଗରକୁ ତୂଳିରେ

ରୂପ ଦେବାକୁ ଇଚ୍ଛା କରୁଥିଲା ।'' ସୁ' ଟିକିଏ ଚିନ୍ତା କରି ଉତ୍ତରଟା ଦେଲା ।

''ଆଙ୍କିବା ? ହେତ୍ ! ଅନ୍ୟକିଛି ବଡ଼ ଚିନ୍ତା ମୁଣ୍ଡରେ ପଶିଛି କି ? ଉଦାହରଣସ୍ୱରୂପ କେହି ପୁରୁଷ କି ସେମିତିକା କିଛି ?''

କଡ଼ା ଆଉ ରୋକ୍‌ଠୋକ୍ ଭାବେ ସୁ' ଉତ୍ତର ଦେଲା ''ପୁରୁଷ ! ପୁରୁଷ କ'ଣ ଏତେ ମୂଲ୍ୟବାନ୍ ? ନା ଡାକ୍ତର ସାହେବ, ସେମିତି କିଛି ତା'ର ନାହିଁ ।''

''ତେବେ ଅତିଶୟ ଦୁର୍ବଳତାରୁ ହୋଇପାରେ । ଅବଶ୍ୟ ବିଜ୍ଞାନ ଯେତିକି ମୋ ମସ୍ତିଷ୍କକୁ ଛାଣି ହୋଇଆସିଛି, ସେତିକିରେ ମୋର ପାରୁ ପର୍ଯ୍ୟନ୍ତ ଚେଷ୍ଟା ଚଲେଇବି । ମାତ୍ର ମୋ ରୋଗୀ ଯେତେବେଳେ ତା' ଶବ ସହିତ ଯାଉଥିବା ଯାନଗୁଡ଼ିକୁ ଗଣିବା ଆରମ୍ଭ କରିଦିଏ, ଔଷଧର ଆରୋଗ୍ୟ କରିବା ଶକ୍ତିକୁ ଶହେ ଭାଗରୁ ପଚାଶ ଭାଗ କାଟିଦିଏ । ଗୋଟିଏ କଥା, ତା' ମନକୁ ଭୁଲେଇବା ପାଇଁ ଆସନ୍ତା ଶୀତ ଋତୁ ପାଇଁ କେମିତି ନୂଆ ନୂଆ ଫେସନର ପୋଷାକ କରାଯାଇ ପାରିବ ସେ ବିଷୟରେ ତା' ସହିତ ଚର୍ଚ୍ଚା କର । ତେବେ ତା'ର ବଞ୍ଚିବାର ଆଶା ଦଶଭାଗରୁ ଭାଗେ ପରିବର୍ତ୍ତେ, ଦଶଭାଗରୁ ପାଞ୍ଚ ଭାଗକୁ ଟାଣି ଆଣିବି ବୋଲି ଦୃଢ଼ ଭାବରେ ମୁଁ କହିବି ।''

ଡାକ୍ତର ସାହେବ ଚାଲିଗଲା ପରେ ସୁ' ନିଜ ବଖରାକୁ ପଶିଯାଇ ଏତେ କାନ୍ଦିଲା ଯେ ଲୁହରେ ତା' ଗାମୁଛାଟା ଭିଜିଗଲା । ତା'ପରେ ସେ ନିଜକୁ ଆୟତ୍ତ କରିଦେଇ ଟିକିଏ ହସ ହସ ମୁହଁରେ ହ୍ୱିସିଲ୍ ମାରି ମାରି ପଶିଗଲା ଝନ୍‌ସିର ବଖରାକୁ । ଝନ୍‌ସି ଘୋଡ଼ିଘାଡ଼ି ହୋଇ ପଡ଼ି ରହିଥିଲା । ହଲ୍‌ଚଲ୍ ନାହିଁ । ଖଟପାଖ ଝରକା ଆଡ଼ିକି ଚାହିଁ ରହିଥିଲା । ସେ ଶୋଇଯାଇଛି ଭାବି ସୁ' ବନ୍ଦ କରିଦେଲା ହ୍ୱିସିଲ୍ ମାରିବା ।

ସୁ' ତା' ଡ୍ରଇଂବୋଡ୍‌ଟା ଧରି କୌଣସି ଏକ ପତ୍ରିକାର କାହାଣୀ ପାଇଁ କଳାଧଳା ଚିତ୍ର ଆଙ୍କିବା ଆରମ୍ଭ କରିଦେଲା । ଯୁବପିଢ଼ିର ଚିତ୍ରଶିଳ୍ପୀମାନେ ପ୍ରଥମେ ପ୍ରଥମେ କାହାଣୀ ପାଇଁ ଚିତ୍ର କରି କରି ପରେ ପୋଖତ ଚିତ୍ରଶିଳ୍ପୀ ହୋଇଯା'ନ୍ତି, ଯେମିତି ଲେଖକମାନେ ମାନ୍ୟତା ପାଇବା ଆଗରୁ ବିଭିନ୍ନ ପତ୍ରିକା ପାଇଁ କାହାଣୀ ଲେଖନ୍ତି । ଯେତେବେଳେ ସୁ' ଘୋଡ଼ା ଚଢ଼ାଳିର ଟ୍ରାଉଜର ଆଉ ଗୋରୁ ଜଗୁଆଳ ଆଖି ଉପରେ ଏକ ଆଖିଆ ଚଷମା ନକ୍ସାଟା ଗାରଉଥିଲା, ସେତେବେଳେ ଝନ୍‌ସି ନିଚ୍ଚା ସ୍ୱରରେ ବାଉଳି ଚାଉଳି ହେବାର ଶବ୍ଦ ଶୁଣିବାକୁ ପାଇଲା । ସାଙ୍ଗେ ସାଙ୍ଗେ ଉଠିଯାଇ ଧାଇଁଗଲା ଝନ୍‌ସିର ଖଟ ପାଖକୁ । ଝନ୍‌ସି ବଡ଼ ବଡ଼ ଆଖି କରି ଅନେଇଥିଲା । କ'ଣ ଗୋଟାଏ ଗଣୁଥିଲା ଝରକା ଆଡ଼କୁ ଚାହିଁ । ଗଣୁଥିଲା ଓଲଟା ସଂଖ୍ୟା ବାର, ଟିକିଏ ପରେ ଏଗାର । ପୁଣି ଦଶ, ନଅ ଆଉ ଆଠ ଓ ସାତ ଏକା ଥରକେ କହି ପକେଇଲା ।

ସୁ' ଉଦ୍‌ବେଗରେ ଝରକା ଆରପଟକୁ ନିରୀକ୍ଷଣ କଲା ଜାଣିବା ପାଇଁ । ସେପଟେ କ'ଣ ଥାଇପାରେ ! ସେଠାରେ ଦେଖା ଯାଉଥିଲା ନିକାଞ୍ଚନ ଅଗଣାଟାଏ । ସେଇ ଅଗଣାର ପ୍ରାୟ ତିରିଶ ଚାଳିଶ ଫୁଟ ଦୂରକୁ ଦେଖା ଯାଉଥିଲା ଇଟାଗଢ଼ା ପୁରୁଣା କୋଠାର ପଛପଟଟା । ସେଇ କାନ୍ଥର ଅଧା ପର୍ଯ୍ୟନ୍ତ ମାଡ଼ି ଯାଇଥିଲା ଲଟାଟାଏ । ଚେରଟା ଶୁଖି ଗଲାଣି । ଟଳମଳିଆ ଇଟା ଭିତର ଦେଇ ବଢ଼ିଥିବା ସେ ଲଟାରେ ଶୀତ ଋତୁର ହେମାଳ ପବନ ବାଜି ବାଜି ପତ୍ରଝଡ଼ା ଦେଇ ନାଣ୍ଡିଆ ଦେଖା ଯାଉଥିଲା ।

''କ'ଣ ଦେଖୁଛୁ ମ ସେଠି ?'' ସୁ' ବଡ଼ ଆଦରରେ ପଚାରିଲା ।

''ଛ, ଏବେ ସେଗୁଡ଼ାକ ଜଲ୍‌ଦି ଜଲ୍‌ଦି ଝଡ଼ି ପଡ଼ୁଛି । ତିନିଦିନ ତଳେ ପ୍ରାୟ ଶହେ ଖଣ୍ଡେ ପତର ଥିଲା । ମୋ ମୁଣ୍ଡ କ'ଣ ହୋଇଯାଉଥିଲା ଗଣିଲା ବେଳକୁ । ଏବେ ସହଜ ହୋଇଗଲାଣି । ହେଇଟି ଆହୁରି ଗୋଟେ ଖସିଲା । ରହିଲା କେବଳ ପାଞ୍ଚୋଟି ।'' ଏତେ ଧୀରେ କହୁଥିଲା, ଜଣା ପଡୁଥିଲା ସତେ ଯେମିତ କାହା କାନପାଖେ ଫୁସ୍‌ଫୁସ୍ କରି କହୁଛି ।

''ଆଲୋ କ'ଣ ପାଞ୍ଚ ? ତୋ' ସ୍ନେହର ସୁଡ଼ିକୁ କହିବୁନି ?''

''ପତର ! ସେଇ ଲଟାର । ଶେଷ ପତରଟି ଯେତିକି ବେଳେ ଝଡ଼ିବ, ମୋ ଜୀବନର ଅନ୍ତ ସେତିକିବେଳେ ହେବ ନିଶ୍ଚୟ । ତିନି ଦିନ ତଳୁ ମୁଁ ସେକଥା ଜାଣି ସାରିଲିଣି । ଡାକ୍ତର ତୋତେ ସେଇକଥା କହିଲେନି କି ?''

''ଧେତ୍ । ଏମିତି ମୂର୍ଖାମି କଥା ମୁଁ କେବେ ଶୁଣି ନାହିଁ ।'' ଟିକିଏ ଚଢ଼ା ସ୍ୱରରେ କହିଲା ସୁ' । ''ତୋ ଆରୋଗ୍ୟ ହେବା ସହିତ ସେ ଲଟା ପତରର କ'ଣ ସମ୍ବନ୍ଧ ଅଛି ? ହଁ, ଏକଥା ସତ ଯେ ସେ ଲଟାଟା ତୋତେ ଦେଖିବାକୁ ଭଲଲାଗେ । ତୁ ବଡ଼ ଦୁଷ୍ଟ ହେଲୁଣି । ନିର୍ବୋଧଙ୍କ ପରି ହୁଅନା । କାହିଁ, ଡାକ୍ତର ତ ଏଇ ସକାଳେ ମୋତେ କହିଦେଇଗଲେ ଯେ ତୋ ଆରୋଗ୍ୟର ସମ୍ଭାବନା ଉଜ୍ଜ୍ୱଳ ହୋଇ ଆସିଲାଣି । ତାଙ୍କ

ଭାଷାରେ ସେ କହିଲେ ଯେ ତୋର ଆରୋଗ୍ୟ ହେବାର ସୁଯୋଗ ଦଶଭାଗରୁ ଭାଗେ । କ'ଣଟା ସେ ଖରାପ କହିଲେ ? ଆମେ ନ୍ୟୁୟର୍କ ନଗରୀର ରାସ୍ତାରେ, ନଗରୀସେବା ବସ୍‌ରେ ଯିବା ଆସିବା କଲାବେଳେ ଅଥବା ତୋଳାଯାଇଥିବା ବହୁତଳ ପ୍ରାସାଦ ନିକଟ ଦେଇ ଯିବା ଆସିବା କଲାବେଳେ ଆମର ବଞ୍ଚିବାର ସୁଯୋଗ ସେତିକିରୁ ବେଶୀ ନୁହେଁ । ଏବେ ଟିକିଏ ଗରମ ଗରମ ସୁପ୍ ପିଇବାକୁ ଚେଷ୍ଟା କର । ତେବେ ଯାଇ ତୋର ସାଥୀ ସୁଡ଼ି ଫେରିଯିବ ଚିତ୍ର ଆଙ୍କିବାକୁ । ଚିତ୍ରଟିକୁ ନେଇ ସମ୍ପାଦକଙ୍କୁ ବିକ୍ରି କଲେ ଏଇ ସୁନା ଭଉଣୀଟି ପାଇଁ ନେଇ ଆସିବି ବ୍ରାଣ୍ଡି ଆଉ ନିଜ ଭୋକିଲା ପେଟ ପାଇଁ ଖଣ୍ଡେ ମାଂସ ।''

''ଆଉ ମଦ ଆଣିବା ଦରକାର ପଡ଼ିବ ନାହିଁ ଲୋ ସୁଡ଼ି ।'' ଏତକ କହିଲା ବେଳକୁ ତା' ଆଖି ସେମିତି ଲଟା କାଛକୁ ଲାଖି ରହିଥିଲା । ହେଇଟି ଆଉ ଗୋଟାଏ ଖସିଲା । ନା ନା ଆଉ ମୋର ଝୋଳଫୋଳ କିଛି ଦରକାର ନାହିଁ । ଆଉ ରହିଲା ମାତ୍ର ଚାରୋଟି । ସଞ୍ଜ ଆଗରୁ ମୁଁ ଶେଷ ପତରଟି ଝଡ଼ିବା ଦେଖିବାକୁ ଚାହେଁ । ତା'ପରେ ମୁଁ ମୋର ଜୀବନର ଶେଷ ନିଃଶ୍ୱାସ ଛାଡ଼ିବି ।''

ଝନ୍‌ସି ଉପରକୁ ନଇଁପଡ଼ି 'ସୁ' ଗେଲେଇ ଗେଲେଇ କହିଲା, ''ଝନ୍‌ସି ! ମୋତେ କଥା ଦେ, ତୁ ଆଖି ବନ୍ଦ ରଖିବୁ । ମୋର ଚିତ୍ରଟି ସରିବା ଆଗରୁ ତୁ ବାହାରକୁ ଚାହିଁବୁ ନାହିଁ । ଚିତ୍ରଗୁଡ଼ିକ କାଲି ସୁଦ୍ଧା ତାଙ୍କ ପାଖରେ ଦାଖଲ କରିବାକୁ ପଡ଼ିବ । ମୋତେ ଟିକିଏ ଆଲୁଅ ଦରକାର । ତା' ନହେଲେ ଚିତ୍ରଗୁଡ଼ାକ ଗାଢ଼ ହୋଇଯିବ ।''

''ତୁ ଆର ବଖରାରେ ଚିତ୍ର ଆଙ୍କିପାରିବୁ ନାହିଁ କି ?'' ଅତି କ୍ଷୀଣ ସ୍ୱରରେ ଝନ୍‌ସି କହିଲା ।

''ତୋ ପାଖରେ ରହିବାଟା ବରଂ ବେଶୀ ଜରୁରୀ । ତା'ଛଡ଼ା ତୁ ସେ ଝଡ଼ିଲା ପତର ଆଡ଼ିକି ଚାହିଁବାଟା ମୁଁ ଇଚ୍ଛା କରୁନି ।'' ସୁ' ତାକୁ ବୁଝେଇ କହିଲା ।

''ତୋ' କାମ ସରିବା ମାତ୍ରେ ମୋତେ କହିବୁ । କାରଣ ଶେଷ ପତରଟା ଝଡ଼ିବା ମୁଁ ଦେଖିବାକୁ ଇଚ୍ଛା କରୁଛି । ଅପେକ୍ଷା କରି କରି ମୋର ଧୈର୍ଯ୍ୟଚ୍ୟୁତି ଘଟିଲାଣି । ଚିନ୍ତା କରିବାର ସୀମା ଲଂଘନ କରିବାକୁ ବସିଲାଣି । ସଂସାରର ମାୟା ବନ୍ଧନ ତୁଟେଇ ଆରପାରିକି ଚାଲିଯିବାକୁ ଚାହେଁ, ଠିକ୍ ଅସ୍ତବ୍ୟସ୍ତ ଝଡ଼ା ପତରଟିଏ ପରି ।''

''ଶୋଇବା ପାଇଁ ତୁ ଚେଷ୍ଟା କର ତ ! ମୁଁ ଟିକିଏ ତଳମହଲାକୁ ଯାଉଛି ବୃଦ୍ଧ ବର୍ହମାନଙ୍କୁ ଡାକିବି ଯେ ବୁଢ଼ା ଖଣି ଶ୍ରମିକର ମଡ଼େଲ ହୋଇ ସେ ଠିଆ ହେବେ । ହେଇଟି ଗଲି ଆଉ ଆସିଲି । ମୁଁ ଫେରିବା ପର୍ଯ୍ୟନ୍ତ ହଲ୍‌ଚଲ୍ ହେବୁନି ।'' ସୁ' କହିଦେଇ ବାହାରିଗଲା ।

ବୃଦ୍ଧ ବର୍ହମାନ ଜଣେ ଚିତ୍ରଶିଳ୍ପୀ । ସେଇ କୋଠାର ତଳ ମହଲାରେ ରହନ୍ତି । ବୟସ ଷାଠିଏରୁ ବେଶୀ ହେବ । ମୁହଁରେ ମାଇକେଲ୍ ଆଞ୍ଜେଲୋଙ୍କ ପରି ଲମ୍ୱିଯାଇଛି ବେଶ୍ ଲମ୍ୱା ଲମ୍ୱା ଦାଢ଼ି । ସତେ ଯେମିତି ଦାଢ଼ିଗୁଡ଼ାକ ପ୍ରଭୁଙ୍କ ମୁହଁରୁ ବାହାରି ସଇତାନ ଦେହକୁ ଲମ୍ୱିଛି । ବର୍ହମାନ ଚିତ୍ରଶିଳ୍ପୀ ଜଗତର ଏକ ବିଫଳ ଶିଳ୍ପୀ । ଚାଳିଶ ବର୍ଷ ହେଲା ଲଗାତାର ସେ ତୂଳୀ ଧରିଲେଣି । ମାତ୍ର ତାଙ୍କ ପତ୍ନୀଙ୍କର ପୋଷାକରେ ତାଙ୍କ ମନ ମୁତାବକ ଚିତ୍ରଟିଏ କରି ପାରି ନାହାନ୍ତି । ସେ ସଦାବେଳେ ଚେଷ୍ଟାରତ ଯେ କିପରି ଜୀବନର ଶ୍ରେଷ୍ଠ ଚିତ୍ରଟିଏ ଆଙ୍କିବେ । କିନ୍ତୁ ତାକୁ ଏ ପର୍ଯ୍ୟନ୍ତ ଆରମ୍ଭ କରିପାରି ନାହାନ୍ତି । ଅନେକ ବର୍ଷ ବିତିଗଲାଣି । ବଜାରରେ କାଁ ଭାଁ ଶସ୍ତା କିସମର ଏଣୁତେଣୁ ଚିତ୍ର ଆଙ୍କିବା ବ୍ୟତୀତ ସେମିତି କିଛି ଆଖିଦୃଶିଆ କାମ କରି ନାହାନ୍ତି । ଯେଉଁମାନେ ବୃତ୍ତିଗତ ମଡ଼େଲମାନଙ୍କୁ ଉପଯୁକ୍ତ ମୂଲ୍ୟ ଦେଇ ପାରନ୍ତି ନାହିଁ, ସେପରି ପିଢ଼ିର ଶିଳ୍ପୀମାନଙ୍କର ମଡ଼େଲ ଭାବରେ କିଛି କିଛି ରୋଜଗାର କରି ଗୁଜରାଣ ମେଣ୍ଟାନ୍ତି । ଅତ୍ୟଧିକ ମଦ୍ୟପାନ କରନ୍ତି । ତଥାପି ସେ କହନ୍ତି ଯେ ଦିନେ ନା ଦିନେ ବିରଳ କୃତିଟିଏ ସୃଷ୍ଟି କରିବେ ନିଶ୍ଚୟ । ଅନ୍ୟମାନଙ୍କ ପାଇଁ ତାଙ୍କ ଆଚରଣ ଅତି କଡ଼ା । କିନ୍ତୁ ଉପର ମହଲାରେ ଥିବା ଷ୍ଟୁଡ଼ିଓର ଏଇ ଦୁଇ ଯୁବତୀ ଚିତ୍ର ଶିଳ୍ପୀଙ୍କ ପାଇଁ ଆଲ୍‌ସେସିଆନ କୁକୁର ପରି ନିଜକୁ ଜଣେ ଜାଗ୍ରତ୍ ପ୍ରହରୀ ରୂପେ ମନେ ମନେ ଭାବି ନେଇଛନ୍ତି ।

ସୁ' ପହଞ୍ଚିଲା ବେଳକୁ ମିଞ୍ଜି ମିଞ୍ଜି ଆଲୁଅ ଥିବା ବର୍ହମାନଙ୍କ ବଖରାରୁ କଡ଼ା ମଦର ଭୁରୁଭୁରୁ ଗନ୍ଧ ଭାସି ଆସୁଥିଲା । ଗୋଟାଏ କୋଣରେ ଥୁଆ ହୋଇଥିଲା ଷ୍ଟାଣ୍ଡରେ ଲାଗି କାନ୍‌ଭାସ୍‌ଟିଏ, ପ୍ରାୟ ପଚିଶ ବର୍ଷ ହେବ, ଶ୍ରେଷ୍ଠ କଳା ଆଙ୍କିବା ପାଇଁ । କିନ୍ତୁ ଗାରଟିଏ ବି ପଡ଼ି ନାହିଁ । ଝନ୍‌ସିର ଅବସ୍ଥା ବିଷୟ କହିବାକୁ ଯାଇ ସୁ' କହିଲା ବର୍ହମାନଙ୍କୁ, ''ଇଟା କାନ୍ଥ ଉପର ଲଟାରୁ ଝଡ଼ିବା ପାଇଁ ଅପେକ୍ଷାରତ ପତରପରି, ଝନ୍‌ସି ମଧ୍ୟ ଏ ସଂସାରରୁ ଝଡ଼ିଯିବ । ସେତେବେଳେ ସଂସାରରୁ ତା'ର ମାୟା ବନ୍ଧନ ତୁଟିଯିବ ।''

ଆଖି ଲାଲ୍ ଲାଲ୍ କରି ବର୍ଦ୍ଧମାନ ଏଭଳି ମୂର୍ଖାମି ବିଚାରକୁ ଉଡ଼େଇ ଦେଇ ରାଗିଗଲେ । କହିଲେ, ''ଏ ଦୁନିଆରେ ଏମିତି ବି ମୂର୍ଖ ଲୋକ ଥାଇପାରନ୍ତି, ଯେ କି ଗୋଟାଏ ଶୁଖିଲା ଲଟାରୁ ପତ୍ର ଝଡ଼ୁଛି ବୋଲି ସେ ମରି ଯିବ ବୋଲି ଭାବୁଛି । ମୁଁ ଏକଥା କେବେ ଶୁଣି ନାହିଁ । ନା, ତୁମପରି ଗୋଟାଏ ବୋକୀ ଝିଅ ପାଇଁ ମୁଁ ମଡ଼େଲ ହେବାକୁ ଚାହେଁ ନାହିଁ । ଏଭଳି ବୋକାମି ଚିନ୍ତାଧାରାକୁ ତୁମେ କାହିଁକି ପ୍ରଶ୍ରୟ ଦେଉଛ ? ଶୀଘ୍ର ଯାଇ ଝନ୍‌ସିକୁ ବୁଝାଅ ।''

''ବେମାରିରେ ସେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ଅତ୍ୟଧିକ ଜ୍ୱର ଯୋଗୁଁ ସେ ଖାଲି ବାଉଳି ଚାଉଳି ହେଉଛି । ଠିକ୍ ଅଛି ମି. ବର୍ଦ୍ଧମାନ । ମୋ ପାଇଁ ମଡ଼େଲ ହୋଇ ଠିଆ ନ ହେବେ ଯଦି ନ ହୁଅନ୍ତୁ । କିନ୍ତୁ ମୋର ଧାରଣା ଯେ ଆପଣ ଜଣେ ନିଷ୍ଠୁର ବୃଦ୍ଧ ସଇତାନ ।'' ଅଭିମାନ ଭରା କଣ୍ଠରେ ସୁ' କହିଲା ।

''ଦେଖୁଛି ତୁମେ ଜଣେ ପୋଖତ ସ୍ତ୍ରୀଲୋକ ପରି ହେଉଛ । କିଏ କହିଲା ତୁମ ପାଇଁ ମୁଁ ମଡ଼େଲ ହେବି ନାହିଁ ? ଚାଲ । ମୁଁ ତୁମ ସାଥିରେ ଆସୁଛି । ମୁଁ ସେଥିପାଇଁ ପ୍ରସ୍ତୁତ ଅଛି । କେତେବେଳୁ କହି ଚାଲିଛି ଯେ ମୁଁ ତୁମ ପାଇଁ ପ୍ରସ୍ତୁତ ଅଛି । ବୁଝିଲତ ! ଚାଲ ଚାଲ ଝନ୍‌ସି ବେମାରରେ ପଡ଼ିଛି । ଆମେ ଏଠାରେ ଝଗଡ଼ାଝାଟି କରିବା ଉଚିତ ହେବ ନାହିଁ । ଦିନେ ନା ଦିନେ ମୁଁ ମୋର ଶ୍ରେଷ୍ଠ କଳାଟିର ପ୍ରଦର୍ଶନ କରିବି । ତା'ପରେ ଆମେ ଯେ ଯାହା ଗନ୍ତବ୍ୟ ପଥରେ ଚାଲିଯିବା । କ'ଣ ଠିକ୍ ତ ?'' ବୃଦ୍ଧ ବର୍ଦ୍ଧମାନ କହିକହି ଚାଲିଲେ ଉପର ମହଲାକୁ ।

ସେମାନେ ଉପର ମହଲାରେ ପହଞ୍ଚିଲାବେଳକୁ ଝନ୍‌ସି ଶୋଇଥିଲା । ସୁ' ଝରକା ପରଦାଟାକୁ ଟାଣିଦେଇ ସନ୍ତର୍ପଣରେ ଦେଖେଇଲା ଶୁଖିଲା ଲଟାକୁ । ତା'ପରେ ଦୁହେଁ ଦୁହିଙ୍କୁ ଚାହିଁ ମୁହୂର୍ତ୍ତକ ପାଇଁ ହତବାକ୍ ହୋଇ ପଡ଼ିଲେ । ଅବିରାମ ବର୍ଷା ସାଙ୍ଗରେ ତୁଷାରପାତ ବି ହେଉଥିଲା । କାହିଁରୁ କ'ଣ ଥଣ୍ଡା ବି ଲାଗୁଥିଲା । ନୀଳରଙ୍ଗର ସାର୍ଟ ପିନ୍ଧିଥିବା ବର୍ଦ୍ଧମାନ ବସି ପଡ଼ିଲେ ଖଣି ଶ୍ରମିକର ମଡ଼େଲ ହୋଇ । ବସିଲେ ଓଲଟି ପଡ଼ିଥିବା ଗୋଟାଏ କେଟ୍‌ଲି ଉପରେ, ତାକୁ ମୁଣ୍ଡିଆର ପଥରଖଣ୍ଡେ ମନେକରି ।

ପରଦିନ ପ୍ରତ୍ୟୁଷ । ରାତିରେ ଅତି ବେଶିରେ ସୁ' ଘଣ୍ଟାଏ ହେବ ଶୋଇଥିବ କି ନାହିଁ । ଝନ୍‌ସି ପାଖକୁ ଯାଇ ଦେଖିଲା ବେଳକୁ ସେ ଝରକାର ନୀଳ ପରଦାକୁ ଚାହିଁ ଏତେବଡ଼ ମୁହଁ କରିଛି ।

ଅତି କ୍ଷୀଣ ସ୍ୱରରେ ଆଦେଶ ଦେବା ଢଙ୍ଗରେ ସୁ' କୁ କହିଲା, ''ସେ ପରଦାଟା ଉଠା । ମୁଁ ବାହାରକୁ ଅନେଇବି ।'' ଅନ୍ତରରେ ଦୁଃଖକୁ ଚାପି ସୁ' ପରଦାଟାକୁ ଟେକିଦେଲା ତା' କଥାକୁ ମାନି । ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେ ରାତିସାରା ବର୍ଷା ଆଉ ପବନ ସତ୍ତ୍ୱେ ଭଙ୍ଗାରୁଜା ଇଟାରେ ବଢ଼ିଥିବା ଲଟାର ଗୋଟାଏ ପତର ନଝଡ଼ି ରହି ଯାଇଛି । ଏଇ ଶେଷ ପତରଟାର ଡେମ୍ଫ ସାମାନ୍ୟ କଞ୍ଚାଳିଆ ଦେଖାଯାଉଥିଲା । ମାତ୍ର କରତ ପରି ଦନ୍ତୁରିତ ଧାରଥିବା ପତରଟିରେ ଶୁଖିଲା ହଳଦିଆ ଦାଗ ପରିଷ୍କାର ଭାବରେ ଦେଖାଯାଉଥିଲା । ତଳୁ ପ୍ରାୟ କୋଡ଼ିଏ ଫୁଟ ଉଚ୍ଚରେ ଝୁଲୁଥିଲା ବେଶ୍ ଟାଣୁଆ ଭାବରେ ।

''ସେଇଟା ଶେଷ ପତର । ଭାବିଥିଲି କାଲି ରାତିରେ ନିଶ୍ଚୟ ଝଡ଼ିପଡ଼ିଥିବ । ନ ହେଲେ କାଲି ରାତିରେ ପବନ ଖୁବ୍ ଜୋର୍‌ରେ ବହୁଥିଲା ତ ଆଜି ନିଶ୍ଚୟ ଝଡ଼ି ପଡ଼ିବ । ଆଉ ମୁଁ ଶେଷ ନିଃଶ୍ୱାସ ତ୍ୟାଗ କରିବି ଠିକ୍ ସେତିକିବେଳେ ।'' ଝନ୍‌ସି ଧୀରେ ଧୀରେ କହିବାର ସୁ' ଭଲ ଭାବରେ ଶୁଣିଛି ।

ଝନ୍‌ସି ମୁହଁ ପାଖକୁ ନଇଁପଡ଼ି ସୁ' କହିଲା, ''ମୋ' ସୁନା ଭଉଣୀଟା ପରା । ତୋ ନିଜ ପାଇଁ ନବଞ୍ଚ ପଛେ ମୋ କଥା ଟିକିଏ ଚିନ୍ତାକର । ମୁଁ ପୁଣି କ'ଣ କରିବି ?''

କିନ୍ତୁ ଝନ୍‌ସି କିଛି ଉତ୍ତର ଦେଲା ନାହିଁ । ଆତ୍ମା ଅଜର ଓ ଅମର । ସେ କେତେବେଳେ ଯାଏ ଆଉ କୁଆଡ଼େ ଯାଏ, ସେ ତତ୍ତ୍ୱ ଆଜି ପର୍ଯ୍ୟନ୍ତ ଅବୁଝା ହୋଇ ରହିଯାଇଛି । ଝନ୍‌ସି ଏହାରି ଉପରେ ବେଶୀ ମନୋନିବେଶ କଲାପରି ଜଣାଗଲା । କାରଣ ତା'ର ସାଂସାରିକ ତଥା ବନ୍ଧୁବାନ୍ଧବମାନଙ୍କ ବନ୍ଧନ ତୁଟି ତୁଟି ଗଲାପରି ଲାଗୁଥିଲା ।

ଦିନଟି ସୁରୁଖୁରୁରେ ବିତିଗଲା । ସଞ୍ଜବେଳର ଝାପ୍ସା ଆଲୋକରେ ବି ଲଟାର ଶେଷ ପତରଟା ଇଟାକାନ୍ଥରେ ଝୁଲୁଥିବାର ଦେଖା ଯାଉଥାଏ । ନିଶାର ଆଗମନ ସହିତ ଆରମ୍ଭ ହୋଇଗଲା ଉତ୍ତରପଟୁ କୋହଲା ପବନ । ପବନରେ ଝରକାର କବାଟଗୁଡ଼ାକ ଧଡ୍‌ଧାଡ୍ ହୋଇ ବାଡ଼େଇ ହେଉଥିଲା । ବାହାରେ ନୀଚା ଛାତରୁ ବର୍ଷା ପାଣି ଦୁଲ୍‌ଦୁଲ୍ ପଡ଼ିବାର ଶବ୍ଦ ଶୁଣାଯାଉଥାଏ ।

ତା' ପରଦିନ ସକାଳ । ଆଲୁଅ ଯଥେଷ୍ଟ ପଡ଼ିବା ପାଇଁ ଝରକାଟା ଖୋଲିବାକୁ ସୁ'କୁ ନିଷ୍ଠୁର ଝନ୍‌ସିର ଆଦେଶ ପାଳନ

କରିବାକୁ ପଡ଼ିଲା । ଲଟାର ଶେଷ ପତରଟି ତଥାପି ଝଡ଼ି ନଥାଏ ।

ଝନ୍‌ସି ଏକ ଲୟରେ ଶେଷ ପତରଟିକୁ ଅନେକ ସମୟ ଧରି ଚାହିଁ ରହିଲା । ସେତେବେଳେ ସୁ' ଷ୍ଟୋଭ୍ ଲଗେଇ ଝନ୍‌ସି ପାଇଁ କୁକୁଡ଼ା ଝୋଳ ଘାଣ୍ଟି ଘାଣ୍ଟି ରାନ୍ଧୁଥିଲା । ଏତିକିବେଳେ ତାକୁ ଝନ୍‌ସି ଡାକିଲା, ''ମୁଁ ତ ଗୋଟାଏ ଅମାନିଆ ଝିଅ ବୋଲି ତୁ ଜାଣୁ ସୁ' । କୌଣସି କାରଣରୁ ଶେଷ ପତରଟା ଝଡ଼ିଲା ନାହିଁ । ତହିଁରୁ ପ୍ରତ୍ୟୟ ହେଲା ଯେ ମୁଁ ପ୍ରକୃତରେ କେଡ଼େ ଦୁଷ୍ଟ । ସତ କହିବାକୁ ଗଲେ ଜାଣି ଜାଣି ମୃତ୍ୟୁକୁ ଡାକିବା ମହାପାପ । ଏବେ ମୋତେ ଟିକିଏ ଝୋଳ ଦେ । ଆହୁରି ଦୁଧ ସହିତ ସାମାନ୍ୟ ବ୍ରାଣ୍ଡି ବି । ହଁ, ଆଉ ଗୋଟାଏ କଥା, ମୋ ହାତ ଆଇନାଟା ଟିକିଏ ବଢ଼େଇ ଦେ' ତ ! ତା'ପରେ ମୋ ପିଠି ପାଖକୁ ତକିଆ ଗୋଟେ ଦିଇଟା ଦେଇଦେ ଯେ ଟିକିଏ ଆଉଜି ବସି ଦେଖିବି ତୁ କେମିତି ରନ୍ଧାରନ୍ଧି କରୁଛୁ ।''

ଘଣ୍ଟାଏ ପରେ ସେ କହିଲା, ''ବୁଝିଲୁ ସୁ' । ଦିନେ ନା ଦିନେ ମୁଁ ନିଶ୍ଚୟ ନେପଲସ୍ ଉପସାଗରକୁ ରୂପ ଦେବି ବୋଲି ମୋର ଆଶା ।''

ଅପରାହ୍ଣରେ ଡାକ୍ତର ସାହେବ ରୋଗୀକି ଦେଖିବାକୁ ଆସିଲେ । ଗଲାବେଳକୁ ଝନ୍‌ସିକୁ କହି ସୁ' ଡାକ୍ତରଙ୍କ ସହିତ ବାହାରି ଆସିଲା । ସୁ'ର ଥର ଥର ହାତକୁ ଧରି ପକେଇ ଡାକ୍ତର ସାହେବ କହିଲେ, ''ଏବେ ରୋଗୀର ଆରୋଗ୍ୟ ହେବା ଆଶା ପଚାଶରୁ ଶହେ ଭାଗକୁ ବଢ଼ିଗଲା । ଏହା ସମ୍ଭବ ହେଲା କେବଳ ତୁମର ସେବା ଶୁଶ୍ରୂଷା ଯୋଗୁଁ । ମୁଁ ଯାଉଛି ତଳ ମହଲାର ଆଉ ଗୋଟାଏ ରୋଗୀ ପାଖକୁ । ତାଙ୍କ ନାମ ବର୍ହମାନ । ସେ ଜଣେ ଚିତ୍ରଶିଳ୍ପୀ ବୋଧେ । ତାଙ୍କୁ ମଧ୍ୟ ସନ୍ନିପାତ ଧରିଛି । ଏକେ ତ ବୃଦ୍ଧ ଆଉ ଦୁର୍ବଳ । ପୁଣି ତାଙ୍କୁ ରୋଗଟା ଭୟଙ୍କର ଭାବରେ ଆକ୍ରମଣ କରିଛି । ସେ ବଞ୍ଚିବାର ଆଶା ନାହିଁ । ତାଙ୍କୁ ଆଜି ଡାକ୍ତରଖାନାକୁ ନିଆଯାଉଛି । କାରଣ ତାଙ୍କ ପାଇଁ ବିଶେଷ ସେବା ଶୁଶ୍ରୂଷା ନିହାତି ଜରୁରୀ ହୋଇପଡ଼ିଛି ।''

ପରଦିନ ଡାକ୍ତର ଆସି ସୁ'କୁ କହିଲେ ବର୍ତ୍ତମାନ ଝନ୍‌ସି ସମ୍ପୂର୍ଣ୍ଣ ରୋଗମୁକ୍ତ । ଏହା ତୁମର ଅଦମ୍ୟ ଚେଷ୍ଟାର ଫଳ । ଏବେ ଖାଲି ପଥ୍ୟ ପାଞ୍ଚଣ ଦରକାର ।

ସୁ' ଅପରାହ୍ଣରେ ଝନ୍‌ସି ପାଖକୁ ଗଲା । ସେତେବେଳକୁ ସେ ଉଲ୍‌ରେ ମଫଲରଟାଏ ବୁଣୁଥିଲା । ତା'ହାତରୁ ନୀଳରଙ୍ଗର ଅଧାବୁଣା ମଫଲରଟିକୁ ଝିଙ୍କି ଆଣି କୁଣ୍ଢେଇ ପକେଇଲା ଝନ୍‌ସିକୁ । କହିଲା, ''ତୋତେ ଗୋଟାଏ କଥା କହିବି, ବର୍ହମାନ ସନ୍ନିପାତ ରୋଗରେ ମୃତ୍ୟୁବରଣ କରିଛନ୍ତି । ତାଙ୍କୁ ରୋଗ ଧରିଲା କେବଳ ଦୁଇଦିନ । ଏ କୋଠାର ଚୌକିଦାର କହିବାନୁସାରେ ଆମ ପାଖକୁ ଆସିଥିବା ପରଦିନହିଁ ସକାଳୁ ସକାଳୁ କୁଆଡ଼ୁ ଥରି ଥରି ଆସିଲେ । ତାଙ୍କ ଜାମା, ଟ୍ରାଉଜର ଆଉ ଟୋପି ଇତ୍ୟାଦି ଓଦା ଜୁଡ଼ୁବୁଡ଼ୁ ହୋଇଥିଲା । ଏ ବର୍ଷା ପବନରେ ସେ ରାତିସାରା କୋଉଠି ଥିଲେ ବୁଝା ପଡ଼ିଲା ନାହିଁ । ତା'ପରେ ଦେଖାଗଲା ଯେ ଜଳୁଥିବା ଲଣ୍ଠନବତି, କୋଡ଼ିଏ ଫୁଟିଆ ଶିଡ଼ିଟାଏ, ରଙ୍ଗଡବା ଆଉ ତୂଳି ଇତ୍ୟାଦି ସାମନା କୋଠାର କାନ୍ଥ ପାଖରେ ଥିଲା । ବାହାରକୁ ଟିକିଏ ଅନା । ଏଡ଼େ ଝଡ଼ ପବନରେ ଲଟାର ସେଇ ଶେଷ ପତରଟା ଝଡ଼ିଲା ନାହିଁ କାହିଁକି ବୋଲି ତୋତେ ଆଶ୍ଚର୍ଯ୍ୟ ଲାଗୁନି ? ପ୍ରକୃତରେ ସେଇଟି ବର୍ହମାନଙ୍କ ଜୀବନର ଶ୍ରେଷ୍ଠ କୃତି । ଶେଷ ପତରଟି ଝଡ଼ିଯିବା ପରେ ସେ ବର୍ଷା ପବନରେ ରାତି ସାରା ଭିଜି ଭିଜି ସେହି ଜୀବନ୍ତ ଚିତ୍ରଟି ଆଙ୍କିଦେଇ ଚାଲିଯାଇଛନ୍ତି ।''

ଅନୁବାଦ : **ପ୍ରମୋଦଚନ୍ଦ୍ର ପଟ୍ଟନାୟକ** ❑

## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜୁନାଗଡ଼, ସା/ପୋ. ଜୁନାଗଡ଼, ଜି. କଳାହାଣ୍ଡି, ପିନ୍ – ୭୬୬ ୦୧୪, ମୋବାଇଲ୍ : ୯୪୩୮୭୨୫୬୨୫ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ଇଂରାଜୀ, ଗଣିତ, ବିଜ୍ଞାନ, ସଂସ୍କୃତ, ନୃତ୍ୟ ଓ ଗୀତ ଶିକ୍ଷାଦାନ ଦେବାର ଯୋଗ୍ୟତା ଥିବା ଉତ୍ସର୍ଗୀକୃତ ମାତୃପ୍ରେମୀ ଶିକ୍ଷକ/ ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଏକ ପ୍ରତୀକଧର୍ମୀ ଚଳଚ୍ଚିତ୍ର ସଂପର୍କରେ
## (କାହାଣୀର ରେଖାଚିତ୍ର)

ଆମକୁ ଆମୋଦିତ କରିବା ସଙ୍ଗେ ସଙ୍ଗେ ଶିକ୍ଷାଦାନ ଦେବା ଦିଗରେ ଚଳଚ୍ଚିତ୍ର ଏକ ମୂଲ୍ୟବାନ୍ ମାଧ୍ୟମ । ଆମ ପାଇଁ ଏହା କେତେ ହିତକର ହେବ, ତାହା ଅବଶ୍ୟ ନିର୍ଭର କରେ ଏ ଶିଳ୍ପକୁ ନିୟନ୍ତ୍ରଣ କରୁଥିବା ଲୋକଙ୍କ ଚେତନା ଓ ଦୃଷ୍ଟିକୋଣ ଉପରେ । ଅଧିକାଂଶ ଚଳଚ୍ଚିତ୍ର ମାମୁଲି ସ୍ତରର ହୋଇଥିବା ସ୍ଥଳେ କେବେ କେବେ ଉନ୍ନତ ମୂଲ୍ୟବୋଧ ଭିତ୍ତିରେ ମଧ୍ୟ କିଛି କିଛି ଚିତ୍ର ନିର୍ମିତ ହୋଇଥାଏ ।

୧୯୩୯ରେ ନିର୍ମିତ 'ଓଜ୍‌ର ଯାଦୁକର' (The Wizard of Oz) ସେହିଭଳି ବିରଳ ଶ୍ରେଣୀର ଏକ ଚିତ୍ର । ଫ୍ରାଙ୍କ ବୌମ୍ (୧୮୫୬ – ୧୯୧୯) ନାମକ ଆମେରିକାନ୍ ଲେଖକଙ୍କର ୧୯୦୦ ମସିହାରେ ପ୍ରକାଶିତ The Wonderful Wizard of Oz କାହାଣୀ ଭିତ୍ତିରେ ନିର୍ମିତ ଏ ଚିତ୍ରଟି ୧୯୫୨ ମସିହା ସେପ୍‌ଟେମ୍ବର ୧୩ ତାରିଖରେ ଶ୍ରୀଅରବିନ୍ଦ ଆଶ୍ରମର ଖେଳପଡ଼ିଆରେ ପ୍ରଦର୍ଶିତ ହୋଇଥିଲା ।

**କାହାଣୀଟିର କଥାବସ୍ତୁ ଏହିପରି :**

ଡରୋଥି ଆମେରିକାର କ୍ୟାନ୍‌ସାସ୍ ମୁଲକର ଗୋଟିଏ ସାଧାରଣ କୃଷକ ପରିବାରର କନ୍ୟା । କକା ଓ ଖୁଡ଼ୀ ତା'ର ଅଭିଭାବକ । ଡରୋଥିର ସୁବୁଠୁଁ ପ୍ରିୟ ହେଲା ଟୋଟୋ ନାମକ ତା'ର କୁକୁର । ଶୋଚନାର କଥା, ଜଣେ ପଡୋଶୀ ସେ କୁକୁରଟିକୁ ମୋଟେ ସହ୍ୟ କରିପାରନ୍ତି ନାହିଁ । ଟୋଟୋର ଜୀବନ ବିପନ୍ନ ଜାଣି ଡରୋଥି ତାକୁ ଧରି କୁଆଡ଼େ ପଳାଇଯିବାକୁ ପ୍ରସ୍ତୁତ । କିନ୍ତୁ ଅଚାନକ ଦେଖାଦେଲା ଏକ ପ୍ରଚଣ୍ଡ ଘୂର୍ଣ୍ଣି ବାତ୍ୟା ଏବଂ ଝଡ଼ । ଶହଶହ ବୃକ୍ଷଲତା ଏବଂ ଛୋଟ ଛୋଟ ଘରମାନଙ୍କୁ ସେ ଦୁର୍ବିପାକ ଉଡ଼ାଇ ନେଇଗଲା ।

ଡରୋଥି ନିଜ ମୁଣ୍ଡରେ ଏକ ଆଘାତ ପାଇ ଚେତା ହରାଇଲା । ସେହି ଅବସ୍ଥାରେ ସେ ଦେଖିଲା ସେ ଓ ଟୋଟୋ ଦୁରନ୍ତ ପବନରେ ଉଡ଼ିଯାଇ କେଉଁ ସୁଦୂର ମୁଲକରେ ପଡ଼ିଲେ । ଡରୋଥି ଦେଖିଲା ସେ ମୁଲକ ତା'ର ସଂପୂର୍ଣ୍ଣ ଅପରିଚିତ – କିନ୍ତୁ ନାନାଦି ବିସ୍ମୟକର ତରୁଲତା ଓ ଫୁଲ ଫଳରେ ସମୃଦ୍ଧ । ସେ ଦେଶର ବାସିନ୍ଦା ସବୁ ହେଲେ ମାଞ୍ଚକିନ୍ ନାମକ ପ୍ରାଣୀ । ଆକାର ପ୍ରକାର ମଣିଷଙ୍କ ଭଳି; କିନ୍ତୁ ଶିଶୁଟିମାନ ଭଳି ଛୋଟ ଓ ସେମାନଙ୍କ ପ୍ରକୃତି ସାଧୁ ଓ ସରଳ । ସେମାନଙ୍କ ମୁରବିଙ୍କ ନାମ ଗ୍ଲିଣ୍ଡା । ସେ ଜଣେ ସ୍ନେହଶୀଳା ପରୀଜାତୀୟ ମହିଳା ।

କିନ୍ତୁ ସେମାନଙ୍କୁ କଲବଲ କରୁଥାଏ ଗୋଟାଏ ଡାକୁଣୀ । ଦୈବାତ୍ ଡରୋଥି ଓ ଟୋଟୋ ଉଡ଼ିଆସି ସେହି ଡାକୁଣୀ ଉପରେ ପଡ଼ିବା ଯୋଗୁଁ ସେ ମରିଯାଇଥାଏ । ସେଥିଯୋଗୁଁ ଗ୍ଲିଣ୍ଡା ଓ ମାଞ୍ଚକିନ୍‌ମାନଙ୍କର ଆନନ୍ଦର ସୀମା ନଥାଏ । ସେମାନେ ନାନା ପ୍ରକାରେ ଡରୋଥିକୁ ଅଭିନନ୍ଦନ ଜଣାଇଲେ । ମୃତ ଡାକୁଣୀର ଚମତ୍କାର ପାଦୁକା ହଳକ ଡରୋଥି ପିନ୍ଧିଲା ।

ଡରୋଥି ନିଜ ଘରକୁ ଫେରିଯିବାକୁ ବ୍ୟଗ୍ର । କିନ୍ତୁ ଏ ଭିନ୍ନ ଜଗତରୁ ତାକୁ କ୍ୟାନ୍‌ସାସ୍ ପଠାଇ ପାରିବ କେବଳ ଜଣେ ବ୍ୟକ୍ତି – ଓଜ୍‌ର ଯାଦୁକର ।

ଯାଦୁକର ରହେ ଏକ ବିରାଟ ମରକତ ମଣି ନିର୍ମିତ ପ୍ରାସାଦରେ – ଏବଂ ତାହା ବହୁଦୂରରେ ଅବସ୍ଥିତ । ସେଠାକୁ ଯିବାକୁ ହେଲେ ଏକ ସ୍ୱର୍ଣ୍ଣାଭ ପଥଦେଇ ଅଗ୍ରସର ହେବାକୁ ପଡ଼ିବ ।

ଟୋଟୋ ସହ ଡରୋଥି ଅଗ୍ରସର ହେଲା । ଇତିମଧ୍ୟରେ ମୃତ ଡାକୁଣୀର ଭଉଣୀଟି ଆସି ଡରୋଥି ପିନ୍ଧିଥିବା ପାଦୁକାହଳକ ଦାବି କଲା, କିନ୍ତୁ ଡରୋଥି ତାହା ଦେବାକୁ ଅମଙ୍ଗ । ଡାକୁଣୀ ତାକୁ ନାନାମତେ ବାଧା ଦେବାସତ୍ତ୍ୱେ ସେ ତା'ର ଯାତ୍ରା ଅବ୍ୟାହତ ରଖିଲା ।

ରାସ୍ତାରେ ତାକୁ ମିଳିଲେ ତିନିଜଣ ବିଚିତ୍ର ସହଯାତ୍ରୀ : ପ୍ରଥମଟି ଏମିତି ଜଣେ ମଣିଷ ଯାହାର ଦେହଟି ନଡ଼ାରେ ତିଆରି । ସେଥିପାଇଁ ସେ ବିଶେଷ ବିବ୍ରତ ନୁହେଁ; କିନ୍ତୁ ତା'ର ଲୋଡ଼ା ମଗଜ (Brain) ।

ଦ୍ୱିତୀୟଟିର ଦେହ ଟିଣରେ ତିଆରି । ତା'ର ଲୋଡ଼ା ହୃଦୟଟିଏ । ତୃତୀୟଟି ଗୋଟାଏ ସିଂହ; କିନ୍ତୁ ବିସ୍ମୟର କଥା ହେଲା, ସେ ନିହାତି ଭୀରୁ । ଥରେ ଥରେ ନିଜ ପ୍ରତିବିମ୍ବ ଦେଖି ମଧ୍ୟ ସେ ଡରିଯାଏ । ତା'ର ଲୋଡ଼ା ସାହସ ।

ଜଣାଗଲା, ଓଜର ଯାଦୁକର ଦୟା କଲେ ସେମାନଙ୍କର ଏ ତିନିଗୋଟି ଅଭାବ ମଧ ସେ ପୂରଣ କରିଦେଇ ପାରିବେ ।

ଟୋଟୋକୁ ମିଶାଇ ପାଞ୍ଚପ୍ରାଣୀ ନାନାଦି ବାଧାବିଘ୍ନ ଦେଇ ମରକତ ପ୍ରାସାଦ ଆଡ଼େ ଯାଉଥିବାବେଳେ ଦୁଷ୍ଟ ଡାକୁଣୀ ନଡ଼ା-ମଣିଷ ଦେହରେ ନିଆଁ ଲଗାଇ ଦେଲା । ସେ ନିଆଁ ଲିଭାଇବା ନିମନ୍ତେ ଡରୋଥି ଯେତେବେଳେ ପାଣି ଢାଳିଲା, ସେ ପାଣିରୁ କିଞ୍ଚିତ୍ ପଡ଼ିଗଲା ଡାକୁଣୀ ଉପରେ ।

ଡାକୁଣୀମାନେ ପାଣି ସହିପାରନ୍ତି ନାହିଁ । ଅତଏବ ସେ ଚାହୁଁ ଚାହୁଁ ତରଳିଯାଇ ଉଭେଇଗଲା ।

ଅବଶେଷରେ ସେମାନେ ଯାଦୁକରକୁ ଭେଟିଲେ ଏବଂ ଯାଦୁକର ଦେବା ସର୍ତ୍ତ ପୂରଣ କଲେ । ଫଳରେ ଡରୋଥିର ତିନି ସହଯାତ୍ରୀଙ୍କର ମାଗୁଣି ପୂରଣ ହେଲା । ଡରୋଥି ଏବଂ ଟୋଟୋ ପାଇଁ ମଧ ଘରକୁ ଫେରିବାରେ ଅସୁବିଧା ରହିଲା ନାହିଁ ।

ଏଣେ କ୍ୟାନ୍ସାସ୍‌ରେ ନିଜ କୁଟୀର ଭିତରେ ଡରୋଥିର ଚେତା ଫେରିଆସିଲା । କହିବା ବାହୁଲ୍ୟ ତା'ର ଚେତନାର ଏକାଂଶ ଶରୀର ବାହାରକୁ ଯାଇ ଏସବୁ ବିଚିତ୍ର ଅନୁଭୂତି ଲାଭ କରିଥିଲା । ସେସବୁ ଅନୁଭୂତି ସାଙ୍କେତିକ ।

## ''ଓଜ୍‌ର ଯାଦୁକର'' ଚଳଚ୍ଚିତ୍ର ସମ୍ପର୍କରେ ଶ୍ରୀମା'ଙ୍କ ମନ୍ତବ୍ୟ

(୧୯୫୨ ମସିହା ସେପ୍‌ଟେମ୍ବର ୧୩ ତାରିଖରେ ଆଶ୍ରମର ଖେଳପଡ଼ିଆରେ ଚିତ୍ରଟିର ପ୍ରଦର୍ଶନ ପୂର୍ବରୁ ଶ୍ରୀମା ସ୍ୱୟଂ ଲାଉଡ୍‌ସ୍ପିକର୍ ଯୋଗେ ଏହା କହିଥିଲେ ।)

ଅଦ୍ୟ ରଜନୀରେ ପ୍ରଦର୍ଶିତ ହେବାକୁ ଯାଉଥିବା ଛବିଟି ସମ୍ପର୍କରେ ତୁମମାନଙ୍କ ଆଗ୍ରହ ବଢ଼ିବା ନିମନ୍ତେ ଏ କ୍ଷୁଦ୍ର ବିବୃତି :

ଛବିଟିର ତିନୋଟି ଅଂଶ, ଦୁଇଟି କଳାଧଳା ଏବଂ ଅନ୍ୟଟି – ସବୁଠୁ ଦୀର୍ଘ ଗୋଟିକ – ରଙ୍ଗିନ । କଳାଧଳା ଅଂଶ ଦୁଇଟି (ପ୍ରଥମ ଏବଂ ଶେଷ) ସ୍ଥୂଳ ପୃଥିବୀର ଦୃଶ୍ୟ ଦେଖାଉଛି; ରଙ୍ଗିନ ଅଂଶଟି ସେହିଭଳି ଘଟଣାବଳି ଓ ଚରିତ୍ରମାନେ ପ୍ରାଣିକ ଜଗତ୍ (Vital World)ରେ ଯେମିତି ଦେଖାଯା'ନ୍ତି, ତାହାରି ଅଭିବ୍ୟକ୍ତି । ଶରୀର ଗଭୀର ନିଦ୍ରାଭିଭୂତ ଥିବାବେଳେ ଜଣେ ସେ ଜଗତକୁ ଯାଇପାରେ – ଦେହରୁ ନିଷ୍କ୍ରାନ୍ତ ହୋଇ । ଯେଯାଏ ତୁମର ସ୍ଥୂଳ ଶରୀରଟି ରହିଛି, ପ୍ରାଣିକ ଜଗତରେ ତୁମର କୌଣସି ପ୍ରକୃତ ବିପଦ ଘଟିବ ନାହିଁ, କାରଣ ସ୍ଥୂଳ ଶରୀର ରକ୍ଷା-ବର୍ମ ଭାବରେ କାମ କରେ । ତୁମେ ଇଚ୍ଛା ମାତ୍ରେ ତହିଁ ଭିତରକୁ ଫେରି ଆସିପାର । ଛବିଟିରେ ଏକଥା କୁଳୀନ ଶୈଳୀରେ ଦେଖାଇ ଦିଆଯାଇଛି । ତୁମେ ଦେଖିବାକୁ ପାଇବ, ଟିକି ଝିଅଟି ତା' ପାଦରେ ହଳେ ଯାଦୁକରୀ ପଦ୍ମରାଗମଣି-ଲୋହିତ ପାଦୁକା ପିନ୍ଧିଛି । ଯେପର୍ଯ୍ୟନ୍ତ ସେ ସେହି ପାଦୁକା ପାଦରେ ରଖିଛି, ତା'ର କିଛି କ୍ଷତି ହୋଇ ନପାରେ । ସେ ପଦ୍ମରାଗମଣି – ଲୋହିତ ପାଦୁକା ହେଲା ସ୍ଥୂଳ ଶରୀର ସହ ସମ୍ପର୍କର ଚିହ୍ନ ଓ ପ୍ରତୀକ ଏବଂ ଯେଯାଏ ସେ ପାଦୁକା ତା' ପାଦରେ ରହିଛି, ସେ ଇଚ୍ଛା ମାତ୍ରେ ଶରୀର ଭିତରକୁ ଲେଉଟି ଆସି ପାରିବ ଏବଂ ତହିଁ ପାଇବ ଆଶ୍ରୟ ।

ଆଉ ଦୁଇଟି ସୂକ୍ଷ୍ମାଂଶ ଉପରେ ଧ୍ୟାନ ଦିଆଯାଇପାରେ । ଗୋଟିଏ ହେଲା ତୁଷାର ବୃଷ୍ଟି । ସହାୟତା ପ୍ରଦାୟକ ପ୍ରାଣଶକ୍ତିର ମରକତ ପ୍ରାସାଦ ଆଡ଼େ ଝିଅଟି ଓ ତା' ସାଥୀମାନଙ୍କ ଅଗ୍ରଗତି ରୋକିବା ଦିଗରେ ଦୁଷ୍ଟ ଡାକୁଣୀର ପ୍ରଭାବରୁ ତାହା ସେମାନଙ୍କୁ ରକ୍ଷା କରୁଛି । ଆହୁରି ମଧ ଲକ୍ଷ୍ୟ କର, ଶୁଭଙ୍କର ଯାଦୁକରର ପ୍ରାସାଦରେ ପହଞ୍ଚିବା ନିମନ୍ତେ ସେମାନଙ୍କୁ ସୁବର୍ଣ୍ଣ ଇଟା ନିର୍ମିତ ପଥ ଧରିବାକୁ ହେବ – ଉଜ୍ଜ୍ୱଳ ଆତ୍ମ-ବିଶ୍ୱାସ ଓ ଆନନ୍ଦର ପଥ ।

ଦ୍ୱିତୀୟ କଥା ହେଲା, ଡରୋଥି (ଟିକି ଝିଅ) ଯେତେବେଳେ ତୃଣ-ମଣିଷଟିକୁ ଡାକୁଣୀ ଜଳାଇଥିବା ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ତାହା ଉପରକୁ ପାଣି ପକାଇଲା, କିଛି ପାଣି ଡାକୁଣୀ ଉପରେ ପଡ଼ିଲା ଏବଂ ସେ ମିଳେଇ ଯାଇ ମୃତ୍ୟୁ ଲଭିଲା । ପାଣି ହେଲା ଶୁଦ୍ଧାୟନ ଶକ୍ତିର ପ୍ରତୀକ ଏବଂ କୌଣସି ଅପସତ୍ତା ବା ଅପଶକ୍ତି ଶୁଭେଚ୍ଛା ଓ ଆନ୍ତରିକତା ସହ ପ୍ରଯୁକ୍ତ ହୋଇଥିବା ସେ ଶୁଦ୍ଧାୟନ ଶକ୍ତିକୁ ପ୍ରତିହତ କରିପାରିବ ନାହିଁ ।

ଅବଶେଷରେ, ଯେତେବେଳେ ଶୁଭକାମିନୀ ପରୀଜଣକ ଝିଅଟିକୁ ବତାଇ ଦେଉଛି ଦୁଇ ପାଦୁକା ପରସ୍ପର ଠୋକର ଦେଲେ ସେ ନିଜ ଘରକୁ ଫେରି ଯାଇପାରିବ, ସେତେବେଳେ ଝିଅଟି କହୁଛି ଯେ ଘରଠାରୁ ଭଲ ଆଉ କିଛି ନାହିଁ । ''ଘର'' ବୋଇଲେ ସେ ସ୍ଥୂଳ ପୃଥିବୀକୁ ବୁଝାଉଛି – ଯାହାକି ସୁରକ୍ଷା ଓ ଉପଲବ୍ଧିର ସ୍ଥାନ ।

ତୁମେ ଦେଖିବ, ଛବିଟିର ବିଷୟବସ୍ତୁ ଚିତ୍ତାକର୍ଷକ ଏବଂ ପୂରାପୂରି ଜ୍ଞାନ-ରହିତ ନୁହେଁ । ଦୁର୍ଭାଗ୍ୟର କଥା, ରୂପାୟନ ଯେତେ ସୁନ୍ଦର ଓ ସଂହତ ହୋଇ ପାରିଥା'ନ୍ତା ତାହା ହୋଇ ନାହିଁ । ଚିତ୍ର-ବ୍ୟବସ୍ଥାରେ କେତେକ ଗୁରୁତର ତ୍ରୁଟି ଓ ଦୁଃଖଜନକ ଅଶୋଭନୀୟତା ରହିଛି ।

ଅନୁବାଦ : **ମନୋଜ ଦାସ** ❑

## ଦାନର ପ୍ରତିଦାନ

ଅନେକ ଦିନ ତଳେ ରିଡ଼ର୍ସ ଡାଇଜେଷ୍ଟ୍ ପତ୍ରିକାରେ ପ୍ରକାଶ ପାଇଥିଲା ଏକ ସତ୍ୟ ଘଟଣା ଉପରେ ଆଧାରିତ ଏଇ କାହାଣୀ । ଆମେରିକାର ନ୍ୟୁୟର୍କ ସହରରେ ରହୁଥାନ୍ତି ରିଚାର୍ଡ୍ ହୋମ୍ ନାମକ ଜଣେ ଯୁବକ । ହୋମ୍ ଥିଲେ ଶିକ୍ଷିତ ଅଥଚ ବେକାର । ସେ ଥିଲେ ଗରିବ ଏବଂ ପିତୃମାତୃହୀନ ତାଙ୍କ ଜୀବନ କ୍ରମେ ହୋଇପଡ଼ିଥିଲା ଦୁର୍ବିଷହ । ପରିସ୍ଥିତି ଥରେ ଏମିତି ହେଲା ଯେ, ସେ ଦୁଇ ଦିନ ଭୋକରେ ରହିଲେ । ତୃତୀୟ ଦିନ ଅକସ୍ମାତ୍ ସେ ପାଇଗଲେ ମାତ୍ର ଦଶ ଡଲାରର ନୋଟ୍‌ଟିଏ । ସେଇ ଦଶ ଡଲାରହିଁ ଥିଲା ତାଙ୍କର ଏକମାତ୍ର ଓ ଶେଷ ସମ୍ବଳ । ଯେହେତୁ ଭିକ୍ଷା ମାଗିବା ଅପେକ୍ଷା ଆତ୍ମହତ୍ୟା କରିବାକୁ ସେ ଉଚିତ ବୋଲି ଭାବୁଥିଲେ, ସେ ଠିକ୍ କଲେ ଯେ ଏଇ ଦଶ ଡଲାର ସମ୍ବଳରେ ସେ ନିଜ ପାଇଁ କିଛି ଖାଦ୍ୟ କିଣିବେ ଏବଂ ତାକୁ ଖାଇବା ପରେ ମୃତ୍ୟୁର ଅପେକ୍ଷା କରି ନିରବରେ କେଉଁଠି ହେଲେ ପଡ଼ି ରହିବେ । ତା' ପରେ ରିଚାର୍ଡ୍ ହୋମ୍ ଦଶ ଡଲାରରେ କିଣିଲେ କିଛି ଖାଦ୍ୟ । ସେ ଖାଇବାକୁ ବାହାରୁଛନ୍ତି, ଏହି ସମୟରେ ଆସି ପହଞ୍ଚିଲେ ଜଣେ ବୃଦ୍ଧ ଏବଂ ତାଙ୍କ ସହିତ ଆଉ ଦୁଇଟି ଛୋଟ ଛୋଟ ପିଲା । ବୃଦ୍ଧ ଜଣକ ହୋମ୍‌ଙ୍କୁ କହିଲେ, ତିନିଦିନ ହେଲା ଆମେ କିଛି ହେଲେ ଖାଇ ନାହୁଁ । ଆମକୁ କିଛି ସାହାଯ୍ୟ କର । ଏ କଥା ଶୁଣିବା ପରେ ହୋମ୍‌ଙ୍କ ମନରେ କରୁଣାର ଧାରା ଝଲସି ଗଲା । ସେ ସବୁ ଖାଦ୍ୟକୁ ବୃଦ୍ଧଙ୍କ ଆଡ଼କୁ ବଢ଼ାଇ ଦେଇ କହିଲେ, ଏତିକିହିଁ ମୋର ସର୍ବସ୍ୱ । ତୁମେ ବର୍ତ୍ତମାନ ଏହାକୁ ନେଇପାର । ବୃଦ୍ଧ ଏବଂ ପିଲାମାନେ ଅତି ବିକଳରେ ସବୁ ଖାଦ୍ୟ ଶେଷ କରି ଚାଲିଗଲା ବେଳକୁ ବୃଦ୍ଧ ଜଣକ ନିଜ କୋଟ୍ ପକେଟ ଭିତରେ ହାତ ପୂରାଇ ବାହାର କଲେ ଏକ ଅତି ପୁରୁଣା ମୁଦ୍ରା ଏବଂ ସେଇଟିକୁ ହୋମ୍‌ଙ୍କ ଆଡ଼କୁ ବଢ଼ାଇ ଦେଇ କହିଲେ ତୁମେ ତ ତୁମର ସର୍ବସ୍ୱ ଆମକୁ ଦେଇଦେଲ, ଏବେ ଏଇଟିକୁ ନେଇ ରଖ, କାରଣ ଏଇଟି ବି ଆମର ସର୍ବସ୍ୱ ।

ବୃଦ୍ଧ ଚାଲିଯିବା ପରେ ରିଚାର୍ଡ୍ ହୋମ୍ ସେଠାରୁ ଚାଲିଗଲେ ଅଦୂରରେ ତିଆରି ହେଉଥିବା ଏକ ପୋଲ ତଳକୁ ବିଶ୍ରାମ ନେବାପାଇଁ ଓ ମୃତ୍ୟୁକୁ ଅପେକ୍ଷା କରିବା ପାଇଁ । ପୋଲତଳେ ତାଙ୍କ ଆଖିରେ ପଡ଼ିଲା ଏକ ପୁରୁଣା ଖବର କାଗଜ । ସେଇ ପୁରୁଣା ଖବରକାଗଜରେ ଥିଲା ଏକ ବିଜ୍ଞାପନ । ଏକ ନିର୍ଦ୍ଦିଷ୍ଟ ପ୍ରକାରର ପୁରୁଣା ମୁଦ୍ରା ସକାଶେ ଜଣେ ବଡ଼ ଧନିକ ଦେଇଥିଲେ ସେ ବିଜ୍ଞାପନ । ଏକ ଅଜଣା କୌତୂହଳ ରିଚାର୍ଡ୍‌ଙ୍କୁ ବାଧ୍ୟ କଲା ବୃଦ୍ଧଙ୍କଠାରୁ ପାଇଥିବା ପୁରୁଣା ମୁଦ୍ରାଟିକୁ ନେଇ ସେଇ ବିଜ୍ଞାପନଦାତାଙ୍କ ପାଖକୁ ଯିବା ସକାଶେ । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ, ସେଇଟିହିଁ ଥିଲା ସେଇ ପୁରାତନ ମୁଦ୍ରା । ସେଇ ପୁରାତନ ମୁଦ୍ରା ବଦଳରେ ବିଜ୍ଞାପନଦାତା ରିଚାର୍ଡ୍‌ଙ୍କୁ ଦେଲେ ତିନି ମିଲିଅନ ଡଲାର ।

ଖୁସିରେ ବିହ୍ୱଳ ରିଚାର୍ଡ୍ ଟଙ୍କା ଧରି ପୁଣି ସେଇ ପୁରୁଣା ସ୍ଥାନକୁ ଫେରି ଆସି ବୃଦ୍ଧଙ୍କୁ ଯେତେ ଖୋଜିଲେ ବି ଆଉ ପାଇଲେ ନାହିଁ । ତାଙ୍କ କାନରେ ଗୁଞ୍ଜରିତ ହେଉଥିଲା ବୃଦ୍ଧଙ୍କର ସେଇ କଥା; ତୁମେ ତୁମର ସର୍ବସ୍ୱ ଦେଲ, ଏବେ ଆମର ସର୍ବସ୍ୱ ନିଅ ! ରିଚାର୍ଡ୍ ନିଶ୍ଚିତ ହେଲେ, ବୃଦ୍ଧ ନିଶ୍ଚୟ ଈଶ୍ୱରଙ୍କ ଅବତାର ।

(ସୌଜନ୍ୟ : କଥା ଶତକ : ଦୁଇ, ସଂକଳନ ଓ ସଂପାଦନା : ସୌମ୍ୟରଂଜନ ପଟ୍ଟନାୟକ) ❑

# ବିଦ୍ୟା ଅଧିକାରୀ ପାଇଁ ଉଦ୍ଦିଷ୍ଟ

## କୃଷ୍ଣାଦେବୀ

ଋଷି ଦଧୀଚି ଏପରି ପ୍ରାଜ୍ଞ ଥିଲେ ଯେ ଦେବତାମାନେ ମଧ୍ୟ ତାଙ୍କର ଶିଷ୍ୟତ୍ୱ କାମନା କରୁଥିଲେ । ସେ ନିର୍ମୋହ ଓ ଶାନ୍ତ ଥିଲେ । ଅକ୍ରୋଧ ତାଙ୍କର ବ୍ରତ ଥିଲା, କୌଣସି ବି ପରିସ୍ଥିତିରେ କ୍ରୋଧ ତାଙ୍କର ଜାଗ୍ରତ୍ ହେଉ ନ ଥିଲା; ନିଜେ ଯେତେ କ୍ଳେଶ ସହିଲେ ମଧ୍ୟ । ଥରେ ଇନ୍ଦ୍ରଦେବତା ତାଙ୍କ ପାଖରେ ଉପଗତ ହେଲେ କୁଶହସ୍ତ ହୋଇ । ଋଷି ପଚାରିଲେ – ହେ ଦେବରାଜ ! କି ନିମନ୍ତେ ଏପରି ବିନମ୍ର ହୋଇ ଆସିଛନ୍ତି ମୋ ପାଖକୁ ? ପୃଥିବୀର ମାନବଗଣ କ'ଣ ଯାଗଯଜ୍ଞରେ ଆପଣଙ୍କୁ ହବି ଅର୍ପଣ କରୁ ନାହାନ୍ତି ? ଇନ୍ଦ୍ର ଉତ୍ତର ଦେଲେ, ''ନା, ସେ ଆସନ ଓ ଅର୍ଘ୍ୟ ତ' ମୋ ପାଇଁ ଥୁଆ, ମାତ୍ର ମୁଁ ବ୍ରହ୍ମବିଦ୍ୟାରେ ଅନଭିଜ୍ଞ ଥିବାରୁ, ହେ ଋଷିବର ! ଆପଣଙ୍କଠାରୁ ତାହା ଶିକ୍ଷା କରିବାକୁ ଆସିଛି ।''

ଦଧୀଚି ଟିକିଏ ଭାବିଲେ : ଇନ୍ଦ୍ରଦେବତା ସ୍ୱାଭିମାନୀ, ରଜୋଗୁଣ ବିଶିଷ୍ଟ । ସର୍ବଦା ବିଳାସ-ବ୍ୟସନରେ ମଜ୍ଜି ରହିଥା'ନ୍ତି, ସେ ବ୍ରହ୍ମବିଦ୍ୟା ଲାଭକଲେ ବି ଉପକୃତ ହେବେ ନାହିଁ । ଫଳରେ ବ୍ରହ୍ମବିଦ୍ୟା ପ୍ରତି ଅବମାନନା କରାହେବ । ଏସବୁ କଥା ଭାବି ସେ ତାଙ୍କୁ 'ସମୟ ହୋଇ ନାହିଁ' ବୋଲି ବୁଝାଇ ବିଦାୟ ଦେଲେ । ଇନ୍ଦ୍ର ତ' ସେଠାରୁ ଚାଲିଗଲେ, ମନଭିତରେ କିନ୍ତୁ ଖେଦ ରହିଗଲା । କିଛିଦିନପରେ ଛଦ୍ମବେଶରେ ଏକ ବ୍ରାହ୍ମଣ ରୂପେ ସେ ଦଧୀଚିମୁନିଙ୍କ କୁଟୀରରେ ଉପଗତ ହେଲେ ଓ ଭିକ୍ଷାମାଗିଲେ । ସରଳ ଦଧୀଚି କେହି ଅତିଥି ପହଞ୍ଚିଛନ୍ତି ଭାବି ତାଙ୍କର ପାଦଧୋଇ ଆସନରେ ବସାଇଲେ, କିଛି ଫଳମୂଳ ଓ ଜଳ ଦେଇ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚାହିଁଲେ । ଟିକିଏ ସମୟ ପରେ ମୁନି ପଚାରିଲେ, ''ହେ ଅତିଥିବର, ତୁମର ସନ୍ତୁଷ୍ଟି ଆସିଛି ତ ? କିଂବା ଆଉ ଯଦି କିଛି କରିପାରେ ମୁଁ ଆପଣଙ୍କ ପାଇଁ ଏବଂ ତାହା ଯଦି ମୋ ଆୟତ୍ତରେ ଥାଏ, ତାହାହେଲେ କୁହନ୍ତୁ, ମୁଁ ତାହା କରିବାକୁ ଚେଷ୍ଟିତ ହେବି ।'' ଅତିଥି ବେଶଧାରୀ ଇନ୍ଦ୍ର କହିଲେ, ''ଆପଣ ଯଦି ମୋତେ ତୃପ୍ତ କରିବାକୁ ଚାହାନ୍ତି, ତାହାହେଲେ ମୋତେ ବ୍ରହ୍ମବିଦ୍ୟା ପ୍ରଦାନ କରନ୍ତୁ । ସେଥିରେହିଁ ମୋର ତୃପ୍ତି, ଅନ୍ୟଥା ନୁହେଁ ।'' ଋଷି ମହା ଅଡୁଆରେ ପଡ଼ିଲେ । ଯଦି ଅତିଥିଙ୍କ କଥା ରଖନ୍ତି ତାହାହେଲେ ଅପାତ୍ରରେ ବିଦ୍ୟା ଦାନକରିବାର ଅପରାଧରେ ସେ ପଡ଼ିବେ, ଯଦି ନ ଦିଅନ୍ତି, ତେବେ ମିଥ୍ୟାଚାରୀ ବୋଲାଇବେ, କାରଣ ଅତିଥିଙ୍କ ପାଖରେ ସେ କଥା ଦେଇଛନ୍ତି ତାଙ୍କୁ ତୃପ୍ତ କରିବେ ବୋଲି । ତେଣୁ ସେ ବ୍ରହ୍ମବିଦ୍ୟାର ପ୍ରସଙ୍ଗ ଉତ୍ଥାପନ କରି କିଛି ଉପଦେଶ ମାତ୍ର ଦେଲେ, ଯାହାର ଅଭ୍ୟାସ କଲେ ଯୋଗୀ କ୍ରମେ ଅଧିକାରୀ ହୋଇପାରିବ, ଯେମିତି ସେ ଅଧିକ ଆସ୍ପୃହାଶୀଳ ଓ ଗ୍ରହଣକ୍ଷମ ହୋଇପାରିବ । ମାତ୍ର ଇନ୍ଦ୍ର ତ ନିଜକୁ ଅଧିକାରୀ ବୋଲି ଧରି ନେଇଥିଲେ, ତେଣୁ ପ୍ରସ୍ତୁତି ସକାଶେ ଯେତିକି ନମ୍ରତା ବା ନମନୀୟତା ଦରକାର ସେଥିପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ତାଙ୍କର ମନଃପୂତ ନ ଥିଲା । ବ୍ରହ୍ମବିଦ୍ୟାଟି ତତ୍କ୍ଷଣାତ୍ ତାଙ୍କୁ ଦିଆଯାଉ ବୋଲି ସେ ଦାବି କଲେ । ମୁନି ଦଧୀଚି ତାଙ୍କୁ ବୁଝାଇଲେ – ''ବ୍ରହ୍ମବିଦ୍ୟାଟି ଲାଭ କଲେ ବ୍ୟକ୍ତି ବ୍ରହ୍ମଭୂତ ହେବ, ତା'ର ସ୍ଥିତି ବ୍ରାହ୍ମୀସ୍ଥିତି ହେବ, ସାଧକ ସେଇ ବିଦ୍ୟା ସହିତ ଅଭିନ୍ନ ହୋଇଯିବ । ମାତ୍ର ଭୋଗବାସନା ରହିଥିବା ଯାଏ ବା ଅନ୍ୟକିଛି କାମନା ରହିଥିବା ଯାଏ ସେ ବ୍ରହ୍ମବିଦ୍ୟା ପାଇବାକୁ ଅଧିକାରୀ ହୋଇ ପାରିବ ନାହିଁ । ବ୍ରହ୍ମବିଦ୍ୟା ତା' ଅଧିକାରୀକୁ ସ୍ୱୟଂ ନିର୍ବାଚନ କରି ତା'ର ଭୂଷଣ ଭାବେ ନିଜକୁ ଅର୍ପଣ କରିବ, ସେ କ୍ଷେତ୍ରରେ ମୋର ସେ ବିଦ୍ୟା ଦେବା ନ ଦେବା କଥା ଉଠୁଛି କାହିଁକି ? ବରଂ ସେ ବିଦ୍ୟାକୁ ପାଇବା ପାଇଁ ହେ ଅତିଥି, ତୁମେ ସାଧନାକର । ମୁଁ ଯଦି ତୁମର ବର୍ତ୍ତମାନ ସ୍ଥିତିରେ ବ୍ରହ୍ମ ବିଦ୍ୟା ଦିଏ, ତା' ଦ୍ୱାରା ତୁମର କିଛି ଉପକାର ହେବ ନାହିଁ । ତୁମେ ଏବେ ଯେପରି ଅହଂକାରୀ ଅଛ, ସେଇପରିହିଁ ରହିଯିବ, ବ୍ରହ୍ମବିଦ୍ ହୋଇପାରିବ ନାହିଁ । ବ୍ରହ୍ମଙ୍କ ସହ ଅଭିନ୍ନ ତାଦାତ୍ମ୍ୟ ସ୍ଥିତିହିଁ ବ୍ରହ୍ମବିଦ୍ୟାର ଅବଦାନ । ତୁମେ କ'ଣ ନିଜକୁ ସେଇ ପର୍ଯ୍ୟାୟରେ ରହିଥିବା ପରି ମନେକରୁଛ ? ମୋ କଥା ରଖି ଫେରିଯାଅ ସେଇସ୍ଥିତିକୁ ଯିବା ଲାଗି, ସତତ ସଜାଗ ରହି ସାଧନା କର । ତା'ପରେ ଆସିଲେ ନିଶ୍ଚୟ ମୁଁ ତୁମକଥା ରଖିବି ।

ଇନ୍ଦ୍ର ତ ନିଜକୁ ସର୍ବତୋଭାବେ ପ୍ରସ୍ତୁତ ବୋଲି ମନେ କରୁଥିଲେ । ନିଜ ଭିତରେ କୌଣସି ତ୍ରୁଟି ତାଙ୍କ ଆଖିରେ ପଡ଼ିଲା ନାହିଁ । ଋଷିଙ୍କର ଦୋଷଦୃଷ୍ଟି ତାଙ୍କ ପ୍ରତି ରହିଛି ବୋଲି ମନେ କରି ସେ ରାଗି ଉଠିଲେ ଓ କହିଲେ, ''ମୁଁ ଜାଣେ ଆପଣଙ୍କ ଦୃଷ୍ଟିରେ ବ୍ରହ୍ମବିଦ୍ୟା ଲାଭ କରିବାକୁ ମୁଁ ଉପଯୁକ୍ତ ନୁହେଁ । କିନ୍ତୁ ସେ ବିଦ୍ୟା ଯଦି ଆପଣ ମୋ ଛଡ଼ା ଆଉ କାହାକୁ ଦିଅନ୍ତି, ତା'ହେଲେ ଆପଣଙ୍କର ମସ୍ତକ ଶତଛିନ୍ନ ହେବ ମୋ ବଜ୍ରରେ – ମୁଁ ଏହା କହି ରଖୁଛି ।'' କାଳେ ପ୍ରତିବଦଳରେ ଋଷି ତତ୍‌କ୍ଷଣାତ୍ କିଛି ଅଭିଶାପ ଦେଇ ବସିବେ, ସେ ଆଶଙ୍କାରେ ଇନ୍ଦ୍ର ତାଙ୍କର ପ୍ରତିକ୍ରିୟାକୁ ଭାବିକାଳରେ ଆରୋପ କରିବାକୁ ଉଚିତ ମନେ କଲେ ।

ଋଷି ଯେତେଦୂର ସମ୍ଭବ ଶାନ୍ତ ରହି କେବଳ ଏତିକି କହିଲେ – ଆଚ୍ଛା, ମୁଁ ଆଗେ ଅନ୍ୟ କାହାକୁ ଅଧିକାରୀ ବୋଲି ମନେ କରେ, ତା'ପରେ ଦେଖାଯିବ । ଅବଶ୍ୟ ସେତେବେଳଯାଏ ମୁଁ କୌଣସି ଭୋଗବାଞ୍ଛା ଥିବା ମନୁଷ୍ୟ କି ଦେବତାଙ୍କୁ ତ ଏ ବିଦ୍ୟାର ଧାରଣକ୍ଷମ ମନେକରୁ ନାହିଁ । କାରଣ ପ୍ରାଚୀନ ପ୍ରାଜ୍ଞଲୋକଙ୍କ ମତରେ ଭୋଗାକାଙ୍କ୍ଷୀ ଲୋକ ଶୂଦ୍ର ସାଙ୍ଗରେ ସମାନ, ମୋ ମତରେ ସେପରି ଲୋକ ପଶୁ ପର୍ଯ୍ୟାୟର ।

କଥାର ଇଙ୍ଗିତରୁ ଇନ୍ଦ୍ର ବୁଝିଲେ ଯେ ତାଙ୍କୁହିଁ ଲକ୍ଷ୍ୟ କରି ପରୋକ୍ଷରେ ଦଧୀଚି ଶୂଦ୍ର ଓ ପଶୁ ବୋଲି କହିଲେ । ତାଙ୍କର କ୍ରୋଧ ଆହୁରି ବଢ଼ିଗଲା । ଯିବା ପୂର୍ବରୁ ସେ ଆଉଥରେ ଶାସ୍ତି ଦେଇଗଲେ, ସେଇ ପଶୁକୁ ବଜ୍ରଧାରୀ ବୋଲି ଜାଣି ରଖନ୍ତୁ, କ୍ଷଣକ ଭିତରେ ଆପଣଙ୍କ ମସ୍ତକ ଯଦି ଛିନ୍ନବିଚ୍ଛିନ୍ନ ନକରିଦିଏ, ତେବେ ମୁଁ ଦେବତାଧିପ ନୁହେଁ ।

ଏହାପରେ କିଛି ବର୍ଷ ଅତିକ୍ରାନ୍ତ ହେଲା, ଦଧୀଚି ତାଙ୍କ ତପସ୍ୟାରେ ରତ ଥା'ନ୍ତି, ତାଙ୍କ ତପସ୍ୟା ଏତେ ଗଭୀର ଓ ଐକାନ୍ତିକ ଥିଲା ଯେ ତାହାର ପ୍ରଭାବ ତାଙ୍କ ମନପ୍ରାଣ ଏପରିକି ତାଙ୍କ ଶରୀର ମଧ୍ୟକୁ ବି ସଞ୍ଚାରିତ ହୋଇଥିଲା । ତାଙ୍କ ପରିବେଶ ପ୍ରଶାନ୍ତ, ସ୍ନିଗ୍ଧ ଥିଲା, କ୍ରୋଧ, ହିଂସା, ଅସୂୟା ଉପରେ ସେ ବିଜୟ ଲାଭ କରିଥିଲେ । ଦିନେ ପ୍ରତ୍ୟୁଷରୁ ସେ ନଦୀରୁ ସ୍ନାନ କରି ଉପରକୁ ଉଠୁଛନ୍ତି, ଦେବତା ଅଶ୍ୱିନୀକୁମାର ଦୁଇଭ୍ରାତା ତାଙ୍କୁ ପ୍ରଣାମ କଲେ । ଦେବତା ଦୁହିଙ୍କୁ ପ୍ରଣତ ଅବସ୍ଥାରୁ ଉଠାଇ ଦଧୀଚି ପ୍ରଶ୍ନ କଲେ, ''ଆପଣ ଦୁହେଁ ମୋର ପୂଜାର ଯୋଗ୍ୟ, କି ନିମନ୍ତେ ମୋ' ଭଳି ସାଧାରଣ ମାନବକୁ ଏତେ ସମ୍ମାନାସ୍ପଦ ମନେ କରୁଛନ୍ତି ?''

ଅଶ୍ୱିନୀ କୁମାରଗଣ – ଆପଣଙ୍କଠାରେ ନିହିତ ବିଦ୍ୟାହିଁ ଆପଣଙ୍କୁ ଏଇ ସମ୍ମାନର ଯୋଗ୍ୟ କରିଛି । ଏ ପୃଥ୍ୱୀମଣ୍ଡଳରେ ବ୍ରହ୍ମବିଦ୍ୟାର ପ୍ରକୃଷ୍ଟ ଅଧିକାରୀ ଆପଣଙ୍କ ପରି କେହି ନାହିଁ । ଆମେ ଦୁହେଁ ଆପଣଙ୍କୁ ଗୁରୁପଦରେ ବରଣ କରି ଆପଣଙ୍କର ସେବା ପରିଚର୍ଯ୍ୟା କରିବାକୁ ଚାହୁଁ, କାରଣ ଆମେ ସେଇ ବିଦ୍ୟାଲାଭ ଆଶାରେ ଏଠାରେ ଉପନୀତ ହୋଇଛୁ । ଏଠାକୁ ଆସିବା ପୂର୍ବରୁ ଆମେ ସାଧନା କରି ଶମ, ଦମ, ତିତିକ୍ଷାରେ ବ୍ରତୀ ଥିଲୁ । ପରୋପକାର ଆମର ସ୍ୱାଭାବିକ ଆଚରଣ । ଉପଯୁକ୍ତ ସାଧକକୁ ଆମେ ସୁସ୍ଥ, ଦୀର୍ଘଜୀବନ, ଜରାବାର୍ଦ୍ଧକ୍ୟରହିତ ଆୟୁକାଳ ପ୍ରଦାନ କରିଥାଉ; ଦେବ-ବୈଦ୍ୟ ଭାବରେ ମଧ୍ୟ ଆମେ ସ୍ୱର୍ଲୋକବାସୀଙ୍କର ସୁଖଶାନ୍ତି ଓ ନିରାମୟତାର ତତ୍ତ୍ୱାବଧାରକ, ଏହା ମଧ୍ୟ ଆପଣଙ୍କୁ ଅବିଦିତ ନଥିବ । ତଥାପି ଆମେ ଦୁହେଁ ସେଇ ପରମ ବିଦ୍ୟାଠୁ ବଞ୍ଚିତ ରହିଛୁ । ତାହା ଲାଭ କଲେ ଆମମାନଙ୍କର ଦେବତ୍ୱ ସାର୍ଥକ ହେବ, ଆମେ ପରିପୂର୍ଣ୍ଣ ବୋଧ କରିବୁ । ଆମଠାରେ ଯେଉଁ ସିଦ୍ଧି ରହିଛି, ଯାହାକୁ ଲାଭ କରିବା ପାଇଁ ମନୁଷ୍ୟମାନେ ଯାଗଯଜ୍ଞ କରି ଆମକୁ ଅର୍ଘ୍ୟ ପ୍ରଦାନ କରନ୍ତି, ସେମାନଙ୍କୁ ଆମେ ଆହୁରି ନିଶ୍ଚିତ ଭାବରେ ବରଦାନ କରିପାରିବୁ । ଏଇ ମରଜଗତ୍ ସହିତ ଅମରମାନଙ୍କର ଆଦାନପ୍ରଦାନ ଆଗଠୁ ଅଧିକ ସ୍ୱତଃସ୍ଫୂର୍ତ୍ତ ହୋଇପାରିବ । ଏଇସବୁ କଥା ଚିନ୍ତା କରି ଆମେ ଦୁହେଁ ଶିଷ୍ୟତ୍ୱ କାମନା କରି ଆପଣଙ୍କର ଶରଣାପନ୍ନ ହୋଇଅଛୁ । କୃପା କରି ଆମକୁ ସେ ସୁଯୋଗ ଦିଅନ୍ତୁ । ସେଇ ବିଦ୍ୟା ଲାଭ କରିବା ପାଇଁ ଯେଉଁ ଯେଉଁ ଅନୁଶୀଳନ ଆବଶ୍ୟକ, ଆମେ ତାହାରି ଭିତର ଦେଇ ଯିବାକୁ ପ୍ରସ୍ତୁତ ଅଛୁ ।''

ଋଷି କିଛିକ୍ଷଣ ଭାବିଲେ । ଏ ଦେବତା ଦୁହେଁ ସମଦର୍ଶୀ; ଦେବତା, ମନୁଷ୍ୟ ଏପରିକି ଜୀବଜନ୍ତୁ ସମସ୍ତଙ୍କ ପ୍ରତି ଦୟାଭାବ ପୋଷଣ କରନ୍ତି, ସବୁବେଳେ ଜଗତବାସୀଙ୍କର ହିତରେ ରହିଛନ୍ତି । ଇଏ ଯଜ୍ଞରେ ଭାଗ ନିଅନ୍ତି ବୋଲି ତ ମାନବ-ସାଧକ ଅମୃତତ୍ୱ ଓ ଦେବତ୍ୱର ଆକାଙ୍କ୍ଷା କରିପାରୁଛି, ନହେଲେ ସ୍ୱଳ୍ପାୟୁ ନର ସାମାନ୍ୟ ଲାଭରେ ସନ୍ତୁଷ୍ଟ ହୋଇ ରହିଯାଇଥା'ନ୍ତା । ମଣିଷ ମନରେ ଉଚ୍ଚାଶାର ପ୍ରେରଣା ଏଇ ଦୁହେଁହିଁ ଜାଗ୍ରତ୍ ରଖିଛନ୍ତି; ସର୍ବକର୍ମ, ସର୍ବଯଜ୍ଞର ସିଦ୍ଧି ଯେଉଁ ଆନନ୍ଦ ଉପଲବ୍ଧି, ତାହା ତ ଏଇ ଦୁହିଙ୍କ ହାତ ମୁଠାରେ ରହିଛି ଯାହା ଉପଯୁକ୍ତ ଆସ୍ପୃହାଶୀଳ ବ୍ୟକ୍ତିର ଆଧାରରେ ଏମାନେ ଢାଳି ଦିଅନ୍ତି । ତେଣୁ ଏମାନେ ଅନଳସ, ଅଧ୍ୟବସାୟରତ, ଇନ୍ଦ୍ରଙ୍କ ପରି

ଅପରର ପରିଶ୍ରମର ଧନକୁ ଅପହରଣ କରି ନିଜର କରିବା ଭଳି ମନୋଭାବ ଏମାନଙ୍କର ନାହିଁ । ତେଣୁ ଶିଷ୍ୟ ଭାବରେ ସ୍ୱୀକାର କରିନିଏ ଏ ଦୁହିଙ୍କୁ । ଆଧାର ପରିପକ୍ୱ ହେଲେ ପରାବିଦ୍ୟା ଆପଣାଛାଏଁ ଏମାନଙ୍କୁ ବରଣ କରିବ, ମୁଁ ତ ନିମିତ୍ତ ମାତ୍ର ହେବି । ଏମାନଙ୍କ ଭିତରେ ଜଗତର ହିତ ସାଧିତ ହେବ ।''

ଋଷି କହିଲେ – ଆଚ୍ଛା, ତେବେ ମୁଁ ତୁମ ଦୁହିଙ୍କୁ ଶିଷ୍ୟରୂପେ ଗ୍ରହଣ କରୁଛି । ତୁମେ ଦୁହେଁ ଅନ୍ୟାନ୍ୟ ଶିଷ୍ୟଙ୍କ ଭଳି ଏ ଆଶ୍ରମରେ ବାସ କର । କ୍ରମଶଃ ପରାବିଦ୍ୟା ଲାଭ କରିବାର ସମୟ ଉପସ୍ଥିତ ହେଲେ ସେ ଅଭୀଷ୍ଟ ବି ପୂରଣ ହେବ ।

ଶିଷ୍ୟ ଦୁହେଁ ସେଠାରେ ରହିଲେ । ଅନ୍ୟ ଶିଷ୍ୟମାନଙ୍କ ସଙ୍ଗେ ମିଳି ଋଷିଙ୍କର ପରିଚର୍ଯ୍ୟା କଲେ । ସେ ଦୁହିଙ୍କର ଦିନଚର୍ଯ୍ୟାରେ ସାତ୍ତ୍ୱିକ ଭାବ ରହିଥିଲା, ତା' ସହିତ ସନ୍ତୋଷ ଓ ଆଗ୍ରହ ଥିଲା । କିଛିଦିନର ପରୀକ୍ଷା ପରେ ଗୁରୁ ଦଧୀଚି ସେମାନଙ୍କୁ ଡାକି ଜଣାଇଲେ ଶୁଭଦିନ ଦେଖି ବ୍ରହ୍ମବିଦ୍ୟା ଦାନ କରିବେ । ଅଶ୍ୱିନୀକୁମାର ଦୁହେଁ ଆଶ୍ରମର ଋଷିକୁମାରମାନଙ୍କଠାରୁ ଇନ୍ଦ୍ରଙ୍କର ଦଧୀଚିଙ୍କୁ ଦେଇଥିବା ଅଭିଶାପର କଥା ଶୁଣିବାକୁ ପାଇଲେ – କାହାରିକୁ ବ୍ରହ୍ମବିଦ୍ୟା ଦେଲେ ଯେ ଗୁରୁଙ୍କର ମସ୍ତକ ଶରୀରରୁ ବିଚ୍ଛିନ୍ନ ହେବ ଅର୍ଥାତ୍ ତାଙ୍କର ମୃତ୍ୟୁ ହେବ ଏହା ଜାଣି ସେମାନଙ୍କ ଭାଳେଣି ପଡ଼ିଲା । ଦେବତାମାନଙ୍କଠାରୁ ବି ଉଚ୍ଚସ୍ଥିତିରେ ଥିବା ଏଇପରି ମାନବର ମର୍ଯ୍ୟାଦା ଇନ୍ଦ୍ରଙ୍କର ସହ୍ୟ ହେଉ ନାହିଁ ଆଉ ସେ ପକ୍ଷପାତର ଦୋଷାରୋପ କରି ତାଙ୍କୁ ନିହତ କରିବାକୁ ଚାହୁଁଛନ୍ତି – ଏହା ବୁଝି ସେ ଦୁହେଁ ପରସ୍ପର ମଧ୍ୟରେ ପରାମର୍ଶ କଲେ । କିପରି ଓ କ'ଣ କଲେ ଇନ୍ଦ୍ର ନିରସ୍ତ୍ର ହେବେ ଓ ଗୁରୁ ଜୀବିତ ରହିବେ ଆଉ ସେମାନଙ୍କର ଅଭୀଷ୍ଟ ମଧ୍ୟ ପୂରଣ ହେବ, ସେ ଦିଗରେ ଚେଷ୍ଟିତ ହେଲେ । ଏକ ମନ୍ତ୍ରପୂତ ଅଶ୍ୱଟିଏ ଆଣିଲେ । ଯେଉଁଦିନ ଗୁରୁ ସେମାନଙ୍କୁ ଅଭିମନ୍ତ୍ରିତ କଲେ, ସେଦିନ ସେ ସେମାନଙ୍କର ପ୍ରକଳ୍ପିତ ପନ୍ଥାଟି ଗୁରୁଙ୍କୁ ନିବେଦନ କଲେ ।

ଗୁରୁଦେବ କହିଲେ – ହେ ଅମରପୁତ୍ର ଦୁହେଁ ! ମୃତ୍ୟୁ ଲାଗି ମୁଁ ଭୟଭୀତ ନୁହେଁ । ଦିନେ ନା ଦିନେ ତ ଏ ମରଶରୀର ମୃତ୍ୟୁ ଲଭିବ । ଯଦି କିଛି ସତ୍‌କାର୍ଯ୍ୟରେ ତାହା ଯାଏ, ତାହାହେଲେ ଜୀବନ ମୋର ଧନ୍ୟ ହେଲା, ସାର୍ଥକ ହେଲା ବୋଲି ମୁଁ ଜାଣିବି । ଶିଷ୍ୟ ପୁତ୍ର ସଙ୍ଗେ ସମାନ । ମୁଁ ଦୁଇ ଅମରପୁତ୍ରଙ୍କ ମାଧ୍ୟମରେ ବଞ୍ଚିରହିବି ଓ ଉପଯୁକ୍ତ ଆଧାର ପାଇଲେ ତୁମ ଦୁହିଙ୍କ ଦ୍ୱାରାହିଁ ସେମାନଙ୍କୁ ଦୀକ୍ଷିତ କରାଇବି – ଏହାଠାରୁ ସୌଭାଗ୍ୟର କଥା କ'ଣ ହୋଇପାରେ ? ଆଗାମୀ କାଲି ପ୍ରତ୍ୟୁଷରେ ତୁମେ ଦୁହେଁ ମୋ'ଠାରୁ ବ୍ରହ୍ମବିଦ୍ୟା ପାଇବ ।

ଅଶ୍ୱିନୀକୁମାର – ମହାଭାଗ ! ଆପଣ ଆମକୁ ମନ୍ତ୍ର ଦେବା ଆଗରୁ ଆମେ ଆପଣଙ୍କର ଶିରଚ୍ଛେଦ କରି ଏକ ଅଶ୍ୱ ଦେହ ଉପରେ ଲଗାଇବୁ ଆଉ ତାହାର ଶିରଟିକୁ ଆପଣଙ୍କ ଶରୀରର ଉତ୍ତମ ଭାଗରେ ସ୍ଥାପନ କରିବୁ । ଏବଂ ତାହା ଜୀବିତ ରହି ଆମକୁ ବ୍ରହ୍ମବିଦ୍ୟା ପ୍ରଦାନ କରିବ । ଦେବରାଜ ଏହା ଜାଣି ଯେତେବେଳେ ବଜ୍ର ନିକ୍ଷେପ କରିବେ, ସେତେବେଳେ ଆପଣଙ୍କର ସେଇ ଅଶ୍ୱ-ମସ୍ତକହିଁ ଦେହରୁ ଖଣ୍ଡିତ ହେବ । ଆମେ ଯେହେତୁ ଅଶ୍ୱ ଦେହରେ ବିଶେଷ ଶକ୍ତି ସ୍ଥାପନ କରିଛୁ, ତାହାର ବା ତା' ମସ୍ତକର କୌଣସି କ୍ଷତି ହେବ ନାହିଁ । ତତ୍‌କ୍ଷଣାତ୍ ଆମେ ଅଶ୍ୱ ଦେହରେ ସ୍ଥାପିତ ହୋଇଥିବା ଆପଣଙ୍କ ମସ୍ତକ ନେଇ ଆସି ସ୍ୱସ୍ଥାନରେ ଲଗାଇଦେବୁ ଓ ଅଶ୍ୱମସ୍ତକ ବି ତା'ର ନିଜସ୍ୱ ସ୍ଥାନକୁ ଚାଲିଯିବ । ଫଳରେ ମନ୍ତ୍ରପୂତ ଅଶ୍ୱ ତା' ଜୀବନକୁ ଫେରିପାଇବ ଏବଂ ଆପଣ ମଧ୍ୟ ଅକ୍ଷତ ଶରୀରରେ ଦୀର୍ଘଜୀବନ ବଞ୍ଚିପାରିବେ । ଇନ୍ଦ୍ର ଥରେ ଅସଫଳ ହେଲେ ଆଉ କେବେ ସେପରି କ୍ଷତି କରିବାକୁ ଯିବେ ନାହିଁ । ଆଉ ଯଦିବା କରନ୍ତି, ଆମେ ଆପଣଙ୍କର ଦୁଇଶିଷ୍ୟ ପୁନରାୟ ଆପଣଙ୍କୁ ଜୀବିତ କରାଇଦେବୁ । ଇନ୍ଦ୍ରଙ୍କର ବଜ୍ର, ଏପରିକି ତା'ଠାରୁ ଶକ୍ତିଶାଳୀ କୌଣସି ଅସ୍ତ୍ର ବି ଆପଣଙ୍କ ଶରୀରକୁ ଭେଦିପାରିବ ନାହିଁ – ଏପରି ସୁଦୃଢ଼ କବଚରେ ଆମେ ତାହାକୁ ବାନ୍ଧି ଦେବୁ । ଆମ ଭଳି ଶିଷ୍ୟ ଥାଉ ଥାଉ ଆପଣଙ୍କର ଦେହଶ୍ରୀ ଉପରେ କୌଣସି ଆଞ୍ଚ ଆସିବ ନାହିଁ, କେବେ ବି ଅପମୃତ୍ୟୁ ଆପଣଙ୍କୁ ସ୍ପର୍ଶ କରିବ ନାହିଁ ।

ଦଧୀଚି ଶିଷ୍ୟ ଦୁହିଙ୍କର କଥା ଶୁଣିଲେ, ସେ କହିଲେ – ମୁଁ ଜାଣେ ତୁମେ ଦୁହେଁ ଗୁହ୍ୟବିଦ୍ୟାରେ ସିଦ୍ଧ, ମାତ୍ର ଦୀର୍ଘ ଜୀବନର ଲୋଭରେ ମୁଁ ତୁମକୁ ବ୍ରହ୍ମବିଦ୍ୟା ଦେବାକୁ ଯାଉ ନାହିଁ । ତୁମେ ଦୁହେଁ ବ୍ରହ୍ମବିଦ୍ୟାର ଅଧିକାରୀ, ସେଇ ଅଧିକାରକୁ ସମ୍ମାନ ଦେବା ପାଇଁ ମୃତ୍ୟୁକୁ ଭୟ ନକରି ମୁଁ ତାହା ତୁମ ଆଧାରରେ ପ୍ରତିଷ୍ଠା କରିବି, ପରିଣାମ ଯାହା ହେଉ ନା କାହିଁକି । ଦେବରାଜଙ୍କ ଅଭିଶାପ ମୋତେ ଏ ସଂକଳ୍ପରୁ ଦୂର କରିପାରିବ ନାହିଁ । ଆଉ ତୁମ ଦୁହିଙ୍କର ସିଦ୍ଧି ପ୍ରତି ମୋର କୌଣସି ଅପେକ୍ଷା ନାହିଁ, ଅବଜ୍ଞା ବି ନାହିଁ ।

ଯା' ହେଉ ପରାବିଦ୍ୟା ଲାଭ କରିବାର କ୍ଷଣ ଉପଗତ ହେଲା । ଅଶ୍ୱିନୀକୁମାର ଦୁହେଁ ସେମାନଙ୍କ ପ୍ରସ୍ତାବିତ କାର୍ଯ୍ୟ କରିଗଲେ । ଦଧୀଚି ଅଶ୍ୱମସ୍ତକ ବିଶିଷ୍ଟ ହୋଇ ବ୍ରହ୍ମବିଦ୍ୟାର ଦୀକ୍ଷା ଦେଲେ ଦୁଇ ଦେବଶିଷ୍ୟଙ୍କ ନିକଟରେ । ସେମାନେ ଏହା ଲାଭ କରି ପୂର୍ଣ୍ଣକାମ ହେଲେ, ପରିତୃପ୍ତ ହେଲେ । ମାତ୍ର ଗୁରୁଙ୍କ ପ୍ରତି କର୍ତ୍ତବ୍ୟ ଭୁଲିଲେ ନାହିଁ, ଚାହିଁ ଦେଖିଲେ ଇନ୍ଦ୍ରଙ୍କ ବଜ୍ର ଗୁରୁଙ୍କର ଉତ୍ତମାଙ୍ଗଟିକୁ ତାଙ୍କ ଶରୀରରୁ ଛିନ୍ନ କରି ତଳେ ପକାଇ ଦେଇଛି । ସଙ୍ଗେ ସଙ୍ଗେ ତାହା ଉଠାଇ ନେଇ ଅଶ୍ୱ ନିକଟରେ ପହଞ୍ଚିଲେ ଓ ଯେପରି କରିବାକୁ ଭାବିଥିଲେ ସେଇପରି କଲେ । ଗୁରୁଦେବ ପୂର୍ବମହିମାରେ ଭାସ୍ୱର ହୋଇ ତାଙ୍କ ଆସନୋପରି ଉପବିଷ୍ଟ ଏବଂ ମନ୍ତ୍ରପୂତ ଅଶ୍ୱ ଜୀବନ ଲାଭ କରି ତା' ସ୍ଥାନକୁ ଚାଲିଗଲା ।

ଇନ୍ଦ୍ରଙ୍କର ଅଭିପ୍ରାୟ ସିଦ୍ଧ ହେଲା ନାହିଁ । ସେ ବୁଝିଲେ ଯେତେବେଳଯାଏଁ ଅଶ୍ୱିନୀକୁମାର ଦୁହେଁ ଦଧୀଚିଙ୍କୁ କବଚାବୃତ କରି ରଖିଥିବେ ସେ ତାଙ୍କର କୌଣସି ଅଙ୍ଗହାନି କରିପାରିବେ ନାହିଁ । ତେଣୁ ବାଧ ହୋଇ ସେ ତାଙ୍କ କୋପକୁ ନିୟନ୍ତ୍ରଣ କଲେ । ଅଶ୍ୱିନୀକୁମାର ଦୁହେଁ ବି ଗୁରୁଙ୍କୁ ରକ୍ଷା କଲେ । ତାହାହିଁ ଥିଲା ସେମାନଙ୍କର ଗୁରୁଦକ୍ଷିଣା ।

କାହାଣୀଟି ପ୍ରତୀକାତ୍ମକ – ଅଶ୍ୱ ଶକ୍ତିର ପ୍ରତୀକ । ଅଶ୍ୱଶିରଟିକୁ ଦଧୀଚିଙ୍କର ମସ୍ତକ ସ୍ଥାନରେ ପ୍ରତିଷ୍ଠା କଲେ ଯମଜଦେବତା ଦୁହେଁ ଅର୍ଥାତ୍ ବିଶେଷ ଶକ୍ତିମତ୍ତାରେ ତାଙ୍କୁ ଭରିଦେଲେ । ମସ୍ତକ ଆଧାରର ଉତ୍ତମାଙ୍ଗ, ଉତ୍ତମାଙ୍ଗ ଚେତନାରେ ଯାହା ଗ୍ରହଣ କରେ, ସମୁଦାୟ ଆଧାର ତାହାକୁ ସ୍ୱୀକାର କରେ । ସେଇ ବିଦ୍ୟାବସ୍ତୁ ଧୀରେ ଧୀରେ ସଞ୍ଚାରିତ ହୋଇ ସମୁଦାୟ ଆଧାରରେ ବ୍ୟାପ୍ତ ହୁଏ, ସେସବୁକୁ ଦିବ୍ୟଧାରାରେ ଚଳାଏ, ତାହା ଆଉ ଗତାନୁଗତିକ ହୋଇ ରହେ ନାହିଁ । ଏ କ୍ଷେତ୍ରରେ ଅଶ୍ୱିନୀକୁମାର ଦୁହେଁ ମାନବଗୁରୁଙ୍କୁ ଯେଉଁ ଶାରୀରିକ ଦୃଢ଼ତା, ଯେଉଁ ଯୌବନ ଦୀପ୍ତି ଚେତନାରେ ଦେଲେ ତାହା ସିଏ ତାଙ୍କ ତପୋବଳରେ ସମଗ୍ର ସତ୍ତାରେ ପ୍ରତିଷ୍ଠା କଲେ – ପାରସ୍ପରିକ ଆଦାନପ୍ରଦାନ ଫଳରେ ତାଙ୍କ ମାନବ-ଶରୀର ଇନ୍ଦ୍ରଙ୍କ ବଜ୍ରର ଆଘାତକୁ ବାଧା ଦେଲା ପ୍ରବେଶ କରିବାକୁ । ସମଗ୍ର ଅଙ୍ଗ ବଜ୍ରଠାରୁ ବି କଠିନ ଧାତୁରେ ଗଢ଼ା ହୋଇଗଲା । କିପରି ହୋଇଥିବ ସେ ଉପାଦାନ ଯାହା ସେ ଦୁହେଁ ଗୁରୁଙ୍କଠାରେ ନିୟୋଗ କଲେ ଏବଂ କିପରି ହୋଇଥିବ ମୁନି ଦଧୀଚିଙ୍କର ତପସ୍ୟା ଯାହାର ବଳରେ ସେ ସେଇ ଉପାଦାନକୁ ଚେତନାରେ ଗ୍ରହଣ କରି ଜୀବନରେ, ପ୍ରାଣରେ ଏପରିକି ସ୍ଥୂଳ ଶରୀରରେ ସଞ୍ଚାରିତ, ସଞ୍ଜୀବିତ କରିପାରିଲେ ?

ଇନ୍ଦ୍ର ମାନବର ଦିବ୍ୟତା ଦିଗରେ ଅଭିଯାତ୍ରାର ସୀମାରେଖା ଟାଣିବାକୁ ବସିଥିଲେ, ମାତ୍ର ଅଶ୍ୱିନୀକୁମାର ଦୁହେଁ ସେ ସୀମା ରେଖାକୁ ଭାଙ୍ଗି ଦେଲେ ଯେପରି ଚ୍ୟବନଋଷିଙ୍କ ସମୟରେ ଘଟିଥିଲା; ଯେମିତି ଶ୍ରୀକୃଷ୍ଣଙ୍କର ପାରିଜାତ ହରଣବେଳେ ଘଟିଥିଲା । ଅବଶ୍ୟ ମୁନି ଦଧୀଚିଙ୍କର ଏଇ ବଜ୍ରଭେଦୀ ଶରୀରର ଅସ୍ଥି ଦେବକାର୍ଯ୍ୟରେହିଁ ଲାଗିଥିଲା ଯେତେବେଳେ ବୃତ୍ରାସୁରର ନିଧନ ସକାଶେ ଇନ୍ଦ୍ରଙ୍କର ଯାଚନାରେ ସେ ସମାଧିରେ ବସି ଇଚ୍ଛାମୃତ୍ୟୁକୁ ବରି ନେଇଥିଲେ । ସିଦ୍ଧ-ସାଧକର ତପସ୍ୟାର ଅଗ୍ନି ଯେ ବୃତ୍ର ରୂପୀ ତମସାର ସଂହାରକ ନିଶ୍ଚେତନାର ଅନ୍ଧକାରକୁ ଭେଦ କରିବାକୁ ସମର୍ଥ ହୋଇପାରେ ଏହା ଆମେ ଦଧୀଚିଙ୍କର ସମୁଦାୟ ଜୀବନରୁ ଲକ୍ଷ୍ୟ କଲୁ । ମାନବ ଋଷିଙ୍କର ଆସ୍ପୃହା ସହିତ ଆନନ୍ଦ ତଥା ସାମର୍ଥ୍ୟର ଦେବତାଙ୍କ ଅବଦାନ ମିଳିତ ହୋଇ ଏଇ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କଲା, ସେଥିପାଇଁ ଗୁରୁଙ୍କର ଆଶ୍ରମରେ ବ୍ରହ୍ମଚାରିଗଣ ଗୁରୁଙ୍କ ସହ ମିଳିତ କଣ୍ଠରେ ଗାଆନ୍ତି – ସହବୀର୍ଯ୍ୟଂ କରବାବହୈ । ❑

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

– ଶ୍ରୀମା

# ମାଆର ସ୍ୱତନ୍ତ୍ର ଉପହାର*

## ଜୟନ୍ତୀ

[ଉପକ୍ରମଣିକା : ଶରତ ସନ୍ତର୍ପଣରେ ବିଦାୟ ନେଉଛି... ପ୍ରକୃତିର ଅନାବିଳ ଆତିଥ୍ୟ ଓ କାତର ଆକୃତିକୁ ଅବମାନନା କରି । କାଲୁଆ ପବନର ନୀରସ, ରୁକ୍ଷ ପରଶ ଭିତରେ ରହି ରହି ଶୁଭୁଛି ଶୀତର ଗମ୍ଭୀର ପଦଶବ୍ଦ... । ଶୀତ ଆସୁଛି ପ୍ରକୃତିର ଅଙ୍ଗନରୁ ଉଷ୍ଣତା ଲୁଟି ନେଇ... ଗୋଟିଏ ବେପଥୁ ନିର୍ଲିପ୍ତ ଶୀତଳତା ବୁଣି । ଶୀତର ଏ ଅଧିକାରକୁ ଅସ୍ୱୀକାର କରିବାର ସାମର୍ଥ୍ୟ ନାହିଁ ପ୍ରକୃତି ରାଣୀର... ଅନ୍ୟ ପକ୍ଷରେ ତା'ର ଶାସନକୁ ମାନିନେବା ପାଇଁ ଉଦ୍ଭିଦଜଗତ୍ ପ୍ରସ୍ତୁତ ହେଉଛି, ପ୍ରସ୍ତୁତ ହେଉଛି ପ୍ରାଣିଜଗତ୍ । ଗଛପତ୍ରର ରଙ୍ଗ ବଦଳୁଛି... ଝିଙ୍କ ଜାତୀୟ ପ୍ରାଣୀମାନେ ଦୀର୍ଘକାଳ ଶୋଇବା ପାଇଁ ଶଯ୍ୟା ପ୍ରସ୍ତୁତ କରୁଛନ୍ତି, କେତେ ଜାତିର ଚଢ଼େଇ ଶୀତର ସାମ୍ରାଜ୍ୟ ଡେଇଁ ଦଳବଦ୍ଧ ଭାବରେ ଉଡ଼ି ଯିବାର ଯୋଜନା କରୁଛନ୍ତି ଉଷ୍ଣତାର ଅନ୍ୱେଷଣରେ... ବାସ ଉପଯୋଗୀ ଉପଯୁକ୍ତ ନୀଡ଼ଟିର ସନ୍ଧାନରେ ।...]

### ପ୍ରଥମ ଦୃଶ୍ୟ

(ଧରଣୀ ରାଣୀଠାରୁ ଶରତ ଋତୁ ବିଦାୟ ନେବାର ଦୃଶ୍ୟ)

ଶରତ ବାହୁଡ଼ି ଯାଏ
ଶିଶିର ଲୁହରେ ଧୁଆ ଦୂବଘାସ
ସବୁଜିମା ଧୋଇ ଯାଏ
ଶରତ ବାହୁଡ଼ି ଯାଏ ।
ଫୁଲର ଅଧରୁ ଲିଭିଯାଏ ହସ
ଚମକି ଏ ଧରା ଚାହେଁ
ଶରତ ବାହୁଡ଼ି ଯାଏ ।
ଝରାପତ୍ର ତା'ର ପଥଧାରେ ଲୋଟେ
ଯାଅନା, ଯାଅନା କହେ
ଶରତ ବାହୁଡ଼ି ଯାଏ ।
ଉଦାସୀ କଇଁର ଉଆସୁ କି ଆଜି
ଜୋଛନା ମେଲାଣି ନିଏ
ଶରତ ବାହୁଡ଼ି ଯାଏ ।
କାଲୁଆ ପବନ ଘର ଘର ବୁଲି
ଶୀତ ଆସେ ବୋଲି କହେ
ଶରତ ବାହୁଡ଼ି ଯାଏ ।

*(ଶରତର ପ୍ରସ୍ଥାନ ସହ ଶୀତର ପ୍ରବେଶ)*

ଶୀତ ଆସେ ଶୀତ ଆସେ
ବିରସ ଏ ଧରା ଶୁଖିଲା ହସରେ
ଶୀତକୁ ପାଛୋଟି ବସେ
ଶୀତ ଆସେ ଶୀତ ଆସେ ।
ଜରତୀ ଶୀତର ଧୂସର ପରଶେ
ଧରାକି ଧୂସର ଦିଶେ
ଶୀତ ଆସେ ଶୀତ ଆସେ ।
ଝରଣା କି ସତେ ଭୁଲେ ତା'ର ଗୀତି
ନିରସ, ନିଥର ଦିଶେ
ଶୀତ ଆସେ ଶୀତ ଆସେ ।
ପକ୍ଷୀ ଭୁଲି ତା'ର ମଧୁର କାକଳୀ
ବିଦେଶ ଯିବାକୁ ବସେ
ଶୀତ ଆସେ ଶୀତ ଆସେ ।

### ଦ୍ୱିତୀୟ ଦୃଶ୍ୟ

[ଦୈଆଳ (ଦୋୟେଲ୍) ପକ୍ଷୀର ପ୍ରବେଶ ଓ
ଗୀତ ସହ ତା'ର ଅଭିନୟ]

ଗୀତ :
ଦୋୟେଲ୍ ପକ୍ଷୀ ଖବର ଧରି ବୁଲୁଚି ଘର ଘର
ପକ୍ଷୀ ଜାତିକୁ କାଲୁଆ ବାଆ ନୁହେଁ ତ ସହିବାର ।
ଭିଟାମାଟିର ମମତା କାଟି ଯିବା ହେ ଚାଲ କାହିଁ

---

[Amala Emmanuel ଙ୍କ ରଚିତ '*A mother's special gift*'ର ଛାୟାରେ ଲିଖିତ ।]

ଖାଇବା ପାଇଁ, ପିଇବା ପାଇଁ କିଛି ତ ଏଠି ନାହିଁ ।
ଦୂର ରାଇଜ ଟିକି ପାହାଡ଼ ଉଷୁମ ଛାତି ତଳେ
ପାଚିଲା ଫଳ ଝରଣା ଜଳ ମିଳିବ ସବୁ ଭଲେ ।
ନୂଆ ସାଥୀଙ୍କ ଗହଣେ ପୁଣି କରିବା ନୂଆ ଘର
ଖୁସୀ ମନରେ ଦିନ କେଇଟା କଟାଇ ଦେବା ଭଲ ।
ଖବର ଧରି ଆସିବ ଯେବେ ମଳୟ ବସନ୍ତର
ଫେରିବା ଘରେ ସାଥିରେ ଧରି ନୂଆ ଦେଶର ଫଳ ।

[ଦୋୟେଲ୍ ପକ୍ଷୀର ଅଭିନୟ ଭିତରେ ଅନେକ ଗାୟକ ପକ୍ଷୀଙ୍କର ପ୍ରବେଶ... ସମସ୍ତେ ଯେମିତି ଅଭିନୟ ମାଧ୍ୟମରେ ତାକୁ ସମର୍ଥନ ଜଣାଉଛନ୍ତି । ସେମାନଙ୍କ ମଧ୍ୟରେ ଏକ ଛୋଟ ଦୋୟେଲ୍ ପକ୍ଷୀ ମଧ୍ୟ ତା' ମା' ସହିତ ଆସିଛି । ସବୁ ପକ୍ଷୀ ଦୂର ରାଇଜକୁ ଉଡ଼ିଯିବା ପାଇଁ ବ୍ୟଗ୍ରତାର ସହ ପ୍ରସ୍ତୁତ ହେବାକୁ ଚାଲିଗଲେ... କେବଳ ସେ ଛୋଟ ଚଢ଼େଇଟି ସକାଳର କଅଁଳ ପବନରେ ଏକା ଏକା ଖେଳି ବୁଲିଲା...]

(ଗୀତ ସହ ଟିକି ଚଢ଼େଇର ଅଭିନୟ)

ଟିକି ଚଢ଼େଇ ଡେଣା ମେଲେଇ
ଆକାଶେ ଉଡ଼ି ଯାଏ
ଟିକିଏ ବସେ ଟିକିଏ ହସେ
ସାଥୀଟି ଖୋଜୁ ଥାଏ ।
ଫୁଲକୁ ଦେଖି ମୁରୁକି ହସି
ମଧୁର କଥା କହେ
ପାଇଲେ କିଛି କଣେଇ ଚାହିଁ
ଟାଆକୁ କିନା ଖାଏ ।
କଅଁଳ ଖରା ଶୀତଳ ବାଆ
କାନରେ ତା'ର କହେ
ଖେଳଟା ଆଜି ଏତିକି ଥାଉ
ବେଳଟା ଭଲ ନୁହେଁ ।

(*ଟମି ବିଲେଇର ନିଶକୁ ଫୁଲେଇ ପ୍ରବେଶ । ଗୀତ ସହ ଟମିର ଅଭିନୟ*)

ସକାଳ ପହରୁ ଟମିଟା ସତେକି
ରାଗେ ଜଳେ ଧପ୍ ଧପ୍,
ଚାରିଆଡ଼େ ଚାହିଁ ଲାଞ୍ଜକୁ ଫୁଲେଇ
ଡେଉଁଚି ସେ ଖପ୍ ଖପ୍ ।
ମାଲିକ ତାହାର ଉଷୁମ ଶେଯରେ
ସପନ ରାଇଜେ ବୁଲେ,
ଘୁଙ୍ଗୁଡ଼ି ତାହାର କାନରେ ପଡ଼ିଲେ
ଟମିର ହାଡ଼ଟା ଜଳେ ।
ଭୋକିଲା ଟମିର ରାଗକୁ ସତରେ
ଖାତର କାହାର ନାହିଁ,
ଗୁଣ୍ଡୁଚି ମୂଷାଟି ଖେଳୁଚି ନିଦକେ
ଗଛରୁ ଗଛକୁ ଡେଇଁ ।
ସରାଗେ ଚଢ଼େଇ ଛୁଆଟି ଖେଳୁଚି
ମନେ ଟିକେ ନାହିଁ ଡର
ଏତେ ବେଖାତିରି ସହିବ କି ଟମି
ହୁଏ ରାଗେ ଗର ଗର ।
ଥରି ଥରି ଟମି ଲାଙ୍ଗୁଡ଼ ଫୁଲାଇ
ମାରିଲା ଗୋଟିଏ ଡିଆଁ,
ଛୁଆ ଚଢ଼େଇଟି ବୁଝିବା ଆଗରୁ
ଛିଡ଼ିଗଲା ତା'ର ଡେଣା ।

(*ନେପଥ୍ୟରୁ ଟମିକୁ ତା'ର ମାଲିକ ଡାକିବା ।*)

ମାଲିକ ଡାକରେ ଟମି ଫେରିଯାଏ
ଚଢ଼େଇ ଦୁଃଖ କେ ବୁଝେ,
ଲୁହ ଲହୁ ଧୁଆ ଛୁଆ ଦୋୟେଲ୍ ତା'
ମା'କୁ ବିକଳେ ଖୋଜେ ।

(ବିବ୍ରତ ଅବସ୍ଥାରେ ଚଢ଼େଇ ମା'ର ପ୍ରବେଶ)

ଛୁଆକୁ ଚାହିଁ ବିକଳ ହୋଇ
ମା' କୋଳେଇ ନିଏ,
ପରରେ ତା'ର ଆଉଁସି ଦିଏ
ଲୁହ ତା' ପୋଛି ଦିଏ ।
ଯତନ କରି କଅଁଳ ଘାସେ
ନରମ ଶେଯ କରେ,
ଉଷୁମ ଲୁହେ ଘା' ତା' ଧୋଇ
ଶରଧା ବୋଲି ଦିଏ ।

পাচিলা কোলি		যতন করি
থণ্ডে তা' দিএ ভরি,
ভাবি পারেনা		কেমিতি যিব
ছুআকু তা'র ছাড়ি।
(ছুআ সহ মাআ পক্ষীর প্রস্থান)

### তৃতীয় দৃশ্য

[ঝাপ্সা জহ্ন আলুঅ ভিতরে জংগলটা বেশ্ ম্লান ও উদাস দিশুছি। পক্ষিজাতি প্রস্তুত হেউছন্তি ভিটামাটি ছাড়ি কেউঁ দূরদেশকু উড়িযিবা পাইঁ। সমগ্র বনভূইঁকু গোটাএ বিদায়কালীন ব্যগ্রতা সরগরম করি রখিছি। দোয়েল্ পক্ষীর বসারে কিন্তু এক অস্থির নিস্তব্ধতা... রাতির নির্জনতা ভিতরে নিজর ঘুমন্ত শিশুকু দেখু দেখু মাআ পক্ষীটির মনরে অজস্র প্রশ্ন লহড়ি ভাঙ্গুছি... কেমিতি উড়িযিব নিজর অসহায় শিশুকু রুগ্ন অবস্থারে বসারে একাকী ছাড়ি দেই ?... পুণি কেমিতি বা রহিব এ বনভূমিরে চড়েই ধর্মকু অবমাননা করি ??...]

(গীত সহ মাআ চড়েইর অভিনয়)
মাআ চড়েই : বুঝি পারেনা
বুঝাই পারেনা কারে
বুকু বেদনা
পাহিবা আগরু রাতি
ডাকিবে চড়েই জাতি
রহি পারেনা
বুঝি পারেনা। (১)
দরদী মা'র ভাষা
শিশুকু একাকী ছাড়ি
যাই পারেনা
বুঝি পারেনা। (২)
পক্ষীর ধরম টাণে
ছুআর মমতা টাণে
ভোগে যাতনা
বুঝি পারেনা। (৩)

[মাআ চড়েইর সবু দ্বন্দ্ব, সবু সঙ্কটকু অস্বীকার করি রাতি পাহি আসুছি। সিদ্ধান্ত নেবার সময় পাখেই আসুছি তা'র।... নানা জাতির পক্ষী কিচিরি মিচিরি শব্দ করি সজাগ হোই উঠিলেণি উড়িযিবা পাইঁ কাহিঁ কেতে দূরকু।... মাত্র দোয়েল্ পক্ষী বসারে নাহিঁ কৌণসি উদ্দামতা অথবা উত্তেজনা...। এপরি ব্যতিক্রমর উদ্দেশ্য জাণিবা পাইঁ সে বাস করুথিবা ওক্ গছটি হাজর হেলা আসি তা'র ছোট বসা নিকটরে। দ্বার নিকটরে ঠক্ ঠক্ আবাজ্...। দোয়েল্ পক্ষীর দ্বার নিকটকু আসিবা]
ওক্ গছ : দোয়েল্ আরে কাহিঁকি কহ
বসিছু মন মারি
চড়েই জাতি হেলেণি সজ
যিবাকু দূরে উড়ি।
দোয়েল্ পক্ষী : হে মোর দরদী সাথী
বসারে ছুআ একাকী
বুঝুথিব তা' খবর
যিবি মুঁ দূর সহর।
ওক্ গছ : এইথি পাইঁ ভাবনা কিআঁ
যাআ তু দূর দেশ,
নিদক মনে বিতাই দেবু
এই কেতেটা মাস।
কেউঁ যুগরু মুঁ তো ঘর
তু মো পরিবার,
শিশু তোহর থিব মো সাথে
ফেরিবা যাএ তোর।
দোয়েল্ পক্ষী : (নিজর শিশু উদ্দেশ্যরে)
হুঁ... হুঁ... হুঁ...
সুলুসুলিআ পবন তলে ঘুমেই যিবু তু...।
জংগলে সাথী, জংগল ঘর
ডরিবু নাহিঁ তু...।
হুঁ হুঁ হুঁ...
পাচিলা ফল ঝরণা জল
মিলিব সবু ভল
সুনাটা মোর, ধনটা মোর
মানিবু কথা তু...।

ହୁଁ ହୁଁ ହୁଁ...
ଫୁଟିଲେ ଫୁଲ ହସିଲେ ବଣ
ଆସିବି ଘରେ ମୁଁ
ପାହିଲା ରାତି ଡାକନ୍ତି ସାଥୀ
ଆ ଆ ଆ...
କାଲୁଆ ବା' ଛାଡୁଚି ରଡ଼ି
ଯା' ଯା' ଯା'
ହୁଁ... ହୁଁ... ହୁଁ...
ସୁଲୁସୁଲିଆ ପବନ କୋଳେ ଘୁମେଇ ଯିବୁ ତୁ... ।

[ଦୋୟେଲ୍ ଶିଶୁଟି ମା'ର ଉଷୁମ ଛାତିରେ ମୁହଁ ଗୁଞ୍ଜିଲା ଶେଷଥର ପାଇଁ ସେଇ ଅପୂର୍ବ ସ୍ନେହସିକ୍ତ ଅନୁଭୂତି ଟିକକ ଲାଗି । ଭାରୀ ଭାରୀ ହୃଦୟ, ଲୁହଝରା ଆଖିରେ ମାଆ ପକ୍ଷୀ ସାଥୀମାନଙ୍କ ସହ ଆକାଶର ମୁକ୍ତ ଅଙ୍ଗନରେ ସୁଦୂର ଯାତ୍ରା ପାଇଁ ପ୍ରସ୍ତୁତ ହୋଇ ଉଠିଲା ।]

## ଚତୁର୍ଥ ଦୃଶ୍ୟ

[ଉତ୍ତାଳ ସାଗର ବକ୍ଷରେ ଉଡ଼ି ଚାଲିଛନ୍ତି ଅଜସ୍ର ପକ୍ଷୀ ଦଳବଦ୍ଧ ହୋଇ । ନୂତନ କିଛିର ସନ୍ଧାନରେ ସମସ୍ତେ ମତୁଆଲା । ମାତ୍ର ଦୋୟେଲ୍ ପକ୍ଷୀଟି ବିମର୍ଷ, ଦୁଃଖରେ ମ୍ରିୟମାଣ – ଉଡ଼ିବା ଯେମିତି ତା' ପାଇଁ ଧୀରେ ଧୀରେ ଅସମ୍ଭବ ହୋଇ ଉଠୁଛି । ହଠାତ୍ ସମୁଦ୍ର ମଝିରେ ଭାସମାନ ଏକ ବିରାଟ ଜାହାଜ ଉପରେ ଆନମନା ହୋଇ ବସି ପଡ଼ିଲା ସେ । ଶିଶୁର କଥା ମନେପଡ଼ି ତା' ଆଖିରୁ ଝରି ଚାଲିଲା ଅସରା ଲୁହର ଧାର । ଏହି ସମୟରେ ଉତ୍ତରା ପବନ ଆସୁଛି ରାଜ୍ୟକୁ ତା'ର ପ୍ରଚଣ୍ଡ ତୀବ୍ରତା, ଉଦ୍ଦାମତା ସାଥିରେ ଧରି – ଚଢ଼େଇଟିକୁ ଏପରି ବିମନା ହୋଇ ବସି ଥିବାର ଦେଖି ସେ କ୍ଷଣକ ପାଇଁ ଅଟକି ଯାଇଛି, ଆତ୍ମୀୟତାର ସ୍ୱର ତୋଳି ପ୍ରଶ୍ନ କରିଛି...]

ଉତ୍ତରା ପବନ : ଚଢ଼େଇ ତୁ କି ବାଟବଣା
ବସିଛୁ ହୋଇ ଆନ ମନା,
ସାଥୀ ତୋର ଗଲେଣି ଉଡ଼ି
ତୋତେ ଏଠି ଏକାକୀ ଛାଡ଼ି
ସାଥୀହରା ତୁ ଯେ ଏକାକୀ
ଲୁହଭରା ଦିଶେ ତୋ ଆଖି
ମୁଁ କି କିଛି ପାରିବି କରି
କହ ମନେ ଶଙ୍କା ନକରି ।

ଦୋୟେଲ୍ : ଚରଣେ ତୋ'ର ଜୁହାର ମୋର
ଥୁରୁଥୁରିଆ ବାଆ,
ରାଇଜେ ମୋର ରାଜୁତି ତୋ'ର
ଯାଆ ତୁ ବୁଲି ଯାଆ ।
ଶିଶୁକୁ ମୋର ଝୁରୁଚି ବସି
ଆସିଚି ଘରେ ଛାଡ଼ି,
ଟମି ବିଲେଇ ମାରିଲା କୁଦା
ଗଲା ତା' ପର ଛିଡ଼ି ।
ନେବୁ କି ମୋର ଲୁହ ଦି' ଧାର
ଦେବୁ ତା' ଘା' ଧୋଇ,
ବୁକୁରୁ ମୋର ନେଇଯା' ପର
ଦେବୁ ସେନେହେ ଝାଡ଼ି ।
ମିନତି ମୋର ବିଭୁ ଚରଣେ
କରନ୍ତୁ ତାକୁ ଭଲ,
କହିବୁ ତା'କୁ ଥାଏ ମୁଁ ଯହିଁ
ପାଏ ମୁଁ ତାକୁ ଭଲ ।

(ସାଦର ସ୍ୱୀକୃତି ଜଣାଇ କ୍ଷଣକ ପାଇଁ ଶାନ୍ତ ହୋଇ ଉଠିଥିବା ଉତ୍ତରା ପବନ ଦୋୟେଲ୍ ମାଆର ଲୁହ ଦୁଇ ଧାର ଓ ପରଟିଏ ଧରି ଉଡ଼ି ଚାଲିଲା ଅଶାନ୍ତ ଭାବରେ ବିସ୍ତୀର୍ଣ୍ଣ ସମୁଦ୍ର ଉପରେ – ପରମ କୃତଜ୍ଞତାରେ ଚାହିଁ ରହିଲା ଦୋୟେଲ୍ ପକ୍ଷୀ ।)

## ପଞ୍ଚମ ଦୃଶ୍ୟ

[ନିଘଞ୍ଚ ଜଙ୍ଗଲ ଭିତର ଦେଇ ଉତ୍ତରା ପବନ ପହଞ୍ଚିଲା ସେହି ପୁରୁଣା ବିରାଟ ଓକ୍ ଗଛ ନିକଟରେ । ରୁଗ୍ଣ, ଅସହାୟ ଦୋୟେଲ୍ ଶିଶୁ ଭୟାତୁର ହୋଇ ନିଜକୁ ଲୁଚାଇ ରଖିବାକୁ ଚେଷ୍ଟା କରୁଥିଲା ଉତ୍ତରା ପବନଠାରୁ – ମାତ୍ର ଶାନ୍ତ ଭାବରେ ଉତ୍ତରା ପବନ ତାକୁ ବୁଝାଇ ଦେଲା ତା'ର ଆଗମନର ଉଦ୍ଦେଶ୍ୟ । ]

ଉତ୍ତରା ପବନ : ଟିକି ଚଢ଼େଇ ଯାଆନି ଡ଼ରି
ପାଖକୁ ଟିକେ ଆ',
ତୋ' ମାଆ ଲୁହ ତୋ ମାଆ ପର
ମୋ'ଠାରୁ ନେଇ ଯାଆ ।

ତୋ’ ମାଆ ତୋତେ ଝୁରୁଚି କେତେ
କହିଚି ବାରବାର,
ପାଏ ସେ ତୋତେ କେତେ ଯେ ଭଲ
ତୁଳନା ନାହିଁ ତା’ର ।

[ଶିଶୁ ଦୋୟେଲ୍‌ଟି ଉଲ୍ଲସିତ ହୋଇଉଠିଲା । ଆବେଗରେ ମାଆର ପର ନେଇ ଜଡ଼ାଇ ଧରିଲା ତା’ର ବୁକୁରେ । ରୋଗାକ୍ରାନ୍ତ, ଶୀତଳ ଶରୀର ତା’ର ଉଷ୍ଣତାରେ ଭରିଗଲା । ସତେଅବା ସିଏ ନୂଆ ଭାବରେ ଜିଇ ଉଠିଲା ।... ଧୀରେ ଧୀରେ ଅପସରି ଗଲା ଉତ୍ତରା ପବନ... ପରେ ପରେ ଶିଶୁ ପକ୍ଷୀର ଶ୍ରୁତିପଟରେ ସେଇ ଗୋଟିଏ କଥା ପ୍ରତିଧ୍ୱନିତ ହୋଇ ଉଠୁଥିଲା ତା’ ମାଆର ସ୍ନେହ ସରାଗ ବୋଳା କଥା, **‘କହିବୁ ତାକୁ ଥାଏ ମୁଁ ଯହିଁ, ପାଏ ମୁଁ ତାକୁ ଭଲ’**... ସମଗ୍ର ବନଭୂମିରେ ସେଇ ଧ୍ୱନି ଓ ପ୍ରତିଧ୍ୱନିର ତାଳେ ତାଳେ ଅନେକ ଅତନ୍ଦ୍ର ଦିନ ପରେ ଶିଶୁ ଚଢ଼େଇଟିର ଆଖି ପତା ଆରାମରେ ମୁଦି ହୋଇ ଆସୁଥିଲା ।]

(ନେପଥ୍ୟରୁ ସଙ୍ଗୀତ ସହ ପରଦା ପତନ ।) ❑

## ଦିବ୍ୟପ୍ରେମ ସର୍ବତ୍ର

ଦିବ୍ୟପ୍ରେମ ନିଜର ସମସ୍ତ ପ୍ରବଳତା ନେଇ ସର୍ବଦା ଓ ସର୍ବତ୍ର ବିଦ୍ୟମାନ ରହିଛି, ଏହା ଏକ ଅପରାଜେୟ ଶକ୍ତି । କିନ୍ତୁ ଅଧିକାଂଶ ଲୋକ – ଶତକଡ଼ା ଅନେଶତ ଲୋକ – କିଛି ବୋଲି କିଛି ଅନୁଭବ କରିପାରନ୍ତି ନାହିଁ ! ଅଧିକାଂଶ ଲୋକ ସେମାନଙ୍କର ନିଜର ଯୋଗ୍ୟତା ଅନୁଯାୟୀ ଏବଂ କ୍ଷମତା ଅନୁଯାୟୀ ଏବଂ ସେମାନେ ଯାହା ଯେମିତି ଯେତିକି, ସେହି ଅନୁଯାୟୀ ସେତିକି ମାତ୍ର ସେଥିରୁ ଗ୍ରହଣ କରିପାରନ୍ତି । ଉଦାହରଣ ସ୍ୱରୂପ, କଳ୍ପନା କରି ଦେଖ – ତୁମେ ଦିବ୍ୟପ୍ରେମରେ ସ୍ପନ୍ଦିତ ଏକ ବାୟୁମଣ୍ଡଳରେ ସ୍ନାନ କରୁଛ – କିନ୍ତୁ ତୁମେ ସେ ସମ୍ବନ୍ଧେ ଆଦୌ ଅବଗତ ହୋଇ ନାହିଁ । ବେଳେବେଳେ, କଦବା କ୍ୱଚିତ୍, ‘‘କିଛି ଏକ’’ ଅନୁଭୂତି ହଠାତ୍ ତୁମ ଭିତରକୁ ଆସିଗଲା । ତା’ପରେ ତୁମେ କହିବ, ‘‘ଆଃ, ଦିବ୍ୟପ୍ରେମ ମୋ ପାଖକୁ ଆସିଗଲା !’’ କି ପରିହାସ ! କି କୌତୁକ ! ତୁମେ ସେତେବେଳେ ହୁଏତ, କୌଣସି କାରଣରୁ – କିପରି କେଜାଣି ସାମାନ୍ୟ ଟିକିଏ ନିଜକୁ ଖୋଲି ଦେଇଥିଲ । ଏଣୁ ତୁମର ସେ ଅନୁଭବ ଘଟିଗଲା । ଦିବ୍ୟପ୍ରେମ ସବୁଠାରେ ଅଛି ଓ ସବୁବେଳେ ମଧ୍ୟ ରହିଛି ।... ସବୁପ୍ରକାର ବ୍ୟାପାରରେ ଏହି ଏକା କଥାହିଁ ଘଟିଥାଏ । ସବୁ ଦିବ୍ୟତା ଏଠି ସର୍ବତ୍ର ରହିଛି, କିନ୍ତୁ ତୁମେ ତାକୁ ଗ୍ରହଣ କର ନାହିଁ । କାରଣ, ତୁମେ ନିଜକୁ ଖୋଲି ଧରି ନଥାଅ, ତୁମର ସବୁକିଛି ବୁଜି ହୋଇ ଯାଇଥାଏ, ଅଧିକାଂଶ ସମୟରେ ତୁମେ ଏଣୁତେଣୁ କଥାରେ ବ୍ୟସ୍ତ ଥାଅ । ଅଧିକାଂଶ ସମୟରେ ମଣିଷ ନିଜ ଦ୍ୱାରା ନିଜକୁ ପୂର୍ଣ୍ଣକରି ରଖିଥାଏ । ତେଣୁ, ତୁମେ ଯେତେବେଳେ ତୁମ ଦ୍ୱାରା ତୁମକୁ ଭରି ରଖିଛ, ସେତେବେଳେ ତା’ ଭିତରେ ଆଉ କିଛି ପାଇଁ ଜାଗା ନଥାଏ । ସମସ୍ତେ ଅନ୍ୟସବୁ କଥାକୁ ନେଇ ସର୍ବଦା ବ୍ୟସ୍ତ ଥା’ନ୍ତି । (*ମା’ ହସିଲେ*) ନାନା ବ୍ୟାପାର ନିଜ ଭିତରେ ପୂରାଇ ରଖିଥା’ନ୍ତି, ତା’ଭିତରେ ଈଶ୍ୱରଙ୍କ ପାଇଁ ଆଉ ଜାଗା ନଥାଏ ।

କିନ୍ତୁ ସେ ସେଠାରେ ମଧ୍ୟ ଅଛନ୍ତି ।

**– ଶ୍ରୀମା**

# ନଚିକେତାର ଅଭୀପ୍ସା

## ପ୍ରବୀଣା ମହାନ୍ତି

ମହର୍ଷି ବାଜଶ୍ରବାଙ୍କର ଯଜ୍ଞପୀଠ । ବିଶ୍ୱଜିତ୍ ଯଜ୍ଞ ଶେଷ ହୋଇଛି । ଯଜ୍ଞର ନିୟମ ଅନୁସାରେ ମହର୍ଷିଙ୍କୁ ତାଙ୍କର ସର୍ବସ୍ୱ ଦାନ କରିବାକୁ ହେବ । ମହର୍ଷି ବାଜଶ୍ରବା ହୃଷ୍ଟଚିତ୍ତରେ ନିଜର ଭୂମି, ଧେନୁ, ସ୍ୱର୍ଣ୍ଣ ଆଦି ସମସ୍ତ ସମ୍ପଦ ଦାନ କରୁଛନ୍ତି । ବାଜଶ୍ରବାଙ୍କ ପୁତ୍ର ନଚିକେତା ଏ ସମସ୍ତ କାର୍ଯ୍ୟକ୍ରମ ଆନନ୍ଦରେ ଲକ୍ଷ୍ୟ କରୁଥିଲେ । ହଠାତ୍ ତାଙ୍କ ଦୃଷ୍ଟିରେ ପଡ଼ିଲା, ପଲେ ଜୀର୍ଣ୍ଣଶୀର୍ଣ୍ଣ ରୁଗ୍ଣ ଗାଈଙ୍କୁ ତାଙ୍କ ପିତା ଦାନ କରୁଛନ୍ତି । ଏଭଳି ଦାନରେ କ'ଣ ପୁଣ୍ୟ ଅର୍ଜନ ହେବ ? ବିଚଳିତ ହୋଇ ପଡ଼ିଲେ ବାଳକ ନଚିକେତା । ମନ ମଧ୍ୟରେ କିଛି ଚିନ୍ତା କରି ପିତାଙ୍କ ନିକଟରେ ଉପସ୍ଥିତ ହୋଇ ପଚାରିଲେ, 'ବାପା, ଆପଣ ମୋତେ କାହାକୁ ଦାନ କଲେ ?' ତାଙ୍କ କଥା ଶୁଣି ନଶୁଣିଲା ପରି ପିତା ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ । ନଚିକେତା ପୁଣିଥରେ ଯାଇ ପଚାରିଲେ । ଏଥର ମଧ୍ୟ ପିତା ନିରୁତ୍ତର । ବ୍ୟସ୍ତ ହୋଇ ପଡ଼ିଲେ ନଚିକେତା । ଯଜ୍ଞର ନିୟମ ଅନୁସାରେ ତାଙ୍କ ପିତାଙ୍କର ସର୍ବସ୍ୱ ଦାନ କରିବା ଉଚିତ । କିନ୍ତୁ ସମସ୍ତ ସମ୍ପଦ ମଧ୍ୟରେ ପୁତ୍ରହିଁ ପିତାଙ୍କର ଶ୍ରେଷ୍ଠ ସମ୍ପଦ । ସେହି ସମ୍ପଦ ଦାନ ନକଲେ ଯଜ୍ଞ ଯେ ଅପୂର୍ଣ୍ଣ ରହିବ ! ପୁତ୍ର ସ୍ନେହରେ ଅନ୍ଧ ହୋଇ ପିତା ତାଙ୍କର ପ୍ରଶ୍ନ ଏଡ଼ାଇ ଯାଉଛନ୍ତି । ତେଣୁ ନଚିକେତା ଆହୁରି ଥରେ ଯାଇ ପିତାଙ୍କୁ ପଚାରିଲେ, 'ଆପଣ ମୋତେ କାହାକୁ ଦାନ କଲେ ?' କର୍ମବ୍ୟସ୍ତତା ମଧ୍ୟରେ ବାଳକ ପୁତ୍ରର ଏଭଳି ବାରଂବାର ପ୍ରଶ୍ନରେ ବିରକ୍ତ ହୋଇ ମହର୍ଷି ବାଜଶ୍ରବା କହିଥିଲେ, 'ତୋତେ ମୁଁ ଯମକୁ ଦେଲି ।' ବିରକ୍ତ ହୋଇ କହିଥାନ୍ତୁ କି ଅନ୍ୟମନସ୍କବଶତଃ ପାଟିରୁ ବାହାରି ଯାଇଥାଉ, ବାଜଶ୍ରବା ତ ଆଉ ସାଧାରଣ ବ୍ୟକ୍ତି ନୁହନ୍ତି; ମହର୍ଷି ସେ, ତାଙ୍କର ବାକ୍ୟ ସିଦ୍ଧବାକ୍ୟ । ନିରର୍ଥକ ହେବାର ନୁହେଁ । ନଚିକେତା ଆନନ୍ଦର ସହିତ ଯମଙ୍କ ନିକଟକୁ ବାହାରିଲେ । ପୁତ୍ରବତ୍ସଳ ପିତା ତାଙ୍କୁ ଏଥିରୁ ନିବୃତ୍ତ କରିବାକୁ ଚାହିଁଲେ ମଧ୍ୟ ସତ୍ୟନିଷ୍ଠ, ନିର୍ଭୀକ ତଥା ପିତୃଭକ୍ତ ନଚିକେତା ପିତାଙ୍କୁ ବୁଝାଇ ଦେଲେ, 'ଆପଣ ବିଜ୍ଞ ହୋଇ ନିଜର ସତ୍ୟରକ୍ଷା କରିବାରେ କୁଣ୍ଠା ପ୍ରକାଶ କରିବା ଉଚିତ ନୁହେଁ ।'

ଯମପୁରୀରେ ପହଞ୍ଚି ତିନିଦିନ, ତିନିରାତି ନଖାଇ, ନପିଇ, ନଶୋଇ ଯମପୁରୀର ରୁଦ୍ଧ ଦ୍ୱାର ନିକଟରେ ଠିଆ ହୋଇ ରହିଲେ । ସେ ପୁରୀର ଦ୍ୱାର କେବଳ ମୃତ ବ୍ୟକ୍ତିଙ୍କ ନିମନ୍ତେ ଖୋଲିଥାଏ । ନଚିକେତା ଯେ ସ୍ୱଦେହରେ ଉପସ୍ଥିତ ହୋଇଛନ୍ତି ! ଦୀର୍ଘ ତିନି ଦିନର ଅବିଚଳ ପ୍ରତୀକ୍ଷା ପରେ ଯମଙ୍କ ହୃଦୟ ବିଗଳିତ ହେଲା । ବାଳକ ଅତିଥିଟିକୁ ତିନିଦିନ ପର୍ଯ୍ୟନ୍ତ ପ୍ରତୀକ୍ଷାରତ କରି ପରିଚର୍ଯ୍ୟା କରି ନଥିବାରୁ ପ୍ରାୟଶ୍ଚିତ୍ତ ସ୍ୱରୂପ ତିନୋଟି ବର ଯାଚିଲେ ଧର୍ମରାଜ । କିନ୍ତୁ ନଚିକେତା ଯେଉଁ ବର ପ୍ରାର୍ଥନା କଲେ ତାହା ଶୁଣି ସେ ଚମତ୍କୃତ ହୋଇଗଲେ । ଧୂଳିମାଟିର ପୃଥିବୀରେ ଜନ୍ମ ନେଇଥିବା ଏଇ ଋଷି କୁମାର କୌଣସି ବୈଷୟିକ ସୁଖ ସମୃଦ୍ଧିର କାମନା କରି ନଥିଲେ । ପ୍ରଥମ ବରରେ ସେ ମାଗିଲେ, ତାଙ୍କୁ ହରାଇ ତାଙ୍କ ପିତା ଖୁବ୍ ଦୁଃଖିତ । ଯମପୁରୀରୁ ଫେରିଯିବା ପରେ ସେ ତାଙ୍କୁ ପୂର୍ବପରି ସ୍ନେହ ଓ ଆଦରରେ ଗ୍ରହଣ କରନ୍ତୁ । ଦ୍ୱିତୀୟ ବରରେ ସେ ମାଗିଥିଲେ, ପୃଥିବୀର ଲୋକମାନେ ଯେଉଁ ଦୁଃଖଯନ୍ତ୍ରଣା ଭୋଗ କରୁଛନ୍ତି, କେଉଁ ମନ୍ତ୍ର ସାଧନ କଲେ ତାହା ଦୂର ହୋଇପାରିବ, ସେଇ ମନ୍ତ୍ର ତାଙ୍କର ଦରକାର । ତୃତୀୟ ବରରେ ସେ ମାଗିଥିଲେ 'ମୃତ୍ୟୁଜୟୀ ଆତ୍ମଜ୍ଞାନ' । ତାଙ୍କର ଜ୍ଞାନଲିପ୍ସା, ପ୍ରଖର ସ୍ମରଣ ଶକ୍ତି, ସର୍ବୋପରି ନିଃସ୍ୱାର୍ଥପରତାରେ ମୁଗ୍ଧ ହୋଇ ଧର୍ମରାଜ ତାଙ୍କର ସମସ୍ତ ଅଭୀପ୍ସା ପୂରଣ କରିଥିଲେ ।

କଠୋପନିଷଦର ଏହି କାହାଣୀଟି ପିଲାଙ୍କର ସାହିତ୍ୟ ପୁସ୍ତକର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଉପନିଷଦ୍ ଯୁଗରୁ କେତେ ଯୁଗ ଅତିକ୍ରମ କରି ବର୍ତ୍ତମାନର ଏହି ଅତ୍ୟାଧୁନିକ ଯୁଗରେ ଆମେ ପଦାର୍ପଣ କରିଛୁ । କାହାଣୀ ହେଉପଛେ, ସେ ସମୟରେ ବାଳକଟିଏର ସର୍ବୋଚ୍ଚ ଅଭୀପ୍ସା କ'ଣ ହୋଇପାରେ, ସେଥିରେ ବ୍ୟକ୍ତ ହୋଇଛି । ସେହି କାହାଣୀକୁ ପାଠ୍ୟକ୍ରମରେ ଉପଲବ୍ଧି କରୁଥିବା ସେହି ବୟସର ପିଲାମାନଙ୍କର ସର୍ବୋଚ୍ଚ ଅଭୀପ୍ସାର ରୂପରେଖ ଜାଣିବା ନିମନ୍ତେ ଅନୁସନ୍ଧିତ୍ସୁ ହୋଇ ଦିନେ ପଚାରିଥିଲି, 'ଯଦି କେବେ ଭଗବାନ୍ ତୁମ ଆଗରେ ଆସି ଠିଆ ହୁଅନ୍ତି ଏବଂ ତୁମକୁ କୌଣସି ଏକ ବର ମାଗିବାକୁ କହନ୍ତି, କ'ଣ ମାଗିବ ତାଙ୍କୁ ?' ଶ୍ରେଣୀ ଗୃହର ପିଲାସଂଖ୍ୟା ତଥା ସମୟ ନିର୍ଘଣ୍ଟ ଦୃଷ୍ଟିରୁ ପ୍ରତ୍ୟେକ ପିଲାଙ୍କୁ ଜଣ ଜଣ କରି

ପଚାରିବାର ଅବକାଶ ନଥିଲା । ପୁଣି ଜଣକର ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ମଧ୍ୟ ରହିଛି । ତେଣୁ କାଗଜରେ ଲେଖି ଦେବାକୁ କହିଲି । ଗୋଟି ଗୋଟି କରି ସେମାନଙ୍କର ଅଭୀପ୍ସା ଲିପିବଦ୍ଧ ହୋଇଥିବା କାଗଜଗୁଡ଼ିକ ଏକାଠି କଲାବେଳକୁ ସେଭଳି ଆଶାବାଦୀ ନଥିଲି ମୁଁ । ବର୍ତ୍ତମାନର ସମାଜ, ପରିବେଶ ତଥା ଗଣମାଧ୍ୟମଗୁଡ଼ିକର ପ୍ରଭାବରେ ବେଶ୍ ପ୍ରଭାବିତ ଆମ ପିଲାମାନେ । କିଛିଦିନ ତଳର ଆଉ ଗୋଟିଏ ଅଭିଜ୍ଞତା ମଧ୍ୟ ରହିଥିଲା ମୋର । 'ଜୀବନର ଲକ୍ଷ୍ୟ' ଶୀର୍ଷକ ଏକ ରଚନା ଲିଖନ ପ୍ରତିଯୋଗିତାର ବିଚାରକର ଦାୟିତ୍ୱ ନେଇଥିବାବେଳେ ହତାଶାର ଲୁହ ଚାଲି ଆସିଥିଲା ମୋ ଆଖିକୁ । ପିଲାଟିଏ ଡାକ୍ତର ହେବ, କାହିଁକି ନା ରୋଗୀଙ୍କୁ ଚିକିତ୍ସା କରି ବହୁତ ପଇସା ରୋଜଗାର କରିବ ! ବଡ଼ ନର୍ସିଂହୋମ୍ କରି ଅପରେସନ୍ କରିବ । ରୋଗୀଙ୍କୁ ଔଷଧ ବିକି ପଇସା ଆଣିବ । ସେ ଇଞ୍ଜିନିୟର ହେବ । ବଡ଼ ବଡ଼ କୋଠାବାଡ଼ି, କାରଖାନା, ରାସ୍ତା, ପୋଲ ତିଆରି କରି ବହୁତ ପଇସା ପାଇବ । ଆଇ. ଏ. ଏସ୍. ହେବ । ସମସ୍ତେ ଖାତିର କରିବେ, ବହୁତ ଟଙ୍କା ଦରମା ମିଳିବ । ପୋଲିସ ହେବ, ଲୋକଙ୍କୁ ପିଟିପିଟି ସାବାଡ଼ କରିବ । ସବୁ ଲୋକଙ୍କୁ ନେଇ ଜେଲରେ ପୂରାଇବ । ଅଧ୍ୟାପକ ହେବ, ଟିଉସନ କରି ଅନେକ ପଇସା ରୋଜଗାର କରିବ । କେବଳ ପଇସାକୁ ଚିହ୍ନିଛନ୍ତି ସେଇ ପିଲାମାନେ । ଦେଖିଛନ୍ତି କ୍ଷମତା ଓ ସୁଯୋଗର ଅପବ୍ୟବହାର । ସେଇ ରଚନାଗୁଡ଼ିକ ମଧ୍ୟରୁ କାହାରିକୁ ମଧ୍ୟ ପୁରସ୍କାରର ହକ୍‌ଦାର ବୋଲି ଭାବିପାରି ନଥିଲି ମୁଁ ।

ଆମ ନଚିକେତାମାନେ କିନ୍ତୁ ମୋତେ ଚମତ୍କୃତ କରିଦେଲେ । ସେମାନଙ୍କର ଅଭୀପ୍ସାର ଚିଠାଗୁଡ଼ିକ ପଢ଼ୁ ପଢ଼ୁ ବିହ୍ୱଳ ହୋଇଉଠିଲି ମୁଁ । ଅଳ୍ପ କେତୋଟି ଅବଶ୍ୟ ବ୍ୟତିକ୍ରମ ଥିଲେ । ସେଗୁଡ଼ିକ ମଧ୍ୟରୁ କେତୋଟି ଉତ୍ତର ପାଠକମାନଙ୍କର ଅବଗତି ନିମନ୍ତେ ଏଠାରେ ଉପସ୍ଥାପିତ କରୁଛି :

ଯଦି ମୋ ପାଖକୁ ଭଗବାନ୍ ଆସନ୍ତେ ଓ ମୋ ଉପରେ କୌଣସି କାରଣରୁ ସନ୍ତୁଷ୍ଟ ହୋଇ ଗୋଟିଏ ବର ମାଗିବାକୁ କହନ୍ତେ, ତେବେ ମୁଁ ତାଙ୍କୁ କୁହନ୍ତି, ଏ ପୃଥିବୀକୁ ସ୍ୱର୍ଗରେ ପରିଣତ କର । ଯେମିତି ଏଠାରେ ହିଂସା, ଯୁଦ୍ଧ, ଦୁଃଖ, ଅଭାବ ଆଦି ଖରାପ କଥା ନରହୁ । ସମସ୍ତେ ସମସ୍ତଙ୍କୁ ଭଲ ପାଆନ୍ତୁ ।

*

ଭଗବାନଙ୍କୁ ମୁଁ ମାଗିବି, ମଣିଷ ମନରୁ ସମ୍ପୂର୍ଣ୍ଣ ଭାବରେ ସ୍ୱାର୍ଥପରତା ଓ ହିଂସାଭାବ ଦୂର କରିଦିଅ, ଯାହା ଫଳରେ ସମସ୍ତେ ମିଳିମିଶି ଏକ ସୁନ୍ଦର ଓ ଆନନ୍ଦମୟ ପୃଥିବୀ ଗଢ଼ିବେ ।

*

ସମସ୍ତଙ୍କ ମନରୁ ହିଂସା କପଟ ଭାବ ଦୂର ହୋଇ ରାମ ରାଜ୍ୟର ପ୍ରତିଷ୍ଠା ହେଉ ।

*

ଏ ପୃଥିବୀ ସ୍ୱର୍ଗରେ ପରିଣତ ହେଉ, ଲୋକମାନେ ଅତିମାନସ ଶକ୍ତିକୁ ଉପଲବ୍ଧି କରନ୍ତୁ ।

*

ଭଗବାନ୍ ଯଦି ମୋ ପାଖକୁ ଆସି ମୋତେ ବରଟିଏ ଯାଚନ୍ତି, ମୁଁ ମାଗିବି ଏ ପୃଥିବୀରୁ ଦୁଃଖସବୁ ସରିଯାଉ ।

*

ଭଗବାନଙ୍କୁ ମାଗିବି ମୁଁ ସବୁବେଳେ ସମସ୍ତଙ୍କର ମଙ୍ଗଳ କରିବି । ମୋ ଦ୍ୱାରା କେହି ଦୁଃଖ ନପାଆନ୍ତୁ ।

*

ମୋ ଆଗରେ ଭଗବାନ୍ ଆବିର୍ଭୂତ ହୋଇ ମୋତେ ବର ମାଗିବାକୁ କହିଲେ ମୁଁ କହିବି, ସମସ୍ତଙ୍କୁ ସୁଖରେ ରଖ । କେହି ରୋଗକଷ୍ଟ ନଭୋଗନ୍ତୁ ।

*

ଆମେ ଯେମିତି ଖୁସିରେ ଅଛୁ, ଗରିବ ଲୋକଙ୍କୁ ମଧ୍ୟ ସେମିତି ଖୁସି ଦିଅ ।

*

ଏ ଦୁନିଆରୁ ଅନ୍ୟାୟ, ଦୁର୍ନୀତି ଦୂର ହୋଇଯାଉ । ତା'ହେଲେ ସମସ୍ତେ ନିଜ ପରିଶ୍ରମର ଉପଯୁକ୍ତ ଫଳ ପାଇ ପାରିବେ ।

*

ମୁଁ ଭଗବାନଙ୍କୁ କହିବି, ତାଙ୍କ ସୃଷ୍ଟିରେ ଅକ୍ଷମ କରି କାହାକୁ ଜନ୍ମ ଦିଅନ୍ତୁ ନାହିଁ; ସମସ୍ତଙ୍କୁ ପୂର୍ଣ୍ଣାଙ୍ଗ କରି ଗଢ଼ନ୍ତୁ ।

*

ଭଗବାନଙ୍କୁ ମୁଁ ମୋ ଦେଶ ପାଇଁ ମାଗିବି । ଆମ ଦେଶରେ ଚାରିଆଡ଼େ ଯେଉଁ ମାରପିଟ୍, ଦଙ୍ଗା ଚାଲିଛି ସେଗୁଡ଼ିକ ବନ୍ଦ କରି ଦେବାକୁ କହିବି ।

*

ଭଗବାନଙ୍କୁ ମୁଁ ଜ୍ଞାନ ଦେବା ପାଇଁ ପ୍ରାର୍ଥନା କରିବି, ଯେଉଁ ଜ୍ଞାନ ଦ୍ୱାରା ମୁଁ ପୃଥିବୀରେ କିଛି ଭଲ କାମ କରିଯିବି ।

*

ନଚିକେତା ପରି ସାହସୀ ହେବା ପାଇଁ ମୋର ଇଚ୍ଛା । ଭଗବାନଙ୍କୁ ପ୍ରାର୍ଥନା କରିବି ମୋତେ ସେମିତି କରି ଦେବାକୁ ।

*

ମୁଁ ଭଗବାନଙ୍କୁ ଦେଖିଲେ ମାଗିବି ଯେ ମୁଁ ଯେତେବେଳେ ପ୍ରାର୍ଥନା କରିବି, ସେ ମୋତେ ଯେପରି ଦେଖାଦେବେ ।

*

ମୁଁ ଭଗବାନଙ୍କୁ ମୃତ୍ୟୁ ମାଗିବି, କାଇଁକି ନା, ମରିଗଲା ପରେ ମୁଁ ସ୍ୱର୍ଗକୁ ଯାଇ ସବୁ ଦେବତାମାନଙ୍କୁ ଦେଖି ପାରିବି ।

*

ମୁଁ ଭଗବାନଙ୍କୁ ଗୋଟିଏ ଯାଦୁର ଛଡ଼ି ମାଗିବି, ଯେଉଁଥିରେ ଗରିବ ଲୋକ ଧନୀ ହୋଇଯାଆନ୍ତି ।

*

ଭଗବାନ୍ ଯଦି ମୋତେ ବର ଯାଚନ୍ତେ, ମୁଁ ମାଗିବି, ମୁଁ ଯେତେବେଳେ ଯାହା ଚାହିଁବି କରିପାରିବି ।

*

ମୁଁ ମାଗିବି ଯେତେବେଳେ ଯାହା ହେବାକୁ ଚାହିଁବି ହୋଇ ପାରିବି ।

*

ଆଲ୍ଲାଦୀନ୍‌ର ସେଇ ଆଶ୍ଚର୍ଯ୍ୟ ପ୍ରଦୀପଟିକୁ ମୁଁ ମାଗିବି ।

*

ଶହେ କୋଟି ଟଙ୍କା ମାଗିବି ଓ ଖୁସିରେ ରହିବି ।

*

ଆହୁରି ଅନେକ ଚାହିଦା ଅଛି ପିଲାମାନଙ୍କର । ପରୀକ୍ଷାରେ ଫାଷ୍ଟ ହେବା, ଭଲ କ୍ରିକେଟ କି ଫୁଟ୍‌ବଲ୍ ଖେଳାଳି ହେବା, ବିଶ୍ୱପ୍ରସିଦ୍ଧ ବ୍ୟକ୍ତି ହେବା, ଡାକ୍ତର, ଇଞ୍ଜିନିୟର, ଆଇ. ଏ. ଏସ୍ ହେବା, ମାଆ-ବାପାଙ୍କୁ ସୁଖରେ ରଖିବା, ଏମିତି ଅନେକ କିଛି । ସମସ୍ତ ଉତ୍ତର ମଧ୍ୟରେ ଯେଉଁ ଦୁଇଟି ମୋତେ ସବୁଠାରୁ ବେଶୀ ଅଭିଭୂତ କରିଥିଲା, ସେଇ ଦୁଇଟି ହେଉଛି 'ଅ'ର ଉତ୍ତର : 'ଭଗବାନ୍, ତୁମର ଯାହା ଇଚ୍ଛା ସେଇଆହିଁ ପୂର୍ଣ୍ଣ ହେଉ ।' ଏବଂ 'ପ'ର ଉତ୍ତର : 'ଭଗବାନଙ୍କୁ ଦେଖିଲେ ମୋର ସବୁ ଆଶା ପୂର୍ଣ୍ଣ ହୋଇଯିବ, ଆଉ କିଛି ମାଗିବାର ନଥିବ ।'

❑❑❑

## ବାପା

ପୁଅ କଲେଜ ପଢ଼ା ଶେଷ ହେବା ପରେ ଏକ ବାଇକ୍ ପାଇଁ ବାପାଙ୍କ ପାଖରେ ଜିଦ୍ କଲା । ଯେହେତୁ ପିଲା ବେଳୁ ତା' ମାଆ ମରି ଯାଇଥିଲେ, ବାପା ତାକୁ ଅତି ସ୍ନେହ ଆଦରରେ ବଢ଼ାଇଥିଲେ । ବାପା ତା' ଜନ୍ମଦିନରେ ତାକୁ ବାଇକ୍ ଦେବାକୁ ପ୍ରତିଶ୍ରୁତି ଦେଲେ । ଜନ୍ମଦିନ ପାଖେଇ ଆସିଲା । ପୁଅର ବାଇକ୍ ପାଇଁ ଉତ୍କଣ୍ଠା ବଢ଼ିଚାଲିଥିଲା । ଜନ୍ମଦିନରେ ବାପା ତାକୁ ଏକ ଉପହାର ପ୍ୟାକେଟ୍ ଦେଲେ । ପୁଅ ଉପହାର ପ୍ୟାକେଟ୍ ଖୋଲିଲା । ସେଥିରେ ଏକ ଛୋଟ ଗୀତା ବହି ଥିଲା । ବାପା ଘର ପଛ ପଟରେ ଥିଲେ । ପୁଅ ରାଗି ଯାଇ ପ୍ୟାକେଟ୍‌ଟିକୁ ଟେବୁଲ ଉପରେ ରଖି ଘର ଛାଡ଼ି ଚାଲିଗଲା । ଗଲା ଯେ ଗଲା । କୁଆଡ଼େ ଚାଲିଗଲା ବାପା ଖୋଜି ଖୋଜି ପାଇଲେ ନାହିଁ । ନିରାଶ ହୋଇ ପଡ଼ିଲେ ବାପା । ପୁଅ ଫେରିଲାନି । ଅନେକ ବର୍ଷ ବିତିଗଲା ।

ଦୂର ସହରରେ ପୁଅ ଚାକିରି କଲା । ବିବାହ କଲା । ଗାଡ଼ି ବି କିଣିଲା । ମାତ୍ର ବାପାଙ୍କ ସହିତ କୌଣସି ଯୋଗସୂତ୍ର ରଖି ନଥିଲା । ଦିନେ ତା'ର ଗାଁ' କଥା ବୁଝିବାକୁ ଇଚ୍ଛା ହେଲା । ଖୋଜ ଖବର ନେଲା । ଶୁଣିଲା – ବାପାଙ୍କ ଦେହ ଭୀଷଣ ଅସୁସ୍ଥ । ପୁଅ ଆଖି ଆଗରେ ବାପାଙ୍କ ମୁହଁ ନାଚି ଉଠିଲା । ପିଲାଦିନର ସ୍ମୃତି ସବୁ ମନେ ପଡ଼ିଲା । ପୁଅ ଘରକୁ ଯିବାକୁ ଉଚ୍ଛନ୍ନ ହେଲା । ଘରେ ପହଞ୍ଚିଲା ବେଳକୁ କିନ୍ତୁ ବାପା ଆରପାରିକୁ ଚାଲି ଯାଇଥିଲେ । ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ପ୍ରସ୍ତୁତି ଚାଲିଥିଲା । ପୁଅ ବାପାଙ୍କ କଥା ମନେ ପକାଇ ବାଷ୍ପରୁଦ୍ଧ ହୋଇ ଉଠୁଥିଲା । ଦେଖିଲା ଦଶ ବର୍ଷ ତଳେ ସେ ଘରକୁ ଯେମିତି ଛାଡ଼ି ଯାଇଥିଲା, ସେମିତି ଅଛି । ତା' ପଢ଼ା ଘରେ ତାଲା ପଡ଼ିଥିଲା । ସେ ଚାବି ଆଣି ଘର ଫିଟାଇଲା । ପଢ଼ା ଟେବୁଲ ଉପରେ ସେଇ ପ୍ୟାକେଟ୍‌ଟି ସେମିତି ଥୁଆ ହୋଇଥିଲା । ପ୍ୟାକେଟ୍‌ଟିକୁ ଉଠାଇ ଆଣିଲା ପୁଅ । ପ୍ୟାକେଟ୍‌ରେ ଥିବା ଗୀତା ବହି ଭିତରୁ ଖସି ପଡ଼ିଲା ଏକ ବାଇକ୍ ଚାବି । ପୁଅ ମୂର୍ତ୍ତି ପରି ପଥର ହୋଇଯାଇଥିଲା । ଘର ପଛପଟ ଷ୍ଟୋରରୁମ୍‌ରେ ନୂଆ ବାଇକ୍‌ଟି ସେମିତି ଜରି ଘୋଡ଼ାହୋଇ ରହିଥିଲା ସେହିଦିନରୁ ।

(ସୌଜନ୍ୟ : **କଥା**, ଫେବ୍ରୁଆରୀ ୨୦୧୧)

# ଶକ୍ତ ପେଟିକାରେ
# ମୂଲ୍ୟବାନ୍ ଉପହାର
## ରମାକାନ୍ତ ସାହୁ

ଶୁଭ୍ର ଆଲୋକ ଦେଉଥିବା ବତିଟିର କାଚଟି ଉପରେ ଧୂଳି ଜମିଗଲେ ଆଲୋକ ପୀତବର୍ଣ୍ଣ, ଅଧିକ ଧୂଳି ଥିଲେ ଧୂସର, ତତୋଽଧିକ ଥିଲେ ଅନ୍ଧକାରର ମାୟା ସୃଷ୍ଟି କରେ । ଚେତନାର ଆଲୋକ ଧୂଳି ମାଟିର ଏ ନିଶ୍ଚେତନାର ପୃଥିବୀକୁ ଓହ୍ଲାଇ ଆସିଲେ ହୁଏତ ଅନ୍ଧାରରେ ବିବର୍ତ୍ତିତ ହୋଇଯାଏ । ତେଣୁ ପରମପୁରୁଷ ଅବତାର ନେଇ ଶ୍ୟାମଘନ-କୃଷ୍ଣ ବା ଶ୍ୟାମଳ ସୁନ୍ଦର ରଘୁନନ୍ଦନ ରୂପରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି । ତାଙ୍କର ଚଳନ୍ତି ଅବଶେଷ କଳାଠାକୁର ଶ୍ରୀଜଗନ୍ନାଥ । ଏ କଳାମୁଖର ପଶ୍ଚାତରେ ଶୁଭ୍ର, ସୁନ୍ଦର, ସଚ୍ଚିଦାନନ୍ଦ ଲୁଚି ରହିଛନ୍ତି । ସେ ବ୍ରହ୍ମ ଆନନ୍ଦକୁ ବେଦନାର ଖୋଳପା ଚିରି ମଣିଷ ଛୁଇଁ ପାରିଲେ ହେଲା । ତେବେ କେବଳ ସୁଖ, ଆନନ୍ଦର ପଛରେ ଆମେ ଅଣନିଃଶ୍ୱାସୀ ହୋଇ ଧାଇଁବା କାହିଁକି ? ଆସନ୍ତୁ ପ୍ରଭୁଙ୍କ ପାଖରୁ ଆମ ପାଇଁ ଆସିଥିବା ଦୁଃଖ, ବେଦନାର ଆରପଟକୁ ଉଙ୍କିମାରି ଦେଖିବା – ଦିଶିଯିବ ଅନ୍ଧାର ସୁଡ଼ଙ୍ଗର ଅଗ୍ରଭାଗରେ ଆଲୋକର ଉଜ୍ଜ୍ୱଳ ରେଖାଟିଏ... ।

କିଛିଦିନ ତଳର କଥା । ପ୍ରଖ୍ୟାତ ଉ୍ୱିମ୍ବିଲଡନ୍ ଟେନିସ୍ ଖେଳାଳି ଆର୍ଥର ଆସ୍ରେଙ୍କ ନାଁ ସମସ୍ତେ ଜାଣନ୍ତି । ଜଣେ ବିଶ୍ୱବିଜୟୀ ଟେନିସ୍ ଖେଳାଳିଭାବେ ସେ ଥିଲେ ପ୍ରସିଦ୍ଧ । ମାତ୍ର ହଠାତ୍ ସେ ମରଣାନ୍ତକ କ୍ୟାନ୍ସରରେ ପୀଡ଼ିତ ହୋଇ ପଡ଼ିଲେ । ସମଗ୍ର ଟେନିସ୍ ଜଗତ୍ ସ୍ତବ୍ଧ ହୋଇଗଲା । ସାରା ପୃଥିବୀର କୋଣ ଅନୁକୋଣରୁ ତାଙ୍କର ବନ୍ଧୁ, ପ୍ରଶଂସକମାନେ ତାଙ୍କର ଆରୋଗ୍ୟ କାମନା କରି ଅସଂଖ୍ୟ ସମବେଦନାମୂଳକ ପତ୍ର ପଠାଇବାକୁ ଲାଗିଲେ । ଜଣେ ପ୍ରଶଂସକ ତାଙ୍କର ଏ ଦୁଃଖରେ ଅତ୍ୟନ୍ତ ମ୍ରିୟମାଣ ହୋଇ ଚିଠିଟିଏ ଲେଖିଥିଲେ । ସେ ଏ ଚିଠିରେ ସମସ୍ତଙ୍କଠାରୁ ପାଦେ ଆଗେଇ ଯାଇ ଲେଖିଥିଲେ – ହେ ମୋର ପ୍ରିୟ ଟେନିସ୍ ତାରକା ! ଏ ପୃଥିବୀରେ ଏତେ ଲୋକ ଥାଉଥାଉ ଈଶ୍ୱର ଏ ଭୟଙ୍କର ବ୍ୟାଧି ଦେବାକୁ ଆପଣଙ୍କ ଭଳି ଜଣେ ମହାନ୍ ମଣିଷଙ୍କୁ କାହିଁକି ଚୟନ କଲେ ? ଚିଠିର ଉତ୍ତରରେ ଆର୍ଥର ଆସ୍ରେ ଯାହା ଲେଖିଥିଲେ ତାହା କୋଟି କୋଟି ମଣିଷଙ୍କ ପାଇଁ ଉଜ୍ଜ୍ୱଳ ଆଲୋକର ରେଖାଟିଏ । ରୋଗ ଶଯ୍ୟାରେ ଶୋଇ ଆସ୍ରେ ଲେଖିଥିଲେ, –

‘‘ହେ ମୋର ପ୍ରିୟ ବନ୍ଧୁ,

ଆପଣଙ୍କ ସମବେଦନା ପାଇଁ ଶତ ଧନ୍ୟବାଦ । ଆପଣ ଜାଣନ୍ତି ସମଗ୍ର ପୃଥିବୀରେ ପ୍ରାୟ ପାଞ୍ଚକୋଟି ପିଲା ଟେନିସ୍ ଖେଳିବାକୁ ଆରମ୍ଭ କରନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ପଚାଶ ଲକ୍ଷ ପିଲା ଟେନିସ୍ ପଡ଼ିଆରେ ପହଞ୍ଚନ୍ତି । ବଡ଼ ହେବା ପରେ ସେମାନଙ୍କ ମଧ୍ୟରୁ ମାତ୍ର ପାଞ୍ଚ ଲକ୍ଷ ପିଲା ବୃତ୍ତିଗତଭାବେ ଏହି ଖେଳ ଖେଳିଥା’ନ୍ତି । ଆଉ ସେମାନଙ୍କ ମଧ୍ୟରୁ ପ୍ରତିଯୋଗିତା ପାଇଁ ମାତ୍ର ୫୦,୦୦୦ ମଇଦାନକୁ ଓହ୍ଲାଇଥା’ନ୍ତି । ତନ୍ମଧ୍ୟରୁ ମାତ୍ର ୫,୦୦୦ (ପାଞ୍ଚ ହଜାର) ଗ୍ରାଣ୍ଡ ସ୍ଲାମ୍ (ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ)ରେ ପହଞ୍ଚନ୍ତି । ପୁଣି ବଛାବଛି ପରେ ସେମାନଙ୍କ ମଧ୍ୟରୁ ମାତ୍ର ପଚାଶ ଜଣ ବିଶ୍ୱବିଖ୍ୟାତ ଉ୍ୱିମ୍ବିଲଡନ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ଚାରିଜଣ ସେମି ଫାଇନାଲରେ ପ୍ରବେଶ କରନ୍ତି । ସବାଶେଷରେ ସେ ଦୁଇଜଣଙ୍କ ମଧ୍ୟରୁ କେବଳ ଜଣେ ବିଜୟୀ ହୋଇ ଉ୍ୱିମ୍ବିଲଡନ୍ କପ୍ ହାସଲ କରିଥାଏ ।

‘‘ହେ ମୋର ପ୍ରିୟ ବନ୍ଧୁ ! କୋଟି କୋଟି ଟେନିସ୍ ଖେଳାଳିଙ୍କୁ ପଛରେ ପକାଇ ଦୟାମୟ ଈଶ୍ୱର ଯେତେବେଳେ ବିଜେତା ହିସାବରେ ଉ୍ୱିମ୍ବିଲଡନ୍ କପ୍‌ଟି ମୋ ହାତରେ ଧରାଇ ଦେଇଥିଲେ, ସେହି ଉଲ୍ଲାସମୟ ସୁଖଦ ମୁହୂର୍ତ୍ତରେ ମୁଁ ତ ଈଶ୍ୱରଙ୍କୁ ପଚାରି ନଥିଲି, ‘ସଂସାରରେ ଏତେ ଲୋକ ଥାଉ ଥାଉ ମୋତେ କାହିଁକି ଆପଣ ବିଜେତାଭାବେ ଚୟନ କଲେ ?’ ଆଉ ଆଜି ଯେତେବେଳେ ଏ ଦୁଃଖ-ଯନ୍ତ୍ରଣା ଭୋଗୁଛି ସେତେବେଳେ ତାଙ୍କୁ କାହିଁକି ପଚାରିବି, ‘ଆପଣ କାହିଁକି ମୋତେ ଏ ରୋଗ ଦେବାକୁ ଚୟନ କଲେ ?’ ’’

ଜୀବନର ସବୁ କ୍ଷେତ୍ରରେ ତାଙ୍କ ଅନ୍ତରାତ୍ମାଟି ସମତା ରକ୍ଷା କରିବାର ଏ ଥିଲା ଜ୍ୱଳନ୍ତ ଉଦାହରଣ ।

*

ଈଶ୍ୱରଙ୍କଠାରୁ ଆସିଥିବା ପ୍ରତ୍ୟେକ ଉଦାହରଣକୁ ଶ୍ରଦ୍ଧା ଓ ସମ୍ମାନର ସହ ଗ୍ରହଣ କରିନେବା ଆମ ସମସ୍ତଙ୍କର କାମ । ନାରିକେଳ ଭଳି ଏ ଉପହାରର ବାହ୍ୟସ୍ତର ଟାଣ, କଷାୟ, ଅଭେଦ୍ୟ ହୋଇପାରେ, ହୁଏତ ସାଧାରଣ ମଣିଷର ଦାନ୍ତ, ନଖରେ ଏହାକୁ ଉନ୍ମୁକ୍ତ କରିବା କଷ୍ଟକର ହୋଇପାରେ କିନ୍ତୁ ଜ୍ଞାନବୁଦ୍ଧିର ସହାୟତାରେ ଏହାକୁ ଖୋଲିଦେଲେ ଆମକୁ ନିଶ୍ଚୟ ମିଳିବ ମଧୁର ଅମୃତ ଜଳ ଓ ନାରିକେଳ ଶସ । ସେଥିପାଇଁ କବି-ଗୁରୁ ରବୀନ୍ଦ୍ରନାଥ ଠାକୁର ଲେଖିଥିଲେ, ''ହେ ପରମେଶ୍ୱର ! ତୁମେ ମୋତେ ବିପଦରୁ ରକ୍ଷାକର, ଏହା ମୁଁ ପ୍ରାର୍ଥନା କରୁ ନାହିଁ । କିନ୍ତୁ ମୁଁ ଯେପରି ବିପଦକୁ ଭୟ ନକରେ ସେଇ ଆଶୀର୍ବାଦ ମୋତେ ଦିଅ । ଦୁଃଖରେ, ଶୋକରେ, ଦୁର୍ଯୋଗରେ, ଘୋର ବ୍ୟଥାରେ ବ୍ୟଥିତ ମୋର ଚିତ୍ତକୁ ତୁମେ ସାନ୍ତ୍ୱନା ଦିଅ ବା ନଦିଅ କ୍ଷତି ନାହିଁ, ମାତ୍ର ମୁଁ ଯେପରି ବିପଦକୁ ଜୟ କରିପାରେ ସେ ଆଶୀର୍ବାଦ ମୋତେ ଦିଅ ।''

ଆମର ଏ ଜୀବନ ବିଦ୍ୟାଳୟରେ ଦୁଃଖ, ବେଦନା ଓ ଅସୁବିଧା ହେଉଛନ୍ତି ପାଠ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସେଥିପାଇଁ ଶ୍ରୀଅରବିନ୍ଦ ତାଙ୍କର ୯୩ତମ କାରିକାରେ କହିଛନ୍ତି –

''ବେଦନା ହେଉଛି ଆମ ଜନନୀଙ୍କ ସ୍ପର୍ଶ – ଅଧିକରୁ ଅଧିକ ଉଲ୍ଲାସ ସହନ ଭିତରେ କେମିତି ଆମର ବିକାଶ ହେଉଥିବ ସେହି ଦିଗରେ ଶିକ୍ଷା । ତାଙ୍କ ଶିକ୍ଷାଦାନର ତିନିଟି ପର୍ଯ୍ୟାୟ ରହିଛି । ପ୍ରଥମେ ସହ୍ୟଶକ୍ତି, ତା'ପରେ ଅନ୍ତରାତ୍ମାର ସମତା, ଶେଷରେ ଐକାନ୍ତିକ ଆନନ୍ଦ ।''

ଏତେ କଥା ପରେ ଟିକେ ଆଖି ବୁଜିଦେଇ ପଛକୁ ଚାହିଁଲେ ପ୍ରଭୁଙ୍କ ଲୀଳା ଦିଶିଯାଏ । ସ୍ୱତଃ ପ୍ରାର୍ଥନା କରେ... ... ''ପ୍ରଭୁ ! ଜୀବନର ବେଳାଭୂଇଁରେ ଯଦିଓ ତୁମେ ମୋ ପାଖେ ପାଖେ ଚାଲୁଛ କିନ୍ତୁ ଏହାହିଁ ତ ସତ୍ୟ ଯେ ବହୁ ବିପଦ ବିପର୍ଯ୍ୟୟରେ ତୁମେ ମୋତେ କୋଳେଇ ନେଉଛ । ସେଥିପାଇଁ ତ ସାଗର ବେଳାଭୂଇଁର ଭିଜା ବାଲିରେ ମୋ ଦୁଃଖ, ଦୁର୍ଦ୍ଦିନର ମୂକ ସାକ୍ଷୀ କେବଳ ହଳେ ପାଦଚିହ୍ନ – ତାହା ତୁମର । ତେଣୁ ହେ ପରମପ୍ରିୟ ପ୍ରଭୁ ! ମୋତେ ଦୁଃଖ ପରେ ଦୁଃଖ ଦିଅ ପଛେ କିନ୍ତୁ ଅନ୍ତରରେ ତୁମକୁ ପାଇବାକୁ ବ୍ୟାକୁଳତା ବି ଭରି ଦିଅ । ମୋ କ୍ଷଣ ଭଙ୍ଗୁର ଅହଂକାରକୁ ଚୂନାଚୂନା କରି ଦେବାକୁ ପରିସ୍ଥିତିଟିଏ ବି ଦିଅ । ଏହି ଦୁଃଖକୁ ସାମନା କରିବାକୁ ଯଥେଷ୍ଟ ଶକ୍ତି ଦିଅ ପ୍ରଭୁ ! ଅଳୀକ ଆୟ-ଅଳଙ୍କାରଗୁଡ଼ାକୁ ତୁଚ୍ଛ ଖେଳନା ପରି ଫିଙ୍ଗି ଦେଇ, ସରଳ ଶିଶୁଟି ପରି ତୁମ ଆଡ଼କୁ ଦୁଇହାତ ଟେକି ଦେବାକୁ ମୋତେ କୃପା କର । ବାସ୍ ସେତିକି, ଏବେ ପୁଣି ଥରଟିଏ କୋଳକୁ ଟେକି ନିଅ... । ମୁଁ ସେଠି ନିଶ୍ଚୁପ୍ ହୋଇ ଆନନ୍ଦରେ ଶୋଇଯାଏ । ତୁମର ଉଷୁମ ସ୍ନେହରୁ କେହି ବି ମୋ ଅଭୁଲା ନିଦଟିକୁ ଭାଙ୍ଗି ନଦିଅନ୍ତୁ, ସପନର ପରସ୍ତ ପରସ୍ତ ପୃଷ୍ଠା ଖୋଲି ଯାଉଥାଉ, ନିଶ୍ଚେତନାରୁ ସୋପାନ ପରେ ସୋପାନ ଟପି ଚେତନାର ଦୁଆର ଖୋଲିଯାଉ । ଏତିକି ପ୍ରାର୍ଥନା ପ୍ରଭୁ । ଏହା ନିଶ୍ଚୟ ପୂରଣ ହେବ, ବିଶ୍ୱାସ ଅଛି । ତୁମକୁ ଅଶେଷ ଧନ୍ୟବାଦ ଯେ ବିଶ୍ୱାସର ସେ ବୀଜଟି ମୋ ହୃଦୟରେ ତୁମେହିଁ ରୋପିଛ ଓ ଆଜିଯାଏ ବଞ୍ଚାଇ ରଖିଛ । ସେଥିପାଇଁ ଅଶେଷ କୃତଜ୍ଞତା ।'' ❑

ମା'ଙ୍କୁ ସ୍ମରଣ ରଖ ଏବଂ ସ୍ଥୂଳ ଦୃଷ୍ଟିରୁ ତାଙ୍କଠାରୁ ଦୂରରେ ଥିଲେ ବି ସେ ତୁମ ସହ ଅଛନ୍ତି ବୋଲି ଅନୁଭବ କର ଏବଂ ତୁମର ଆନ୍ତରସତ୍ତା ତାଙ୍କ ଇଚ୍ଛା ବୋଲି ତୁମକୁ ଯାହା ଜଣାଇ ଦେଉଛି ସେହି ଅନୁଯାୟୀ କାର୍ଯ୍ୟ କର । ତା'ହେଲେ ତୁମେ ମା'ଙ୍କ ଓ ମୋର ଉପସ୍ଥିତି ସର୍ବୋତ୍ତମଭାବେ ଅନୁଭବ କରିପାରିବ ଏବଂ ତୁମ ଚାରିପଟେ ଏକ ରକ୍ଷାକବଚ ସଦୃଶ ଆମର ସାନ୍ନିଧ୍ୟ ଓ ନିଶ୍ଚଳତାର ଏକ ପରିବେଶ ବହନ କରି ଚାଲିବ ଏବଂ ସବୁ କ୍ଷେତ୍ରରେ ଆମର ଆଲୋକ ତୁମ ସହ ରହିବ ।

– ଶ୍ରୀଅରବିନ୍ଦ

# ଭଗବାନଙ୍କ ଉପହାର

## କୃଷ୍ଣ କାର୍ମେନ

ବହୁଦିନ ତଳେ ଏକଦା ଭଗବାନ୍ ମନୁଷ୍ୟମାନଙ୍କୁ ଏକ ବିଶେଷ ଉପହାର ଦେବାକୁ ସ୍ଥିର କଲେ, କାରଣ ସେମାନେ ତାଙ୍କର ବହୁତ ପ୍ରିୟ ଥିଲେ । ସେ ପ୍ରତ୍ୟେକ ମନୁଷ୍ୟର ହୃଦୟ ଭିତରେ ଏକ ବାସସ୍ଥଳୀ ତିଆରି କରିବାକୁ ସ୍ଥିର କଲେ ଯେଉଁଠି କି ସେ ଚିରକାଳ ବାସ କରିପାରିବେ । ଏହି ବିଶେଷ ସ୍ଥାନରେ ଭଗବାନଙ୍କ ସନ୍ତାନଗଣ ତାଙ୍କ (ଭଗବାନଙ୍କ) ପ୍ରକୃତ ସ୍ୱରୂପକୁ ଜାଣିପାରିବେ ଏବଂ ତାଙ୍କ ସହ ଏକୀଭୂତ ହୋଇ ପାରିବେ । ଏଠାରେ ସେମାନେ ସୁଖ-ଶାନ୍ତିରେ ପୂର୍ଣ୍ଣହୋଇ ରହିବେ । ଏହା ନିଶ୍ଚିତ ରୂପେ ସବୁଠୁ ଅଧିକ ମୂଲ୍ୟବାନ୍ ଉପହାର ଥିଲା । ଏପରି ଉପହାର ପୂର୍ବରୁ କେହି କାହାକୁ ଦେଇ ନଥିଲେ ।

କିନ୍ତୁ ଭଗବାନ୍ ଚିନ୍ତା କଲେ – ''ଏକ ସୁନ୍ଦର ଆବରଣ (Wrapping) ବିନା ଏଇଟା କି ଉପହାର ?'' ସୁତରାଂ ସେ ତାଙ୍କ ବିସ୍ମୟକର ଉପହାରଟିକୁ 'ମାୟା' ନାମକ ଏକ ସବୁଠୁ ଚିତ୍ତବିମୋହକ ଓ ଆକର୍ଷଣୀୟ ଆବରଣ ଦ୍ୱାରା ଆବୃତ କରିଦେଲେ । ଏହି ଆବରଣ କାଗଜର କ୍ଷଣିକ ଦର୍ଶନମାତ୍ରେ ମନୁଷ୍ୟମାନେ ନିଜ ନିଜ ସ୍ୱାଧୀନ ଅଭିରୁଚି, ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ଇନ୍ଦ୍ରିୟସକଳର ଜ୍ଞାନଲାଭ କରିପାରିବେ ଯାହା ଫଳରେ ପାରିପାର୍ଶ୍ୱିକ ଜଗତ୍ ସହ ସେମାନଙ୍କ ସଂଯୋଗ ସ୍ଥାପିତ ହୋଇପାରିବ । ଏହି ଆବରଣଟି ବନ୍ଧା ହୋଇଥିଲା ସ୍ୱଚ୍ଛ ପାର୍ବତ୍ୟ ଝରଣା, ସବୁଜ ସୁନ୍ଦର ଉପତ୍ୟକା, ଜୀବନବ୍ୟାପୀ ବନ୍ଧୁତ୍ୱ ଓ ବିସ୍ମୟ-ରୋମାଞ୍ଚଭରା ପ୍ରେମ କାହାଣୀଗୁଡ଼ିକ ଦ୍ୱାରା । ବର୍ଣ୍ଣାଢ୍ୟ ଫଳଗୁଡ଼ିକର ସୌରଭ, ଘଞ୍ଚ, ଅପହଞ୍ଚ ଅରଣ୍ୟ ଓ କୋମଳ ପୁଷ୍ପରାଜିକୁ ଏହି ଆବରଣଟି ଧାରଣ କରିଥିଲା । ଏହା ଏଡ଼େ ଚମତ୍କାର ଥିଲା ଯେ ଏହା ପ୍ରାୟଶଃ ଜୀବନର ରୂପ ଧାରଣ କରିଥିଲା । ପ୍ରକୃତରେ ଏହାଠାରୁ କମ୍ ସୁନ୍ଦର କୌଣସି ଆବରଣ ଭଗବାନଙ୍କ ମୂଲ୍ୟବାନ୍ ଉପହାର ପାଇଁ ଯୋଗ୍ୟ ହୋଇ ନଥା'ନ୍ତା ।

ସୁତରାଂ ବଡ଼ ଆନନ୍ଦରେ ଯତ୍ନ ସହକାରେ ଭଗବାନ୍ ପ୍ରତ୍ୟେକ ଉପହାରଟିକୁ ମାୟାର କାଗଜ ଦ୍ୱାରା ଗୁଡ଼େଇ ସୁରକ୍ଷିତ କଲେ ଓ ତାଙ୍କ ପ୍ରତ୍ୟେକ ସନ୍ତାନଙ୍କୁ ଗୋଟିଏ ଲେଖାଏଁ ପ୍ରଦାନ କଲେ । କହିବା ବାହୁଲ୍ୟ ଯେ, ସେମାନେ ସମସ୍ତେ ଉପହାରଟିକୁ ନେଇ ଖୁବ୍ ଆନନ୍ଦିତ ହେଲେ । ସେଗୁଡ଼ିକୁ ସେମାନେ ସ୍ନେହ ଆଦର କରି ରଖିଲେ । ଉପହାରଟିଏ ପାଇବା କେଡ଼େ ଚମତ୍କାର କଥା, କିନ୍ତୁ ତାହା ପୁଣି ଭଗବାନଙ୍କ ପାଖରୁ ପ୍ରାପ୍ତ ହେବା ତତୋଽଧିକ ଚମତ୍କାର – ଦିବ୍ୟ ।

କିନ୍ତୁ... କାହାଣୀଟି ଏଇଠି ସରୁନି । ମାନବଜାତି ଏପରି ସୁନ୍ଦରଭାବେ ଗୁଡ଼ାଯାଇଥିବା ଉପହାରସବୁ ପାଇ ଏତେ ଆନନ୍ଦିତ ହେଲେ ଯେ ସେମାନେ ଭିତରକୁ ଚାହିଁ ଦେଖିବାକୁ ଚିନ୍ତା ମଧ୍ୟ କରିପାରିଲେ ନାହିଁ । ବାସ୍ତବରେ ସେମାନେ ଜାଣିପାରିଲେ ନାହିଁ ଯେ ସେଇ ଆବରଣଟି ଛଡ଼ା ଆଉ କିଛି ଜିନିଷ ସେଥିରେ ରହିଛି । ବହୁକାଳ ପର୍ଯ୍ୟନ୍ତ ସେମାନେ ଖାଲି ବସି ରହି ଉପହାରଟିକୁ ଚାହିଁ ରହିଲେ ।

(ଏହା ଦେଖି) ଭଗବାନ୍ ସ୍ମିତ ହାସ୍ୟ କଲେ ଓ ଅପେକ୍ଷା କଲେ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ବସି ରହି ନିଜର ଉପହାରଟିକୁ ଅନେଇ ରହିଲେ ଓ କାଗଜଟିକୁ ଛୁଇଁ ପରଖିବାକୁ ଲାଗିଲେ । ଅଳ୍ପ କେତେକ ଲୋକ କେଇ ମିନିଟ ପାଇଁ ମୁଣ୍ଡ ଉଠାଇ ଭଗବାନଙ୍କୁ ଧନ୍ୟବାଦ ଦେଲେ ଏବଂ ପୁଣି ଶୀଘ୍ର ତଳକୁ ଚାହିଁବାକୁ ଲାଗିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଭଳି ମଗ୍ନ ରହିଥିଲେ ଯେ ସେମାନେ ପାଖରେ ଅନ୍ୟ କେହିଥିବାର ଜାଣି ମଧ୍ୟ ପାରିଲେ ନାହିଁ । ସେ ଦିଗକୁ ସେମାନଙ୍କ ଦୃଷ୍ଟି ମଧ୍ୟ ନଥିଲା ।

ଭଗବାନ୍ ଧନ୍ୟବାଦ ଦେଇଥିବା ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରି କହିଲେ – ''ଦୟାକରି ଭିତରକୁ ଚାହଁ । ଆହୁରି ବହୁତ କିଛି ଅଛି ।'' କିନ୍ତୁ ସେମାନେ ତାଙ୍କ କଥା ବୁଝିପାରିଲେ ନାହିଁ ।

''ଭିତରକୁ ଚାହଁ ? କାହା ଭିତରକୁ ?''

ଭଗବାନ୍ ମୃଦୁହସି କହିଲେ, ''ହେଇଟି, ଚାଲ ତୁମକୁ ମୁଁ ଦେଖାଇ ଦେଉଛି ।'' ତା'ପରେ କେତେକ ଲୋକଙ୍କ ଉପହାରକୁ ସେ ଖୁବ୍ ଧୀରେ ସାମାନ୍ୟ ଚିରି ଦେଲେ । କାଗଜ ଚିରିଯିବା ଦେଖି ସେମାନେ ମର୍ମାହତ ହେଲେ, ଚିତ୍କାର କରି କାନ୍ଦି ଉଠିଲେ । କନ୍ଦାକଟା ଭିତରେ ସେମାନେ ଭଗବାନଙ୍କୁ କହିଲେ –''କେଡ଼େ ନିର୍ଦୟ ତୁମେ ! ଆମ ସମଗ୍ର ଜୀବନକୁ

ତୁମେ ନଷ୍ଟ କରିଦେଲ । ତୁମେ ଦୟାମୟ, ପ୍ରେମମୟ ବୋଲାଇଥାଅ ! ଆମ ଉପହାରଗୁଡ଼ିକୁ କାହିଁକି ଚିରି ପକାଇଲ ?''

ସେମାନଙ୍କ କ୍ରନ୍ଦନଧ୍ୱନି କର୍ଣ୍ଣପଟହକୁ ଫଟାଇ ଦେଉଥିଲା । ଏସବୁ ଖାଲି ନିର୍ବୋଧତା ବୋଲି ଭଗବାନଙ୍କୁ ମନେ ହେଉଥିଲା । ସେମାନେ (ତୁଚ୍ଛ) କାଗଜ ଆବରଣଟି ପାଇଁ କାନ୍ଦି ଉଠୁଛନ୍ତି । ଆବରଣଟିକୁ ଛିନ୍ନ ନ କରି ସେମାନେ କିପରି ପ୍ରକୃତ ଉପହାରଟିକୁ ଦେଖି ପାରିଥା'ନ୍ତେ ! ତଥାପି ଭଗବାନଙ୍କ ମନରେ ଅଶେଷ କରୁଣା ଜାତ ହେଲା । ସେମାନେ ଯେ କେଡ଼େ ଛୋଟ, କେତେ ଅନଭିଜ୍ଞ ! ସେ ଜାଣିପାରିଲେ : ଯେତେବେଳେ ସେମାନେ ସେମାନଙ୍କ ପ୍ରକୃତ ଉପହାରଗୁଡ଼ିକୁ ଆବିଷ୍କାର କରିବେ, ସେମାନଙ୍କ କ୍ରନ୍ଦନରୋଳ ବନ୍ଦ ହେବ । କିନ୍ତୁ ଏଥିପାଇଁ କେତେ ସମୟ ଲାଗିବ ?

କିଛି ସମୟ ପରେ ଭଗବାନ୍ ଲକ୍ଷ୍ୟ କଲେ ଗୋଟିଏ ଛୋଟ ଝିଅ ଅନ୍ୟମାନଙ୍କ ପରି ନ କାନ୍ଦି ଚୁପ୍ ରହିଛି । ''ତୁମେ ବିବ୍ରତ ଜଣାପଡୁ ନାହଁ, କିପରି ?'' ସେ ଉତ୍ତର ଦେଲା – ''ମୁଁ ବୁଝିପାରୁନି ତୁମେ କାହିଁକି ମୋର ପୁଡ଼ିଆଟିକୁ ଚିରି ପକାଇଲ । କିନ୍ତୁ ଏତିକି ବୁଝୁଛି, ଯେହେତୁ ଏହା ତୁମେ ଦାନ ସ୍ୱରୂପ ଦେଇଛ, ତୁମେହିଁ ଏହାର ଭଲମନ୍ଦ ଜାଣ ।''

ଭଗବାନ୍ ହସିଲେ । ''ମୁଁ ତୁମକୁ ପ୍ରକୃତ ଉପହାରଟି ଦେଖାଇଦେବି ।'' ତା'ପରେ ସେ ପୁଡ଼ିଆଟିକୁ ଉଠାଇ ନେଇ ଧୀରେ ଚିରି ସମ୍ପୂର୍ଣ୍ଣ ଖୋଲି ପକାଇଲେ । ସୁନ୍ଦର ଆବରଣଟି ଖସି ତଳେ ପଡ଼ିଯିବା ଦେଖି ଝିଅଟି ଦୁଃଖିତ ହେଲା । କିନ୍ତୁ ଯେତେବେଳେ ସେ ଉପରକୁ ଚାହିଁଲା, ତା' ମୁହଁରେ ହସ ଉକୁଟି ଆସିଲା । ତା' ଆଖି ଦୁଇଟି ଏକ ଉଷ୍ମ ସୁନେଲି ଦୀପ୍ତିରେ ପୂରିଉଠିଲା । ସେହି ଅନ୍ତରସ୍ଥ ଉପହାରଟି ପାଇଁ ଭଗବାନଙ୍କୁ ଧନ୍ୟବାଦ ଦେଲାବେଳେ ତା' ଗଣ୍ଡ ଦେଇ ଆନନ୍ଦର ଅଶ୍ରୁ ବହିଗଲା ।

ସେ ନିଜ ଆଡ଼କୁ ଦୃଷ୍ଟି ଫେରାଇ ଦେଖିଲା ସେ ଏକ ଛୋଟ ଝିଅରୁ ଏକ ଦୀପ୍ତିମୟୀ ରମଣୀରେ ରୂପାନ୍ତରିତ ହୋଇଯାଇଛି – ଏପରି ଏକ ପୂର୍ଣ୍ଣ ବିକଶିତ ସତ୍ତା ଯିଏକି ପ୍ରେମର ପବିତ୍ର ଆଲୋକରେ ସମୁଜ୍ଜ୍ୱଳ । ତାଙ୍କ ଆଲୋକ ଏପରି ଉଜ୍ଜ୍ୱଳ ଥିଲା ଯେ କେତେକ ବ୍ୟକ୍ତି ସେମାନଙ୍କ ମାୟାଆବୃତ ଉପହାରରୁ ଦୃଷ୍ଟି ହଟାଇ ନେଇ ତାଙ୍କ ଆଡ଼କୁ ଚାହିଁବାକୁ ଲାଗିଲେ । ତାଙ୍କୁ ଦେଖି ସେମାନେ ଜାଣିପାରିଲେ କିଛି ଗୋଟାଏ ଅଲୌକିକ ଘଟଣା ଘଟିଯାଇଛି । କାଗଜ ଆବରଣଟି ବିନା ସେ କିପରି ଖୁସି ରହିପାରିଛନ୍ତି ଏହା କେତେକ ବ୍ୟକ୍ତି ବୁଝିପାରିଲେ ନାହିଁ । ଅନ୍ୟ କେତେକ ବ୍ୟକ୍ତି ଡାକ ପକାଇଲେ –''ମାଆ, ତୁମେ କ'ଣ ଜାଣିଛ ଆମକୁ ଶିକ୍ଷାଦିଅ ।''

ସେ ସେମାନଙ୍କ ଆଡ଼କୁ ଚାହିଁ ସ୍ମିତହାସ୍ୟ ସହ କହିଲେ –''ତୁମେ ମୋତେ ମାଆ ବୋଲି ଡାକୁଛ, କିନ୍ତୁ ମୁଁ ତୁମଠାରୁ ଭିନ୍ନ ନୁହେଁ । ମୁଁ କେବଳ ଉପହାରଟିକୁ ଅନାବୃତ କରିଦେଇଛି ମାତ୍ର, ଯାହାକି ଆମ ପ୍ରତ୍ୟେକଙ୍କ ପାଖରେ ଅଛି ।'' ଏକ ଛୋଟଦଳ ତାଙ୍କ ଚାରିପଟେ ସମବେତ ହେଲେ । ''ଆମେମାନେ ମଧ୍ୟ କିପରି ଏହି ଉପହାରଟିକୁ ଆବିଷ୍କାର କରିପାରିବୁ ? ଆମକୁ କ'ଣ ଦୀର୍ଘ ଯାତ୍ରା କରିବାକୁ ପଡ଼ିବ ?''

ସେ ଉତ୍ତର ଦେଲେ – ନା ତୁମକୁ ଗୋଟିଏ ପାଦ ମଧ୍ୟ କୁଆଡ଼େ ଯିବାକୁ ପଡ଼ିବ ନାହିଁ । ଯେତେବେଳେ ଦୁଃଖକଷ୍ଟ ତୁମକୁ ଘେରି ପକାଏ ଓ ତୁମ ଜୀବନ ଖିନ୍‌ଭିନ୍ ହୋଇ ଯାଉଥାଏ, ସେତେବେଳେ ତୁମେ ଖାଲି ନିର୍ଭୀକ ଭାବରେ ରୁହ । ଏହା କେବଳ ବାହ୍ୟସ୍ତର ଯାହାକି ଖସି ପଡୁଛି – ଏହି ଚିରାଫଟା ଅବଶେଷଗୁଡ଼ିକୁ ତୁମ ଚାରିପଟେ ଗୁଡ଼ାଇ ରଖ ନାହିଁ ବା ସେଗୁଡ଼ିକ ପ୍ରତି ଆସକ୍ତ ହୁଅ ନାହିଁ । ଏହା ପରିବର୍ତ୍ତେ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ କରିଦିଅ ଯଦ୍ୱାରା ସେ ତୁମ ଉପହାରର ଆବରଣକୁ ଶୀଘ୍ର ଛିନ୍ନ କରିଦେବେ । କାରଣ ଥରେ ଯଦି ସେହି ଆବରଣ ଦୂରୀଭୂତ ହୋଇଯାଏ, ତୁମେ ଏପରି ଏକ ସ୍ଥାନକୁ ସନ୍ଦର୍ଶନ କରିବ ଯେଉଁଠି ଆମେମାନେ ସମସ୍ତେ ଭଗବାନଙ୍କଠାରେ ସମ୍ମିଳିତ ରହିଛୁ ।

ଅନୁବାଦ : **ଶେଖ୍ ଅବଦୁଲ୍ କାଶମ**

❑❑❑

# ଅବ୍‌ଦୁଲ୍ଲା ଓ ଛୋଟ ମାଟିଆ ରଙ୍ଗର ବୋତଲଟି

## ଦୌଲତ ପାଣ୍ଡେ

ଜଲ୍ଲାଲାବାଦ ସହରର ଏକ ଦୋଛକିରେ ଅବ୍‌ଦୁଲ୍ଲାର ଗୋଟିଏ ରଦ୍ଦି ମାଲ୍ ଦୋକାନ ଥିଲା । ସହରର ଲୋକେ ପୁରୁଣା ବୋତଲ, ବାକ୍ସ, ଫୁଲଦାନି ଏବଂ ଅନ୍ୟ ବ୍ୟବହାର୍ଯ୍ୟ ଜିନିଷ ତଥା ସେସବୁର ଯେଉଁ ଅଂଶଗୁଡ଼ିକୁ ବିଭିନ୍ନ ସମୟରେ ବେଦରକାରୀ ମନେ କରିଥା'ନ୍ତି, ଅବ୍‌ଦୁଲ୍ଲା ସେସବୁକୁ କିଣି ତା' ଦୋକାନରେ ଗଚ୍ଛିତ କରି ରଖିଥାଏ । ନିଜେ ଦୋକାନ ଚଟାଣ ଉପରେ ମସିଣା ପାରି ବସେ । ଯେଉଁ ଗରାଖମାନଙ୍କୁ ମସିଣା ଉପରେ ବସାଇବା ସମୀଚୀନ ମନେ ହୁଏ ନାହିଁ, ସେମାନଙ୍କ ପାଇଁ ଦୋକାନରେ ଗୋଟିଏ ପୁରୁଣା ଟେବୁଲ ଓ ଚେୟାରଟିଏ ରଖିଥାଏ । ଟେବୁଲ ଉପରେ ଲାଗିଥିବା ମାର୍ବଲ ପଥରଟି କେଉଁ କାଳରୁ ବିକ୍ରି ହୋଇ ସାରିଥିଲା । ଟେବୁଲ ଛାଞ୍ଚ ଉପରେ ଦୁଇ ଖଣ୍ଡ ପଟା ଭିଡ଼ିଦେବା ପରେ ତାହା ଟେବୁଲ ଭାବେ ବ୍ୟବହାର ହୋଇ ପାରୁଥାଏ । ଆଉ ଚେୟାର କଥା, ତା'ର ବି ଗୋଟିଏ ଗୋଡ଼ ନ ଥାଏ । ହେଲେ ଗୋଡ଼ ନ ଥିବା ପାଖକୁ କାନ୍ଥରେ ଲଗାଇ ଦେଲେ ତାହାକୁ ଚେୟାର ଭାବେ ବ୍ୟବହାର କରାଯାଇ ପାରୁଥିଲା । ବହୁ ଦିନ ଧରି ଲୋକେ ସେମାନଙ୍କ ବେଦରକାରୀ ଜିନିଷସବୁ ବିକିବାରେ ଲାଗିଲେ; ମାତ୍ର କେହି କିଛି କିଣିଲେ ନାହିଁ । ଫଳରେ ଅବ୍‌ଦୁଲ୍ଲା କ୍ରମେ ଗରିବ ହୋଇଗଲା । ଜିନିଷ ପତ୍ରରେ ଦୋକାନ ଏପରି ଭରପୂର ହୋଇଗଲା ଯେ, କିଛି ଜିନିଷ ରାସ୍ତା ଉପରେ ରଖିବାକୁ ପଡ଼ିଲା ।

ଥରେ ଏପ୍ରିଲ ମାସରେ ଖୁବ୍ ଗରମ ପଡ଼ିଥାଏ । ଟାଣ ଖରା ଓ ଗରମରୁ ରକ୍ଷା ପାଇବା ପାଇଁ ଲୋକେ ରାସ୍ତା କଡ଼ ପାଚେରି ପାଖରେ ଥିବା ସାମାନ୍ୟ ଛାଇରେ ଯିବା ଆସିବା କରିବାକୁ ପସନ୍ଦ କରୁଥା'ନ୍ତି । ଅବ୍‌ଦୁଲ୍ଲା ଦୋକାନ ଦୁଆରେ ବସି ଖଣ୍ଡେ କାଡ଼୍‌ବୋଡ଼୍‌ରେ ବିଞ୍ଚି ହେଉଥାଏ । ଏତିକିବେଳେ ଜଣେ ବୁଢ଼ା ଲୋକ ହାତରେ ଛୋଟ ମାଟିଆ ରଙ୍ଗର ବୋତଲଟିଏ ଧରି ତା' ପାଖରେ ପହଞ୍ଚିଲା । ବୁଢ଼ାଟି ଚିରା ମଇଳା ଲୁଗା ପିନ୍ଧି ଥିଲା । ତା'ର ଅଲରା ମୁଣ୍ଡ ବାଳ ଓ ଗାଲରେ ବଢ଼ିଥିବା ଦାଢ଼ିଖୁଣ୍ଟିଗୁଡ଼ିକ ଯୋଗୁଁ ସେ ବଡ଼ ରୁକ୍ଷ ଦେଖା ଯାଉଥିଲା । ଯେ କେହି ତାକୁ ଭିକାରିଟିଏ ବୋଲି ଭାବିବ । ବୁଢ଼ାଟି ଅବ୍‌ଦୁଲ୍ଲା ହାତକୁ ବୋତଲଟିକୁ ବଢ଼ାଇ ଦେଇ କହିଲା – 'ଏ ବୋତଲ ନେଇ ମୋତେ କିଛି ପଇସା ଦବ ?' ଅବ୍‌ଦୁଲ୍ଲା ବୋତଲଟିକୁ ହାତରେ ଏପାଖ ସେପାଖ ପରୀକ୍ଷା କରି ବୁଢ଼ାକୁ ଫେରାଇ ଦେଇ କହିଲା, 'ବନ୍ଧୁ ! ଏଭଳି କେତେ ଡଜନ ବୋତଲ ମୋ ପାଖରେ ଅଛି । ସେସବୁକୁ କିଣିବା ଲୋକ କେହି ନାହାନ୍ତି । ଏହାର ମୂଲ୍ୟ କିଛି ନାହିଁ ।' ଅବ୍‌ଦୁଲ୍ଲା କଥା ଶୁଣି ଦୁଃଖରେ ଭିକାରିଟିର ମୁହଁ ଶୁଖିଗଲା । ତା' ଦୁଃଖ ଦେଖି ଦୟାବାନ୍ ଅବ୍‌ଦୁଲ୍ଲା ପାଖରେ ଥିବା ମାତ୍ର ଟଙ୍କାକିଆ ନୋଟଟିକୁ ତାକୁ ଦେଇ କହିଲା, 'ଏତିକିରେ ଏବେ ଚଳିଯାଅ । ତା'ପରେ ଆଲ୍ଲା ତୁମକୁ ସାହା ହୁଅନ୍ତୁ ।' କୃତଜ୍ଞତା ପ୍ରକାଶ କରି ବୁଢ଼ା ବୋତଲଟିକୁ ଅବ୍‌ଦୁଲ୍ଲା ହାତରେ ଧରାଇ ଦେଇ ଟଙ୍କା ନେଇ ଚାଲିଗଲା ।

ଠିକ୍ ତା' ପରେ ଅବ୍‌ଦୁଲ୍ଲାର ସ୍ତ୍ରୀ ଫାତିମା ତା' ପାଇଁ ମଧ୍ୟାହ୍ନ ଭୋଜନ ଆଣି ପହଞ୍ଚିଲା । ଟିକିଏ ଆଗରୁ ଚାଲି ଯାଇଥିବା ବୁଢ଼ା ଭିକାରିଟି କଥା ତା'ର ମନେ ପଡ଼ିଗଲା । ନିଜ ଖାଦ୍ୟରୁ କିଛି ତାକୁ ଦେବା ଉଦ୍ଦେଶ୍ୟରେ ଡାକିବା ପାଇଁ ରାସ୍ତାକୁ ଦୌଡ଼ିଗଲା । ରାସ୍ତାରେ ଚାରି ଆଡ଼କୁ ଅନାଇଲା । ପାଖ-ପଡ଼ିଶା ଲୋକଙ୍କୁ ପଚାରିଲା । ମାତ୍ର ବୁଢ଼ାର ପତ୍ତା ମିଳିଲା ନାହିଁ । ସେଭଳି କୌଣସି ଲୋକ ସେ ବାଟ ଦେଇ ଯାଇ ନ ଥିବାରୁ, ପଡ଼ିଶା ଲୋକେ ଭାବିଲେ, ବୋଧହୁଏ ପ୍ରଚଣ୍ଡ ଖରା ଓ ଗରମ କୋପ ହେତୁ ବିଚରା ଅବ୍‌ଦୁଲ୍ଲା ଏପରି ପାଗଳ ଭଳି ବୁଲୁଛି । ସେମାନେ ତାକୁ ଦୋକାନ ଭିତରେ ବିଶ୍ରାମ ନେବାକୁ ପରାମର୍ଶ ଦେଲେ । ଅବ୍‌ଦୁଲ୍ଲା ହାତରେ ଭିକାରିର ମାଟିଆ ରଙ୍ଗର ବୋତଲଟି ଥିଲା । ସେ ଜାଣିଥିଲା ଯେ ସେ ସ୍ୱପ୍ନ ଦେଖୁ ନାହିଁ । ତେଣୁ ପଡ଼ିଶା ଲୋକଙ୍କ କଥାରେ ବିରକ୍ତି ପ୍ରକାଶ କରି ଦୋକାନକୁ ଫେରିଗଲା ଏବଂ ସ୍ତ୍ରୀ ଆଣିଥିବା ଖାଦ୍ୟ ଖାଇଲା ।

ସ୍ତ୍ରୀ ଫେରିଯିବା ପରେ ଦୋକାନ ଦୁଆରେ ବସି ଅବ୍‌ଦୁଲ୍ଲା ବୋତଲଟିକୁ ଯତ୍ନର ସହିତ ନିରେଖି ଦେଖିଲା । ବୋତଲ ଉପରେ ଲାଗିଥିବା ଲାଲ ରଙ୍ଗର ଏକ ସୂଚକପତ୍ର ଥିଲା । ସେଥିରେ ଲେଖାଥିଲା –

ମୋ ଭିତରେ ପୂରାଇ ପାଣି କରିବ ଯେବେ ସେବନ,
ନୂଆ ପୁରୁଣା ଯାବତ ରୋଗ ନିମିଷେ ହେବ ସପନ ।

ଅଦ୍‌ଭୁତ ମୋର ଏଇ ଶକତି କରିବ ଯେବେ ପ୍ରଘଟ,
ଅକାରଣରେ କୋପରେ ମୋର ଭୋଗିବ ନିଶ୍ଚେ ସଂକଟ ।

ଏହାକୁ ଦେଖି ଅବ୍‌ଦୁଲ୍ଲା ଉଚ୍ଚ ସ୍ୱରରେ ହସି ଉଠିଲା ଏବଂ ଭାବିଲା, ରୋଗସବୁ ଯଦି ଏଡ଼େ ସହଜରେ ଭଲ ହୋଇ ଯାଉଥା'ନ୍ତା ତେବେ ସଂସାରରେ ଆଉ କେହି ରୋଗୀ ରହନ୍ତେ ନାହିଁ । ତା' ହସ ସରି ନାହିଁ, ଗରିବ ଛୋଟା ପିଲାଟିଏ ଖାଲି କିରାସିନି ଟିଣଟିଏ କିଣିବ ବୋଲି ଅବ୍‌ଦୁଲ୍ଲା ଦୋକାନରେ ପହଞ୍ଚିଲା । ଅବ୍‌ଦୁଲ୍ଲା ଭାବିଲା, ବୋତଲର କୁହୁକ ପରୀକ୍ଷା ପାଇଁ ଏହା ହେଉଛି ସୁବର୍ଣ୍ଣ ସୁଯୋଗ । ପିଲାଟିକୁ କହିଲା, ତୁ ଯଦି ମୋ ପାଇଁ ଟିକେ ପାଣି ପିଇବୁ ତେବେ ତୋତେ ଅଧା ଦାମ୍‌ରେ ଟିଣଟିଏ ଦେବି । ଏ ପ୍ରକାର ଅଦ୍‌ଭୁତ ପ୍ରସ୍ତାବରେ ପିଲାଟି ଆଶ୍ଚର୍ଯ୍ୟ ହେଲା । ମାତ୍ର ଟିଣଟି ଅଧା ଦାମ୍‌ରେ ପାଇଲେ ଅନ୍ୟ କିଛି ଜିନିଷ କିଣି ପାରିବ ବୋଲି ଦୋକାନୀ କଥାରେ ରାଜି ହୋଇଗଲା । ଅବ୍‌ଦୁଲ୍ଲା ଦୋକାନ ଭିତରକୁ ଯାଇ ସୂଚକପତ୍ରର ଲେଖା ଅନୁସାରେ ବୋତଲରେ ପାଣି ପୂରାଇ ହଲାଇଲା ଏବଂ ସେହି ପାଣିକୁ କପ୍‌ରେ ଆଣି ପିଲାଟିକୁ ପିଇବାକୁ ଦେଲା । ପିଲାଟି ଏକା ଢୋକରେ ପାଣିତକ ପିଇଦେଲା । ତା' ପରେ ଅବ୍‌ଦୁଲ୍ଲା ପିଲାଟିକୁ କହିଲା, ଏଥିରେ ଯଦି ତୋ ଗୋଡ଼ ସାମାନ୍ୟ ଭଲ ଲାଗେ ତେବେ କାଲି ଆସି ଆଉ ପାନେ ପାଣି ପିଇଯିବୁ । ପିଲାଟି ଖୁସି ହୋଇ ଚାଲିଗଲା । ଏଭଳି ଅଦ୍‌ଭୁତ ପରୀକ୍ଷା କରିବାର ସୁଯୋଗ ପାଇଥିବାରୁ ଅବ୍‌ଦୁଲ୍ଲା ମଧ୍ୟ ଖୁବ୍ ଖୁସି ହୋଇଗଲା ।

ତହିଁ ପରଦିନ ଅବ୍‌ଦୁଲ୍ଲା ଖୁବ୍ ସକାଳୁ ଦୋକାନ ଖୋଲି ଛୋଟା ପିଲାଟିକୁ ଆଗ୍ରହର ସହିତ ଅପେକ୍ଷା କରି ବସି ରହିଲା । ବୋତଲର ଯାଦୁ କାମ କଲା କି ନାହିଁ ଜାଣିବା ପାଇଁ ସେ ଅତ୍ୟନ୍ତ କୌତୂହଳୀ ହୋଇଥିଲା । ବହୁତ ସମୟ ଅପେକ୍ଷା କରିବା ପରେ ଖରାବେଳେ ତାହାରି ଭଳି ପିଲାଟିଏ ଦୋକାନ ଆଡ଼କୁ ଆସୁ ଥିବାର ଦେଖିଲା । ତା' ସାଙ୍ଗରେ ବୁଢ଼ୀଟିଏ ଗୋଟିଏ ପିଲାକୁ କାଖରେ ଧରି ଆସୁଥିଲା । ନିଜ ପୁଅକୁ ଭଲ କରି ଦେଇଥିବାରୁ ସ୍ତ୍ରୀ ଲୋକଟି ଅବ୍‌ଦୁଲ୍ଲା ନିକଟରେ ଗଭୀର କୃତଜ୍ଞତା ପ୍ରକାଶ କରି କହିଲା, ''ଆଲ୍ଲା ତୁମକୁ ହଜାରେ ଥର ଆଶୀର୍ବାଦ କରନ୍ତୁ । ମୋର ଏଇ ସବା ସାନ ଝିଅଟିକୁ ବରାବର ଜ୍ୱର ହେଉଛି । ତୁମେ ଜଣେ ଅଭୁତ ହକିମ (ଡାକ୍ତର) ହୋଇ ଥିବାରୁ ଚିକିତ୍ସା ପାଇଁ ଏହାକୁ ତୁମ ପାଖକୁ ଆଣିଛି ।'' ଅବ୍‌ଦୁଲ୍ଲା ସ୍ତ୍ରୀ ଲୋକଟିକୁ ଦୁଆରେ ବସାଇ ଦୋକାନ ଭିତରକୁ ଗଲା ଏବଂ ଆଗ ଭଳି ସେହି କୁହୁକ ବୋତଲରେ ପାଣି ପ୍ରସ୍ତୁତ କରି ପିଲାଟିକୁ ପିଇବାକୁ ଦେଲା । ସ୍ତ୍ରୀ ଲୋକଟି ବାରଂବାର ଅବ୍‌ଦୁଲ୍ଲାର ମଙ୍ଗଳ କାମନା କରି ଚାଲିଗଲା । ପୁଅଟିର ଗୋଡ଼ ଦୁଇଟି ସଂପୂର୍ଣ୍ଣ ଭାବେ ଭଲ ହୋଇ ଯାଇଥିବାରୁ ସେ ମଧ୍ୟ ତାକୁ ଧନ୍ୟବାଦ ଜଣାଇ ଆନନ୍ଦରେ ବିହ୍ୱଳ ହୋଇ ନାଚିବାକୁ ଲାଗିଲା ।

ଅବ୍‌ଦୁଲ୍ଲାର ଆଶ୍ଚର୍ଯ୍ୟଜନକ ଚିକିତ୍ସା ଖବର ଅଳ୍ପ ଦିନ ଭିତରେ ଚାରି ଆଡ଼େ ବ୍ୟାପିଗଲା । ଅଧିକରୁ ଅଧିକ ଲୋକ ତା' ରଦ୍ଦି ମାଲ ଦୋକାନରେ ଭିଡ଼ ଜମାଇଲେ । ଧନୀ ଲୋକମାନେ ତା' ଚିକିତ୍ସାର ଉପକାର ପାଇ ବହୁ ପରିମାଣରେ ଟଙ୍କା, ସୁନା, ମୋତି, ମାଣିକ ତା' ପାଦ ତଳେ ଅଜାଡ଼ିଲେ । ସେହି ଅର୍ଥରେ ସେ ସୁନ୍ଦର ଡାକ୍ତରଖାନାଟିଏ ନିର୍ମାଣ କରି ସେଠାରେ ଚିକିତ୍ସା କାମ ଚଳାଇଲା ।

ଅବ୍‌ଦୁଲ୍ଲାର ଏହି ଭାଗ୍ୟ ପରିବର୍ତ୍ତନରେ ତା'ର ସ୍ତ୍ରୀ ଆଦୌ ସନ୍ତୁଷ୍ଟ ନ ଥିଲା । ଏହି ଅଭୁତ ଚିକିତ୍ସା ପାଇଁ ରୋଗୀମାନଙ୍କଠାରୁ ଆହୁରି ଅଧିକ ଅର୍ଥ ଦାବି କରିବା ପାଇଁ ସେ ବରାବର ଅବ୍‌ଦୁଲ୍ଲାକୁ ବିରକ୍ତ କଲା । ତା' ଛଡ଼ା ମାତ୍ର କେତେ ଚାମଚ ପାଣିରେ ସେ କିପରି ଏତେ ରୋଗୀଙ୍କୁ ଭଲ କରି ପାରୁଛି ଜାଣିବା ପାଇଁ କୌତୂହଳୀ ହୋଇ ଉଠିଲା । ଅବ୍‌ଦୁଲ୍ଲାର ପ୍ରତିବାଦ ସତ୍ତ୍ୱେ ଏହି ଗୋପନ ରହସ୍ୟ ଜାଣିବା ପାଇଁ ସେ ପ୍ରତିଦିନ ତାକୁ ବ୍ୟସ୍ତ ବିବ୍ରତ କରିବାରେ ଲାଗିଲା । ସମସ୍ତ ପ୍ରକାର ଚେଷ୍ଟାରେ ବିଫଳ ହୋଇ ଅବ୍‌ଦୁଲ୍ଲାର ସ୍ତ୍ରୀ ଯେତେବେଳେ ଏହି ଅଭୁତ ଚିକିତ୍ସାର ରହସ୍ୟ ଜାଣି ପାରିଲା ନାହିଁ ଶେଷରେ ଏକ କୌଶଳ ପାଞ୍ଚିଲା । ଅବ୍‌ଦୁଲ୍ଲାକୁ କହିଲା, ତା'ର ଭାଇ ତାକୁ ଡକାଇ ଥିବାରୁ ସେ ଦିନକ ପାଇଁ ତାଙ୍କ ଘରକୁ ଯିବ । ଏହା କହି ସେ ଦୋକାନ ଘରର ପଛ ପାଖ କବାଟ ଖୋଲା ରଖି ଆଗ ଦୁଆର ବାଟେ ତା'ଠାରୁ ବିଦାୟ ନେବାର ଛଳନା କରି ଚାଲିଗଲା । ତା'ପରେ ଏକ ଗଳି ରାସ୍ତାରେ ଯାଇ ପଛ ପାଖ କବାଟ ସାମାନ୍ୟ ଖୋଲି ଅବ୍‌ଦୁଲ୍ଲାର ଗତିବିଧିକୁ ଲକ୍ଷ୍ୟ କଲା । ସେ ଯେତେବେଳେ ସାମନା ପଟେ ରୋଗୀମାନଙ୍କ କାମରେ ବ୍ୟସ୍ତ ଥିଲା ଚୁପ୍‌ଚାପ୍ ଘରେ ପଶି ବୋତଲରେ ଲାଗିଥିବା ସୂଚକପତ୍ରକୁ ପଢ଼ି ତାହାକୁ ଯଥା ସ୍ଥାନରେ ରଖି ଦେଇ ଚାଲିଗଲା । ସେହି ମୁହୂର୍ତ୍ତରେ ବୋତଲଟି ତା'ର ଯାଦୁକରୀ ଶକ୍ତି ହରାଇଲା । ବୋତଲଟି ଆରୋଗ୍ୟକାରୀ ଶକ୍ତି ହରାଇ ଥିବାରୁ ବିଚରା ଅବ୍‌ଦୁଲ୍ଲା ବିଚଳିତ ହୋଇ ପଡ଼ିଲା ।

ଯେଉଁମାନେ ଦିନେ ତାକୁ ଆଶୀର୍ବାଦ ବର୍ଷଣ କରୁଥିଲେ ସେମାନେ ତାକୁ ଅଭିଶାପ ଦେବାକୁ ଲାଗିଲେ । ଏପରିକି ସେମାନେ ଅଭିଯୋଗ କରିବାରେ ଲାଗିଲେ ଯେ ଅବ୍‌ଦୁଲ୍ଲା ସେମାନଙ୍କୁ ଲୁଣ୍ଠନ କରିବାରେ ଲାଗିଛି, ଯଦିଓ ସେ କେବେ କାହାକୁ ପଇସାଟିଏ ମଧ୍ୟ ମାଗି ନ ଥିଲା ।

ଶେଷରେ କଳା ଯାଦୁ ପ୍ରୟୋଗ କରି ଲୋକଙ୍କ ଜୀବନ ନଷ୍ଟ କରୁଥିବା ଅଭିଯୋଗରେ ତାକୁ ଗିରଫ କରି ମାଜିଷ୍ଟ୍ରେଟଙ୍କ ଆଗରେ ହାଜର କରାଗଲା ଏବଂ ବିଚାର ପାଇଁ ଜେଲ ହାଜତକୁ ପଠାଇ ଦିଆଗଲା । ସଂପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ସେ ଯେତେ କହିଲେ ମଧ୍ୟ କେହି ତା' କଥା ବିଶ୍ୱାସ କଲେ ନାହିଁ । ବିଚାରାଳୟରେ ସବୁ ସାକ୍ଷୀ ଅବ୍‌ଦୁଲ୍ଲା ବିପକ୍ଷରେ ଗଲେ । ସେ ଦୀର୍ଘ ବର୍ଷ ଜେଲ ଦଣ୍ଡ ଭୋଗ କରିବ, ଏହା ପ୍ରାୟ ନିଶ୍ଚିତ ହୋଇଗଲା । ଠିକ୍ ସେତିକିବେଳେ ଜନଗହଳି ଭିତରୁ ଜଣେ ଭିକାରି ବାହାରି ଆସି ଦଣ୍ଡାଦେଶ ପୂର୍ବରୁ ମାଜିଷ୍ଟ୍ରେଟଙ୍କୁ କିଛି ସମୟ ମାଗିଲା । ସେ ମାଜିଷ୍ଟ୍ରେଟଙ୍କୁ ଜଣାଇଲା ଯେ ଅବ୍‌ଦୁଲ୍ଲା ସଂପୂର୍ଣ୍ଣ ନିର୍ଦ୍ଦୋଷ । ଏହା ପ୍ରମାଣ କରିବା ପାଇଁ ସେ ଛୋଟ ମାଟିଆ ରଙ୍ଗର ବୋତଲଟିକୁ ମାଗିଲା । ବୋତଲ ଭିତରକୁ ଗୁଣୁ ଗୁଣୁ ଶବ୍ଦରେ କିଛି କୁହୁକ ମନ୍ତ୍ର ଶୁଣାଇଲା । ଅବ୍‌ଦୁଲ୍ଲାକୁ ପୁଣି ସେହି ବୋତଲକୁ ଦେଇ ଆଗ ଭଳି ତା'ର ଚିକିତ୍ସା କାମ କରି ଯିବାକୁ କହିଲା ।

ଜଣେ ଅନ୍ଧ ଲୋକକୁ ରାସ୍ତାରୁ ଅଣାଗଲା । ଅବ୍‌ଦୁଲ୍ଲାକୁ କିଛି ପାଣି ଓ ଗୋଟିଏ କପ୍ ଦିଆଗଲା । ଅବ୍‌ଦୁଲ୍ଲା ସମବେତ ଦର୍ଶକଙ୍କ ଆଢୁଆଳକୁ ଯାଇ ଆଗ ଭଳି ବୋତଲରେ ପାଣି ପୂରାଇ ହଲାଇଲା ଓ ସେଥିରୁ କିଛି ଅନ୍ଧକୁ ପିଇବାକୁ ଦେଲା । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ବୋତଲର କୁହୁକ ଆଗ ଭଳି କାମ କଲା । ଅନ୍ଧଟି ଦୃଷ୍ଟିଶକ୍ତି ଲାଭ କଲା ।

ଅବ୍‌ଦୁଲ୍ଲା ନିର୍ଦ୍ଦୋଷରେ ଖଲାସ ହେବାରୁ ସମବେତ ଜନତାଙ୍କ ଆନନ୍ଦ ଧ୍ୱନିରେ ବିଚାରାଳୟ ପରିସର କମ୍ପିଗଲା । ବିଚାରାଳୟ ବାହାରକୁ ଆସିବା ମାତ୍ରେ ବୁଢ଼ା ଭିକାରିଟି ତା' ପାଖକୁ ଆସିଲା । ତା' ଜୀବନ ବଞ୍ଚାଇ ଥିବାରୁ ଅବ୍‌ଦୁଲ୍ଲା ବୁଢ଼ାକୁ ଅଜସ୍ର ଧନ୍ୟବାଦ ଜଣାଇଲା । ମାତ୍ର ଭିକାରିଟି ସାମାନ୍ୟ ହସି ସେହି ଛୋଟ ମାଟିଆ ରଙ୍ଗର ବୋତଲଟିକୁ ଫେରାଇ ଦେବାକୁ କହିଲା । କାରଣ ବୋତଲର ଗୋପନୀୟ ଶକ୍ତି ବିଷୟରେ ସମସ୍ତେ ଜାଣି ଯାଇଥିବାରୁ ତାହା ଆଉ ଆଗ ଭଳି କାମ କରିବ ନାହିଁ । ତା'ପରେ ସେ ଫାତିମା ଉପରେ କ୍ରୋଧ ପ୍ରକାଶ କରି କହିଲା, ''ଯଦି ତୋ ବିଚରା ସ୍ୱାମୀ ସାଙ୍ଗରେ ତୁ ଏଭଳି କଦର୍ଯ୍ୟ ଖେଳ ଖେଳି ନ ଥା'ନ୍ତୁ ତେବେ ସାରା ଜୀବନ ରାଣୀ ଭଳି ବିତାଇଥାନ୍ତୁ । ଅବ୍‌ଦୁଲ୍ଲାର ନାଆଁ ମଧ୍ୟ ଚିକିତ୍ସା ଶାସ୍ତ୍ରର ଇତିହାସରେ ଲିପିବଦ୍ଧ ହୋଇ ରହି ଯାଇଥା'ନ୍ତା । ଏହି ଘଟଣା ପରେ ଅନ୍ତତଃ ସ୍ୱାମୀର ଇଚ୍ଛା ପ୍ରତି ସମ୍ମାନ ଜଣାଇବାକୁ ତୁ ଶିକ୍ଷା ଲାଭ କର ।''

ଅବ୍‌ଦୁଲ୍ଲା ତା'ର ରଦ୍ଦି ମାଲ୍ ଦୋକାନକୁ ଫେରିଗଲା । ଏହି ଘଟଣାରେ ସେ ବିଶେଷ ଦୁଃଖିତ ହେଲେ ବି ଅଧିକ ବିଜ୍ଞ ତଥା ବିଚାରବନ୍ତ ହୋଇ ଯାଇଥିଲା । ଜଲାଲାବାଦର ଲୋକେ ସର୍ବଦା ଶ୍ରଦ୍ଧା ଓ ସମ୍ମାନର ସହିତ ତା' ବିଷୟରେ ଆଲୋଚନା କରିବାରେ ଲାଗିଲେ ।

(The Tales of India - I ପୁସ୍ତକରୁ)

ଅନୁବାଦ : ସନାତନ ମହାନ୍ତି ❑

କିଣ୍ଡରଗାର୍ଟେନ୍ ଶ୍ରେଣୀଗୃହରେ ଶିଶୁମାନେ ଛବି ଆଙ୍କୁଥିବା ସମୟରେ ଶିକ୍ଷୟିତ୍ରୀ ଜଣକ ବୁଲିବୁଲି ସେସବୁକୁ ପର୍ଯ୍ୟବେକ୍ଷଣ କରୁଥା'ନ୍ତି । ଛୋଟ ଝିଅଟିଏ ଖୁବ୍ ତଲ୍ଲୀନ ହୋଇ ଛବି ଆଙ୍କୁଥିବାର ଲକ୍ଷ୍ୟ କରି ଶିକ୍ଷୟିତ୍ରୀ କୌତୂହଳୀ ହୋଇ ପ୍ରଶ୍ନ କଲେ : ତୁମେ କି ଛବି ଆଙ୍କୁଛ ?

ଝିଅଟି ତତ୍‌କ୍ଷଣାତ୍ ଉତ୍ତର ଦେଲା : ଭଗବାନଙ୍କର ଛବି ଆଙ୍କୁଛି । ଟିକିଏ ଅଟକି ଯାଇ ଶିକ୍ଷୟିତ୍ରୀ କହିଲେ : କିନ୍ତୁ ଭଗବାନଙ୍କୁ ତ କେହି ଦେଖି ନାହାନ୍ତି !

ସେହି ସାନ ଝିଅଟି ଛବି ଉପରୁ ମୁଣ୍ଡ ନଉଠାଇ ଆଙ୍କୁଥିବା ଅବସ୍ଥାରେ ଉତ୍ତର ଦେଲା : ସେମାନେ ଏଇ ଅଳ୍ପ ସମୟ ଭିତରେ ଦେଖିବେ ଭଗବାନ୍ ଦେଖିବାକୁ କିପରି ।

# କ୍ଲାସ୍‌ରେ ଶ୍ରୀମା’ଙ୍କ କାହାଣୀ

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir – Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା’ କହୁଥିଲେ ବା ବହିପଢ଼ି ପିଲାଙ୍କୁ ଶୁଣାଉଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣିଆସି ବଙ୍ଗଳାରେ ଲିପିବଦ୍ଧ କରିନେଉଥିଲେ, ପରେ ନଳିନୀଦାଙ୍କୁ ଦେଖାଇବା ପରେ ‘ପୁରୋଧା’ରେ ପ୍ରକାଶିତ ହେଉଥିଲା ।]

## ଠେକୁଆ ରାଜୁ ଓ ବତକ ଡୋରା

ପ୍ରକାଣ୍ଡ ଗଛର ଦେହରେ ବେଶ୍ ବଡ଼ ଗୋଟିଏ ଫାଟ; ତାହାରି ଭିତରେ ରହୁଥିଲେ ଦୁଇଜଣ – ରାଜୁ ଓ ତା’ର ମା, ବସାଘରଟି ଶିଶୁ ଠେକୁଆ ଓ ତା’ ମା’ ଗଢ଼ିତୋଳିଥିଲେ । ରାଜୁ ତା’ ମା’ଙ୍କର ବଡ଼ ଆଦରର ପୁଅ, ସବୁବେଳେ ପ୍ରାୟ ମା’ଙ୍କ ପାଖେ ପାଖେ ଥାଏ, ମା’ ତାକୁ ପଢ଼ାନ୍ତି, ନାନା ପ୍ରକାର ଖେଳ ବି ଶିଖାନ୍ତି, ବିଶେଷ କରି ବ୍ଲକ୍ ଗୋଟିସବୁକୁ ଖାପରେ ଯୋଡ଼ି ଯୋଡ଼ି ଘର ବାନ୍ଧିବାର ଖେଳଟି ରାଜୁକୁ ବହୁତ ଭଲଲାଗେ ।

କିନ୍ତୁ ଦିନକର କଥା, ରାଜୁର ତା’ ମା’ଙ୍କ ଉପରେ ଭାରି ଅଭିମାନ ହୋଇଛି, ରନ୍ଧାରେ ବସି ମା’ ଆଜି ତାକୁ ପାଖରେ ବସି ଦେଖିବାକୁ ଓ ଖୁସି ଗଳ୍ପ କରିବାକୁ ଦେଇ ନାହାନ୍ତି । ସେ ବସି ବସି ପିଠା ତିଆରି କରୁଛନ୍ତି, ଅନ୍ୟମନସ୍କ ହେଲେ ପିଠା ପୋଡ଼ିଯିବ, ନଷ୍ଟ ହୋଇଯିବ । ସେ ରାଜୁକୁ କହିଲେ – ଯା’ ଏଠୁ, ସେପାଖକୁ ଯାଇ ପାଠପଢ଼ ଚୁପ୍‌ଚାପ୍ ହୋଇ । ବିଚରା ରାଜୁ ! ମା’ ପାଖେ ପାଖେ ନ ବସିଲେ ପଢ଼ିବାରେ ମନଦେଇପାରେ ନାହିଁ । ସେ ବହିପତ୍ର ଖାତାସବୁ ରଖିଦେଇ ବ୍ଲକ୍ ଗୋଟି ବାକ୍ସଟି ଧରି ଓଲଟାଇ ଦେଲା ଆଉ ଖେଳଘର ତିଆରି କରିବାରେ ଲାଗିଗଲା, ଚାରିପଟେ ଖେଳେଇ ହୋଇ ପଡ଼ିରହିଲା ଯେତେଗୁଡ଼ାଏ ଗୋଟି । ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ସ୍ଥାପତ୍ୟଶିଳ୍ପର ନିର୍ଦ୍ଦିଷ୍ଟ କୌଶଳରେ ତିଆରି ଗୃହ-ନିର୍ମାଣର ଏକ ବିଶେଷ ଅଙ୍ଗ । ତେବେ ରାଜୁର ଓ ତା’ ମା’ଙ୍କର ଗଛଗଣ୍ଡିରେ ଲୁଚିଥିବା ଛୋଟିଆ ଘରଟି ତ ଆଉ ରାଜପ୍ରାସାଦ ପରି ବିରାଟ ନୁହେଁ । ସେଇ ଛୋଟ ପରିସରରେ ଚଟାଣ ଉପରେ ବିଛାଡ଼ି ହୋଇ ପଡ଼ିଥିବା ଗୋଟିଗୁଡ଼ିକ ଯୋଗୁଁ ମା’ଙ୍କର ଯିବାଆସିବାରେ ଅସୁବିଧା ହେଲା, ତହୁଁ ରାଜୁକୁ ଗାଳିଦେଇ କହିଲେ – କାଣ୍ଡକାରଖାନା ଦେଖ, ଯିବାଆସିବାରେ ରାସ୍ତା ବନ୍ଦକରି ବସିଲେ ଚଳିବ କେମିତି ? ଯା’ ସେସବୁ ରଖିଦିଅ, ବାହାର ବାରଣ୍ଡାରେ ବସି ପଢ଼ାଶୁଣା କର । ବିଚରା କରେ କ’ଣ ସିଏ, ବାଧ୍ୟ ହୋଇ ଘରତିଆରି ଗୋଟିର ବାକ୍ସ ବନ୍ଦବାନ୍ଧ କରି ବାହାରକୁ ଯାଇ ବହି ଖୋଲି ପଢ଼ିବାକୁ ବସିଲା ।

ପଢୁପଢୁ ମନଲାଖି ଯାଇଛି ସେଥିରେ, କେତେ ସମୟ ଚାଲିଗଲାଣି କିଏ ଜାଣେ । ହଠାତ୍ ସରୁଗଳାରେ କେହି କାନ୍ଦୁଥିବା ଭଳି ଶବ୍ଦ କାନରେ ଆସି ବାଜିଲା ତା’ର । ଟିକିଏ ଆଗେଇ ଗଲା ସିଏ ବହିପତ୍ର ବନ୍ଦ କରି, ଦେଖିଲା ଟିକିଏ ଦୂରକୁ ଯାଇ କୁନି ବତକଟିଏ – ପଥପାର୍ଶ୍ୱରେ ଏକା ବସି କାନ୍ଦୁଛି, ବୋଧହୁଏ ରାସ୍ତା ଭୁଲି ଅନେକ ଆଗେଇ ଆସିଛି ଏକଲା । ନାଁ ତା’ର ଡୋରା – କ୍ଲାନ୍ତ ଯେତିକି, ଭୋକିଲା ବି ତତୋଽଧିକ । ଗରମରେ ସେଇଭଳି ପୁଣି ପ୍ରାଣ ଛାଡ଼ିଗଲା ଭଳି ଦଶା । ପାଖକୁ ଯାଇ ରାଜୁ ତା’ଠୁ ସବୁକଥା ଶୁଣିଲା, ଶିଶୁ ବତକର ଦୁଃଖ ତା’ ପ୍ରାଣକୁ ଛୁଇଁଲା – ଆହା, ବିଚାରୀ ଡୋରା ! ତା’ମାର ସାନ ଝିଅଟି ! ହୁଏତ ଏତେ ସମୟ ଯାଏଁ ତା’ ମା’ ଖୋଜାଖୋଜି କରି କେତେ କାନ୍ଦିବଣି ! ଆହୁରି ପୁଣି ଏ ଝିଅଟି ଭୋକରେ ମଲାଭଳି ହେଲାଣି ।

‘ଏଇ ତ ଆଗରେ ଆମର ଘର, ଚାଲ ଯିବା ସେଇଠିକୁ, ଦେଖେ, ତୋତେ କିଛି ଖାଇବାକୁ ଦେଇପାରିବି ଯଦି’ – ରାଜୁ କହିଲା ଡୋରାକୁ । ଥରକର ଡାକରେ ଡୋରା ରାଜି ହୋଇଗଲା ବେଶ୍ ଖୁସିରେ । ଦୁହେଁଯାକ ଘରକୁ

ଚାଲିଲେ । ଘରେ ପହଞ୍ଚି ରାଜୁ ଦେଖିଲା ମା' ଘରେ ନାହାନ୍ତି, ବୋଧହୁଏ କିଛି କାମରେ କୁଆଡ଼େ ଯାଇଛନ୍ତି । କ'ଣ କରିବ ? ସମ୍ମୁଖରେ ଗୋଟିଏ ବାଟିରେ ଢଙ୍କା ହୋଇ ରଖାଯାଇଛି ସକାଳେ ତିଆରି ହୋଇଥିବା ପିଠାସବୁ । ଟିକିଏ ଭାବି, ସାହସ କରି ରାଜୁ ଖଣ୍ଡିଏ ପିଠା ସେଥିରୁ ବାହାର କରି ଡୋରାକୁ ଖାଇବାକୁ ଦେଲା, ଆଉ କହିଲା, ତୁ ଖାଉଥା, ମୁଁ ନଦୀକୂଳକୁ ଯାଇ ପାଣି ଆଣି ଟବ୍‌ରେ ଭର୍ତ୍ତିକରେ, ତୁ ଖାଇସାରିଲେ ସେଇଥିରେ ବସି ଗାଧୋଇବୁ ।

ଠେକୁଆଛୁଆ ତ ପାଣି ପାଇଁ ଚାଲିଗଲା । ଡୋରାର ଜୀବନରେ ପିଷ୍ଟକ-ଭକ୍ଷଣ ଏଇ ପ୍ରଥମ । ଅମୃତ ଯେ କିଭଳି ଜିନିଷ, ସେ କଥା ସେ ଜାଣେ ନାହିଁ । ମାତ୍ର ଆଜିକାର ଭୋଜନରେ ସେ ସତସତିକା ଅମୃତର ସ୍ୱାଦ ପାଇଲା । କିନ୍ତୁ ହାୟ ଗୋଟାଏ ପିଠାରେ କ'ଣ ହେବ, ପେଟର ଅଗ୍ନି ତ ଆହୁରି ଜୋରରେ ଜଳିଲାଣି । ରାଜୁଭାଇ ଫେରିବାକୁ ଏତେ ଡେରି କରୁଛି କାହିଁକି ? ଡୋରାର ତର ସହୁ ନାହିଁ । ଟେବୁଲ ଉପରେ ଥିବା ବେଲାଟା ଦେହରୁ ସେ ଆଉ ଗୋଟିଏ ପିଠା ବାହାର କଲା । ତା'ପରେ ଆହୁରି ଖଣ୍ଡିଏ, ଆହୁରି ଖଣ୍ଡେ, ଖଣ୍ଡଟାଏ ଆହୁରି ... ଏମିତି ଏମିତି କରି ଡୋରା ଖାଇଲା ସାତଟା ପିଠା, ଏବଂ ଡୋରା ଅବଲୀଳାକ୍ରମେ ସେସବୁକୁ ଉଦରସ୍ଥ କଲା । ଏହା ଭିତରେ ନଦୀକୂଳରୁ ରାଜୁ ଫେରିଆସିଛି ପାଣି ବୋହି ଆଣି । ସେ ଡୋରାର ଗାଧୁଆ ଲାଗି ଟବ୍‌ଟିକୁ ଭର୍ତ୍ତି କରିଦେଲା । ... 'ଏଥର ତୁ ଗାଧୋଇ ପକା' – କଥାଟା ଡୋରା ଉଦ୍ଦେଶ୍ୟରେ କହିଲା ରାଜୁ ।

ଡୋରା ସାତଗୋଟା ପୂରା ପିଠା ଖାଇ ଏବେ ସ୍ୱସ୍ତି ବୋଧକଲା, ପ୍ରାଣଟା ଥଣ୍ଡା ପଡ଼ିଲା, ଦେହର କ୍ଳାନ୍ତି ବି ଦୂର ହେଲା । ସ୍ନାନ ପାଇଁ ପ୍ରସ୍ତୁତ ସିଏ । ରାଜୁକୁ ଡାକି କହିଲା, 'ଭାଇ, ଏମିତି ପିଠା ମୁଁ କେବେ ମୋ ଜୀବନରେ ଆଗରୁ ଖାଇ ନ ଥିଲି, ଗୋଟାକରେ ତ ପେଟ ପୂରିଲା ନାହିଁ, ସେଥିପାଇଁ ଖାଉଖାଉ ସାତଟି ଖାଇଦେଇଛି । ଏବେ ଆଉ ଟିକିଏ ବି ଭୋକ ନାହିଁ ।' ରାଜୁ ବତକଛୁଆର କଥାଶୁଣି ଅବାକ୍ । ମନେମନେ ଭାବିଲା – ଯା', ସରିଗଲା, କି ସାଂଘାତିକ କାଣ୍ଡ ! ମା' ଫେରିଲେ କ'ଣ କହିବେ କେଜାଣି ? ମୋ କପାଳରେ ଆଜି କ'ଣ ଅଛି ? ସକାଳୁ ତ ଆଜି ସୁରତାଳ ବେଖାପ ହୋଇଛି । ଯା' ହେଉ ନିଜ ପାଖରେ କଥାଟା ରଖିଲା ସିଏ । ମୁହଁ ଖୋଲି ଡାକିଲା, 'ଡୋରା, ବେଶ୍ କରିଛୁ, ଭୋକ ଲାଗିଥିଲା, ଖାଇଦେଲୁ, ହେଲା କ'ଣ ? ଏଥର ଗାଧୋଇ ପଡ଼, ଆହୁରି ବେଶୀ ପାଣି ମୁଁ ନେଇଆସୁଛି । ରାଜୁ ଚାଲିଗଲା ପାଣି ପାଇଁ । ଡୋରା ଆଖିରେ ପଡ଼ିଲା ଟବ୍‌ଟି, ବେଶ୍ ସୁନ୍ଦର, ସେ ତାହାରି ଭିତରକୁ ଓହ୍ଲାଇ ଡିଆଁଡେଇଁ ଆରମ୍ଭ କରିଦେଲା, ଡିଗ୍‌ବାଜୀ ଖାଇଲା, ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ଅନେକ ଥର ଝାମ୍ପ ମାରିଲା, ପହଁରିଲା – ଖୁସି ଯେ କାହିଁରେ କ'ଣ ? ରାଜୁ ପୁଣି ଯାଇ ବାଲଟିଏ ପାଣି ନେଇଆସିଲା । ଆରେ ହୋଇଛି କ'ଣ, ପୂରା ଚଟାଣଟା ଜଳମଗ୍ନ – ପେଟ ତ ଥଣ୍ଡା ହେଲା, ଏବେ ଦେହଟା ସାରା ଥଣ୍ଡା କରିବାର ଯୋଜନା ଚାଲିଛି, ଘରର ଅଧାରେ ପାଣି ଫୋପାଡ଼ି ଏକାକାର କରିଦେଲାଣି । ସବୁଆଡ଼ ନଷ୍ଟ ... ମା' ଫେରିଲେ କ'ଣ ହେବ, ବିପଦ ଗଣିଲା ସିଏ – ସକାଳପହରୁ ସୁରତାଳ ଯେ କଟିଯାଇଛି ! ତଥାପି ଡୋରାକୁ ଏ ବିଷୟରେ କିଛି କହିଲା ନାହିଁ ।

ରାଜୁ ଘରପାଖ ବଗିଚାରେ ପ୍ରତିଦିନ କିଛି ନା କିଛି ଫୁଲ ଫୁଟେ, ନାନା ରଙ୍ଗର ସେସବୁ । ସେ ଗଲା ତୋଳି ଆଣିବାକୁ କିଛି ସେଥିରୁ । ସେସବୁ ଦେଇ ଡୋରାକୁ ସଜାଇଦେବ ସିଏ ବିଦାୟ ଦେବା ଆଗରୁ । ଡୋରା ତାକୁ କହି ରଖିଛି ସେ ଯେମିତି ତା' ଘର ବାହୁଡ଼ିବା ପଥଟା ଖୋଜି ଦିଏ – ଯାହା ସେ ହରାଇଛି ଆସିବାବେଳେ ।

ଗାଧୁଆ ଟବ୍ ଭିତରେ ଡୋରା ଏକା, ଏବେ ବି ଜଳକେଳିର ସଉକ ତା'ର ମେଣ୍ଟିନି । ଏଇ ସମୟରେ ରାଜୁର ମା' ହଠାତ୍ ଆସି ହାଜର । କାଣ୍ଡ କାରଖାନା ଦେଖି ସେ ଚକିତ । ଏ କ'ଣ ? ଇଏ କିଏ ତାଙ୍କ ଘରେ ? ଚତୁର୍ଦ୍ଦିଗରେ ଜଳସିଞ୍ଚନ । ଘରର ଚଟାଣ ଜଳମଗ୍ନ । ଆଖପାଖରେ ଜଳର ଛିଟିକା ପଡ଼ି ସବୁ ଓଦା, ଖାଇବା ଟେବୁଲ ଉପରେ ଜିନିଷପତ୍ର ଅସଜଡ଼ା ଖେଳାମେଳା, ଅଇଁଠାବାସନ, ତହିଁରେ ପିଠାର ଗୁଣ୍ଡ ଲାଗି ରହିଛି, ପିଠାର ବେଲାଟା ଖୋଲା, ତହିଁର ଘୋଡ଼ଣୀ ମେଲା, ଚାହିଁ ଦେଖିଲେ ଖଣ୍ଡିଏ ମାତ୍ର ପିଠା ପଡ଼ି ରହିଛି । କିଛିହେଲେ ବି ବୁଝିପାରିଲେ ନାହିଁ । ସବୁ ଯେମିତି ରହସ୍ୟମୟ, ରାଜୁ ବା ଗଲା କୁଆଡ଼େ ? ... ସେ ନୂଆ ଅତିଥିଟିକୁ ପଚାରିଲେ – ତୁମେ କିଏ ?

ଡୋରା ଡରିଗଲାଣି, ସେ ମିଇଁ ମିଇଁ ସୁରରେ କାନ୍ଦକାନ୍ଦ ହୋଇ କହିଲା – ମୋ ନାଁ ଡୋରା, ରାସ୍ତା ଭୁଲି ଏଇ ଆଡ଼କୁ ଆସିଯାଇଥିଲି, ଭୋକ ବି ଲାଗୁଥିଲା ଜବର୍ । ଆପଣଙ୍କ ପୁଅ

ମୋତେ ଦେଖି ଡାକି ଆଣିଲା, ପିଠା ଖାଇବାକୁ ଦେଲା । କି ଚମତ୍କାର ତା'ର ସୁଆଦ । ମୁଁ ସାତଟା ଯାକ ପିଠା ଖାଇଦେଇଛି, ଟିକିଏ ବି ଭୋକ ନାହିଁ ଆଉ । ଏବେ ସ୍ନାନଟା ଜୋରସୋର ହେଲା । ରାଜୁଭାଇ ଯାଇଛି ମୋ ଫେରିବା ବାଟର ସନ୍ଧାନ କରିବାକୁ । ଆପଣଙ୍କ ପୁଅ ଯେ କେତେ ଭଲ, ସେ କଥା ଆଉ କ'ଣ କହିବି !

ରାଜୁର ମା' ଏତେବେଳେକେ ବୁଝିଲେ ଘଟଣାଟି କ'ଣ ? ମନେମନେ ହସି ଭାବିଲେ, କହୁଛି କ'ଣ ନା ସାତଟା ପିଠା ସାବାଡ଼ କରିଛି ! ଏତେ ଟିକିଏ ବତକଛୁଆ – । ତେବେ ବାହାରକୁ ସେ ଟିକିଏ ବି ବିସ୍ମୟ ବା ବିରକ୍ତି ପ୍ରକାଶ କଲେ ନାହିଁ, ବରଂ ସ୍ନେହରେ ଡୋରାକୁ ଟବ୍‌ରୁ ବାହାର କଲେ, ଭଲକରି ପୋଛାପୋଛି କରିଦେଲେ ଓ ତା' ପୋଷାକ ତାକୁ ପିନ୍ଧାଇଦେଲେ; ତା'ପରେ ଘରଟିକୁ ସଜାଡ଼ିବାରେ ଲାଗିଗଲେ – ଯେତେସବୁ ଜିନିଷପତ୍ର ଛିନ୍‌ଛତ୍ର ହୋଇପଡ଼ିଥିଲା ସେଗୁଡ଼ିକ ସଜାଡ଼ିବାରେ, ବାଗେଇ ରଖିବାରେ ସମୟ ତ ଲାଗିବ ଯଥେଷ୍ଟ । ଟିକିଏ ପରେ ରାଜୁର ଗଳା ଶୁଣାଗଲା ବାହାରୁ । ବାହାରେ ଥାଇ ସେ ଡୋରାକୁ ତଲବ ଦେଉଛି । ତା'ର ଡାକଶୁଣି ଡୋରାର ମନ ମାତିଉଠିଲା । ମୁହୂର୍ତ୍ତକରେ ଭୁଲିଗଲା ସେ ଏତେ ସମୟର ଅପୂର୍ବ କଥା ସବୁ । ସେ ରାଜୁର ମା'କୁ ଚଞ୍ଚଳ ଆବେଗରେ କହିଲା – 'ଏଇ ଆସିଯାଇଛି ସିଏ, ଡାକୁଛି ମୋତେ । ନିଶ୍ଚିତ ଭାବରେ ମୋ ଘରଫେରାର ବାଟ ସେ ଖୋଜି ପାଇଛି । ମୁଁ ଯାଉଛି ତା'ହେଲେ ... ମୁଁ ଯାଉଛି, ମୁଁ ଚାଲିଲି ଘରକୁ' – ତରବରରେ ଝଡ଼ବେଗରେ ବାହାରିଗଲା ବତକଛୁଆ ଡୋରା ।

ରାଜୁ ଦାଣ୍ଡରେ ଠିଆହୋଇଛି, ହାତରେ ଫୁଲର ତୋଡ଼ା ଧରି । ଡୋରାକୁ ସିଏ ସେଇଥିରେ ସଜାଇ ଦେଲା, 'ଖୋଜି ପାଇଛି ତୋ ଘରର ରାସ୍ତା, ଡୋରା ! ଏଇ ଯେଉଁ ଛୋଟ ନଦୀଟା, ତାହାରି ବନ୍ଧେ ବନ୍ଧେ ଚାଲିଲେ, ସିଧା ଆଗକୁ ଚାଲିଯିବୁ କିଛି ନ ଭାବି, କିଛି ବାଟ ଯିବା ପରେ, ତୋ ଘର ଆସିଯିବ ଦେଖିବୁ । ସିଧା ଚାଲିଯାଆ ।' – କହିଲା ରାଜୁ ଓ ଆନନ୍ଦ ଆବେଗରେ ବତକ ଛୁଆ ଡୋରା ଧାଇଁଲା ସେଇବାଟ ଦେଇ । ରାଜୁ ସେଇ ଗୋଟାଏ ଜାଗାରେ ଠିଆ ହୋଇ ଚାହିଁ ରହିଥାଏ ତା' ଯିବା ବାଟକୁ – ଯେତେବେଳ ଯାଏଁ ସେ ଆଖିରୁ ଅନ୍ତର ନ ହେଲା ସେତେବେଳ ଯାଏଁ ସେ ସେଇଠି ଠିଆହୋଇ ରହିଲା ।

ରାଜୁର ଏବେ ଗୃହ-ବାହୁଡ଼ା ପର୍ବ । ଭୟର ସଂଚାର ହେଉଛି; ଜାଣେ ନାହିଁ ଆଜି ତା' ଭାଗ୍ୟରେ କ'ଣ ଅଛି । ମା'ଙ୍କ ସାଙ୍ଗରେ ଅନେକ ସମୟ ହେଲାଣି ଦେଖାହୋଇନି । ଏହା ଭିତରେ ନିଶ୍ଚୟ ସିଏ ଘରକୁ ଫେରିଆସିଥିବେ । ସାତଟି ଯାକ ପିଠା ଅଦୃଶ୍ୟ, ଘରଯାକ ଜଳାର୍ଣ୍ଣବ, ସବୁକିଛି ଇତସ୍ତତଃ, ବିଶୃଙ୍ଖଳ । ଆଜି ସକାଳୁ ତ ଖୁବ୍ ଅସୁବିଧା ହୋଇଯାଇଛି, ସେସବୁ ତ ଏଯାଏ ସମାଧାନ ହୋଇନି । ଧୀରେ, ଅତି ସନ୍ତର୍ପଣରେ ସେ ଆଗକୁ ବଢ଼ିଲା, ଘର ଭିତରକୁ ପଶିଲା । ସମ୍ମୁଖରେହିଁ ମା' । ରାଜୁ ସଭୟରେ କହି ପକାଇଲା, ''ଖୁବ୍ ଭୁଲ୍ ଓ ଅନ୍ୟାୟ କରିଦେଇଛି ଆଜି ।''

ତା' କଥା ଶେଷ ହେବା ଆଗରୁ ମା' ତାକୁ ସ୍ନେହରେ କହିଲେ : ''କିଛି ଭୁଲ୍ କି ଅନ୍ୟାୟ ହୋଇନି, ପୁଅ ! ସବୁ ଠିକ୍ ହୋଇଛି ! ତାକୁ ଭୋକ ଲାଗିଥିଲା, ଆମ ଘରେ ଖାଇବାକୁ ଥିଲା, ତୁ ତାକୁ ଡାକି ଖୁଆଇଛୁ, ତାକୁ ଗାଧୋଇ ଦେଇଛୁ । ମୁଁ ତା' ଦେହ ପୋଛିଦେଇ ଲୁଗା ପିନ୍ଧାଇ ଦେଇଛି । ତୁ ତା'ର ଘରବାହୁଡ଼ାର ବାଟ ଖୋଜିଦେଇଛୁ । ଏଥିରେ ଅନ୍ୟାୟର କ'ଣ ଅଛି ? ଏଣିକି ତୋ କଥା – ତୋ ଖାଇବାର ବେଳ, ଖଣ୍ଡିଏ ମାତ୍ର ପିଠା ରହିଛି, ମୋ ପାଖରେ ବସି ଖାଆ ।''

ରାଜୁ ଅବାକ୍ ! ଭାବୁଥିଲା ସକାଳରୁହିଁ ସୁରତାଳ କେଉଁଠି ଅମେଳ ହୋଇଯାଇଛି, ଏ ପୁଣି କି କଥା, କେମିତି ଐକ୍ୟତାନ ଆସିଗଲା – ମେଳ ଖାଇଗଲା, ତା' ବି ମଧୁର ଭାବରେ ! କିଏ ଏକଥା ଜାଣିଥିଲା ? ଖଣ୍ଡେ ମାତ୍ର ପିଠା, ମା' ପାଖରେ ବସି ସେ ଖାଇଲା । ଅପୂର୍ବ ତା'ର ସ୍ୱାଦ ! ଜୀବନରେ ପ୍ରଥମ କରି ସେ ଆସ୍ୱାଦନ କଲା ଏଇ ଆହାରର ଆନନ୍ଦଟିକୁ, ସତରେ ଉପଭୋଗ୍ୟ ଥିଲା !

''ଜୀବନଟାହିଁ ଏଇଭଳି ହେବା ଉଚିତ । ସୁଖୀ ହେବାର ଉପାୟ ହେଉଛି – ନିଜେ ନମ୍ର, ଉଦାର, ସହୃଦୟ ହେବା ।''

ଏଇ ଶେଷକଥା ପଦକ ଶ୍ରୀମା'ଙ୍କର ନିଜର ଥିଲା । ଗଳ୍ପ ଶେଷ କରି ମା' ପଚାରିଲେ ପିଲାମାନଙ୍କୁ – ''କହିଲ ଦେଖି – ଏଥିରୁ କ'ଣ ଶିଖିଲ ପିଲାଏ ?'' ଟିକିଏ ସମୟ ଅପେକ୍ଷା କରି ହସି ହସି କହିଲେ ସିଏ ନିଜେ –

''ନମ୍ର ହୁଅ, ଉଦାର ହୁଅ, ସହୃଦୟ ହୁଅ ଏବଂ ତୁମେମାନେ ସୁଖ ଓ ସନ୍ତୋଷରେ ରୁହ ।''

ଅନୁଲେଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜୀ

❑❑❑

# କପେ କଫି

ଆଲୋକ ଓ ଜଳ ଫୁଆରାର ମହାନଗରୀ ଭେନିସ୍ ପାଖରେ ଗୋଟିଏ ଛୋଟିଆ ବଜାର । ଭାରତରୁ ଯାଇଥିବା ପର୍ଯ୍ୟଟକ ଓ ତାଙ୍କର ବନ୍ଧୁ ଗୋଟେ କଫି ଦୋକାନରେ କଫି ପିଉଥାଆନ୍ତି । ସେତିକିବେଳେ ଜଣେ ସ୍ଥାନୀୟ ଭଦ୍ରଲୋକ ଆସି ଅର୍ଡ଼ର ଦେଲେ, 'ଦି କପ୍ କଫି – ଗୋଟେ ମୋତେ ଦିଅ, ଆଉ ଗୋଟେ କାନ୍ଥକୁ ।' ଦୋକାନୀଟି କପେ କଫି ଆଣି ଟେବୁଲ ଉପରେ ଦେଲେ, ମାତ୍ର ଦୁଇ କପ୍‌ର ପଇସା ନେଇଗଲେ । ଭାରତୀୟ ଭଦ୍ରଲୋକ କିନ୍ତୁ କିଛି ବୁଝି ପାରିଲେ ନାହିଁ । ଏହାର କିଛି ସମୟ ପରେ ଦୁଇ ଜଣ ତରୁଣ ତରୁଣୀ ଆସିଲେ । ଅର୍ଡର ଦେଲେ – ତିନି କପ୍ କଫି, ଦୁଇଟା ଆମକୁ ଓ ଗୋଟେ କାନ୍ଥକୁ । ୱେଟର୍ ଦୁଇଟି କଫି ଦେଇ ତିନିଟିର ପଇସା ନେଇଗଲେ । ଭାରତୀୟ ଭଦ୍ରଲୋକ ଦୁହେଁ ଆଶ୍ଚର୍ଯ୍ୟ । ରହସ୍ୟ କ'ଣ ? ସେମାନେ ଲକ୍ଷ୍ୟ କଲେ ଆହୁରି କେତେଜଣ ଗ୍ରାହକ ଦୋକାନକୁ ଆସିଲେ ଓ ତାଙ୍କ ଭିତରୁ କେତେଜଣ 'କାନ୍ଥକୁ କଫି' ପିଆଇ ଚାଲିଗଲେ । ତେବେ ସବୁଥର, 'କାନ୍ଥକୁ କଫି' ପିଆଉଥିବା ଗ୍ରାହକ ଯିବା ପରେ ଦୋକାନୀ ଜଣକ କଫିତକ କାନ୍ଥରେ ଢାଳି ନଦେଇ ତାଙ୍କ ଡ୍ରୟାରରୁ ଗୋଟେ ସ୍ଲିପ୍ ବାହାର କରୁଥିଲେ ଓ ତହିଁରେ ଲେଖୁଥିଲେ 'ଗୋଟେ କପ୍ କଫି' । ସେଇ ସ୍ଲିପ୍‌କୁ କାନ୍ଥରେ ଟଙ୍ଗା ହୋଇଥିବା ଗୋଟେ କାଠପଟା ଦେହରେ ଲଗେଇ ଦେଉଥିଲେ ।

ସମୟ ହୋଇଯାଇଥିଲା । ଭାରତୀୟ ପର୍ଯ୍ୟଟକ ଜଣକ ବନ୍ଧୁଙ୍କ ସହ କଫି ଦୋକାନରୁ ଚାଲି ଆସିଲେ । ତେବେ ତାଙ୍କ ମନ ଭିତରେ ଏ କଥାଟି ଥାଏ । ଲୋକେ ଏଠି କାନ୍ଥକୁ କାହିଁକି କଫି ପିଆଉଛନ୍ତି ? ସେ ଦୋକାନୀ ଜଣକ ଏହି ଉପାୟରେ ଗ୍ରାହକଙ୍କୁ ଠକୁ ନାହିଁ ତ ? ପ୍ରାୟ ସପ୍ତାହେ ପରେ, ଆଉ ଏକ କାମରେ ତାଙ୍କୁ ସେହି ସହରକୁ ଯିବାକୁ ପଡ଼ିଲା । ସଞ୍ଜ ସମୟ । ସେ ଏକାକୀ କଫି ପିଇବାକୁ ସେହି ଦୋକାନକୁ ଗଲେ । କଫି ପିଉ ପିଉ ଦେଖିଲେ, ଜଣେ ଦରିଦ୍ର ଲୋକ ଦୋକାନକୁ ଆସି ଗୋଟେ ଟେବୁଲରେ ବସିଲେ । ଲୁଗାପଟା ମଳିନ, ବିପର୍ଯ୍ୟସ୍ତ । ଚେହେରାରୁ ଜଣାପଡୁଥାଏ, ସେ ଏଭଳି ଭଲ କଫି ଦୋକାନର ଗ୍ରାହକ ହେବା ପାଇଁ ସମର୍ଥ ନୁହନ୍ତି । ତେବେ ସେ ୱେଟର୍‌ଙ୍କୁ କହିଲେ, 'କାନ୍ଥରୁ କପେ କଫି ମୋତେ ଦିଅନ୍ତୁ ।' ଏଥର ସେ ୱେଟର୍ ଜଣକ କାନ୍ଥର ସେ ବୋର୍ଡ୍ ପାଖକୁ ଯାଇ ଗୋଟେ ସ୍ଲିପ୍ କାଢ଼ି ଆଣିଲା ଏବଂ କଫି କପେ ନେଇ ଦରିଦ୍ରଲୋକକୁ ଦେଲା । ଦରିଦ୍ର ଲୋକ ଜଣକ ଆତ୍ମବିଶ୍ୱାସର ସହ କଫି ପିଇ ଉଠିଗଲେ । ସେ ପଇସା ଦେଲେ ନାହିଁ । ତାଙ୍କ ଭିତରେ ନ୍ୟୁନ ଭାବ ନଥିଲା କିଂବା କଫି ଦୋକାନୀ ମନରେ ଅହଙ୍କାର । ଅନ୍ୟ ଗ୍ରାହକମାନଙ୍କୁ ସେ ଯେମିତି ସମ୍ମାନ ଜଣାନ୍ତି, ଏ ଦରିଦ୍ର ଗ୍ରାହକଙ୍କୁ ମଧ୍ୟ ସେମିତି ସମ୍ମାନ ଜଣାଇଲେ ।

ଏଥର କାନ୍ଥକୁ କଫି ପିଆଇବାର ରହସ୍ୟ ବୁଝିଗଲେ ଭାରତୀୟ ଭଦ୍ରଲୋକ । ସେହି ଦୋକାନକୁ କଫି ପିଇବାକୁ ଆସୁଥିବା ସହରର ସ୍ୱଚ୍ଛଳ ଗ୍ରାହକମାନେ ତାଙ୍କ ସହରର ଦରିଦ୍ର ଲୋକଙ୍କ ପାଇଁ ଏଭଳି ଅଭିନବ ବ୍ୟବସ୍ଥା କରିଛନ୍ତି । ସେମାନେ ନିଜ ପାଇଁ କଫି କିଣିବାବେଳେ ଆଉ ଗୋଟିଏ, ଦୁଇଟି କପ୍ କଫିର ପଇସା ଆଗୁଆ ଦେଇ ଯାଇଥାଆନ୍ତି । ଦୋକାନୀ ଜଣକ ସେତିକି କପ୍ କଫି ବିନା ମୂଲ୍ୟରେ ମିଳିବ ବୋଲି କାନ୍ଥର କାଠପଟା ଉପରେ ସ୍ଲିପ୍ ଲଗାଇ ଜଣାଇ ଦିଅନ୍ତି । ଦରିଦ୍ର ଲୋକ ଆସି ଦେଖନ୍ତି କାଠପଟା ଉପରେ ସ୍ଲିପ୍ ଲାଗିଛି । ସେ ଜାଣିଯାଆନ୍ତି, ତାଙ୍କୁ କପେ କଫି ବିନା ମୂଲ୍ୟରେ ମିଳିବ ।

ଏହି ଚମତ୍କାର ବ୍ୟବସ୍ଥା ଦେଖି ଭାରତୀୟ ଭଦ୍ରଲୋକଙ୍କ ଆଖି ଛଳଛଳ ହୋଇଗଲା । ଅଚିହ୍ନା ମଣିଷମାନଙ୍କ ପାଇଁ ଏଠିକା ଲୋକମାନଙ୍କର କି ଉଦାର ଆତିଥେୟତା, ଦୋକାନୀଙ୍କର କି ବିରଳ ସାଧୁତା ! ସେ ମନେ ମନେ ଭାବୁଥିଲେ, ଭାରତର ଦୋକାନ ବଜାରରେ ଏମିତି ବ୍ୟବସ୍ଥା ହୋଇପାରନ୍ତା କି ? ଦରିଦ୍ର , ଅସହାୟ ବୁଢ଼ାବୁଢ଼ୀମାନେ କପେ ଚା' କି କଫି ପିଇବା ସୁଖରୁ ବଞ୍ଚିତ ହୁଅନ୍ତେ ନାହିଁ ।

(ସୌଜନ୍ୟ : କଥାଟିଏ, ସୃଜନ : **ଗୌରହରି ଦାସ**)

❑❑❑

# ବିଶ୍ୱର ସର୍ବଶ୍ରେଷ୍ଠ ମୂଲ୍ୟବାନ୍ ବସ୍ତୁ

## (ଏକ ଡଚ୍ କିଂବଦନ୍ତୀ)

ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗ । ହଲାଣ୍ଡ ଉପକୂଳରେ ଷ୍ଟାଭୋରନ୍ ନାମକ ଏକ ବିଶାଳ ବନ୍ଦର । ଏହା ମଧ୍ୟଦେଇ ଯାତାୟାତ କରୁଥିଲା ଅନେକ ଜାହାଜ । ଏହାର ବ୍ୟବସାୟୀମାନେ ଥିଲେ ବିପୁଳ ସମ୍ପତ୍ତିର ଅଧିକାରୀ ଏବଂ ଧନଗର୍ବରେ ସେମାନେ ଥିଲେ ଅହଙ୍କାରୀ ଓ ଦାମ୍ଭିକ ।

ଏହି ବିତ୍ତଶାଳୀ ବଣିକମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପ୍ରାଚୁର୍ଯ୍ୟର ଅଧିକାରିଣୀ ଥିଲେ ଜଣେ ଉଦ୍ଧତ ମହିଳା । ବନ୍ଦରର ବ୍ୟବସାୟୀମାନେ ତାଙ୍କୁ ସମ୍ମାନରେ 'ମାନନୀୟା' ବୋଲି ସମ୍ବୋଧନ କରୁଥିଲେ ।

ଦିନେ ସେ ଜଣେ ବିଶ୍ୱସ୍ତ, ଦକ୍ଷ ଓ ବୃଦ୍ଧ କ୍ୟାପ୍ଟେନଙ୍କୁ ଡାକି ନିଜର ଏକ ବିଚିତ୍ର ଉଚ୍ଚାଭିଳାଷ ପ୍ରକାଶ କଲେ । ପ୍ରଥମେ କ୍ୟାପ୍ଟେନ କଥାଟିକୁ ଠିକ୍ ଭାବରେ ବୁଝିପାରିଲେ ନାହିଁ । ମାତ୍ର କ୍ଷଣକ ପରେ ମାନନୀୟା ଚଢ଼ାଗଳାରେ ଆଦେଶ ଦେଲେ, ''ଜାହାଜ ନେଇ ଦୂରଦେଶକୁ ଯାଅ ଏବଂ ମୋ ପାଇଁ ଏ ବିଶ୍ୱର ସର୍ବଶ୍ରେଷ୍ଠ ମୂଲ୍ୟବାନ୍ ବସ୍ତୁ ଆଣ ।''

କିନ୍ତୁ କ୍ୟାପ୍ଟେନ ବିଚଳିତ ହୋଇ ପଚାରିଲେ, ''ସେହି ସର୍ବଶ୍ରେଷ୍ଠ ମୂଲ୍ୟବାନ୍, ଦୁର୍ଲଭ ବସ୍ତୁଟି କ'ଣ ଏବଂ କେଉଁଠାରୁ ଏହା ମୁଁ ପାଇବି ?''

ମାନନୀୟା ବିରକ୍ତିଭରା ସ୍ୱରରେ ଉତ୍ତର ଦେଲେ, ''ଯଦି ଏହା ମୁଁ ଜାଣିଥାନ୍ତି, ତୁମକୁ କହିବା ପୂର୍ବରୁ ପାଇସାରିଥାନ୍ତି । ତୁମେ ଯାଅ । ପୃଥିବୀ ପରିଭ୍ରମଣ କରି ଏହାକୁ ଆବିଷ୍କାର କର ।''

କିନ୍ତୁ କ୍ୟାପ୍ଟେନ ତଥାପି ବି ଠିକ୍ ଭାବରେ କଥାଟା ବୁଝିପାରିଲେ ନାହିଁ ।

ମାନନୀୟା ଦୃଢ଼ ସ୍ୱରରେ କହିଲେ, ''ଦେଖ କ୍ୟାପ୍ଟେନ, ମୁଁ ଏପରି ଏକ ପ୍ରାସାଦ ନିର୍ମାଣ କରିବି, ଯାହା ମୋର ପ୍ରତିଯୋଗୀ ବ୍ୟବସାୟୀମାନେ ଦେଖିବା ଦୂରେ ଥାଉ, କେବେ କଳ୍ପନା ବି କରି ନଥିବେ । ଆଉ ଜାଣ ! ସେହି ଚମତ୍କାର ପ୍ରାସାଦରେ ରହିବ ବିଶ୍ୱର ସର୍ବଶ୍ରେଷ୍ଠ ମୂଲ୍ୟବାନ୍ ବସ୍ତୁ ।

''ତୁମେ ଖୁବ୍ ଅଭିଜ୍ଞ । ଏ ଦିଗରେ ତୁମେହିଁ କେବଳ ମୋତେ ସାହାଯ୍ୟ କରିପାରିବ । ଅବଶ୍ୟ ଏଥିନିମନ୍ତେ ମୁଁ ତୁମକୁ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ କରାଇବି । ହଁ, ମନେରଖ, ଯଦି ତୁମେ ଏଥିରେ ଅକୃତକାର୍ଯ୍ୟ ହୁଅ, ତୁମେ କିଂବା ତୁମର ଜାହାଜ କେବେ ବି ଷ୍ଟାଭୋରନ୍ ବନ୍ଦର ମଧ୍ୟକୁ ପ୍ରବେଶ କରିପାରିବ ନାହିଁ ।''

କ୍ୟାପ୍ଟେନ ନତମସ୍ତକ ହୋଇ ନୀରବରେ ଏଥିରେ ସମ୍ମତି ଜଣାଇଲେ ଏବଂ ତା' ପରଦିନ ଏହି ଅଜଣା ଚମତ୍କାର ବସ୍ତୁ ଅନ୍ୱେଷଣରେ ଜାହାଜ ସହ ବନ୍ଦରରୁ ପ୍ରସ୍ଥାନ କଲେ ।

ଦିନ ପରେ ଦିନ, ମାସ ପରେ ମାସ ଅତିକ୍ରାନ୍ତ ହେଲା । ଷ୍ଟାଭୋରନ୍‌ର ବ୍ୟବସାୟୀ ମହଲ ଜାଣିଥିଲେ କ୍ୟାପ୍ଟେନଙ୍କର ଏହି ଅନୁସନ୍ଧାନର କଥା । ସେମାନଙ୍କ ମଧ୍ୟରେ ଏ ବିଷୟରେ ଚର୍ଚ୍ଚା ବି ଚାଲିଥିଲା ।

କିଏ କହିଲା, ''ଏଭଳି ଜଣେ ଅଭିଜ୍ଞ କ୍ୟାପ୍ଟେନ ହୀରାରେ ତିଆରି ମାନନୀୟାଙ୍କର ଏକ ବିରାଟ ପ୍ରତିମୂର୍ତ୍ତି ଉପହାର ଦେବେ ।''

ଆଉ କିଏ କହିଲା, ''ନା, ନା, ସେ ସୁନାରେ ତିଆରି ଏକ ଚମକପ୍ରଦ ସୁନ୍ଦର ଜାହାଜ ପ୍ରଦାନ କରିବେ ।''

ଲୋକଙ୍କ ମଧ୍ୟରେ ଏହିପରି ନାନା ଆଲୋଚନା ଓ ଯୁକ୍ତି ଚାଲିଲା । ଏସବୁ କଳ୍ପନା ଓ ଗୁଜବ ମାନନୀୟାଙ୍କ କାନରେ ପଡ଼ିଲା । ଅବଶ୍ୟ ସେ ଏଥିରେ ଖୁବ୍ ଆମୋଦିତ ହେଲେ ଏବଂ ମନେ ମନେ ଭାବିଲେ, ''ଆଃ ! କେତେବେଳେ ସେ ଆନନ୍ଦର ମୁହୂର୍ତ୍ତ ଆସିବ ଯେତେବେଳେ କ୍ୟାପ୍ଟେନ ସେହି ସ୍ୱପ୍ନର ଜିନିଷଟି ଆଣିବେ । ଲୋକମାନେ ମୋତେ ସତରେ କେତେ ଈର୍ଷା ନ କରିବେ !''

ସମସ୍ତ କଳ୍ପନାର ପରିସମାପ୍ତି ଘଟାଇ ଏହି ପ୍ରତୀକ୍ଷିତ ମୁହୂର୍ତ୍ତ ଆସିଲା । ଦିନେ ବନ୍ଦର ମଧ୍ୟରେ ପ୍ରବେଶ କଲା କ୍ୟାପ୍ଟେନଙ୍କ ଜାହାଜ ।

ଷ୍ଟାଭୋରନ୍‌ର ଲୋକମାନେ ନଦୀର ସ୍ରୋତ ପରି ସମୁଦ୍ର କୂଳକୁ ମାଡ଼ି ଆସିଲେ । ସେଠାରେ ସମସ୍ତେ ରୁଣ୍ଡ ହୋଇ ଏକ ଅଜଣା କୌତୂହଳ ଭରା ଆଗ୍ରହରେ ଜାହାଜଆଡ଼େ ଦୃଷ୍ଟି ନିକ୍ଷେପ କଲେ । ସେତେବେଳେ ମାନନୀୟା ତାଙ୍କର ସବୁଠାରୁ ଦାମୀ

ପୋଷାକ ପରିଧାନ କରି ଅପୂର୍ବ ବେଶରେ ବନ୍ଦର ଅଭିମୁଖେ ଆଗମନ କରିବାର ଦେଖାଗଲା ।

କ୍ୟାପ୍‌ଟେନ ଜାହାଜରୁ ବାହାରି ଆସିଲେ । ତାଙ୍କର ପ୍ରଶାନ୍ତ ମୁଖମଣ୍ଡଳରେ ଆତ୍ମସନ୍ତୋଷର ଭାବ । ସେ ମାନନୀୟାଙ୍କୁ ନମସ୍କାର କରି ବିନୀତ ଭାବରେ କହିଲେ, ''ଆପଣ ଯାହା ଚାହୁଁଥିଲେ, ତାହା ଆଣିଛି । ବିଶ୍ୱର ସର୍ବଶ୍ରେଷ୍ଠ ମୂଲ୍ୟବାନ୍ ବସ୍ତୁ ।''

ଅତିଶୟ ଉଲ୍ଲସିତ ହୋଇ ଉଠିଲେ ମାନନୀୟା । ତାଙ୍କ ଆବେଗର ଉତ୍ତେଜନାକୁ ଚାପିଧରି ସେ ପ୍ରଶ୍ନ କଲେ, ''କ୍ୟାପ୍‌ଟେନ ସେହି ଜିନିଷଟି କ'ଣ ?''

କ୍ୟାପ୍‌ଟେନ ହସିଲା ମୁଖରେ ଧୀରେ ଉତ୍ତର ଦେଲେ, ''ମୁଁ ପୃଥିବୀର ଅନେକ ଦେଶ ପରିଭ୍ରମଣ କଲି । ଅନେକ ବନ୍ଦର ବୁଲିଲି । ବହୁ ଆଶ୍ଚର୍ଯ୍ୟଜନକ ଜିନିଷ ଦେଖିଲି । ମାତ୍ର କେଉଁଟା ବି ସବୁଠାରୁ ମୂଲ୍ୟବାନ୍ ବସ୍ତୁ ବୋଲି ମୋର ମନେ ହେଲା ନାହିଁ । ସର୍ବଶେଷରେ ଡାନ୍‌ଜିଗ୍ ସହରରେ ଏହି ଜିନିଷର ସନ୍ଧାନ ପାଇଲି । ମନେ ମନେ ବହୁତ ହସିଲି । ଆହା ! ପ୍ରଥମରୁହିଁ ଏହାକୁ ମୁଁ ଜାଣିବା ଦରକାର ଥିଲା ।''

ମାନନୀୟାଙ୍କର ଧୈର୍ଯ୍ୟଚ୍ୟୁତି ହେଉଥିଲା । ସେ ଉତ୍କଣ୍ଠିତ ଭାବରେ ପଚାରିଲେ, ''କିନ୍ତୁ କ୍ୟାପ୍‌ଟେନ, ସେହି ଜିନିଷଟି କ'ଣ ?''

କ୍ୟାପ୍‌ଟେନ ବିହ୍ୱଳିତ ହୋଇ ଆନନ୍ଦରେ କହିଉଠିଲେ, ''ଗହମ । ମୋ ଜାହାଜ ସୁନେଲି ଗହମରେ ପୂର୍ଣ୍ଣ ହୋଇଛି ।''

''ଗହମ ! କ'ଣ କହିଲ ? ଗ...ହ...ମ !'' ବିରକ୍ତିଭରା ସ୍ୱରରେ ସେ କ୍ୟାପ୍‌ଟେନଙ୍କ କଥା ବାରଂବାର ଦୋହରାଇଲେ ।

''ହଁ, ମାନନୀୟା, ହଁ । ଏ ପୃଥିବୀରେ ଗହମ ଅପେକ୍ଷା ଅଧିକ ମୂଲ୍ୟବାନ୍ ବସ୍ତୁ ଆଉ କ'ଣ ଥାଇପାରେ ? ପ୍ରତ୍ୟେକ ଦିନର ଖାଦ୍ୟ ବିନା ବିଶ୍ୱର ସମସ୍ତ ସମ୍ପତ୍ତିର ମୂଲ୍ୟ ବା କ'ଣ ?'' କ୍ୟାପ୍‌ଟେନ ଆନନ୍ଦରେ ପୁଲକିତ ହୋଇ ଉତ୍ତର ଦେଲେ ।

ଏ କଥୋପକଥନ ଶୁଣି ପଶ୍ଚାତରେ ଥିବା ଜନତାଙ୍କର ଚାଲିଲା ମୃଦୁ କୋଳାହଳ ଜନିତ ଚାପା ହସ ।

ମନ ପସନ୍ଦର ଜିନିଷ ନ ପାଇବାର ଦୁଃଖରେ ଏବଂ ଜନତାଙ୍କ ସମ୍ମୁଖରେ ଅପମାନ ବୋଧ କରିବାର କ୍ରୋଧରେ ମାନନୀୟାଙ୍କର ସ୍ୱର ଗର୍ଜି ଉଠିଲା, ''ଯଥାଶୀଘ୍ର ଏ ଗହମ ସବୁକୁ ସମୁଦ୍ର ପାଣିରେ ଫୋପାଡ଼ି ଦିଅ ।''

''କ'ଣ କହିଲେ ?'' ବିସ୍ମୟରେ କ୍ୟାପ୍‌ଟେନ ଚିତ୍କାର କରି ଉଠିଲେ । ''ମୁଁ ଆଦେଶ ଦେଲି ଗୋଟି ଗୋଟି କରି ସମସ୍ତ ଗହମ ଏଇ ସମୁଦ୍ର ଭିତରକୁ ଫୋପାଡ଼ି ଦିଅ ।'' ଥରି ଥରି କଠୋର କଣ୍ଠରେ କହିଲେ ମାନନୀୟା ।

''ଆପଣ କ'ଣ କହୁଛନ୍ତି, ଆଉ ଥରେ ବିଚାର କରନ୍ତୁ,'' ବିଷଣ୍ଣ ଓ ଉଦାସ ସ୍ୱରରେ କ୍ୟାପ୍‌ଟେନ ଅନୁରୋଧ କଲେ ।

''ଯଦି ଏ ସହରରେ ଧନୀମାନଙ୍କର ପ୍ରଚୁର ଖାଦ୍ୟ ଅଛି ବୋଲି ଆପଣ ଭାବୁଛନ୍ତି ତା'ହେଲେ ଏହାକୁ ଦରିଦ୍ର ଓ କ୍ଷୁଧିତ ଜନତାଙ୍କୁ ବିତରଣ କରନ୍ତୁ । ଏହାବ୍ୟତୀତ ଆପଣ ବି ଦିନେ ନା ଦିନେ ଏହା ଆବଶ୍ୟକ କରିପାରନ୍ତି ।''

''ମୁଁ ? ମୁଁ ଦିନେ ଏହି ମୂଲ୍ୟହୀନ ବସ୍ତୁ ଆବଶ୍ୟକ କରିବି ?'' ତାଚ୍ଛଲ୍ୟରେ ଅଟ୍ଟହାସ୍ୟ କରି ଉଠିଲେ ମହାମାନ୍ୟା ମାନନୀୟା ।

ନିଜ ଅଙ୍ଗୁଳିରୁ ମଣିଖଚିତ ଏକ ମୁଦ୍ରିକା ବାହାର କରି ବେଖାତିର ଭାବେ ନିକ୍ଷେପ କଲେ ସମୁଦ୍ରର ଅନନ୍ତ ଜଳରାଶି ମଧ୍ୟକୁ । ଅହଙ୍କାରରେ ଫାଟି ପଡ଼ୁ ପଡ଼ୁ କହିଉଠିଲେ, ''ଭବିଷ୍ୟତରେ ମୁଁ ଯଦି କିଛି ଆବଶ୍ୟକ କରିବି, ଏହି ମୁଦ୍ରିକା ପୁଣି ବନ୍ଦର ମଧ୍ୟକୁ ଫେରିଆସିବ ।''

ମର୍ମାହତ କ୍ୟାପ୍‌ଟେନଙ୍କର ଛାତିତଳୁ ଫାଙ୍କା ନିଃଶ୍ୱାସଟାଏ ବାହାରି ଆସିଲା । କିଂକର୍ତ୍ତବ୍ୟବିମୂଢ଼ ଭାବରେ ସେ ଥରେ ଅନାଇଲେ, ରାଗରେ ଲାଲ ହୋଇଥିବା ମାନନୀୟାଙ୍କ ମୁଖମଣ୍ଡଳ ଆଡ଼କୁ, ଆଉ ଥରେ ବିଶ୍ୱର ସର୍ବଶ୍ରେଷ୍ଠ ମୂଲ୍ୟବାନ୍ ବସ୍ତୁ ପୂର୍ଣ୍ଣ ଥିବା ଜାହାଜ ଆଡ଼କୁ ।

ଉପାୟହୀନ ହୋଇ ଭଗ୍ନ ମନୋରଥରେ ଖଲାସୀମାନଙ୍କୁ ଡାକି ସେ ନିର୍ଦ୍ଦେଶ ଦେଲେ, ''ଏ ସମସ୍ତ ଗହମ ବନ୍ଦର ମଧ୍ୟକୁ ନିକ୍ଷେପ କର ।''

ଅବିଳମ୍ବେ ତାହା ହିଁ ପାଳନ କରାଗଲା । ତା'ପରେ କ୍ୟାପ୍‌ଟେନ ଚିରଦିନ ଲାଗି ତାଙ୍କ ଜାହାଜ ସହ ବିଦାୟ ନେଲେ ଷ୍ଟାଭୋରନ୍ ବନ୍ଦରଠାରୁ । କେବେ ବି ଆଉ ସେଠାକୁ ତାଙ୍କର ପ୍ରତ୍ୟାବର୍ତ୍ତନ କରିବା ହେଲା ନାହିଁ ।

ତା'ପରଦିନ ମାନନୀୟା ଏକ ସ୍ୱତନ୍ତ୍ର ଭୋଜିର ଆୟୋଜନ କଲେ । ଏଥିରେ ଯୋଗ ଦେଇଥିଲେ ଷ୍ଟାଭୋରନ୍‌ର ଧନୀ ବ୍ୟବସାୟିଗଣ । ମାନନୀୟା ଦେଖାଇବାକୁ ଚାହୁଁଥିଲେ ଯେ ତାଙ୍କର ଗର୍ବ କରିବାର ସମସ୍ତ କାରଣ ରହିଛି ।

ଭୋଜି ପର୍ବରେ ଏକ ବିରାଟ ଭଜା ମାଛକୁ ସେ

କାଟିବାକୁ ଆରମ୍ଭ କରନ୍ତେ, ମାଛର ମୁଖରେ କିଛି ଲଟ୍‌କିଲା ପରି ମନେ ହେଲା । ସେ ସେହି ଜିନିଷଟିକୁ ବାହାର କରି ଆଣି ହାତରେ ଧରିଲେ । ଆଶ୍ଚର୍ଯ୍ୟ ! ଅତିଥିବର୍ଗ ଅବାକ୍ ହୋଇଗଲେ ଏ ଦୃଶ୍ୟରେ । ମାନନୀୟାଙ୍କ ମୁଖମଣ୍ଡଳ ହଠାତ୍ ମଳିନ ପଡ଼ିଗଲା । ଏ କ'ଣ ? ସ୍ୱପ୍ନ ନା ବାସ୍ତବ ? ସମସ୍ତଙ୍କ ସାମନାରେ ତାଙ୍କ ହାତରେ ଝଲସି ଉଠୁଥିଲା ନିଜର ଗତକାଲିର ନିକ୍ଷିପ୍ତ ସେହି ମଣିଖଚିତ ମୁଦ୍ରିକା !

କେତୋଟି ସପ୍ତାହ ଅତିକ୍ରାନ୍ତ ହେଲା ।

ବନ୍ଦର ମୁଖରେ ଜଳଧାରା ତଳେ ବାଲିର ପାହାଡ଼ ସୃଷ୍ଟି ହୋଇଗଲା । ନିମଜ୍ଜିତ ଗହମ ସବୁରୁ ଗଜା ହୋଇଥିଲା ଏବଂ ତାହା ବାଲିକୁ ଧରି ରଖିଥିଲା ଦୃଢ଼ ଭାବରେ ।

ଅଳ୍ପ କିଛିଦିନ ମଧ୍ୟରେ ଦେଖାଗଲା – ବଡ଼ ବଡ଼ ଜାହାଜମାନ ଆଉ ବନ୍ଦର ମଧ୍ୟକୁ ପ୍ରବେଶ କରିପାରୁ ନାହାନ୍ତି । ପୋତାଶ୍ରୟଟି ନଷ୍ଟ ହୋଇଯାଇଛି । ଏଥିସହ ଭୂମିସାତ୍ ହୋଇଛି ବିଭବଶାଳୀ ନଗରର ସୌଭାଗ୍ୟ ଆକାଶ । ମାନନୀୟାଙ୍କ ସମେତ ଅନ୍ୟାନ୍ୟ ଅନେକ ବ୍ୟବସାୟୀ ହରାଇଛନ୍ତି ସେମାନଙ୍କର ବ୍ୟବସାୟ ।

ଏବେ ବନ୍ଦରର ମୁଖକୁ ବାଲିର ପିଣ୍ଡ ଅବରୋଧ କରିଛି । ଏହା 'ମାନନୀୟାର ବାଲି' ନାମରେ ଲୋକ ମୁଖରେ ପ୍ରଚଳିତ ।

ଏକଦା କିପରି ଜଣେ ବିକାରଗ୍ରସ୍ତ, ଅହଙ୍କାରୀ ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ମୂଲ୍ୟବାନ୍ ବସ୍ତୁକୁ ଅବଜ୍ଞା କରିଥିଲା, ଘୃଣା କରିଥିଲା – ଏହା ତାହାର ସ୍ମାରକୀ ହୋଇ ରହିଛି ।

ଅନୁସୃଜନ : **ସୂର୍ଯ୍ୟକାନ୍ତି ମହାନ୍ତି**

❑❑❑

## ଅନୁଭବ ଓ ଅନୁଦାନ

ରବି ଏବଂ ଶ୍ୟାମଳ ସହପାଠୀ ଥିଲେ । ପାଠପଢ଼ା ଶେଷ ହେବା ପରେ ରବି ଜଣେ ସମାଜସେବୀ ଭାବରେ ଦିନ ବିତାଉଥାଏ । ପଙ୍ଗୁ, ମୂକ, ବଧିର ଇତ୍ୟାଦିଙ୍କ ସେବା ନିମନ୍ତେ ସେ ଗୋଟିଏ ପ୍ରତିଷ୍ଠାନ ଗଢ଼ିଥାଏ ।

ଶ୍ୟାମଳ ବ୍ୟବସାୟ କରି ବହୁତ ଧନ ଅର୍ଜିଥାଏ । କିନ୍ତୁ ସଙ୍ଗେ ସଙ୍ଗେ କୃପଣ ଭାବରେ କୁଖ୍ୟାତି ମଧ୍ୟ ଅର୍ଜି ଥାଏ ।

ଶୀତ ଋତୁ । ଦିନେ ସନ୍ଧ୍ୟାବେଳେ ବହୁଦିନ ପରେ ରବି ଆସି ଶ୍ୟାମଳ ଘରେ ପହଞ୍ଚିଲା । ଶ୍ୟାମଳର ବୈଠକଖାନା ବିଦ୍ୟୁତ୍ ଚୁଲି ଯୋଗେ ଉଷୁମ ହୋଇ ରହିଥାଏ । ଦୁଇ ବନ୍ଧୁ ପ୍ରାୟ ଘଣ୍ଟାଏ କାଳ କଥାବାର୍ତ୍ତା ହେବା ପରେ ରବି ଯିବା ପାଇଁ ପ୍ରସ୍ତୁତ ହେଲା । ଶ୍ୟାମଳ ତାକୁ ଛାଡ଼ିବାକୁ ବାରନ୍ଦାକୁ ଗଲା ।

ରବି କୌଣସି ଗୋଟାଏ ଘଟଣା ଗପିବାକୁ ଲାଗିଲା । ଦଶ ମିନିଟ ଗଲା । ସେ ଗରମ ଚଦର ଘୋଡ଼ି ହୋଇଥାଏ । କିନ୍ତୁ ଶ୍ୟାମଳ ଦେହରେ ଥିଲା ଖାଲି ଗେଞ୍ଜି । ସେ ତ ବନ୍ଧୁକୁ ବିଦାୟ ଦେବାକୁ ବାହାରି ଆସିଥିଲା ଅଧ ମିନିଟ ପାଇଁ ।

କିନ୍ତୁ ରବିର ଗପ ଶେଷ ହେଉ ନଥାଏ । ଶ୍ୟାମଳ ବାରଂବାର କହୁଥାଏ, ''ଚାଲ, ଭିତରେ ବସି ଗପିବା ।''

''ନା, ନା, ହେଇଟି ମୁଁ ଯାଉଛି ।'' ଏହା କହି ରବି ପୁଣି କିଛି କଥା ଆରମ୍ଭ କରୁଥାଏ । ଶ୍ୟାମଳ ଶେଷକୁ ଧୈର୍ଯ୍ୟ ହରାଇ କହିଲା, ''ଆରେ ଭାଇ, ଶୀତରେ ମୋ ରକ୍ତ ହିମ ହୋଇ ଗଲାଣି । ଚେତନା ହରାଇବି କି କ'ଣ । ଚାଲ ଭିତରକୁ ।''

''ନା, ନା, ମୁଁ ଯାଉଛି । ହଁ, ଯାହା କହିବାକୁ ଆସିଥିଲି କହି ନାହିଁ । ତୁ ଆମ ଅନାଥାଶ୍ରମ ପାଇଁ ଶହେ କମ୍ବଳ କିଣିଦେ ।'' ରବି କହିଲା ।

''ତୁ ଏତକ କଥା ପ୍ରଥମରୁ କହିଥିଲେ ତ ହୋଇଥା'ନ୍ତା !'' ଶ୍ୟାମଳ ମୃଦୁ ଭର୍ତ୍ସନା ଭଙ୍ଗୀରେ କହିଲା ।

''ନା ଭାଇ, ହୁଏତ ହୋଇ ନଥା'ନ୍ତା । ଶୀତ କେତେ କଷ୍ଟ ଦିଏ, ସେତକ ତୋତେ ଏଠି ଠିଆ କରାଇ ବୁଝାଇଦେବା ଦରକାର ଥିଲା । ଅନୁଭବ କଲେ ଯାଇ ଅନୁଦାନ ପାଇଁ ତୋର ଆଗ୍ରହ ହେବ ।'' ରବି ହସି ହସି କହିଲା । ❑

# ଈଶ୍ୱର ଅଛନ୍ତି

ମେଜରଙ୍କ ନେତୃତ୍ୱରେ ପନ୍ଦରଜଣିଆ ସୈନ୍ୟ ଦଳଟି ହିମାଳୟର ସେଇ ଦୁର୍ଗମ ଇଲାକାରେ ତିନିମାସ ପହରା ଦେବା ନିମନ୍ତେ ଯାଉଥାଏ । ଏମାନେ ପହଞ୍ଚିଲେ ପୂର୍ବରୁ ସେଠାରେ ଥିବା ସୈନିକ ଅନ୍ୟତ୍ର ଯିବେ ।

ପାହାଡ଼ ଉପରକୁ ଯାଇଥିବା ରାସ୍ତା ଆବୁଡ଼ା ଖାବୁଡ଼ା ଓ ବିପତ୍‌ପୂର୍ଣ୍ଣ । ସମସ୍ତେ ଥକି ପଡ଼ିଥା'ନ୍ତି । ମେଜର୍ ଭାବୁ-ଥାଆନ୍ତି, ଏ ଘୋର ଥଣ୍ଡା ପାଗରେ ଯଦି କପେ କପେ ଗରମ ଚା' ମିଳନ୍ତା ତାହାହେଲେ ଦେହରେ ଜୀବନ ପଶନ୍ତା ।

ସେତେବେଳକୁ ସୈନିକମାନେ ନିରବଚ୍ଛିନ୍ନଭାବେ ତିନି ଘଣ୍ଟା ଚାଲି ସାରିଲେଣି । ଅପରାହ୍ଣର ଆଲୋକରେ କିଛି ଦୂରରୁ ଗୋଟେ ଛୋଟିଆ ଚାଳିଆ ଦିଶୁଥିଲା, ଯେଉଁଟା ଚା' ଦୋକାନ ପରି ଲାଗୁଥିଲା । ସୈନ୍ୟମାନେ ପାଖକୁ ଯାଇ ଦେଖିଲେ, ମାତ୍ର ସେଇଟି ବନ୍ଦ ଥିଲା ।

ସେମାନେ କିଛି ସମୟ ସେଠାରେ ଅଟକିଲେ । ଜଣେ କାଠପଟା କାନ୍ଥର ଛିଦ୍ର ଦେଇ ଅନେଇଲା, ଭିତରେ ଚା', ଚିନି ଓ ଚୁଲି ଥିବା ପରି ଲାଗୁଛି । ସେମାନେ ଚାବିଟି ଭାଙ୍ଗି ଦୋକାନରେ ପଶିବା ପାଇଁ ମେଜରଙ୍କୁ ଅନୁମତି ମାଗିଲେ ।

ମେଜର୍ ଦ୍ୱିଧାରେ ପଡ଼ିଲେ । କ'ଣ କରିବେ ? ଶେଷକୁ କହିଲେ, 'ହେଉ' ।

ସୈନିକମାନେ ଯାଇ ଚା' ତିଆରି କଲେ । ତାଙ୍କ ସୌଭାଗ୍ୟକୁ ଦୋକାନରେ କିଛି ବିସ୍କୁଟ ପ୍ୟାକେଟ୍ ଥିଲା ।

ସତକୁ ସତ ପିଣ୍ଡରେ ପ୍ରାଣ ପଶିଲା । ଏହାପରେ ସେମାନେ ତାଙ୍କ ଯାତ୍ରାରେ ବାହାରିବେ । ମେଜର୍ ସମସ୍ତଙ୍କୁ ଆଗରେ ଯିବାକୁ କହି ନିଜ ପକେଟରୁ ହଜାରେ ଟଙ୍କିଆ ନୋଟଟି କାଢ଼ିଲେ ଓ ଚା' ଦୋକାନର ଚିନି ଡବା ତଳେ ସେଇଟି ଥୋଇଦେଇ ଆଗକୁ ପାଦ ବଢ଼େଇଲେ ।

କ୍ୟାମ୍ପରେ ତିନିମାସ ବିତିଗଲା ।

ଏବେ ସେମାନେ ସେଇବାଟ ଦେଇ ଫେରୁଥିଲେ । ଫେରିବା ବାଟରେ ମେଜର୍ ଲକ୍ଷ୍ୟ କଲେ, ସେଇ ଚା' ଦୋକାନଟି ଖୋଲା ଅଛି । ସେମାନେ ଦୋକାନୀଠାରୁ ଚା' କିଣି ପିଇଲେ । ଜଣେ ସୈନିକ ଦୋକାନୀକୁ ପଚାରିଲେ, ''କେମିତି ଅଛନ୍ତି ?''

ଦୋକାନୀ କହିଲା, ''ଈଶ୍ୱରଙ୍କ ଦୟାରୁ ଭଲରେ ଅଛି ।''

ସୈନିକଟି କହିଲା, ''ଈଶ୍ୱର କାହାନ୍ତି ମଉସା ? ସେ ଥିଲେ କ'ଣ ତୁମକୁ ଏମିତି ଅପନ୍ତରା ପାହାଡ଼ ଉପରେ ପକେଇ ଥାଆନ୍ତେ ?''

ବୁଢ଼ା ଚା' ଦୋକାନୀ ପ୍ରତିବାଦ କଲା, ''ସେକଥା କୁହନା ବାବୁ । ଏଇ ତିନି ମାସ ତଳର କଥା । ମୋ ପୁଅକୁ ଆତଙ୍କବାଦୀ ସନ୍ଦେହରେ ଆର୍ମିବାଲା ଧରି ନେଇ ମିଛଟାରେ ମାରିଲେ । ମୁଁ ସେଦିନ ଶୀଘ୍ର ଦୋକାନ ବନ୍ଦ କରି ତା' ପାଇଁ ଔଷଧ କିଣିବା ପାଇଁ ଗଲି । କିନ୍ତୁ ମୋ ପାଖେ ପଇସା ନଥାଏ । ଆର୍ମି ଯାହାର ପୁଅକୁ ଆତଙ୍କବାଦୀ କହି ଧରି ନେଇଥିବ, ତାକୁ ପାଖ ପଡ଼ିଶା ତ କରଜ ଦିଅନ୍ତି ନାହିଁ । ମୋ ବୁଦ୍ଧି ହଜିଗଲା । ମୁଁ ବିକଳରେ ଈଶ୍ୱରଙ୍କୁ ଡାକିଲି । ସଞ୍ଜବେଳକୁ ମୁଁ ଦୋକାନକୁ ଫେରି ଦେଖେ ତ ଚିନି ଡବା ତଳେ ଈଶ୍ୱର ହଜାରେ ଟଙ୍କା ରଖିଦେଇ ଯାଇଛନ୍ତି ।''

ବୁଢ଼ାର କଥା ଶୁଣି ସୈନ୍ୟମାନେ ସେଦିନର କଥା କହି ଦେବାକୁ ଯାଉଥିଲେ । ମାତ୍ର ମେଜର୍ ଆଖି ଇସାରାରେ ସେମାନଙ୍କୁ ନିର୍ଦ୍ଦେଶ ଦେଲେ, 'କିଛି କୁହ ନାହିଁ ।'

ଚା'ପିଆ ସରିଥିଲା । ମେଜର୍ ଓ ତାଙ୍କ ଦଳ ପଇସା ଦେଇ ଦୋକାନୀଠାରୁ ବିଦାୟ ନେଲେ । ଯିବା ଆଗରୁ ବୁଢ଼ାଟିକୁ ଆଲିଙ୍ଗନ କରି ମେଜର୍ କହିଲେ, 'ହଁ ଈଶ୍ୱର ଅଛନ୍ତି ।' ଏକଥା କହିବା ବେଳେ ତାଙ୍କ ଆଖି ଜକେଇ ଆସୁଥିଲା । ସେତେବେଳକୁ ସାଥୀ ସୈନିକମାନେ ମଧ୍ୟ ଉପଲବ୍ଧି କଲେଣି ଯେ ଈଶ୍ୱର ଅଛନ୍ତି । ତାହାଠୁ ବଳି ଆଉ ଗୋଟେ କଥା ସେମାନେ ଅନୁଭବ କରୁଥାଆନ୍ତି – ଆମ ସମସ୍ତଙ୍କ ଭିତରେ ଅନ୍ୟ ପାଇଁ ଈଶ୍ୱର ପାଲଟିବାର ସାମର୍ଥ୍ୟ ରହିଛି ।

(ସୌଜନ୍ୟ : କଥାଟିଏ, ସୃଜନ : **ଗୌରହରି ଦାସ**)

❑❑❑

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ :** ଦୁଃଖତାପପୀଡ଼ିତ ମାନବଙ୍କୁ ଉଦ୍ଧାର କରିବା ସକାଶେ ମା' ପୃଥିବୀରେ ଅବତୀର୍ଣ୍ଣା ହୋଇଅଛନ୍ତି । ତାଙ୍କ ଆଶୀର୍ବାଦ ପୃଥିବୀରେ ବର୍ଷା ହେଉଅଛି । କିନ୍ତୁ ଜନ୍ମଦିନରେ ଅଥବା ଫଟୋରେ ଆଶୀର୍ବାଦ ନେବାକୁ ହେଲେ କିଂବା ଅନ୍ୟ କୌଣସି କାରଣରୁ ମା'ଙ୍କ ଆଶୀର୍ବାଦ ଚାହିଁଲେ କିଂବା ମା'ଙ୍କ ଦର୍ଶନକୁ ଗଲେ ପ୍ରଣାମି (ଅର୍ଥ) କାହିଁକି ମା'ଙ୍କ ଚରଣରେ ନିବେଦନ କରାହୁଏ ?

**ଉତ୍ତର :** ବ୍ୟକ୍ତିର ସମସ୍ତ ଦ୍ୱାର ସ୍ୱାର୍ଥ, କାମ, କ୍ରୋଧ, ହିଂସା ଦ୍ୱାରା ବନ୍ଦ ଥାଏ । ଭଗବାନଙ୍କ କୃପା-ପ୍ରବେଶର ପଥ ନ ଥାଏ । ମନ ଅଥବା ଅର୍ଥ (ଧନ) ମା'ଙ୍କ ଚରଣରେ ନିବେଦନ କଲେ ତା' ସତ୍ତାର ଆବରଣରେ ଟିକିଏ ମାର୍ଗ ଉନ୍ମୁକ୍ତ ହୁଏ । ସେହି ମାର୍ଗରେ ମା'ଙ୍କ କୃପା ପ୍ରବେଶ କରେ । ବ୍ୟକ୍ତି କିଛି ନ ଦେଲେ କିଛି ପାଇପାରେ ନାହିଁ । ସେ ଦିଏ ନିଜେ ପାଇବା ସକାଶେ, ଭଗବାନଙ୍କର ଉପକାର ସକାଶେ ନୁହେଁ । ବ୍ୟକ୍ତି ପକ୍ଷେ ମନ ଦେବା ସମ୍ଭବ ନୁହେଁ; ମନ ସ୍ୱେଚ୍ଛାଚାରୀ, ତା' ଉପରେ ବ୍ୟକ୍ତିର ଅଧିକାର ନ ଥାଏ । ଅର୍ଥ ଦେବା ସହଜ ଥିବାରୁ ବ୍ୟକ୍ତି ତାହା ନିବେଦନ କରେ । ବ୍ୟକ୍ତିର ଅଧିକ ମୋହ ଥାଏ ଧନ (ଅର୍ଥ) ଏବଂ ମନରେ । ସେ ଧନ ଏବଂ ମନ ଅନ୍ୟ କାହାକୁ ଦେବାକୁ ଚାହେଁ ନାହିଁ । ତା'ର ପ୍ରାଣଜ ବାସନା-କାମନା ଏବଂ ସ୍ୱାର୍ଥସିଦ୍ଧି ଯେଉଁଠି ହୁଏ ସେଇଠି ସେ ଉଦାର ହୃଦୟରେ ମନ ଢାଳି ଦିଏ, ଧନ ଅଜାଡ଼ି ଦିଏ । ଯେଉଁଠାରେ ପ୍ରାଣର ତୁଷ୍ଟି ସାଧନ ନ ଥାଏ, ସେଠାରେ ଗୋଟାଏ ପଇସା ଖର୍ଚ୍ଚ କରିବାକୁ ଚାହେଁ ନାହିଁ । ବ୍ୟକ୍ତିର ଯେପର୍ଯ୍ୟନ୍ତ ଭଗବାନଙ୍କ ପ୍ରତି ଭକ୍ତି ନ ଥାଏ, ନିଜକୁ ତାଙ୍କ ଚରଣରେ ସମର୍ପଣ କରି ନ ଥାଏ, ସେହି ପର୍ଯ୍ୟନ୍ତ ଏହି ପ୍ରଶ୍ନ ତା' ମନରେ ଉଠୁଥାଏ ଏବଂ ଭଗବାନଙ୍କଠାରୁ ସବୁ ନେବାକୁ ଚାହେଁ, କିଛି ଦେବାକୁ ଚାହେଁ ନାହିଁ । କହିଦିଏ, ''ଭଗବାନଙ୍କର ତ ସବୁ, ତାଙ୍କୁ ଦେବା କ'ଣ ?'' ଯେଉଁଠାରେ ତା'ର ପ୍ରାଣଜ ବାସନା-କାମନା ତୁଷ୍ଟ ହୁଏ ସେଠାରେ ସେ ପିନ୍ଧିବା ଲୁଗା ବିକ୍ରି କରି ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଥାଏ । ଏହିପରି ମୋହଗ୍ରସ୍ତ ଲୋଭୀ ବ୍ୟକ୍ତିଙ୍କର ଯଦି ଭଗବାନଙ୍କର କୃପାରୁ ସଦ୍‌ବୁଦ୍ଧି ଉତ୍ପନ୍ନ ହୁଏ, ତେବେ ତା'ର ଉପାର୍ଜିତ ଧନର ଶତଭାଗରୁ ଏକ ଭାଗ ଭଗବତ୍ ସେବାରେ ଖର୍ଚ୍ଚ କରେ; ଅନେଶତ ଭାଗ ନିଜେ ଏବଂ ନିଜ ପରିବାର ସକାଶେ ରଖେ । ଭଗବାନଙ୍କର ଏହି ସମସ୍ତ ଧନ ମଧ୍ୟରୁ ଏକଭାଗ ଭଗବାନଙ୍କୁ ଦେଇ ଭଗବାନଙ୍କ ଉପରେ କରଜ ଲଦିଲା ପରି ମନେ କରେ । ଏହିପରି ବ୍ୟକ୍ତି ଯଦି ଘରେ କୌଣସି ମନ୍ଦିର ତିଆରି କରେ ସେଥିରେ ଦଶ ହଜାର ଟଙ୍କା ଖର୍ଚ୍ଚ କରେ କିନ୍ତୁ ନିଜ ରହିବା ଘର ତିଆରି ସକାଶେ ଖର୍ଚ୍ଚ କରେ ଦଶ ଲକ୍ଷ । ସ୍ତ୍ରୀର ଅଳଙ୍କାରରେ ଯେତେ ଟଙ୍କା ଖର୍ଚ୍ଚ କରେ ତା'ର ଶହେ ଭାଗରୁ ଏକଭାଗ କରେ ଠାକୁରଙ୍କ ଅଳଙ୍କାରରେ । ଏହାର ଯଥାର୍ଥ କାରଣ ହେଲା ବ୍ୟକ୍ତିର ଅତି ସାମାନ୍ୟ ଭାଗ ଭଗବାନଙ୍କ ପ୍ରତି ଉନ୍ମୁକ୍ତ ଥାଏ । ସେହି ସକାଶେ ସେ ଭଗବାନଙ୍କଠାରୁ ରୋଗରୁ ମୁକ୍ତି, ବ୍ୟବସାୟରେ ଲାଭ, ମାନ-ଯଶୋପ୍ରାପ୍ତି, ପରୀକ୍ଷାରେ ପାସ୍ ଆଦି ନିଜ ସ୍ୱାର୍ଥସିଦ୍ଧି ଚାହେଁ; କିନ୍ତୁ ଧନ ପ୍ରତି ପ୍ରାଣର ଅତ୍ୟନ୍ତ ଆସକ୍ତି ଥିବାରୁ ଭଗବାନଙ୍କୁ କିଛିମାତ୍ର ଦେବାକୁ ଚାହେଁ ନାହିଁ । ବ୍ୟକ୍ତି ନିଜ ପ୍ରାଣର ଆସକ୍ତିକୁ ସମର୍ଥନ ତଥା ନିଜ ଆତ୍ମାକୁ ପ୍ରବଞ୍ଚନା କରିବା ସକାଶେ ଯୁକ୍ତି ଦିଏ, ''ଭଗବାନଙ୍କର ତ ସବୁ, ଭଗବତ୍ କୃପା ପ୍ରାପ୍ତ ହେବା ସକାଶେ ତାଙ୍କୁ ଧନ ଅର୍ପଣ କରିବାର ଆବଶ୍ୟକତା କ'ଣ ? ଏହି ଭାବର ମୂଳରେ ଥାଏ ଧନ ପ୍ରତି ଆସକ୍ତି ବା ମନପ୍ରାଣର କାମନା-ସିଦ୍ଧି ପ୍ରଧାନ, ଭଗବାନ୍ ଅତ୍ୟନ୍ତ ଗୌଣ । ସେ ସାଂସାରିକ ବସ୍ତୁପ୍ରାପ୍ତିର ସାଧନ ରୂପେ ଗ୍ରହଣ କରେ ଭଗବାନଙ୍କୁ । ଅର୍ଥାତ୍ ଭଗବାନ୍ ତା'ର କରଣ(means) ଏବଂ ସାଂସାରିକ ବସ୍ତୁ ତା'ର ସିଦ୍ଧି । ଠିକ୍ ଏହାର ବିପରୀତ ଭଗବାନଙ୍କର ଆଶ୍ରିତ ଭକ୍ତ । ସେ ଭଗବତ୍ ପ୍ରାପ୍ତି ସକାଶେ ଧନ, ଐଶ୍ୱର୍ଯ୍ୟ, ସଂସାର, ସଂସାରର ସମସ୍ତ ବସ୍ତୁ, ନିଜେ ତଥା ନିଜର ମନ-ପ୍ରାଣ-ଶରୀରକୁ ଭଗବାନଙ୍କ ଚରଣରେ ସମର୍ପଣ କରିବାରେ ମହାନ୍ ଆନନ୍ଦ ପ୍ରାପ୍ତ ହୁଏ । ସେ ଚାହେଁ ସମସ୍ତ କିଛି ଭଗବାନଙ୍କୁ ଦେଇ ଦେବାକୁ, କିଛି ପ୍ରତିଦାନ ନ ଚାହିଁ । ସ୍ୱାର୍ଥପର ମୋହଗ୍ରସ୍ତ ବ୍ୟକ୍ତି କିଛି ବି ନ ଦେଇ ଭଗବାନଙ୍କଠାରୁ ସମସ୍ତ ଆଦାୟ କରିବାକୁ ଚାହେଁ । ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ନ ହେଲେ ତା'ର ପ୍ରଭାବ ମନ-ପ୍ରାଣରେ ପଡ଼େ ନାହିଁ କିଂବା ମନପ୍ରାଣ ବିଶୁଦ୍ଧ ହୁଏ ନାହିଁ । ଅଶୁଦ୍ଧ ମନ-ପ୍ରାଣକୁ ଯଥାର୍ଥ ଜ୍ଞାନ ଅଧିକାର ନ କଲେ ଯଥାର୍ଥ ଅଯଥାର୍ଥ ସେ ବୁଝିପାରେ ନାହିଁ । ସେହି କାରଣରୁ ବ୍ୟକ୍ତି ଜ୍ଞାନ, ଆନନ୍ଦ, ଐଶ୍ୱର୍ଯ୍ୟର ମୂର୍ତ୍ତିମାନ ସ୍ୱରୂପ ଭଗବାନଙ୍କୁ ଛାଡ଼ି ତୁଚ୍ଛ ସାଂସାରିକ

ବସ୍ତୁ ଚାହେଁ । ଭଗବାନ୍ ସର୍ବ ବସ୍ତୁରେ ଓତପ୍ରୋତ ହୋଇ ଆମ୍ଭ ସମ୍ମୁଖରେ ସବୁ ସମୟରେ ବିଦ୍ୟମାନ ଥାଆନ୍ତି । ଆମ୍ଭେମାନେ ବସ୍ତୁ ଅଭ୍ୟନ୍ତରସ୍ଥିତ ଭଗବାନଙ୍କୁ ଦେଖିପାରୁ ନାହିଁ; ବସ୍ତୁର ବାହ୍ୟରୂପ ଦେଖୁ ଏବଂ ତାହାହିଁ ଚାହୁଁ । ଆମ୍ଭମାନଙ୍କର ବାହ୍ୟବସ୍ତୁରେ ଆସକ୍ତି ଥାଏ, ସେହି ବାହ୍ୟ ବସ୍ତୁ ସମର୍ପିତ ହେଲେ ଅନ୍ତରସ୍ଥିତ ଭଗବାନଙ୍କୁ ଆମ୍ଭେ ପାଇପାରୁ । ଯଥାର୍ଥରେ ପାଇବା ସକାଶେ ଆମେ ଭଗବାନଙ୍କୁ ସମର୍ପଣ କରୁ । ଏହାର ପ୍ରମାଣ ହେଉଛି ସୁଦାମାଙ୍କ ତଣ୍ଡୁଳ ।

ସୁଦାମାଙ୍କ ତଣ୍ଡୁଳ ଭାଗବତରେ ପ୍ରସିଦ୍ଧ । ସ୍ତ୍ରୀର ଅତ୍ୟନ୍ତ ଆଗ୍ରହରେ କିଛି ଧନ ଶ୍ରୀକୃଷ୍ଣଙ୍କଠାରୁ ପାଇବା ସକାଶେ ସୁଦାମା ଯାଇଥିଲେ ଦ୍ୱାରକାକୁ । କିନ୍ତୁ ତାଙ୍କର ଧନପ୍ରାପ୍ତି ଅପେକ୍ଷା ବହୁତ ଆଗ୍ରହ ଥିଲା ଶ୍ରୀକୃଷ୍ଣଙ୍କ ଦର୍ଶନ । ଯିବା ସମୟରେ ଦରିଦ୍ର ସୁଦାମାଙ୍କ ସ୍ତ୍ରୀ ଶ୍ରୀକୃଷ୍ଣଙ୍କ ସକାଶେ ଉପହାର ବା ଭେଟି ରୂପେ ଦେଇଥିଲେ କିଛି ତଣ୍ଡୁଳ । ତଣ୍ଡୁଳର ଅର୍ଥ ଚୁଡ଼ା ମଧ ହୋଇପାରେ । ଶ୍ରୀକୃଷ୍ଣ ଅତି ଆଗ୍ରହରେ ମୁଠିଏ ତଣ୍ଡୁଳ ମୁଖରେ ଦେଇ ଅନ୍ୟ ମୁଠାଟି ଉଠାଇବା ସମୟରେ ରୁକ୍ମିଣୀ ଆସି ଶ୍ରୀକୃଷ୍ଣଙ୍କ ହସ୍ତ ଧରି ପକାଇଲେ ଓ କହିଲେ, ''ମୁଠିକରେ ଅପର୍ଯ୍ୟାପ୍ତ ସମ୍ପତ୍ତି ଦେଇ ସାରିଛ, ଅନ୍ୟ ମୁଠାଟି ଗ୍ରହଣ କଲେ ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ ରୂପେ ମୋତେ ସୁଦାମାପୁରୀରେ ରହିବାକୁ ପଡ଼ିବ ।'' ଭକ୍ତ ଯେତେ ଅଧିକ ଶ୍ରଦ୍ଧାରେ ଭଗବାନଙ୍କୁ ବସ୍ତୁ ଅର୍ପଣ କରନ୍ତି ପାଆନ୍ତି ତାହାଠାରୁ ବହୁତ ବେଶୀ । ଯେ ନିଜକୁ ପୂର୍ଣ୍ଣରୂପେ ଦିଅନ୍ତି ସେ ଭଗବାନଙ୍କୁ ପାଆନ୍ତି ପୂର୍ଣ୍ଣରୂପେ । ଭଗବାନଙ୍କୁ ପାଇବାର ଏକମାତ୍ର ଉପାୟ ହେଲା ନିଜକୁ ଦେଇ ଦେବା । ନିଜକୁ ଦେଇଦେବାର ଉପାୟ ହେଉଛି ଭକ୍ତି, ଜ୍ଞାନ ଏବଂ ସମର୍ପଣ ଆଦି ସାଧନା । ସେହି ସକାଶେ ଦେବ ମନ୍ଦିରରେ ଭୋଗ ଦେବାର ବିଧାନ ପ୍ରଚଳିତ । ଶ୍ରୀକୃଷ୍ଣ ଗୀତାରେ କହି-ଅଛନ୍ତି ଯେ ଭଗବାନଙ୍କୁ ଶ୍ରଦ୍ଧାରେ ପୁଷ୍ପ, ପତ୍ର, ଫଳ, ଜଳ ଦେଲେ ଭଗବାନ୍ ଆନନ୍ଦରେ ତାହା ଗ୍ରହଣ କରନ୍ତି । ସମସ୍ତ ଜଳର ପତି ବରୁଣ । ତାଙ୍କରି ଜଳ ମଧ୍ୟରୁ ଆଞ୍ଜୁଳିଏ ଜଳ ସମର୍ପଣ କରି ତାଙ୍କରି କୃପା ବ୍ୟକ୍ତି ପାଏ । ଯଥାର୍ଥରେ ସଂସାର ଏବଂ ସଂସାରର ସମସ୍ତ ବସ୍ତୁ ଭଗବାନଙ୍କର । ଭଗବାନଙ୍କ ବସ୍ତୁ ଭଗବାନଙ୍କୁ ଅର୍ପଣ କରି ବ୍ୟକ୍ତି ଭଗବତ୍ କୃପା ଲାଭ କରେ । ମୋହ, ସ୍ୱାର୍ଥ, ଅଜ୍ଞାନ ଓ ଆସକ୍ତିର ବଶ ହୋଇ ବ୍ୟକ୍ତି ଭଗବାନଙ୍କ ବସ୍ତୁକୁ ନିଜର ବୋଲି ମନେକରେ । ଭଗବାନଙ୍କଠାରୁ କିଛି ପାଇବାକୁ ହେଲେ ଧନରେ ଥିବା ନିଜ ମୋହ-ଆସକ୍ତି ମଧ୍ୟରୁ ସେହି ଧନ ଦ୍ୱାରା କିଛି ମୋହ ଆସକ୍ତି ଭଗବାନଙ୍କ ଚରଣରେ ଅର୍ପଣ କରେ । ସେହି ଅର୍ପଣର ପ୍ରତିଦାନରେ ଭଗବାନଙ୍କଠାରୁ ଅଧିକ ପ୍ରାପ୍ତ ହେବାର ମାର୍ଗ ଉନ୍ମୁକ୍ତ ହୁଏ । ଏହି ସକାଶେ ବ୍ୟକ୍ତି ମା'ଙ୍କ କୃପା ପାଇବା ଉଦ୍ଦେଶ୍ୟରେ କିଛି ପ୍ରଣାମି ଟଙ୍କା ଦିଏ । ଏହା ମା'ଙ୍କ ଉପକାର ସକାଶେ ନୁହେଁ, ନିଜ ସ୍ୱାର୍ଥସିଦ୍ଧି କରିବା ସକାଶେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୧୪୦ - ୧୪୨)

**– ରାମକୃଷ୍ଣ ଦାସ** ❑

You are rich only by the money that you give to the Divine Cause.

*(30 January 1959)* *– The Mother*

ଯେଉଁ ସମ୍ପତ୍ତି ଦିବ୍ୟପରମସତ୍ତାଙ୍କ ଲାଗି ଅର୍ପିତ ହୁଏ, ତାହାହିଁ ଯଥାର୍ଥ ସମ୍ପତ୍ତି ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଷ୍ଟାଚ୍ୟୁ ବିଧ୍ୱଂସ : ଏକ ପ୍ରସ୍ତାବ !

I met a traveller from an antique land
Who said: "Two vast and trunkless
legs of stone
Stand in the desert. Near them, on the sand,
Half sunk, a shattered visage lies,
whose frown,
And wrinkled lip, and sneer of cold command,
Tell that its sculptor well those passions read
Which yet survive, stamped on these
lifeless things,

... ... ...

And on the pedestal these words appear:
"My name is Ozymandias, king of kings:
Look on my works, ye Mighty, and despair!"
Nothing beside remains. Round the decay
Of that colossal wreck, boundless and bare
The lone and level sands stretch far away.

(Shelley's "Ozymandias")

ମୁଁ ଭେଟିଲି ସୁପ୍ରାଚୀନ ଦେଶାଗତ ଜଣେ ପରିବ୍ରାଜକକୁ
ଯିଏ କହିଲେ, ଦେହକାଣ୍ଡହୀନ ଦୁଇ ବିରାଟ ପ୍ରସ୍ତର ଗୋଡ଼
ମରୁଭୂମିରେ ଦଣ୍ଡାୟମାନ; ନିକଟରେ, ବାଲୁକା ପରେ
ଅର୍ଦ୍ଧ-ନିମଜ୍ଜିତ ଏକ ବିଚୂର୍ଣ୍ଣ ବଦନ,
ଯା'ର ଭ୍ରୂକୁଞ୍ଚନ ଏବଂ ବକ୍ର ଅଧର
ଏବଂ ନିର୍ମମ ଆଦେଶ ଦାନ-ଅଭ୍ୟସ୍ତ ଅବଜ୍ଞାର ହସ
କହିଦିଏ ଯେ ଶିଳ୍ପୀ ସେ ଆବେଗପ୍ରବେଗ ସହ ଥିଲେ ସୁପରିଚିତ
ସେହି ନିର୍ଜୀବ ବସ୍ତୁ ଦେହେ ଖୋଦିତ ହୋଇ
ଯାହା ଅଦ୍ୟାବଧି ରହିଅଛି ବର୍ତ୍ତି ।

... ... ...

ଭିତ୍ତି-ବେଦୀ ଉପରେ ଦେଖାଯାଏ ଏହି କେତୋଟି ଶବ୍ଦ :
''ନାମ ମୋର ଓଜିମାଣ୍ଡିଆସ୍, ରାଜାମାନଙ୍କ ରାଜା,
ଦେଖ ମୋର କର୍ମ, ହେ ବୀରବର୍ଗ, ଏବଂ ହୁଅ ହତାଶ !''
ଆଖପାଖରେ ଆଉ କିଛି ନାହିଁ ବର୍ତ୍ତି
କ୍ଷୟମାନ ଏହି ପ୍ରକାଣ୍ଡ ଭଗ୍ନାବଶେଷ ଚତୁର୍ଦ୍ଦିଗରେ
ସୀମାହୀନ ଏବଂ ଶୂନ୍ୟ, ନିର୍ଜୀବ ଓ ସମତଳ
ବାଲୁକାର ସୁଦୂର ବିସ୍ତୃତି ।

*

ପାଠକମାନଙ୍କ ଭିତରୁ କେହି କେହି ଶେଲିଙ୍କର 'ଓଜିମାଣ୍ଡିଆସ୍' ଶୀର୍ଷକ ଏ କବିତାଟି ସ୍କୁଲରେ ପଢ଼ିଥିବେ ।

କବିତାଟିରେ ଉଲ୍ଲେଖିତ ମରୁଭୂମି ଏକଦା ଥିଲା ଉଚ୍ଛଳ, ସମୃଦ୍ଧ ଜନପଦ । ତହିଁ ମଧ୍ୟରେ ଥିଲା ଦୁର୍ଦ୍ଦାନ୍ତ ରାଜାଧିରାଜ ଓଜିମାଣ୍ଡିଆସ୍‌ର ରାଜଧାନୀ । ତହିଁ ପ୍ରକାଣ୍ଡ ପ୍ରାସାଦ ସମ୍ମୁଖରେ ସେ ପୁଣି ସ୍ଥାପନ କରିଥିଲେ ନିଜର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି । ସେ ବିଶ୍ୱାସ କରୁଥିଲେ, ତାଙ୍କ ପରାକ୍ରମ ଓ କୀର୍ତ୍ତି, ତାଙ୍କ ସମୃଦ୍ଧି ଓ ସାମ୍ରାଜ୍ୟ ଚିରକାଳ ଅନ୍ୟ ରାଜା ଓ ବିଜୟୀମାନଙ୍କ ମନରେ ଈର୍ଷା ସଞ୍ଚାର କରୁଥିବ । ତାଙ୍କ ଆଗରେ ସେମାନେ କେଡ଼େ ଦୁର୍ବଳ ଓ ଦୟନୀୟ, ତାହା ହେଜି ସେମାନେ ହତାଶ ଅନୁଭବ କରୁଥିବେ ।

ମହାକାଳର ଦୁର୍ବାର ଗତିରେ ବିଲୁପ୍ତ ସେ ସାମ୍ରାଜ୍ୟ; ବିଧ୍ୱସ୍ତ ତାଙ୍କ ରାଜଧାନୀ ଓ ପ୍ରାସାଦ । ଦୟନୀୟଭାବେ ଦଣ୍ଡାୟମାନ ଗୋଡ଼ ଦୁଇଟି ଏବଂ ଅର୍ଦ୍ଧ-ପ୍ରୋଥିତ ବିକଳାଙ୍ଗ ମୁଖମଣ୍ଡଳଟିକୁ ଛାଡ଼ି ଔଦ୍ଧତ୍ୟ ଏବଂ ଅହମିକାର ପ୍ରତୀକ ତାଙ୍କ ପ୍ରତିମୂର୍ତ୍ତିର ବହୁଳାଂଶକୁ ଲେହନ କରିଛି ଧୁ ଧୁ ଧୂସର ବାଲୁକାରାଶି ଉପରେ ସହସ୍ର ବର୍ଷର ସୂର୍ଯ୍ୟୋତ୍ତାପ ଏବଂ କଦାଚିତ୍ ମନ୍ଥର, କଦାଚିତ୍ ଉଦ୍ଦାମ ପବନ ।

ପ୍ରସାରିତ ମରୁଭୂମିରେ ଅନ୍ତର୍ହିତ ସାମ୍ରାଜ୍ୟ; ମହାକାଳର ବିଡ଼ମ୍ବନାରେ ଓଜିମାଣ୍ଡିଆସ୍ ବିସ୍ମୃତ ।

ଓଜିମାଣ୍ଡିଆସ୍‌ର ସାମ୍ରାଜ୍ୟ, ପ୍ରାସାଦ ଓ ପ୍ରତିମୂର୍ତ୍ତି ବିଚୂର୍ଣ୍ଣ ମହାକାଳର ମୋହ-ମୁଦ୍‌ଗର କିନ୍ତୁ ତା'ର ଅମରତ୍ୱର ମୋହକୁ ଚୂର୍ଣ୍ଣ କରିପାରି ନାହିଁ । ଓଜିମାଣ୍ଡିଆସ୍ ଭିତରୁ ଖସିଯାଇ ତାହା ସହସ୍ର ବୃହତ୍, ଅନତିବୃହତ୍ ଏବଂ କ୍ଷୁଦ୍ର ତଥା ଅତିକ୍ଷୁଦ୍ର ବ୍ୟକ୍ତିବର୍ଗଙ୍କୁ ଆୟତ୍ତ କରି ରଖିଛି ଯୁଗ ଯୁଗ ଧରି । ରାଜା,

ଏକଛତ୍ରାଧିପତି, ବଳବାନ୍, ବିତ୍ତବାନ୍ ବର୍ଗ ସେମାନଙ୍କ ମିତ୍ର, ଚାଟୁକାର ଏବଂ ସ୍ୱାର୍ଥାନ୍ଧ ସହଯୋଗୀମାନଙ୍କୁ ବ୍ୟବହାର କରି ଜଣେ ଜଣେ ଓଜିମାଣ୍ଡିଆସ୍ ବନିଛନ୍ତି । ଷ୍ଟାଚ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି । ହୁଏତ ଶହେରୁ ଗୋଟିଏ ବା ଅଧିକ ହେଲେ ଯୋଡ଼ିଏ ମାତ୍ର ଷ୍ଟାଚ୍ୟୁ ଜନସାଧାରଣଙ୍କ ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ପ୍ରତିଫଳିତ କରେ । ଜଣେ ଅବିସମ୍ବାଦିତ ଶ୍ରଦ୍ଧେୟ ବ୍ୟକ୍ତିର ଯାବତୀୟ ଷ୍ଟାଚ୍ୟୁ ଶ୍ରଦ୍ଧା-ପ୍ରସୂତ ନୁହେଁ; ତହିଁରୁ ଅଧିକାଂଶ ରାଜନୈତିକ ସ୍ୱାର୍ଥ ବା ଦଳଗତ ସାମୂହିକ ଅହଂର ଅବଦାନ ।

ଏହି ଅହଂ କେବଳ ମାତ୍ର ରାଜନୀତିରେ ସୀମିତ ନୁହେଁ । ଜାତିଗତ, ଗୋଷ୍ଠୀଗତ ଅହଂର ଭୂମିକା ମଧ୍ୟ ବିପୁଳ । ଫଳରେ ନିକଟ ଅତୀତରେ ଆମ ସମସ୍ୟା-କଣ୍ଟକିତ ସମାଜରେ ଦେଖା-ଦେଇଛି ଆଉ ଏକ ନୂତନ ସମସ୍ୟା – ଷ୍ଟାଚ୍ୟୁର ସୁରକ୍ଷା ! ଗତ କେତେ ବର୍ଷ ଭିତରେ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନରେ ଷ୍ଟାଚ୍ୟୁମାନଙ୍କ ଉପରେ ବାରଂବାର ଆକ୍ରମଣ ହୋଇଛି । ଜଣେ ରାଜନୈତିକ ନେତାଙ୍କ ହସ୍ତାଙ୍ଗୁଳି ଓ ନାକ, କାନ ବିକଳାଙ୍ଗ କରିଦେବାର ଦୃଶ୍ୟ (ଏହି ପ୍ରତ୍ୟଙ୍ଗଗୁଡ଼ିକ ସହଜରେ ଭଙ୍ଗୁର) ସମ୍ବାଦପତ୍ରରେ ପ୍ରକାଶ ପାଇଯିବା ମାତ୍ରେ ପ୍ରତିଦ୍ୱନ୍ଦ୍ୱୀପକ୍ଷର ନେତାମାନଙ୍କ ଷ୍ଟାଚ୍ୟୁ ଉପରେ ହାତୁଡ଼ି ଅଥବା ଆଲକାତରାର ଆତଙ୍କ ଘୋଟି ଆସେ । ଦାବି ଉଠେ : ପୁଲିସ ସେସବୁ ଜାତୀୟ ସମ୍ପଦକୁ ସୁରକ୍ଷା ଦେଉ । ଜୀବିତ ନେତାମାନଙ୍କ ସୁରକ୍ଷା ସକାଶେ ବିପୁଳ ସଂଖ୍ୟକ ରକ୍ଷୀଙ୍କୁ ନିୟୋଜିତ କରାଯାଉଛି । ପୁଣି ପରଲୋକଗତ ନେତାମାନଙ୍କ ଷ୍ଟାଚ୍ୟୁର ସୁରକ୍ଷା ନିମନ୍ତେ ହୁଏତ ଏକ ନୂତନ ରକ୍ଷାବାହିନୀ (Statue Protection Force) ଗଠନ କରିବା ଜରୁରୀ ମନେ ହୋଇପାରେ ।

ଯେହେତୁ ଅଧିକାଂଶ ଷ୍ଟାଚ୍ୟୁ କାହାରି ସଚ୍ଚା ଶ୍ରଦ୍ଧା-ପ୍ରସୂତ ନୁହନ୍ତି, ସେସବୁ ପ୍ରତି ସଭିଏଁ ଶ୍ରଦ୍ଧାଶୀଳ ହେବାର ହେତୁ ନାହିଁ । ଷ୍ଟାଚ୍ୟୁ ପଶ୍ଚାତରେ ଥିବା ଏକଦା ଜୀବନ୍ତ ମଣିଷଟି ବିସ୍ମୃତ, ଷ୍ଟାଚ୍ୟୁଟି ଅମୁକ ଦଳ ବା ଅମୁକ ଜାତି ବା ଅମୁକ ଗୋଷ୍ଠୀର ପତାକା ଜାତୀୟ ଗୋଟାଏ ପ୍ରତୀକ । ତେଣୁ ବିରୋଧୀ ଉପରେ ଆକ୍ରମଣର ସହଜ ସୁଲଭ ସଂସ୍କରଣ ହେଲା ଷ୍ଟାଚ୍ୟୁ ଉପରେ ଆକ୍ରମଣ ।

**ଶୁଭଙ୍କର ଦିଗ**

ଏହି ନବ୍ୟ ସାମାଜିକ ଆଚରଣର ଏକ ସ୍ୱସ୍ତିବାଚୀ ଦିଗ ଅବଶ୍ୟ ରହିଛି । ଷ୍ଟାଚ୍ୟୁ ଉପରେ କ୍ରୋଧ ବର୍ଷଣ କରି ଜୀବନ୍ତ ମଣିଷମାନଙ୍କୁ ଅବ୍ୟାହତି ଦିଆଯାଏ । ଏ ପରମ୍ପରାର ପ୍ରାଚୀନତମ ଦୃଷ୍ଟାନ୍ତ ଆମେ ଦେଖୁ ମହାଭାରତରେ । କ୍ରୋଧାନ୍ଧ ଧୃତରାଷ୍ଟ୍ର ଭୀମଙ୍କୁ ଆଲିଙ୍ଗନ କରିବାକୁ ଆଗ୍ରହୀ ବୋଲି କହନ୍ତେ ସରଳମତି ଭୀମ ଆପ୍ୟାୟିତ ହୋଇ ପାଖକୁ ଭିଡ଼ି ଆସୁଥିଲେ । ତାଙ୍କୁ ଅଟକାଇ ଦେଲେ ଶ୍ରୀକୃଷ୍ଣ – ଏବଂ ଧୃତରାଷ୍ଟ୍ରଙ୍କ ବାହୁବନ୍ଧନ ଭିତରକୁ ପେଷିଲେ ଗୋଟାଏ ଧାତୁ ନିର୍ମିତ ପ୍ରତିମା । ଧୃତରାଷ୍ଟ୍ର-ଧୃତ ସେ ପ୍ରତିମା ମୁହୂର୍ତ୍ତକ ଭିତରେ ଚୂର୍‌ମାର୍ ହୋଇଗଲା ! ଶତପୁତ୍ରହରା ଅନ୍ଧ ରାଜାଙ୍କ କ୍ରୋଧ ପ୍ରଶମିତ ହେଲା । ପରବର୍ତ୍ତୀ କଥା ଏଠାରେ ପ୍ରାସଙ୍ଗିକ ନୁହେଁ । ଏତିକି ସ୍ପଷ୍ଟ ଯେ ଜୀବନ୍ତ ଉପରେ ଦାଉ ସାଧିବାର ଦୁର୍ନିବାର ଆବେଗ ନିର୍ଜୀବ ଉପରେ ବ୍ୟୟ ହୋଇଯିବା ଶୁଭଙ୍କର ।

ମନସ୍ତତ୍ତ୍ୱବିତ୍ ଓଟୋ ର୍‌ୟାଙ୍କ୍ କହନ୍ତି, ଆତ୍ମା ଅମର ବୋଲି ବିଶ୍ୱାସ କରୁଥିବା ଲୋକଙ୍କୁ ଛାଡ଼ି ଦେଲେ ଅନ୍ୟମାନେ ତିନି ପ୍ରଣାଳୀରେ ନିଜ ନିଜର ଅମରତା ସମ୍ପର୍କରେ ନିଶ୍ଚିତ ହୁଅନ୍ତି – ପ୍ରାୟଶଃ ନିଜ ନିଜ ଅବଚେତନାରେ । ଜଣେ ଏକ ଅକ୍ଷୟ ଆଦର୍ଶ ପ୍ରତି ଅନୁରକ୍ତ ରହେ । ଆଦର୍ଶ ଯେହେତୁ ତା' ଅନ୍ତେ ତିଷ୍ଠି ରହିବ, ସେ ମଧ୍ୟ ପରୋକ୍ଷ ଭାବରେ ତିଷ୍ଠି ରହିଲା । ଆଉ ଥୋକେ ଛାଡ଼ିଯା'ନ୍ତି ଏମନ୍ତ କୌଣସି କୀର୍ତ୍ତି, ଯାହା ସେମାନଙ୍କ ତିରୋଧାନ ଅନ୍ତେ ଜୀବନ୍ତ ରହିଥିବ । ସବୁଠୁ ମାମୁଲି ସ୍ତରରେ ଲୋକେ ନିଜ ନିଜ ସନ୍ତାନ ଭିତରେ ନିଜ ନିଜ ସତ୍ତାର ସ୍ଥାୟିତ୍ୱ କଳ୍ପନା କରି ନିଅନ୍ତି ।

ଖାଲି ପରଲୋକଗତମାନଙ୍କର ନୁହେଁ, ବର୍ତ୍ତମାନ ବହୁ ସ୍ଥାନରେ ଜୀବନ୍ତ ନେତୃବର୍ଗଙ୍କ ଷ୍ଟାଚ୍ୟୁ ମଧ୍ୟ ପ୍ରତିଷ୍ଠିତ ହେଉଛି । କର୍ମଟି ସମ୍ପୃକ୍ତ ଜୀବନ୍ତ ମହାଶୟଙ୍କ ନିଜସ୍ୱ ପ୍ରତ୍ୟକ୍ଷ ବା ପରୋକ୍ଷ ଉତ୍ସାହରୁ ଉତ୍ସାରିତ ହେଉ ବା ନହେଉ, ତାଙ୍କ ସଲଜ୍ଜ ସମର୍ଥନ ବିନା ହେଉଛି ବୋଲି କହିହେବ ନାହିଁ । କ୍ରମେ ସେ ଦିଗରେ ପ୍ରତିଯୋଗିତା ହୋଇପାରେ । ଯାହାର ଯେତେ ଗୋଟି ଷ୍ଟାଚ୍ୟୁ, ସେ ଜଣକ ସେତେ ଜନପ୍ରିୟ, ଏହି ଧାରଣା ବଳବତ୍ତର ହେବ ।

ଷ୍ଟାଚ୍ୟୁ ସଂଖ୍ୟାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଷ୍ଟାଚ୍ୟୁ ଉପରେ ଆକ୍ରମଣ ମଧ୍ୟ ନିତ୍ୟ ନୈମିତ୍ତିକ ବ୍ୟାପାରରେ ପରିଣତ ହେବାର ସମ୍ଭାବନା ରହିଛି । ଅସଂଖ୍ୟ ଷ୍ଟାଚ୍ୟୁର ସୁରକ୍ଷା ବ୍ୟବସ୍ଥା ସହଜ ନୁହେଁ । ତେଣୁ ନିମ୍ନୋକ୍ତ ପ୍ରସ୍ତାବଟି ବିଚାରକୁ ନିଆଯାଉ :

### ଷ୍ଟାଚ୍ୟୁ ପାର୍କ : ଏକ ପ୍ରସ୍ତାବ

ଗୋଟିଏ ଷ୍ଟାଚ୍ୟୁ ପାର୍କ ପ୍ରତିଷ୍ଠିତ ହେଉ । ସେଠାରେ ସବୁ ନେତାଙ୍କର ଗୋଟିଏ ଯୋଡ଼ିଏ ଷ୍ଟାଚ୍ୟୁ ରହିବ । ସେସବୁ ରବର ଯୋଗେ ନିର୍ମିତ ହୋଇପାରେ । ଷ୍ଟାଚ୍ୟୁ-ଧ୍ୱଂସାଭିଳାଷୀମାନେ ସେମାନଙ୍କ ମନୋନୀତ ମୂର୍ତ୍ତିଟିକୁ ଯଥେଚ୍ଛା ମାଡ଼ ଦେବେ । କ୍ରୋଧ ପ୍ରଶମିତ ହେବା ପର୍ଯ୍ୟନ୍ତ ।

ଯଦି ମୂର୍ତ୍ତି କ୍ଷତବିକ୍ଷତ ନହେଲେ ଧ୍ୱଂସାଭିଳାଷୀମାନଙ୍କର ତୃପ୍ତି ବିଧାନ ହେବ ନାହିଁ, ତେବେ କୌଣସି କ୍ଷଣଭଙ୍ଗୁର ଉପାଦାନରେ ସେସବୁ ନିର୍ମାଣ କରାଯାଇପାରେ । ଧ୍ୱଂସାଭିଳାଷୀମାନେ ଗୋଟାଏ ନିର୍ଦ୍ଦିଷ୍ଟ ପରିମାଣର ଦେୟ ଜମା-ରଖି ତାହା ଧୂଳିସାତ୍ କରିବେ — ନତୁବା ଅପେକ୍ଷାକୃତ କମ୍ ଅର୍ଥ ଦେଇ ତା'ର କୌଣସି ଏକ ବା ଏକାଧିକ ଅଙ୍ଗ ଭଗ୍ନ କରିବେ ।

ଏ ପ୍ରସ୍ତାବ ଅନେକଙ୍କୁ ଏ ଲେଖକର ପରିହାସ ମୂଳକ ପ୍ରତିବେଦନ ବୋଲି ମନେ ହେବ । କିନ୍ତୁ ଆମେ ଏଭଳି ଏକ ସମୟରେ ଜୀବନଯାପନ କରୁଛୁଁ, ଯେତେବେଳେ ଆଜିର ପରିହାସ କାଲି ସ୍ଥୂଳ ବାସ୍ତବତାରେ ପରିଣତ ହୋଇଯିବ ।

— **ମନୋଜ ଦାସ** ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

For enquiry and Home Delivery contact:
Kanti Enterprises, Bhubaneswar
PH: 7894465416 / 9938574182
Buy online at www.ayurlabsindia.com/indshop

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com